RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ISSUE-45 SATURDAY 8 AUGUST 2026 PAGE-12 ₹ 7.00 | BHUBANESWAR | ବର୍ଷ-୪୪ ସଂଖ୍ୟା-୪୫ ଶନିବାର ୮ ଅଗଷ୍ଟ ୨୦୨୬ ପୃଷ୍ଠା-୧୨ ଟ.୭.୦୦



ଇମ୍ରାନଙ୍କୁ ଟକ୍କର୍ ଦେବେ ସନ୍ନି

ପୃଷ୍ଠା ୧୧ ଦେଖନ୍ତୁ...

## ୪୦ ବର୍ଷ ପରେ ଶେଷ ହେଲା ବୋଫୋର୍ସ ମାମଲା

### ସୁପ୍ରିମକୋର୍ଟରେ ଶେଷ ଆବେଦନ ଖାରଜ

■ ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତୀୟ ରାଜନୀତିକୁ ହଲେଇ ଦେଇଥିବା ଚାରି ଦଶନ୍ଧି ପୁରୁଣା ଚର୍ଚ୍ଚିତ ବୋଫୋର୍ସ ଘୋଟାଲା ମାମଲାର ଅନ୍ତ ଘଟିଛି। ୨୦୦୫ରେ ଦିଲ୍ଲୀ ହାଇକୋର୍ଟ ଦ୍ୱାରା ହିନ୍ଦୁଜା ଭ୍ରାତୃଦ୍ୱୟ ଏବଂ ବୋଫୋର୍ସ କମ୍ପାନୀକୁ ନିର୍ଦ୍ଦୋଷରେ ଖଲାସ ଆଦେଶ ବିରୋଧରେ ହୋଇଥିବା ଶେଷ ନିବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଜେବି ପାର୍ଡିୱାଲା ଏବଂ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ପୀଠ କହିଛନ୍ତି ଯେ, ଏହି ମାମଲାରେ ଆଗକୁ ଆଉ କୌଣସି ଶୁଣାଣିର ଆବଶ୍ୟକତା ନାହିଁ। ୧୯୮୬ ମସିହାରେ ଭାରତ ସରକାର ସ୍ୱିଡେନର 'ଏବି ବୋଫୋର୍ସ' କମ୍ପାନୀ ସହ ୧,୪୩୭ କୋଟି ଟଙ୍କାର ୪୦୦ଟି ୧୫୫ ମିଲିମିଟର ହୋୱିଟଜର ତୋପ କିଣିବା ପାଇଁ ଚୁକ୍ତି କରିଥିଲେ। ୧୯୮୭ରେ ସ୍ୱିଡିସ ରେଡିଓ ଏକ ରିପୋର୍ଟ ପ୍ରକାଶ କରି ଦାବି କରିଥିଲା ଯେ, ଏହି ଚୁକ୍ତି ପାଇଁ ଭାରତୀୟ ନେତା ଓ ଅଫିସରମାନଙ୍କୁ ବଡ଼ ଧରଣର ଲାଞ୍ଚ ଦିଆଯାଇଛି। ଏହା ସେତେବେଳର ରାଜୀବ ଗାନ୍ଧୀ ସରକାର ପାଇଁ ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିଥିଲା ଏବଂ ୧୯୮୯ ନିର୍ବାଚନରେ କଂଗ୍ରେସ କ୍ଷମତାଚ୍ୟୁତ ହୋଇଥିଲା। କୋର୍ଟରେ ଏହି ମାମଲା ଦୁର୍ବଳ ହେବାର ଏକାଧିକ କାରଣ ଥିଲା। ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ପ୍ରତ୍ୟକ୍ଷ ଓ ଆଇନଗତ ପ୍ରମାଣ ଉପସ୍ଥାପନ କରିବାରେ ବିଫଳ ହୋଇଥିଲା। ସ୍ୱିଡେନରୁ ଅଣାଯାଇଥିବା ଦଲିଲଗୁଡ଼ିକର ସତ୍ୟାସତ୍ୟ କୋର୍ଟରେ ପ୍ରମାଣିତ ହୋଇପାରି ପୃଷ୍ଠା-୭

## ଥାଇଲାଣ୍ଡ ବିଦ୍ୟାଳୟରେ ଗୁଳିଚାଳନା; ୮ ମୃତ

### ୧୦ରୁ ଅଧିକ ଆହାତ

### ଆକ୍ରମଣକାରୀ ଛାତ୍ରର ଆତ୍ମହତ୍ୟା



■ ବ୍ୟାଙ୍କକ୍, ୭।୮ (ଏଜେନ୍ସି): ଥାଇଲ୍ୟାଣ୍ଡର ନୋନ୍ଥାବୁରୀ ଜିଲ୍ଲାସ୍ଥିତ ଏକ ବିଦ୍ୟାଳୟରେ ଶୁକ୍ରବାର ଅଭାବନୀୟ ଗୁଳିଚାଳନା ଘଟଣାରେ ଅନ୍ତତଃ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ରୁ ୧୫ ଜଣ ଆହାତ ହୋଇଛନ୍ତି। ଗୁଳିଚାଳନା କରିଥିବା ନବମ ଶ୍ରେଣୀର ୧୪ ବର୍ଷୀୟ ଛାତ୍ର ଜଣକ ପରବର୍ତ୍ତୀ ସମୟରେ ଆତ୍ମହତ୍ୟା କରିଥିବା ପୁଲିସସୂଚନା ଦେଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଉକ୍ତ କିଶୋର ଜଣକ ବିଦ୍ୟାଳୟକୁ ଆସିବା ପୂର୍ବରୁ ନିଜ ଘରେ ଜେଜେବାପା ଓ ଜେଜେମା'ଙ୍କୁ ଗୁଳି କରି ହତ୍ୟା କରିଥିଲା। ପରେ ବ୍ୟାଙ୍ଗ୍ କ୍ରୁଆଇ ନିକଟସ୍ଥ ଦେବସିରିନ୍ ନୋନ୍ଥାବୁରୀ ସ୍କୁଲ୍‌ରେ ପହଞ୍ଚି ଶିକ୍ଷକମାନଙ୍କ ଉପରକୁ ଅନ୍ଧାଧୁନ୍ଧ ଗୁଳିଚାଳନା କରିଥିଲା, ଯେଉଁଥିରେ ୬ ଜଣଙ୍କର ଜୀବନ ଯାଇଛି। ବିଦ୍ୟାଳୟରୁ ଭୟଭୀତ ପୃଷ୍ଠା-୭

### ନିଟ୍ ବିଭ୍ରାଟ: ସିବିଆଇ ଚାର୍ଜସିଟ୍‌ରେ ବଡ଼ ପର୍ଦ୍ଦାଫାସ୍

## ଏନ୍‌ଟିଏ ବିଶେଷଜ୍ଞ ବିକିଥିଲେ ପ୍ରଶ୍ନପତ୍ର

■ ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ନିଟ୍-ୟୁଜି ୨୦୨୬ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ବିରାଟ ବେଆଇନ କାରବାରର ପର୍ଦ୍ଦାଫାସ କରିଛି। ଏନ୍‌ଟିଏ ଦ୍ୱାରା ନିଯୋଜିତ ବିଷୟ ବିଶେଷଜ୍ଞମାନେ ନିଜ ପଦବୀର ଅପବ୍ୟବହାର କରି ମୋଟା ଅଙ୍କର ଟଙ୍କା ବଦଳରେ ଗୋପନୀୟ ପ୍ରଶ୍ନପତ୍ର ଲିକ୍ କରିଥିବା ସିବିଆଇ ନିଜ ଚାର୍ଜସିଟ୍‌ରେ ଅଭିଯୋଗ କରିଛି। ଦିଲ୍ଲୀର ରାଉଜ୍ ଆଭେନ୍ୟୁ ସ୍ଥିତ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଦାଖଲ କରାଯାଇଥିବା ଏହି ଚାର୍ଜସିଟ୍‌ରେ ୩ ଜଣ ଏନ୍‌ଟିଏ ବିଶେଷଜ୍ଞଙ୍କ ସମେତ ମୋଟ ୧୩ ଜଣ ଅଭିଯୁକ୍ତଙ୍କ ନାମ ରହିଛି। ସିବିଆଇର ସୂଚନା ଅନୁସାରେ, ଏହି ବହୁଚର୍ଚ୍ଚିତ ଷଡ଼ଯନ୍ତ୍ରରେ ସାମିଲ ଥିବା ତିନିଜଣ ଏନ୍‌ଟିଏ ବିଶେଷଜ୍ଞ ହେଉଛନ୍ତି ଉଦ୍ଭିଦ ବିଜ୍ଞାନ ବିଶେଷଜ୍ଞ ମନୀଷା ଗୁରୁନାଥ ମାଣ୍ଡରେ, ରସାୟନ ବିଜ୍ଞାନ ବିଶେଷଜ୍ଞ ପ୍ରହ୍ଲାଦ ବିଠଲରାଓ କୁଲକର୍ଣ୍ଣୀ ଏବଂ ପଦାର୍ଥ ବିଜ୍ଞାନ ବିଶେଷଜ୍ଞ ମନୀଷା ସଞ୍ଜୟ ହାବଲଦାର। ଏହି ବିଶେଷଜ୍ଞମାନେ ନିଟ୍-ୟୁଜି ୨୦୨୬ର ଗୋପନୀୟ ପ୍ରଶ୍ନପତ୍ରକୁ ପରୀକ୍ଷା




### ଷଡ଼ଯନ୍ତ୍ରରେ ତିନିଜଣ ଏନ୍‌ଟିଏ ବିଶେଷଜ୍ଞ

### ଟଙ୍କା ନେଇ ମଧ୍ୟସ୍ଥ ଓ କୋଚିଂ ସଂସ୍ଥାର ଚାଳକଙ୍କୁ ଯୋଗାଉଥିଲେ ପ୍ରଶ୍ନପତ୍ର

### 'ନିଟ୍ ୨୦୨୬' ନାମରେ ହ୍ୱାଟସ୍‌ଆପ୍ ଗ୍ରୁପ୍

### ୪ ଲକ୍ଷ ଟଙ୍କାରେ କୋଚିଂ ଓ ଅଫ୍‌ଲାଇନ୍ କ୍ଲାସ୍ ପାଇଁ ବିଶେଷଜ୍ଞ ଦେଇଥିଲେ ପ୍ରସ୍ତାବ

ପୂର୍ବରୁ ବାହାର କରି ମଧ୍ୟସ୍ଥି ଓ କୋଚିଂ ସଂସ୍ଥାର ଚାଳକମାନଙ୍କୁ ଯୋଗାଇ ଦେଇଥିଲେ, ଯାହା ପରେ ପରୀକ୍ଷାର୍ଥୀମାନଙ୍କ ନିକଟରେ ପହଞ୍ଚାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା, ଦୁର୍ନୀତି ନିବାରଣ ଆଇନ ଏବଂ ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ ଅଧୀନରେ ମାମଲା ରୁଜୁ କରାଯାଇଛି। ସିବିଆଇ ଅଭିଯୁକ୍ତମାନଙ୍କଠାରୁ ଜବତ କରିଥିବା ମୋବାଇଲ୍ ଫୋନ୍, ପେନ୍ ଡ୍ରାଇଭ୍ ଏବଂ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ ଉପକରଣର ଫୋରେନ୍ସିକ୍ ଯାଞ୍ଚ କରିବା ପରେ ପିଡିଏଫ୍ ଏବଂ ଫଟୋ ଫାଇଲ୍ ଆକାରରେ ପ୍ରଶ୍ନପତ୍ର ଆଦାନପ୍ରଦାନ ହୋଇଥିବାର ପ୍ରମାଣ ପାଇଛି। ପରୀକ୍ଷାର କିଛି ଦିନ ପୂର୍ବରୁ ଟେଲିଗ୍ରାମ୍ ଏବଂ ହ୍ୱାଟ୍ସଆପ୍ ପରି ମେସେଜିଂ ଆପ୍ ମାଧ୍ୟମରେ ଏହି ପ୍ରଶ୍ନପତ୍ରଗୁଡ଼ିକ କାରବାର ହୋଇଥିଲା। ଘଟଣାରେ ସଂପୃକ୍ତ ତେଜସ ଶାହ, ଶିବରାଜ ମୋଟେଗାଁଓକର, ଡାକ୍ତର ମନୋଜ ଶିରୁରେ, ମନୀଷା ସଞ୍ଜୟ ୱାଘମାରେ, ଧନଞ୍ଜୟ ଲୋଖଣ୍ଡେ, ଶୁଭମ ଖୈରନାର, ୟଶ ଯାଦବ, ମାଙ୍ଗୀଲାଲ ବିୱାଲ, ଦିନେଶ ବିୱାଲ ଏବଂ ବିକାଶ ବିୱାଲଙ୍କ ଭଳି ମଧ୍ୟସ୍ଥମାନେ ଆର୍ଥିକ କାରବାର ଓ ପ୍ରଶ୍ନପତ୍ର ବାଣ୍ଟିବାରେ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ନାସିକର ଶୁଭମ ଖୈରନାରଙ୍କଠାରୁ ୟଶ ଯାଦବ ପ୍ରଶ୍ନପତ୍ର ପାଇଥିଲେ ଏବଂ ତାହା ମାଙ୍ଗୀଲାଲ ବିୱାଲଙ୍କୁ ହସ୍ତାନ୍ତର କରିଥିଲେ। ସୁରକ୍ଷା ଜମା ସ୍ୱରୂପ ବିୱାଲ ନିଜର ଦଶମ ଓ ଦ୍ୱାଦଶ ଶ୍ରେଣୀର ମୂଳ ସାର୍ଟିଫିକେଟ୍ ଏବଂ ଦସ୍ତଖତ ହୋଇଥିବା ଫାଙ୍କା ପୃଷ୍ଠା-୭

## ଆମେରିକା ଚାପରେ ୟୁପିଆଇ ନୀତି ବଦଳାଉଛି ଭାରତ

### ୟୁପିଆଇ କାରବାରରେ ଫି' ଲାଗୁ ପ୍ରସଙ୍ଗରେ ଜିଟିଆର୍‌ଆଇର ଖୁଲାସା

### ଭିସା, ମାଷ୍ଟରକାର୍ଡ ଭଳି ବିଦେଶୀ କମ୍ପାନୀଙ୍କ ବ୍ୟାବସାୟିକ ସ୍ୱାର୍ଥକୁ ସୁରକ୍ଷା

■ ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) କାରବାର ଉପରେ ଲାଗୁ ହେଉଥିବା ଶୁଳ୍କ ସମ୍ପର୍କିତ ବିଲ୍‌କୁ ନେଇ ସାରା ଦେଶରେ ଜୋରଦାର ଆଲୋଚନା ହେଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଠାରୁ ଆରମ୍ଭ କରି କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ଜାରି କରିଛନ୍ତି। ହେଲେ ଗବେଷଣାକାରୀ ପ୍ରତିଷ୍ଠାନ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ୟୁପିଆଇ ନୀତିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି। ସଂସ୍ଥା ଚେତାବନୀ ଦେଇ କହିଛି ଯେ, ଭାରତ ସରକାର ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇ ୟୁପିଆଇ ନୀତିରେ ପରିବର୍ତ୍ତନ କରୁଛନ୍ତି, ଯଦିବା ଏହା କରିବା ଉଚିତ ନୁହେଁ। ଥିଙ୍କ ଟ୍ୟାଙ୍କ ଅନୁଯାୟୀ, ଦେଶ ପ୍ରତିଯୋଗିତା, ନୀତି ସ୍ୱାୟତ୍ତତା ଏବଂ ଡିଜିଟାଲ୍ ପେମେଣ୍ଟ ଇକୋସିଷ୍ଟମର ଦୀର୍ଘକାଳୀନ ବଞ୍ଚିବା ପାଇଁ ସୁରକ୍ଷା ଦେବା ଉଚିତ। ଏହା କରି ଆମେରିକାର ପେମେଣ୍ଟ ପ୍ରୋସେସିଂ ନେଟୱର୍କ ଭିସା ଏବଂ ମାଷ୍ଟରକାର୍ଡ ଭଳି ବିଦେଶୀ କମ୍ପାନୀଗୁଡ଼ିକର ବ୍ୟବସାୟିକ ସ୍ୱାର୍ଥକୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହେଉଛି।

ଲୋକସଭାରେ ପେମେଣ୍ଟ ଏବଂ ସେଟଲମେଣ୍ଟ ସିଷ୍ଟମ୍ ଆଇନ, ୨୦୦୭ରେ ସଂଶୋଧନ ପାଇଁ ଉର୍ଦ୍ଦିଷ୍ଟ ବିଲ୍‌କୁ ଅନୁମୋଦନ କରାଇଛନ୍ତି। ଏହାଦ୍ୱାରା ସରକାର ବ୍ୟାଙ୍କ ଏବଂ ସେବା ପ୍ରଦାନକାରୀଙ୍କୁ ୟୁପିଆଇ ଏବଂ ଅନ୍ୟାନ୍ୟ ଅଧିସୂଚିତ ଇଲେକ୍ଟ୍ରୋନିକ୍ ପେମେଣ୍ଟ ପଦ୍ଧତି ଉପରେ ଶୁଳ୍କ ଆଦାୟ କରିବାକୁ ଅନୁମତି ଦେଇଛନ୍ତି। ଏହାର ଅର୍ଥ ହେଉଛି ଏଣିକି ବ୍ୟବସାୟୀମାନଙ୍କୁ ୟୁପିଆଇ ପୃଷ୍ଠା-୭

## ପଛକୁ ପଛ ଲଘୁଚାପ
## ଛାଡ଼ିବନି ବର୍ଷା

### ମୟୂରଭଞ୍ଜକୁ ଅଧିକ ବିପଦ

### ମଧ୍ୟାହ୍ନଭୋଜନ ପରେ ସମସ୍ତ ବିଦ୍ୟାଳୟ ଛୁଟି

### ୧୯ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ

■ ଭୁବନେଶ୍ୱର/ବାରିପଦା, ୭।୮ (ସମିସ): ସକ୍ରିୟ ମୌସୁମୀ ସହ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ଅନ୍ୟପଟେ ଶନିବାର ସୁଦ୍ଧା ପୁଣି ଏକ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ବର୍ତ୍ତମାନ ମୌସୁମୀ ଟ୍ରଫ ଲାଇନ ସ୍ୱାଭାବିକ ସ୍ଥିତିରେ ରହିଥିବା ବେଳେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପର୍ଯ୍ୟନ୍ତ ବ୍ୟାପିଛି। ଏହାସହ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଓ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ସମୁଦ୍ରପତନଠାରୁ ୦.୯ କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହି ଦୁଇଟି ପାଣିପାଗ କାରକ ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଅନୁଭୂତ ହେଉଛି। ଏହା ପ୍ରଭାବରେ ଗଲା ଦୁଇ ଦିନ ହେବ ବିଶେଷ କରି ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ତୁହାକୁ ତୁହା ବର୍ଷା ଜାରି ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟା ମଧ୍ୟରେ କଟକରେ ୩୫, ଭୁବନେଶ୍ୱରରେ ୫୫, ଗୋପାଳପୁରରେ ୪୨, ପୁରୀରେ ୩୦, ଅନୁଗୋଳରେ ୩୫, ଝାରସୁଗୁଡ଼ା ୩୦, ତାଳଚେର ୮୦, ବଲାଙ୍ଗିର ୬୦, ମାଲକାନଗିରି ୮୭, ଟିଟିଲାଗଡ଼ ୭୬, ଫୁଲବାଣି ୪୭, ନୟାଗଡ଼ ୯୧, ପାରଳାଖେମୁଣ୍ଡି ୭୧, ଢେଙ୍କାନାଳରେ ୯୮, ଭଦ୍ରକ ୬୭ ମିମି ବର୍ଷା ରେକର୍ଡ ହୋଇଛି। ଏହି ପରିପ୍ରେକ୍ଷୀରେ ଲଘୁଚାପ ସୃଷ୍ଟି ହେବା ପରେ ବର୍ଷାର ପରିମାଣ ଆହୁରି ବଢ଼ିପାରେ। ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏଣୁ ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପୃଷ୍ଠା-୭

### ଶ୍ରେଣୀଗୃହରେ ନାହିଁ ଉପଯୁକ୍ତ ବାୟୁ ଚଳାଚଳ ବ୍ୟବସ୍ଥା

## ଅଣନିଃଶ୍ୱାସୀ ହୋଇ ୬ ଛାତ୍ରୀ ଅସୁସ୍ଥ



■ ଗଁଦିଆ, ୭।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଏନ୍‌ଏସିରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପଠପଢ଼ା ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଶ୍ରେଣୀଗୃହରେ ବସି ଅଧ୍ୟୟନ କରୁଥିବା ସମୟରେ ୬ ଜଣ ଛାତ୍ରୀ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ତୁରନ୍ତ ସେମାନଙ୍କୁ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ବିଦ୍ୟାଳୟରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୨୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଠାରେ ସମୁଦାୟ ୧୪ଟି ଗୃହ ଥିବା ସ୍ଥଳେ କେବଳ ୫ଟି ଗୃହରେ ଶିକ୍ଷାଦାନ କରାଯାଏ। ଅବଶିଷ୍ଟ ଗୃହଗୁଡ଼ିକ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର ହୋଇଥାଏ। ଶ୍ରେଣୀଗୃହଗୁଡ଼ିକ ଛୋଟ ଥିବାରୁ ୪୦କିମ୍ବା ଅତିବେଶୀରେ ୫୦ ପିଲା ବସି ପଢ଼ିପାରିବେ। କିନ୍ତୁ ଚଳିତ ବର୍ଷ ଉକ୍ତ ବିଦ୍ୟାଳୟରେ ଅଷ୍ଟମ ପୃଷ୍ଠା-୭

### ନୂଆଦିଲ୍ଲୀରେ 'ଓଡ଼ିଶା ଫୁଡ୍ ପ୍ରୋ' ନିବେଶକ ସମ୍ମିଳନୀ

## ୨୭ ବୁଝାମଣା, ୧୨ ପ୍ରତିଶ୍ରୁତି




### ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଭିଜନ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

### ରୋଡ୍-ଶୋ'ରେ ଯୋଗଦେଲେ ୩୦୦ରୁ ଅଧିକ ଉଦ୍ୟୋଗପତି

### ୪୩,୪୩୭ କୋଟି ନିବେଶ ଫଳରେ ୪୩,୩୧୬ ନିଯୁକ୍ତି ସୁଯୋଗ

■ ଭୁବନେଶ୍ୱର, ୭।୮ (ସମିସ): ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ହେଉଛି ଓଡ଼ିଶାର କୃଷକମାନଙ୍କ ସମୃଦ୍ଧି, ଗ୍ରାମାଞ୍ଚଳର ରୂପାନ୍ତର ଏବଂ ଓଡ଼ିଶାର ଶିଳ୍ପ ଭବିଷ୍ୟତ ମଧ୍ୟରେ ଏକ ସେତୁ। ଏହି କ୍ଷେତ୍ରରେ କରାଯାଉଥିବା ପ୍ରତ୍ୟେକ ନିବେଶ କୃଷିକ୍ଷେତ୍ରକୁ ଉନ୍ନତ କରିବା ସହିତ ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ସହ ରପ୍ତାନି ସୁଯୋଗ ସୃଷ୍ଟି କରେ ଏବଂ ଅର୍ଥନୀତିକୁ ସମୃଦ୍ଧ କରିଥାଏ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତର ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ହେବାକୁ ଓଡ଼ିଶା ପ୍ରସ୍ତୁତ ରହିଛି ଏବଂ ମୁଁ ଏହି ଯାତ୍ରାରେ ଆମ ସହିତ ପାର୍ଟନର ହେବା ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଦୃଷ୍ଟିଭଙ୍ଗୀ ସହିତ, ମୁଖ୍ୟମନ୍ତ୍ରୀ ଶୁକ୍ରବାର ଓଡ଼ିଶା ବାହାରେ ଆୟୋଜିତ ରାଜ୍ୟର ପ୍ରଥମ କ୍ଷେତ୍ର-କୈନ୍ଦ୍ରିକ ଇନ୍‌ଭେଷ୍ଟମେଣ୍ଟ ରୋଡ୍-ସୋ' 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬' ରେ ଓଡ଼ିଶା ପାଇଁ ଏକ ନୂତନ ଅଭିବୃଦ୍ଧି ଏଜେଣ୍ଡା ଉପସ୍ଥାପନ କରିଛନ୍ତି।

ଏହି ରୋଡ୍-ସୋ'ରେ ୪୧,୭୪୮ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୨୭ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ବ୍ୟାପକ ପରିମାଣର ନିବେଶ ପ୍ରସ୍ତାବ ଦ୍ୱାରା ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଇକୋସିଷ୍ଟମ ପ୍ରତି ଶିଳ୍ପଜଗତର ଭରସା ପ୍ରତିଫଳିତ ହୋଇଛି। ଏହା ଦ୍ୱାରା ୩୫,୨୫୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ଓଡ଼ିଶା ସରକାର ୧,୬୮୯ କୋଟି ଟଙ୍କାର ନିବେଶ ପାଇଁ ୧୨ଟି ପୃଷ୍ଠା-୭

## 'ଏରୋପ୍ଲେନ୍ ରେସ୍ତୋରାଁ' ପାଇଁ ବରଗଛ ବଳି






### ପଞ୍ଜାବରୁ ଟ୍ରେଲର୍‌ରେ ଆସିଛି ସେବାରହିତ ଉଡ଼ାଜାହଜ

### ସହଜରେ ଗାଡ଼ି ବୁଲିବାକୁ କାଟିଦିଆଗଲା ୮୦ ବର୍ଷର ଗଛ

### ବିନା ଅନୁମତିରେ ଗଛକଟାକୁ ନେଇ 'ଆପ୍'ର ଉଦ୍‌ବେଗ

### କାର୍ଯ୍ୟାନୁଷ୍ଠାନ ପାଇଁ ଡିଏଫ୍‌ଓଙ୍କୁ ଜଣାଇଲେ ଜିଲ୍ଲା ସଭାପତି

■ ପୁରୀ, ୭।୮ (ସମିସ): ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ପୁରୀ ଏବେ ଦେଶବିଦେଶର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଗମନାଗମନର ସୁବିଧା ସାଙ୍ଗକୁ ଶ୍ରୀକ୍ଷେତ୍ରର ନବକଳେବର ଦର୍ଶକଙ୍କ ପାଇଁ ପସନ୍ଦର ତୀର୍ଥକ୍ଷେତ୍ର ଓ ଭ୍ରମଣର କେନ୍ଦ୍ର ପାଲଟିଛି। ଦିନକୁ ଦିନ ପୁରୀକୁ ଆଗନ୍ତୁକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପୁରୀର ସମୃଦ୍ଧ ଭିତ୍ତିଭୂମି ଏବଂ ପର୍ଯ୍ୟଟକ-ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ବହୁ ଘରୋଇ ସଂସ୍ଥା ଏଠାରେ ନିଜର ବ୍ୟାବସାୟିକ ଭିତ୍ତିଭୂମିକୁ ସୁଦୃଢ଼ ଏବଂ ଆକର୍ଷଣୀୟ କରିବାରେ ଲାଗିଛନ୍ତି। ତେବେ ଏହାଦ୍ୱାରା ଗୋଟିଏ ପଟେ ପୁରୀର ଧର୍ମୀୟ ପର୍ଯ୍ୟଟନ ଶିଳ୍ପର ବିକାଶ ହେଉଥିଲେ ହେଁ ଅନ୍ୟପଟେ ପରିବେଶ ପ୍ରତି ନୂତନ ଆହ୍ୱାନ ସୃଷ୍ଟି କରିଛି। ଏହାକୁ ନେଇ ପରିବେଶବିତ୍, ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଚିନ୍ତା ପ୍ରକଟ କରୁଛନ୍ତି। ଶୁକ୍ରବାର ଏମିତି ଏକ ଘଟଣା ସର୍ବସାଧାରଣ ପୃଷ୍ଠା-୭

### ମହିଳା ସ୍ୱାବଲମ୍ବନକୁ ବେତ୍ରାଘାତ

## ଧାନକିଣାରୁ ବାଦ୍ ପଡ଼ିଲେ ଏସ୍‌ଏଚ୍‌ଜି

■ ଭୁବନେଶ୍ୱର, ୭।୮ (ସମିସ): ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ବ୍ୟବସ୍ଥାରେ ରାଜ୍ୟ ସରକାର ଆଣିଥିବା ପରିବର୍ତ୍ତନକୁ ନେଇ ଓଡ଼ିଶାରେ ରାଜନୈତିକ ବିବାଦ ତୀବ୍ର ହୋଇଛି। ଧାନ କିଣା ପ୍ରକ୍ରିୟାରୁ ମିଶନ ଶକ୍ତି ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାନଙ୍କୁ ବାଦ ଦେବା ଓ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ ନୂଆ ବ୍ୟବସ୍ଥା ଆଣିବାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ତେବେ ଏହା ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ଗତବର୍ଷର ତ୍ରୁଟି ସୁଧାରିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ନେଇ ସମବାୟ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଛି।

ପୂର୍ବ ସରକାର ସମୟରେ ମିଶନ ଶକ୍ତି ମାଧ୍ୟମରେ ହଜାର ହଜାର ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ସଂଗ୍ରହରେ ସାମିଲ କରାଯାଇଥିଲା। ଏହା ଦ୍ୱାରା ଗ୍ରାମାଞ୍ଚଳର ମହିଳାମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇଥିଲେ। ସେହିପରି ଏସ୍‌ଏଚ୍‌ଜି ମାଧ୍ୟମରେ ଧାନ କ୍ରୟ ସମୟରେ ଚାଷୀଙ୍କୁ



### ପଞ୍ଜୀକରଣର ନୂଆ ନିୟମକୁ ବିଜେଡି ଓ କଂଗ୍ରେସର ବିରୋଧ

କଟନି-ଛଟନି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁନଥିଲା ଏବଂ ଧାନ ବିକ୍ରି ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସୁଗମ ହୋଇଥିଲା।

ମାତ୍ର ଚଳିତ ଖରିଫ ଋତୁରୁ ରାଜ୍ୟ ସରକାର ଧାନ ସଂଗ୍ରହ ବ୍ୟବସ୍ଥାରୁ ଏସ୍‌ଏଚ୍‌ଜିମାନଙ୍କୁ ସମ୍ପୂର୍ଣ୍ଣ ବାଦ ଦେଇଛନ୍ତି। ସରକାରଙ୍କ ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, କେବଳ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ), ଲ୍ୟାମ୍ପସ ଓ ପାଣି ପଞ୍ଚାୟତ ମାଧ୍ୟମରେ ଧାନ କ୍ରୟ କରାଯିବ। ଯାହାକୁ ନେଇ ବିରୋଧୀ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଏହା ମହିଳା ସଶକ୍ତୀକରଣକୁ ପଛକୁ ଠେଲିଦେବା ସହିତ ଚାଷୀଙ୍କ ସ୍ୱାର୍ଥକୁ ମଧ୍ୟ ପ୍ରଭାବିତ କରିବ। ମିଲରମାନଙ୍କ ପ୍ରଭାବ ବଢ଼ିବ ଓ କୃଷକମାନେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେବେ ବୋଲି ବିରୋଧୀ ଆଶଙ୍କା କରିଛନ୍ତି।

ଏହା ସହିତ ଖରିଫ ଧାନ କ୍ରୟ ପାଇଁ ଆରମ୍ଭ ହୋଇଥିବା ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ମଧ୍ୟ ବିରୋଧୀ ଦଳ ପ୍ରଶ୍ନ ଉଠାଇଛନ୍ତି। ବିଜେଡିର ଅଭିଯୋଗ ହେଉଛି, ସରକାର ଇଚ୍ଛାକୃତ ଭାବେ ପଞ୍ଜୀକରଣ ବ୍ୟବସ୍ଥାକୁ ଜଟିଳ କରି କମ୍ ପରିମାଣର ଧାନ କିଣିବାକୁ ଚାହୁଁଛନ୍ତି। ଅନୁରୂପ କଂଗ୍ରେସ ମଧ୍ୟ ଅଭିଯୋଗ କରିଛି ଯେ, ପ୍ରତି କ୍ୱିଣ୍ଟାଲରେ ଘୋଷିତ ୮୦୦ ଟଙ୍କାର ଇନପୁଟ ସବସିଡି ପ୍ରଦାନରୁ ବଞ୍ଚିବା ପାଇଁ ପଞ୍ଜୀକରଣ ପ୍ରକ୍ରିୟାକୁ କଠିନ କରାଯାଇଛି। ଏହାଦ୍ୱାରା ଅନେକ ପ୍ରକୃତ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହୋଇପାରନ୍ତି ବୋଲି ପୃଷ୍ଠା-୭

ସକାଳ THE SAKALA
www.sakalaepaper.com

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସୁଖବୀର ସିଂହ ବାଦଲ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଆସନ୍ତା ବର୍ଷ ପଞ୍ଜାବରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନର ସଙ୍କେତ ମିଳିଛି। ଶିରୋମଣି ଅକାଳୀ ଦଳର ମୁଖ୍ୟ ସୁଖବୀର ସିଂହ ବାଦଲ ଶୁକ୍ରବାର ସଂସଦ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଏହି ସାକ୍ଷାତକାର ପରେ ଭାରତୀୟ ଜନତା ପାର୍ଟି ଓ ଅକାଳୀ ଦଳ ମଧ୍ୟରେ ପୁନର୍ବାର ମେଣ୍ଟ ହେବା ନେଇ ଚର୍ଚ୍ଚା ଜୋର ଧରିଛି। ଦୀର୍ଘ ଦୁଇ ଦଶନ୍ଧି ଧରି ଚାଲିଆସିଥିବା ଭାଜପା-ଅକାଳୀ ଦଳ ମେଣ୍ଟ ସେପ୍ଟେମ୍ବର ୨୦୨୦ରେ କେନ୍ଦ୍ର ସରକାରଙ୍କ ତିନୋଟି କୃଷି ଆଇନକୁ ନେଇ ଭାଙ୍ଗିଯାଇଥିଲା। କୃଷକ ଆନ୍ଦୋଳନ କାରଣରୁ ଅକାଳୀ ଦଳ ଜାତୀୟ ଗଣତାନ୍ତ୍ରିକ ମେଣ୍ଟରୁ ଓହରି ଯାଇଥିଲା। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ଏହି ଆଇନଗୁଡ଼ିକୁ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ଦୁଇ ଦଳ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ହୋଇପାରି ନଥିଲା। ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନରେ ଦୁଇ ଦଳ ଅଲଗା ହୋଇ ଲଢ଼ିଥିଲେ ହେଁ ବିପର୍ଯ୍ୟୟର ସାମ୍ନା କରିଥିଲେ। ୧୧୭ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ମାତ୍ର ୨ଟି ଓ ଅକାଳୀ ଦଳ ୩ଟି ଆସନ ପାଇଥିଲା।

## ୨ଟି ଆଇଏସ୍ଆଇ ପ୍ରାୟୋଜିତ ଆତଙ୍କୀ ମଡ୍ୟୁଲ୍ ପର୍ଦ୍ଦାଫାଶ: ୯ ଗିରଫ

ଅମୃତସର, ୭।୮ (ଏଜେନ୍ସି): ପଞ୍ଜାବ ପୁଲିସ ଦେଶବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଏକ ବଡ଼ ସଫଳତା ହାସଲ କରିଛି। ଅମୃତସରରେ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍ଆଇ ଦ୍ୱାରା ପରିଚାଳିତ ୨ଟି ଆତଙ୍କବାଦୀ ମୋଡ୍ୟୁଲ୍‌କୁ ପୁଲିସ ପର୍ଦ୍ଦାଫାଶ କରିବା ସହ ୪ ଜଣ ନାବାଳକଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି। ପୁଲିସଅଭିଯୁକ୍ତମାନଙ୍କ ନିକଟରୁ ୪ଟି ପେଟ୍ରୋଲ୍ ବୋମା, ୩ଟି ବେଆଇନ ପିସ୍ତୋଲ୍, ୯ଟି ଜୀବନ୍ତ ଗୁଳି ଏବଂ ଏକ ଚୋରା ମୋଟରସାଇକେଲ୍ ଜବତ କରିଛି। ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବଙ୍କ ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ବିଦେଶରେ ଥିବା ଆଇଏସ୍ଆଇ ହ୍ୟାଣ୍ଡଲରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ। ସେମାନଙ୍କୁ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକ ଉପରେ ନଜର ରଖିବା, ବେଆଇନ ଅସ୍ତ୍ରଶସ୍ତ୍ର ଯୋଗାଡ଼ କରିବା ଏବଂ ଅଶାନ୍ତି ସୃଷ୍ଟି କରିବାର ଦାୟିତ୍ୱ ଦିଆଯାଇଥିଲା। ତଦନ୍ତରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ରେଳ ଟ୍ରାକ୍ ନିକଟରେ ସିସିଟିଭି କ୍ୟାମେରା ଲଗାଇ ତା'ର ଫୁଟେଜ୍ ବିଦେଶୀ ହ୍ୟାଣ୍ଡଲରଙ୍କୁ ପଠାଯାଉଥିଲା। ଏହି ଆର୍ଥିକ କାରବାର ଜେଲ୍‌ରେ ଥିବା କିଛି ବ୍ୟକ୍ତିଙ୍କ ମାଧ୍ୟମରେ ହୋଇଥିବା ଜଣାପଡ଼ିବା ପରେ ପୁଲିସ ସେମାନଙ୍କୁ ପ୍ରୋଡକ୍ସନ୍ ୱାରେଣ୍ଟରେ ଆଣି ଗିରଫ କରିଛି।

## ଅତିକ୍ ଅହମ୍ମଦଙ୍କ ଜେଲ୍‌ରେ ଥିବା ଦୁଇ ପୁଅଙ୍କୁ ପାରୋଲ୍

ପ୍ରୟାଗରାଜ, ୭।୮ (ଏଜେନ୍ସି): ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରେ ନିଜ ସାନଭାଇକୁ ଶେଷ ବିଦାୟ ଦେବା ପାଇଁ ହାଇକୋର୍ଟଙ୍କ ବଡ଼ ଆଶ୍ୱାସନା। ଆଲାହାବାଦ ହାଇକୋର୍ଟ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ମୃତ ଅତିକ୍ ଅହମ୍ମଦଙ୍କ ଜେଲ୍‌ରେ ଥିବା ଦୁଇ ପୁଅ ଆଲି ଏବଂ ଉମରଙ୍କୁ ପାରୋଲ୍ ମଞ୍ଜୁର କରିଛନ୍ତି। ସାନଭାଇ ଆବାନ୍ ଅହମ୍ମଦଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ତାଙ୍କର ଶେଷକୃତ୍ୟ ଓ କବରଦାନରେ ଯୋଗଦେବା ପାଇଁ ଆଦାଲତ ଏହି ପାରୋଲ୍ ପ୍ରଦାନ କରିଛନ୍ତି। ଝାନ୍ସୀ ଜେଲ୍‌ରେ ବନ୍ଦୀ ଥିବା ନିଜ ଭାଇ ଆଲିଙ୍କୁ ସାକ୍ଷାତ କରିବା ପାଇଁ ଯାଉଥିବା ସମୟରେ ଏକ ସଡ଼କ ଦୁର୍ଘଟଣାରେ ଅତିକ୍‌ଙ୍କ ସବୁଠାରୁ ସାନପୁଅ ଆବାନ୍ (୨୧) ଏବଂ ତାଙ୍କ ବନ୍ଧୁ ସୋନୁଙ୍କର ପ୍ରାଣହାନି ଘଟିଥିଲା। ଅତିକ୍ ଅହମ୍ମଦଙ୍କ ଭଉଣୀ ପରବୀନ୍ କୁରେଶୀଙ୍କ ଦ୍ୱାରା ଦାଖଲ ଆବେଦନକୁ ଗ୍ରହଣ କରି ଜଷ୍ଟିସ ଅଜୟ ଭାନୋଟ ଏବଂ ଜଷ୍ଟିସ ଦିବେଶ ଚନ୍ଦ୍ର ସାମନ୍ତଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଉମର ଲକ୍ଷ୍ନୌ ଜେଲ୍‌ରେ ଏବଂ ଆଲି ଝାନ୍ସୀ ଜେଲ୍‌ରେ ବନ୍ଦୀ ଅଛନ୍ତି।

## ଆଶାରାମଙ୍କ ପୁଅଙ୍କୁ ସୁପ୍ରିମକୋର୍ଟଙ୍କ ଝଟ୍‌କା

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ସ୍ୱୟଂଭୂ ବାବା ଆଶାରାମଙ୍କ ପୁଅ ନାରାୟଣ ସାଇଙ୍କୁ ସୁପ୍ରିମକୋର୍ଟରୁ କୌଣସି ଆଶ୍ୱାସନା ମିଳିନାହିଁ। ୨୦୧୩ ଦୁଷ୍କର୍ମ ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ ତାଙ୍କ ଆଜୀବନ କାରାଦଣ୍ଡାଦେଶକୁ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ବିଚାରପତି ଏମ୍‌ଏମ୍ ସୁନ୍ଦରେଶ ଏବଂ ବିଚାରପତି ପିବି ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ନାରାୟଣ ସାଇଙ୍କ ନିବେଦନର ଶୁଣାଣି କରି ଗୁଜରାଟ ହାଇକୋର୍ଟଙ୍କୁ ତିନି ମାସ ମଧ୍ୟରେ ତାଙ୍କ ଦଣ୍ଡାଦେଶ ବିରୋଧୀ ଆବେଦନର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ତିନି ମାସ ମଧ୍ୟରେ ହାଇକୋର୍ଟ କୌଣସି ନିଷ୍ପତ୍ତି ନନିଅନ୍ତି, ତେବେ ସାଇ ପୁନର୍ବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ। ସୂଚନାଯୋଗ୍ୟ ଯେ, ୨୦୧୩ ମସିହାରେ ଜଣେ ମହିଳା ଅନୁଗାମୀଙ୍କ ଦ୍ୱାରା ଦାୟର ଦୁଷ୍କର୍ମ ମାମଲାରେ ସୁରଟର ଏକ କୋର୍ଟ ୨୦୧୯ ଅପ୍ରେଲରେ ନାରାୟଣ ସାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହା ବିରୋଧରେ ସେ ଗୁଜରାଟ ହାଇକୋର୍ଟରେ ଆବେଦନ କରିଥିଲେ ମଧ୍ୟ ହାଇକୋର୍ଟ ତାଙ୍କ ଜାମିନ୍ ଓ ସଜା ସ୍ଥଗିତ ଆବେଦନକୁ ଖାରଜ କରିଦେଇଥିଲେ।



## ବିଜୟଙ୍କ ହାତ ଛାଡ଼ିବେନି ସଙ୍ଗୀତା

**ପ୍ରତ୍ୟାହାର କଲେ ଛାଡ଼ପତ୍ର ଆବେଦନ**

ଚେନ୍ନାଇ, ୭।୮ (ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା 'ତାମିଲଗା ଭେଟ୍ରି କାଝାଗମ୍' (ଟିଭିକେ) ମୁଖ୍ୟ ସି ଜୋସେଫ୍ ବିଜୟ ଏବଂ ତାଙ୍କ ପତ୍ନୀ ସଙ୍ଗୀତା ସୋର୍ଣ୍ଣଲିଙ୍ଗମ୍‌ଙ୍କ ମଧ୍ୟରେ ଚାଲିଥିବା ଛାଡ଼ପତ୍ର ମାମଲାର ଅନ୍ତ ଘଟିଛି। ସଙ୍ଗୀତା ନିଜର ବିବାହ ବିଚ୍ଛେଦ ଆବେଦନ ପ୍ରତ୍ୟାହାର କରିନେବା ପରେ ଅଦାଲତ ଶେଷରେ ଆନୁଷ୍ଠାନିକ ଭାବେ ଏହି ମାମଲାକୁ ବନ୍ଦ କରିଛନ୍ତି। ଶୁକ୍ରବାର ଶୁଣାଣି ସମୟରେ ସଙ୍ଗୀତା ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟରେ ହାଜର ହୋଇ ନିଜର ଆବେଦନ ଫେରାଇ ନେବାର କାରଣ ଦର୍ଶାଇଥିଲେ। ପୂର୍ବରୁ ଚଳିତ ବର୍ଷ ଫେବୃଆରୀ ମାସରେ ସେ ଚେଙ୍ଗଲପଟ୍ଟୁ ପରିବାର ଅଦାଲତରେ ବିବାହ ବିଚ୍ଛେଦ, ସ୍ଥାୟୀ ଭରଣପୋଷଣ ଏବଂ ନୀଲାଙ୍କରାଇ ବାସଭବନରେ ରହିବା ପାଇଁ ଆବେଦନ କରିଥିଲେ। ଜୁନ୍ ୧୫ ଶୁଣାଣିରେ ମଧ୍ୟ ସଙ୍ଗୀତା ଆବେଦନ ପ୍ରତ୍ୟାହାର କରିବା ନେଇ ସଙ୍କେତ ଦେଇଥିଲେ, ଯାହା ପରେ ମାମଲାକୁ ଅଗଷ୍ଟ ୭ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ଶୁକ୍ରବାର ଅଦାଲତ ଏହି ଆବେଦନକୁ ଗ୍ରହଣ କରି ମାମଲାଟିକୁ ସମ୍ପୂର୍ଣ୍ଣ ରୂପେ ଖାରଜ କରିଛନ୍ତି। ସୂଚନାଯୋଗ୍ୟ, ୧୯୯୯ ଅଗଷ୍ଟ ୨୫ରେ ବିଜୟ ଓ ସଙ୍ଗୀତାଙ୍କ ବିବାହ ହୋଇଥିଲା। ଦୀର୍ଘ ତିନି ଦଶନ୍ଧିର ଏହି ବୈବାହିକ ସମ୍ପର୍କରେ ଗତ କିଛି ବର୍ଷ ହେବ ମନୋମାଳିନ୍ୟ ଦେଖାଦେଇଥିବା ନେଇ ଚର୍ଚ୍ଚା ହେଉଥିଲା। ସଙ୍ଗୀତା ନିଜ ଆବେଦନ ଫେରାଇ ନେବା ପରେ ଏହି ବିବାଦରେ ସମ୍ପୂର୍ଣ୍ଣ ବିରାମ ଲାଗିଛି।

## ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ଅନିଲ ମେନନ୍‌ଙ୍କ ପ୍ରଥମ ସ୍ପେସ୍‌ୱାକ୍



**ମହାକାଶରେ ବିତାଇଲେ ୬.୫ ଘଣ୍ଟା**

ୱାଶିଂଟନ, ୭।୮ (ଏଜେନ୍ସି): ମହାକାଶ ଗବେଷଣା କ୍ଷେତ୍ରରେ ଭାରତୀୟ ବଂଶୋଦ୍ଭବଙ୍କ ସଫଳତାରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିହୋଇଛି। ନାସାର ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ଅନିଲ ମେନନ୍ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ୍ (ଆଇଏସ୍ଏସ୍) ବାହାରକୁ ଆସି ନିଜର ପ୍ରଥମ ସ୍ପେସ୍‌ୱାକ୍ (ମହାକାଶ ପରିକ୍ରମା) ସଫଳତାର ସହ ଶେଷ କରିଛନ୍ତି। ଅନିଲ ମେନନ୍ ନାସାର ଅଭିଜ୍ଞ ନଭୋଚାରୀ ଜେସିକା ମେୟରଙ୍କ ସହ ମିଶି ମୋଟ ୬ ଘଣ୍ଟା ୩୦ ମିନିଟ୍ ସ୍ପେସୱାକ୍ କରିଥିଲେ। ମହାକାଶ ଷ୍ଟେସନ୍‌ର ବିଦ୍ୟୁତ୍ ଶକ୍ତି ପ୍ରଣାଳୀକୁ ସୁଦୃଢ଼ କରିବା ପାଇଁ ନୂତନ ସୌର ପ୍ୟାନେଲ୍ ସ୍ଥାପନ ନିମନ୍ତେ ଆବଶ୍ୟକୀୟ ଯାନ୍ତ୍ରିକ ଉପକରଣ ଲଗାଇବା ଏହି ମିଶନ୍‌ର ମୁଖ୍ୟ ଲକ୍ଷ୍ୟ ଥିଲା। ୨୦୨୧ରେ ନାସା ଦ୍ୱାରା ଚୟନ ହୋଇଥିବା ଅନିଲ ଜଣେ ଚିକିତ୍ସକ ଓ ମେକାନିକାଲ୍ ଇଞ୍ଜିନିୟର। ସେ ପୂର୍ବରୁ ସ୍ପେସ୍‌ଏକ୍ସର ପ୍ରଥମ ଫ୍ଲାଇଟ୍ ସର୍ଜନ ଭାବେ କାର୍ଯ୍ୟ କରିସାରିଛନ୍ତି। ନାସା ପକ୍ଷରୁ ଚଳିତ ଅଗଷ୍ଟ ମାସରେ ଯୋଜନା କରାଯାଇଥିବା ୩ଟି ସ୍ପେସ୍‌ୱାକ୍ ମଧ୍ୟରୁ ଏହା ପ୍ରଥମ ଅଭିଯାନ ଥିଲା। କଳ୍ପନା ଚାୱଲା ଏବଂ ସୁନୀତା ୱିଲିୟମ୍ସଙ୍କ ପରେ ଅନିଲ ମେନନ୍‌ଙ୍କ ଏହି ଐତିହାସିକ ସଫଳତା ସାରା ବିଶ୍ୱରେ ଭାରତୀୟ ବଂଶୋଦ୍ଭବଙ୍କ ଗୌରବ ବୃଦ୍ଧି କରିବା ସହ ଭାରତର ଗଗନଯାନ ମିଶନ୍ ପାଇଁ ମଧ୍ୟ ପ୍ରେରଣାଦାୟୀ ହୋଇଛି।

**'ଜଣଙ୍କ ଉପରେ ଆକ୍ରମଣ, ସମସ୍ତଙ୍କ ଉପରେ ଆକ୍ରମଣ'**

# ପାକିସ୍ତାନ, ସାଉଦି ଆରବ, ତୁର୍କୀ ମଧ୍ୟରେ ଐତିହାସିକ ପ୍ରତିରକ୍ଷା ଚୁକ୍ତି

ରିୟାଦ, ୭।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଯୁଦ୍ଧ ଓ ନିରାପତ୍ତା ସଙ୍କଟ ମଧ୍ୟରେ ପାକିସ୍ତାନ, ସାଉଦି ଆରବ ଏବଂ ତୁର୍କୀ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। 'ମକ୍କା ଜଏଣ୍ଟ ଡିଫେନ୍ସ ଏଗ୍ରିମେଣ୍ଟ' ନାମରେ ନାମିତ ଏହି ସାମରିକ ବୁଝାମଣା ଅନୁସାରେ, ଏହି ତିନୋଟି ଦେଶ ମଧ୍ୟରୁ କୌଣସି ଗୋଟିଏ ଦେଶ ଉପରେ ସଶସ୍ତ୍ର ଆକ୍ରମଣ ହେଲେ, ତାହାକୁ ଅନ୍ୟ ଦୁଇ ଦେଶ ନିଜ ଉପରେ ଆକ୍ରମଣ ବୋଲି ବିଚାର କରିବେ। ସାଉଦି ଆରବରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍, ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ୍ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରୀଫଙ୍କ ମଧ୍ୟରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିକୁ ବିଶ୍ୱ ଗଣମାଧ୍ୟମରେ 'ଇସଲାମିକ ନାଟୋ'ର ଆରମ୍ଭ ବୋଲି ଆଖ୍ୟା ଦିଆଯାଉଛି।

ତେବେ ଆଗକୁ ଏହି ଚୁକ୍ତି ଓ ମେଳି କେଉଁ ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାହ୍ୟ ଆକ୍ରମଣ ବିରୋଧରେ ମିଳିତ ପ୍ରତିରୋଧ ଶକ୍ତିକୁ ସୁଦୃଢ଼ କରିବା ଏବଂ ତିନି ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗର ସମସ୍ତ ଦିଗକୁ ଆଗକୁ ନେବା। ଏହି



ଚୁକ୍ତି ତୈଳ ସମୃଦ୍ଧ ସାଉଦି ଆରବ, ପରମାଣୁ ଶକ୍ତିସମ୍ପନ୍ନ ପାକିସ୍ତାନ ଏବଂ ନାଟୋର ଦ୍ୱିତୀୟ ବୃହତ୍ତମ ସେନା ତଥା ଶକ୍ତିଶାଳୀ ପ୍ରତିରକ୍ଷା ଶିଳ୍ପ ଥିବା ତୁର୍କୀକୁ ଗୋଟିଏ ମଞ୍ଚକୁ ଆଣିଛି। ଇରାନ-ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଞ୍ଚରେ ସାଉଦି ଆରବର ଅନେକ ତୈଳ ପ୍ରକଳ୍ପ ଓ ଭିତ୍ତିଭୂମି ଉପରେ ଡ୍ରୋନ୍ ଏବଂ ମିସାଇଲ୍ ଆକ୍ରମଣ ହେବା ପରେ, ସାଉଦି ନିଜର ସୁରକ୍ଷା ସହଯୋଗୀଙ୍କ ପରିସରକୁ ବୃଦ୍ଧି କରିବାକୁ ଏହି ପଦକ୍ଷେପ ନେଇଛି। ତୁର୍କୀ ଗଣମାଧ୍ୟମ ଅନୁସାରେ, ଏହି ଚୁକ୍ତି ଦ୍ୱାରା ତିନି ଦେଶ ମଧ୍ୟରେ ମିଳିତ ସାମରିକ ଅଭ୍ୟାସ, ସୈନ୍ୟ ପ୍ରଶିକ୍ଷଣ, ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାର ହସ୍ତାନ୍ତର ଏବଂ ଗୁପ୍ତଚର ତଥ୍ୟର ଆଦାନପ୍ରଦାନ ସମ୍ଭବ ହୋଇପାରିବ। ଏହି ପ୍ରତିରକ୍ଷା ଚୁକ୍ତି ପଶ୍ଚିମ ଏସିଆରେ ଏକ ବଡ଼ ପରିବର୍ତ୍ତନ ଆଣିଛି।

● ହୁତି ବିଦ୍ରୋହୀଙ୍କ ଜୋରଦାର ଆକ୍ରମଣ

## ୟେମେନର ୫୮ ସୈନିକ ସହିଦ

ସାନା, ୭।୮ (ଏଜେନ୍ସି): ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଗୁରୁବାର ୟେମେନ ଏବଂ ସାଉଦି ଆରବ ଉପରେ ଏକ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ ସାହାଯ୍ୟରେ ୟେମେନର ସାମରିକ ଘାଟିଗୁଡ଼ିକୁ ଲକ୍ଷ୍ୟ କରାଯାଇଥିବା ବେଳେ ସାଉଦି ଆରବର ନଜରାନ ଅଞ୍ଚଳକୁ ମଧ୍ୟ ନିଶାଣ କରାଯାଇଛି। ୟେମେନ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ, ଏହି ଆକ୍ରମଣରେ ୫୮ ଜଣ ସୈନିକ ସହିଦ ହୋଇଛନ୍ତି ଏବଂ ବହୁ ସୈନିକ ଆହତ ହୋଇଛନ୍ତି। ମନ୍ତ୍ରଣାଳୟ ଏହି ଆକ୍ରମଣକୁ ନିନ୍ଦା କରିବା ସହ ଉପଯୁକ୍ତ ସମୟ ଓ ସ୍ଥାନରେ ଏହାର କଡ଼ା ଜବାବ ଦିଆଯିବ ବୋଲି ପ୍ରକାଶ କରିଛି। ଅନ୍ୟପଟେ ସାଉଦି ଆରବର ନଜରାନ ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଜଣେ ୪ ବର୍ଷର ଶିଶୁ ସମେତ ୧୧ ଜଣ ନାଗରିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୭ ଜଣ ସାଉଦି ନାଗରିକ, ଜଣେ ୟେମେନୀ, ୨ ଜଣ ମିଶରୀୟ ଏବଂ ଜଣେ ପାକିସ୍ତାନୀ ନାଗରିକ ରହିଛନ୍ତି। ଏହି ମିସାଇଲ ଆକ୍ରମଣ ଯୋଗୁଁ ନଜରାନର କେତେକ ସ୍ଥାନରେ ନିଆଁ ଲାଗିଯାଇଛି। ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବାହିନୀ ଓ ଜରୁରୀକାଳୀନ ଦଳ ନିୟୋଜିତ ହୋଇଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏକ ଆନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀରେ ଜଳପଥ ପରିଚାଳନା ପାଇଁ ଆମେରିକା, ଇରାନ ଏବଂ ଓମାନ ମଧ୍ୟରେ ଚୁକ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ବତନ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ନିଜେ ଏହି ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିଲା ଏବଂ ଦ୍ୱିପାକ୍ଷିକ ଆଲୋଚନାରେ ଯଥେଷ୍ଟ ପ୍ରଗତି ହୋଇଛି। ସାମ୍ପ୍ରତିକ ଉତ୍ତେଜନା ଯୋଗୁଁ ହର୍ମୁଜ ଏବଂ ବାବ୍ ଏଲ୍-ମାଣ୍ଡେବ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ଯଥେଷ୍ଟ ହ୍ରାସ ପାଇଛି। ସାଧାରଣ ଦିନରେ ଦୈନିକ ୧୩୦ରୁ ୧୪୦ଟି ଜାହାଜ ଯାତାୟାତ କରୁଥିବା ବେଳେ ବୁଧବାର ମାତ୍ର ୨ଟି ଜାହାଜ ଏହି ବାଟ ଦେଇଯାଇଛି।

**ଏଫ୍‌ସିଆର୍‌ଏ ବିଲ୍ ଭାରତର ଆଭ୍ୟନ୍ତରୀଣ ମାମଲା**

## ଆମେରିକୀୟ ସାଂସଦଙ୍କ ବକ୍ତବ୍ୟକୁ ଭାରତର କଡ଼ା ଜବାବ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ପ୍ରସ୍ତାବିତ 'ବୈଦେଶିକ ଅଂଶଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬' (ଏଫ୍‌ସିଆରଏ ଆମେଣ୍ଡମେଣ୍ଟ ବିଲ୍, ୨୦୨୬) କୁ ନେଇ ଆମେରିକାର ସାଂସଦ ରାୟଲି ମୁର୍‌ଙ୍କ ଟିପ୍ପଣୀକୁ ଭାରତୀୟ ବୈଦେଶିକ ମନ୍ତ୍ରାଳୟ (ଏମ୍‌ଇଏ) ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଛି। ବୈଦେଶିକ ମନ୍ତ୍ରାଳୟର ସ୍ପଷ୍ଟୀକରଣ ଅନୁଯାୟୀ, ଆଇନ ପ୍ରଣୟନ ଭାରତର ସମ୍ପୂର୍ଣ୍ଣ ନିଜସ୍ୱ ଆଭ୍ୟନ୍ତରୀଣ ମାମଲା ଏବଂ ଆମେରିକା ସମେତ ବିଶ୍ୱର ଅନେକ ଦେଶରେ ବୈଦେଶିକ ପାଣ୍ଠି ନିୟନ୍ତ୍ରଣ ପାଇଁ ନିଜସ୍ୱ ଆଇନଗତ ବ୍ୟବସ୍ଥା ରହିଛି। ଆମେରିକୀୟ ସାଂସଦ ରାୟଲି ମୁର୍ ଅଭିଯୋଗ କରିଥିଲେ ଯେ ଏହି ବିଲ୍ ଦ୍ୱାରା ଭାରତରେ ଖ୍ରୀଷ୍ଟିଆନ୍ ସଂସ୍ଥା ଏବଂ ଚର୍ଚ୍ଚଗୁଡ଼ିକ ପ୍ରଭାବିତ ହେବେ। ଏହାର ପ୍ରତ୍ୟୁତ୍ତରରେ ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୈସୱାଲ କହିଛନ୍ତି ଯେ ଭାରତରେ ବିଲ୍ ଆଗତ କରିବା ପାଇଁ ଏକ ସୁଦୃଢ଼ ଗଣତାନ୍ତ୍ରିକ ପ୍ରକ୍ରିୟା ରହିଛି ଏବଂ ଏହାକୁ ସଠିକ୍ ପ୍ରସଙ୍ଗରେ ଦେଖିବା ଉଚିତ୍। ଏଡି ବିଲ୍‌ର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ ହେଲା, ଅସଦୁପଯୋଗ ରୋକିବା ଯଥା କୌଣସି ଏନ୍‌ଜିଓ ବା ସଂସ୍ଥାର ଏଫ୍‌ସିଆର୍‌ଏ ପଞ୍ଜୀକରଣ ରଦ୍ଦ ବା ସମାପ୍ତ ହେଲେ, କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ କର୍ତ୍ତୃପକ୍ଷ ସମ୍ପୃକ୍ତ ସଂସ୍ଥାର ବୈଦେଶିକ ପାଣ୍ଠି ଓ ସମ୍ପତ୍ତିର ପରିଚାଳନା ନିଜ ହାତକୁ ନେବେ। ଧାର୍ମିକ ସ୍ୱତନ୍ତ୍ରତା ସୁରକ୍ଷା, ଯେମିତି ପୂଜାସ୍ଥଳ କିମ୍ବା ଧାର୍ମିକ ଅନୁଷ୍ଠାନଗୁଡ଼ିକର ସମ୍ପତ୍ତି ପରିଚାଳନା ବେଳେ ସେଗୁଡ଼ିକର ଧାର୍ମିକ ସ୍ୱରୂପ ଓ ପରମ୍ପରା ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। କେନ୍ଦ୍ର ସରକାରଙ୍କ କହିବା ଅନୁଯାୟୀ, ବୈଦେଶିକ ପାଣ୍ଠିର ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷା ବଜାୟ ରଖିବା ପାଇଁ ଏହି ସଂଶୋଧନ ଅତ୍ୟନ୍ତ ଆବଶ୍ୟକ।

## ଜେନ୍-ଜିଙ୍କୁ ନେଇ କଙ୍ଗନାଙ୍କ ୟୁ-ଟର୍ଣ୍ଣ



ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରଣାୱତ ଜେନ-ଜି ଯୁବପିଢ଼ିଙ୍କ ସମ୍ପର୍କରେ ନିଜର ଆଭିମୁଖ୍ୟରେ ନାଟକୀୟ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ଯୁବପିଢ଼ିଙ୍କୁ 'ଜେନେରେସନ୍ ଗଟର' ବା ନଳା ଭଳି କଦର୍ଯ୍ୟ ପିଢ଼ି ବୋଲି କହି ସମାଲୋଚନା କରିଥିବା କଙ୍ଗନା ଏବେ ସେମାନଙ୍କୁ ଭାରତର ସବୁଠାରୁ ବଡ଼ ଶକ୍ତି ଏବଂ ସାଂସ୍କୃତିକ ଦୂତ ବୋଲି ଅଭିହିତ କରିଛନ୍ତି। ତାଙ୍କର ଏହି ପରିବର୍ତ୍ତିତ ମତ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ଏକ ବକ୍ତବ୍ୟ ପରେ ଶୁଣିବାକୁ ମିଳିଛି। ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଭାଗବତ ପ୍ରଦର୍ଶନକାରୀ ଯୁବପିଢ଼ିଙ୍କୁ ଦେଶବିରୋଧୀ ନ କହି ସେମାନଙ୍କ ଦାବି ଶୁଣିବା ଆବଶ୍ୟକ ବୋଲି କହିଥିଲେ। ଏହାପରେ କଙ୍ଗନା ସଂସଦ ବାହାରେ କହିଛନ୍ତି, 'ଆମେ ମୋହନ ଭାଗବତଜୀଙ୍କୁ ଶୁଣି ତାଙ୍କ ଜ୍ଞାନ ଏବଂ ଅଭିଜ୍ଞତାର ଲାଭ ପାଇଛୁ। ଜେନ-ଜି ହେଉଛି ଆମ ଦେଶର ଶକ୍ତି ଏବଂ ସରକାରଙ୍କର ଏକ ଅଂଶ। ଜେନ୍-ଜି ଖୁବ୍ ଭଲ। ମୁଷ୍ଟିମେୟ ଲୋକ ଦୁର୍ବ୍ୟବହାର କରି ସେମାନଙ୍କୁ ବଦନାମ କରୁଛନ୍ତି।' କିଛି ଦିନ ପୂର୍ବରୁ କଙ୍ଗନା ସାମାଜିକ ଗଣମାଧ୍ୟମରେ ଆନ୍ଦୋଳନକାରୀ ଜେନ୍-ଜିଙ୍କ ଅସଭ୍ୟ ଆଚରଣକୁ ଭୀଷଣ ନିନ୍ଦା କରିଥିଲେ। ଅନ୍ୟପଟେ ସିଜେପିର ସଂସ୍ଥାପକ ଅଭିଜିତ୍ ଦୀପକେ ଭାଗବତଙ୍କ ବକ୍ତବ୍ୟକୁ ସ୍ୱାଗତ କରିଛନ୍ତି। ଜେନ୍-ଜିଙ୍କୁ ଦେଶଦ୍ରୋହୀ ନ କହିବାକୁ ବାର୍ତ୍ତା ଭାଗବତ ବିଜେପି ନେତୃତ୍ୱଙ୍କୁ ଦେବାକୁ ସେ ନିବେଦନ କରିଛନ୍ତି।

## ମୋଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ

ତେହେରାନ, ୭।୮ (ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି। ବିଭିନ୍ନ ରିପୋର୍ଟ ଅନୁସାରେ, ଖାମେନେଇଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ରହିଛି ଏବଂ ସେ ଯେକୌଣସି ସମୟରେ ପ୍ରାଣ ହରାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ନିକଟତମ ସୂତ୍ର ଅନୁଯାୟୀ, ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଖାମେନେଇଙ୍କ ବର୍ତ୍ତମାନର ସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଜଣେ ଅଧିକାରୀଙ୍କ ଅନୁସାରେ, ଯଦି ଖୁବଶୀଘ୍ର ତାଙ୍କ ମୃତ୍ୟୁ ଖବର ଆସେ, ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଉଲ୍ଲେଖଯୋଗ୍ୟ, ଗତ ଫେବୃଆରୀ ୨୮ ରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମଣରେ ତାଙ୍କ ପିତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରଠାରୁ ମୋଜତାବା କୌଣସି କ୍ୟାବିନେଟ୍ ବୈଠକରେ ଯୋଗ ଦେଇନାହାନ୍ତି। ତାଙ୍କୁ କୌଣସି ସାର୍ବଜନୀନ ସ୍ଥାନରେ ଦେଖିବାକୁ ମିଳିନାହିଁ କିମ୍ବା ସେ ଟେଲିଭିଜନର କୌଣସି ଭାଷଣ ମଧ୍ୟ ଦେଇନାହାନ୍ତି। ଏପରିକି ରାଷ୍ଟ୍ରପତି ପେଜେସ୍କିଆନ ଏକ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି ଯେ, ସର୍ବୋଚ୍ଚ ନେତାଙ୍କ ସହ ଯୋଗାଯୋଗ କରିବା ଏବେ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ତେବେ ଇରାନ କର୍ତ୍ତୃପକ୍ଷ ଏନେଇ କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି। କିନ୍ତୁ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଇସ୍ରାଏଲ ଗଣମାଧ୍ୟମ ଦାବି କରିଛି।

## ଆମେରିକାରେ ଭାରତୀୟ ବଂଶୋଦ୍ଭବ ଗବେଷକଙ୍କ ମୃତଦେହ ଉଦ୍ଧାର

ୱାଶିଂଟନ୍, ୭।୮ (ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। 'ୟୁନିଭରସିଟି ଅଫ୍ କାଲିଫର୍ଣ୍ଣିଆ, ସାନ୍ତା ବାରବାରା'ରେ କେମିକାଲ୍ ଇଞ୍ଜିନିୟରିଂରେ ପିଏଚ୍‌ଡି କରୁଥିବା ଭାରତୀୟ ବଂଶୋଦ୍ଭବ ଛାତ୍ର ବିକ୍ରମ ମୁବାୟୀଙ୍କ ମୃତଦେହ ସ୍ଥାନୀୟ ଜଙ୍ଗଲରୁ ଉଦ୍ଧାର କରାଯାଇଛି। କାଲିଫର୍ଣ୍ଣିଆର ବିଗ୍ ପାଇନ୍ ଲେକ୍ସ ଅଞ୍ଚଳକୁ ଏକାକୀ ଟ୍ରେକିଂ ବା ହାଇକିଂରେ ଯାଇଥିବା ସମୟରେ ସେ ନିଖୋଜ ହୋଇଯାଇଥିଲେ। ସୂଚନା ଅନୁଯାୟୀ, ଅଗଷ୍ଟ ୧ ତାରିଖ ରାତି ପ୍ରାୟ ୮.୩୦ରେ ବିକ୍ରମ ନିଜ ପରିବାରକୁ ନିଜର ଜିପିଏସ୍ ଲୋକେସନ୍ ପଠାଇ ଶେଷଥର ପାଇଁ ଯୋଗାଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର କୌଣସି ପତ୍ତା ନମିଳିବାରୁ ପରିବାର ଲୋକେ ନିଖୋଜ ନେଇ ଅଭିଯୋଗ କରିଥିଲେ। ଇନ୍‌ୟୋ କାଉଣ୍ଟି ସର୍ଚ୍ଚ ଆଣ୍ଡ ରେସକ୍ୟୁ ଏବଂ ହାଇୱେ ପୁଲିସ ଦ୍ୱାରା ଆରମ୍ଭ ହୋଇଥିବା ସନ୍ଧାନ ଅଭିଯାନ ପରେ ଅଗଷ୍ଟ ୩ ତାରିଖ ସନ୍ଧ୍ୟାରେ ଇନ୍‌ୟୋ ନ୍ୟାସନାଲ ଫରେଷ୍ଟରୁ ତାଙ୍କ ମୃତଦେହ ଜବତ ହୋଇଥିଲା। ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ମାତ୍ର ଏଥିରେ କୌଣସି ହତ୍ୟାକାଣ୍ଡ ବା ଷଡ଼ଯନ୍ତ୍ରର ଆଶଙ୍କା ନଥିବା ତଦନ୍ତକାରୀ କହିଛନ୍ତି। ହଂକଂରେ ଜନ୍ମିତ ବିକ୍ରମ ଜଣେ ଅଭିଜ୍ଞ ହାଇକର ଓ ସାଇକ୍ଲିଷ୍ଟ ଥିଲେ।

**କେନ୍ଦ୍ର ସରକାରଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ପ୍ରଶ୍ନ**

# 'ଯନ୍ତରମନ୍ତରକୁ କାହିଁକି ବନ୍ଦ କରାଯିବ ନାହିଁ'

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ରାଜଧାନୀ ଦିଲ୍ଲୀର ପ୍ରମୁଖ ଆନ୍ଦୋଳନ ସ୍ଥଳ ଯନ୍ତରମନ୍ତରରେ ବାରମ୍ବାର ବିକ୍ଷୋଭ ପ୍ରଦର୍ଶନ ଯୋଗୁଁ ସାଧାରଣ ନାଗରିକଙ୍କ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଥିବାରୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ କଡ଼ା ପ୍ରଶ୍ନ କରିଛନ୍ତି। କ୍ରମାଗତ ବିରୋଧ ପ୍ରଦର୍ଶନ ସହରରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଏହି ପ୍ରଦର୍ଶନ ସ୍ଥଳକୁ ସମ୍ପୂର୍ଣ୍ଣ ବନ୍ଦ କାହିଁକି କରାଯିବ ନାହିଁ ବୋଲି ହାଇକୋର୍ଟ ପଚାରିଛନ୍ତି। ଯନ୍ତରମନ୍ତର ଅଞ୍ଚଳରେ ହେଉଥିବା ଆନ୍ଦୋଳନର ପ୍ରଭାବକୁ ନେଇ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ଖଣ୍ଡପୀଠ ଏହି ମନ୍ତବ୍ୟ ଦେଇଛନ୍ତି। ଏହି ସ୍ଥାନଟି ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ଉଦ୍ଦେଶ୍ୟ ସାଧନ କରୁଛି କି ନାହିଁ, ସେ ନେଇ କେନ୍ଦ୍ର ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବଡ଼ ଧରଣର ବିକ୍ଷୋଭ ହେଲେ ପ୍ରଶାସନ ବାରମ୍ବାର ସମାନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏହାକୁ ଦିଲ୍ଲୀର ପ୍ରାଥମିକ ଆନ୍ଦୋଳନ ସ୍ଥଳ ଭାବେ ବଜାୟ ରଖାଯିବା ଉଚିତ କି ନୁହେଁ, ସେ ନେଇ ସ୍ପଷ୍ଟୀକରଣ ମଗାଯାଇଛି। ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ମୌଳିକ ଅଧିକାର ଏବଂ ସାଧାରଣ ଜନତାଙ୍କ ସୁବିଧା, ସୁରକ୍ଷା ଓ ଜରୁରୀକାଳୀନ ସେବାର ସୁଫଳ ପାଇବା ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ଆଇନଗତ ଆଲୋଚନା ଚାଲିଥିବା ସମୟରେ ହାଇକୋର୍ଟଙ୍କ ଏହି ମନ୍ତବ୍ୟ ଆସିଛି। ଏହି ସପ୍ତାହ ଆରମ୍ଭରେ ସୁପ୍ରିମକୋର୍ଟ ମଧ୍ୟ ଅନ୍ୟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଅପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ସ୍ଥାନୀୟ ବାସିନ୍ଦା ଓ ପଥଚାରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏକ ବିକଳ୍ପ ଆନ୍ଦୋଳନ ସ୍ଥଳ ଚିହ୍ନଟ କରିବା ପାଇଁ କେନ୍ଦ୍ର ସରକାର, ଦିଲ୍ଲୀ ସରକାର ଏବଂ ଦିଲ୍ଲୀ ପୋଲିସକୁ ଜବାବ ମାଗିଥିଲେ। ଦୀର୍ଘ ଦିନରୁ ଯନ୍ତରମନ୍ତର ଦିଲ୍ଲୀର ମୁଖ୍ୟ ପ୍ରଦର୍ଶନ ସ୍ଥଳ ଭାବେ ବ୍ୟବହୃତ ହୋଇଆସୁଛି। ମାତ୍ର ସାମ୍ପ୍ରତିକ ସମୟରେ ହୋଇଥିବା ବିଶାଳ ଆନ୍ଦୋଳନଗୁଡ଼ିକ ଯୋଗୁଁ ସହରର ଶାନ୍ତିଶୃଙ୍ଖଳା ଓ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଥିବାରୁ ଏହି ସ୍ଥାନର ଉପଯୁକ୍ତତା ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅରୁଣାଚଳ ପ୍ରଦେଶର ୨୭ଟି ସ୍ଥାନର ନାମକରଣ କଲା ଭାରତ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଅରୁଣାଚଳ ପ୍ରଦେଶକୁ ନେଇ ଚୀନର ବାରମ୍ବାର ଦାବି ଏବଂ ସ୍ଥାନଗୁଡ଼ିକର ନାମ ବଦଳାଇବା ପ୍ରୟାସକୁ ଭାରତ ଜବାବ ଦେଇଛି। ସରକାର ଦେଶର ଆଧିକାରିକ ମାନଚିତ୍ରରେ ଅରୁଣାଚଳ ପ୍ରଦେଶର ୨୭ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସେମାନଙ୍କର ପ୍ରକୃତ ନାମରେ ଚିହ୍ନଟ କରିଛନ୍ତି। ନୂଆଦିଲ୍ଲୀ ପୂର୍ବରୁ ମଧ୍ୟ ଚୀନର ନାମକରଣ ପ୍ରକ୍ରିୟାକୁ 'ବିଫଳ ଏବଂ ହାସ୍ୟାସ୍ପଦ' ବୋଲି ବର୍ଣ୍ଣନା କରିବା ସହ ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦୋହରାଇଛି। ନୂତନ ମାନଚିତ୍ରରେ ସ୍ଥାନ ପାଇଥିବା ପ୍ରମୁଖ ସ୍ଥାନ ହେଲା: ଲଙ୍ଗ ଜୁ, ଥାଗ୍ ଲା, ଜସୱନ୍ତ ଗଡ଼, ଶେର୍-ଏ-ଥାପା ମେମୋରିଆଲ୍। ଏହା ବ୍ୟତୀତ ମାଜା ଗ୍ରାମ, ବିସା ଗ୍ରାମ ଏବଂ ଜୟରାମପୁର ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ଚୀନ୍ ୨୦୧୭ ରୁ ଅରୁଣାଚଳ ପ୍ରଦେଶକୁ ଜାଙ୍ଗନାନ ବୋଲି ଦାବି କରୁଛି। ଚୀନ୍ ୨୦୧୭ରେ ୬ଟି, ୨୦୨୧ରେ ୧୫ଟି ଏବଂ ୨୦୨୩ରେ ୧୧ଟି ସ୍ଥାନର ନାମକରଣ କରିଥିଲା।

### ଦ୍ୱନ୍ଦ୍ୱ ବଢ଼ାଇଲା କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର

# ରାଜ୍ୟରେ ବାସ୍ତବ ଚାଷୀ କେତେ ?



**ଫସଲ ବୀମାରେ ଉପକୃତ ହେଉଛନ୍ତି ୧.୧୫ କୋଟି ଚାଷୀ**

**୩୪.୬୨ ଲକ୍ଷ କୃଷକଙ୍କୁ ମିଳୁଛି ପିଏମ୍ କିଷାନ ସହାୟତା**

**କିଷାନ କ୍ରେଡିଟ୍ କାର୍ଡର ଖାତା ୨୯.୭୩ ଲକ୍ଷରେ ସୀମିତ**

**ଡିଜିଟାଲ କୃଷି ମିଶନରେ ମାତ୍ର ୨୦,୭୮,୮୩୨ ପଞ୍ଜିକୃତ**

ନୂଆଦିଲ୍ଲୀ/ଭୁବନେଶ୍ୱର,୭।୮ (ସମିସ): ଓଡ଼ିଶାରେ ପ୍ରକୃତ ଚାଷୀଙ୍କ ସଂଖ୍ୟା କେତେ? ରାଜ୍ୟସଭାରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁରଙ୍କ ଉତ୍ତର ଏକ ନୂଆ ପ୍ରଶ୍ନକୁ ଜନ୍ମ ଦେଇଛି। ଓଡ଼ିଶାରେ ଚାଷୀଙ୍କ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଜ୍ୟମନ୍ତ୍ରୀ ରାମନାଥ ଠାକୁର ଯେଉଁ ତଥ୍ୟ ରଖିଛନ୍ତି, ସେଥିରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟାରେ ତାରତମ୍ୟ ରାଜ୍ୟର କୃଷକ ସଂଖ୍ୟା ଓ ହିତାଧିକାରୀ କୃଷକଙ୍କ ସଂଖ୍ୟାକୁ ନେଇ ସୃଷ୍ଟି ହୋଇଛି ବିବାଦ।

ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ, ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୧.୧୫ କୋଟି ଚାଷୀ ଉପକୃତ ହୋଇଥିବା ବେଳେ ସେମାନଙ୍କୁ ୭,୨୧୯.୦୩ କୋଟି ଟଙ୍କା କ୍ଷତିପୂରଣ ଦିଆଯାଇଛି। କିନ୍ତୁ ପିଏମ୍-କିଷାନ ସମ୍ମାନ ନିଧି ଅଧୀନରେ ମାତ୍ର ୩୪,୬୨,୯୩୨ ଜଣ କୃଷକ ୨୩ତମ କିସ୍ତିର ସହାୟତା ପାଇଛନ୍ତି। ସେହିପରି ରାଜ୍ୟରେ କିଷାନ କ୍ରେଡ଼ିଟ୍ କାର୍ଡ ଖାତା ସଂଖ୍ୟା ୨୯.୭୩ ଲକ୍ଷ ରହିଛି, ମାତ୍ର ଡିଜିଟାଲ କୃଷି ମିଶନ ଅଧୀନରେ ମାତ୍ର ୨୦,୭୮,୮୩୨ ଜଣ କୃଷକ ପଞ୍ଜିକୃତ ହୋଇଛନ୍ତି। ଏହି ଚାରୋଟି ଯୋଜନାରେ ଲାଭାର୍ଥୀ ସଂଖ୍ୟାରେ ବଡ଼ ପାର୍ଥକ୍ୟ ରାଜ୍ୟରେ ପ୍ରକୃତ କୃଷକ ସଂଖ୍ୟାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

କେନ୍ଦ୍ର ସରକାର କହିଛନ୍ତି, ଓଡ଼ିଶାରେ କୃଷକ କଲ୍ୟାଣ ପାଇଁ ୨୯ଟି କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରାୟୋଜିତ ଯୋଜନା କାର୍ଯ୍ୟକାରୀ ହେଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ କେବଳ କୃଷି ଓ କୃଷକ କଲ୍ୟାଣ ବିଭାଗ ଅଧୀନରେ ବିଭିନ୍ନ ଯୋଜନା ପାଇଁ ୪୭୦ କୋଟି ଟଙ୍କାରୁ ଅଧିକ ଅନୁଦାନ ଜାରି କରାଯାଇଛି। ପିଏମ୍ କିଷାନ ଯୋଜନାରେ ଓଡ଼ିଶାର କୃଷକମାନଙ୍କୁ ଏପର୍ଯ୍ୟନ୍ତ ୧୫,୧୯୪.୫୨ କୋଟି ଟଙ୍କା ୨୩ଟି କିସ୍ତିରେ ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ପରିବର୍ତ୍ତିତ ସୁଧ ସବସିଡି ଯୋଜନା ଅଧୀନରେ ରାଜ୍ୟର ୨୯.୭୩ ଲକ୍ଷ କିଷାନ କ୍ରେଡ଼ିଟ୍ କାର୍ଡ ଖାତା ରହିଥିବା ବେଳେ ୨୦୨୫-୨୬ରେ ୪୨୦.୫୮ କୋଟି ଟଙ୍କା ସୁଧ ସବସିଡି ପ୍ରଦାନ କରାଯାଇଛି।

୨୦୨୫-୨୬ରେ କେନ୍ଦ୍ର ପ୍ରାୟୋଜିତ ଯୋଜନାମାନଙ୍କ ମଧ୍ୟରୁ କୃଷି ଯାନ୍ତ୍ରିକୀକରଣ ଉପ-ମିଶନ ପାଇଁ ସର୍ବାଧିକ ୧୦୫.୪୪ କୋଟି ଟଙ୍କା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପାଇଁ ୮୨.୮୭ କୋଟି, କୃଷି ସମ୍ପ୍ରସାରଣ ଉପ-ମିଶନ ପାଇଁ ୫୦ କୋଟି, ପର୍ ଡ୍ରପ୍ ମୋର୍ କ୍ରପ୍ ପାଇଁ ୪୮.୭୮ କୋଟି, ଜାତୀୟ ଖାଦ୍ୟ ସୁରକ୍ଷା ଓ ପୁଷ୍ଟି ମିଶନ ପାଇଁ ୩୮.୩୫ କୋଟି ଏବଂ ଡିଜିଟାଲ କୃଷି ମିଶନ ପାଇଁ ୧୯.୩୩ କୋଟି ଟଙ୍କା ମଞ୍ଜୁର ହୋଇଛି। ତେବେ ରାଜ୍ୟରେ ଯଦି ୧.୧୫ କୋଟି କୃଷକ ଫସଲ ବୀମାର ଲାଭ ପାଇଛନ୍ତି, ତେବେ ପିଏମ୍ କିଷାନରେ ୩୪.୬୨ ଲକ୍ଷ କୃଷକ କିପରି ରହିଛନ୍ତି? ଅବଶିଷ୍ଟ କୃଷକମାନଙ୍କୁ କାହିଁକି ପିଏମ୍ କିଷାନରେ ସାମିଲ କରାଯାଇ ନାହିଁ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

# ଆମାଜନ୍ ଇଣ୍ଡିଆ-ରାଜ୍ୟ ସରକାର ବୁଝାମଣା



ଇ-କମର୍ସରେ ୧.୩୦ ଲକ୍ଷରୁ ଅଧିକ ବୁଣାକାର ଓ କାରିଗରଙ୍କ ସହ ଯୋଡ଼ିହେବ ଆମାଜନ

ଭୁବନେଶ୍ୱର,୭।୮ (ସମିସ): ଜାତୀୟ ହସ୍ତଶିଳ୍ପ ଦିବସ ପାଳନ ଅବସରରେ ଆମାଜନ ଇଣ୍ଡିଆ ଓଡିଶାର ୧.୩୦ ଲକ୍ଷରୁ ଅଧିକ ବୁଣାକାର ଓ କାରିଗରଙ୍କ ପାଇଁ ଇ-କମର୍ସର ଲାଭ ଆଣିବା ପାଇଁ ଓଡିଶା ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟ ସହ ଏକ ଏମଓୟୁ ସ୍ୱାକ୍ଷର କରିଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟୀ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ସୂର୍ଯ୍ୟ ପଟ୍ଟନାୟକ, ହସ୍ତଶିଳ୍ପ ବିଭାଗର କମିଶନର ଗୁହା ପୁନମ ତାପସ କୁମାରଙ୍କ ଉପସ୍ଥିତିରେ ଏ ସଂକ୍ରାନ୍ତରେ ଏକ ସ୍ୱାକ୍ଷରିତ ହୋଇଛି। ଏହି ସହଭାଗିତାର ଅଂଶ ଭାବେ ବୟନଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ସୁପାରିଶ କରାଯାଇଥିବା ଯୋଗ୍ୟ ବୁଣାକାର ଓ କାରିଗରମାନଙ୍କୁ ଆମାଜନ କାରିଗର ଅଧିନରେ ନିଯୁକ୍ତ କରାଯିବ। ଏହାଦ୍ୱାରା କାରିଗର ଓ ବୁଣାକାରମାନଙ୍କୁ ଅନ୍‌ଲାଇନରେ ବିକ୍ରି କରିବା ପାଇଁ ସହଯୋଗ କରାଯିବ। ଏହା ମାଧ୍ୟମରେ ବିକ୍ରେତାମାନେ ସମ୍ବଲପୁରୀ ବାନ୍ଧ, ଓଡିଶା ଇକ୍କତ, ଖଣ୍ଡୁଆ, ହସପୁରୀ ଓ ଧଳାପଥର ଫ୍ୟାବ୍ରିକ୍ସ ଭଳି ରାଜ୍ୟର ୯ଟି ଜିଆଇ-ଟ୍ୟାଗ୍‌ଡ ହସ୍ତଶିଳ୍ପ ଉତ୍ପାଦ ସମେତ ଓଡିଶାର ପ୍ରମାଣିତ ହସ୍ତଶିଳ୍ପ ଉତ୍ପାଦଗୁଡିକୁ ଦେଶବ୍ୟାପୀ ଗ୍ରାହକଙ୍କ ନିକଟରେ ପ୍ରଦର୍ଶିତ କରିବା ପାଇଁ ସକ୍ଷମ ହେବ। ଆମାଜନ ପକ୍ଷରୁ ସେଲରଙ୍କୁ ଆମାଜନ ଡଟ୍ ଇନରେ ନିଜର ବ୍ୟବସାୟ ନିର୍ମାଣ ଓ ବୃଦ୍ଧି କରିବାରେ ସାହାଯ୍ୟ କରିବା ପାଇଁ ସେଲରଙ୍କୁ ସେଲର ଅନ୍‌ବୋର୍ଡିଂ ସହଯୋଗ, ପ୍ରଶିକ୍ଷଣ, ପ୍ରାରମ୍ଭିକ ଆକାଉଂଟ ପରିଚାଳନା, ଇମେଜିଂ ଓ କାଟାଲଗିଂ ସହାୟତା ଏବଂ ମାର୍କେଟିଂ ସହଯୋଗ ଭଳି ଏକାଧିକ ଲାଭ ଓ ସହଯୋଗ ପ୍ରଦାନ କରାଯିବ।

ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି କହିଛନ୍ତି ଯେ ଓଡିଶାର ହସ୍ତଶିଳ୍ପ ପରମ୍ପରା ରାଜ୍ୟର ସାଂସ୍କୃତିକ ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହା ହଜାର ହଜାର କାରିଗର ଓ ବୁଣାକାର ପରିବାରକୁ ଜୀବିକା ପ୍ରଦାନ କରୁଛି। ଆମାଜନ କାରିଗର ସହିତ ଏହି ସହଭାଗିତା ମାଧ୍ୟମରେ ଆମେ ଆମର ହସ୍ତଶିଳ୍ପ ଅନୁଷ୍ଠାନଗୁଡିକ ପାଇଁ ଇକମର୍ସର ଉପଯୋଗ କରିବା ଲାଗି ନୂତନ ସୁଯୋଗ ସୃଷ୍ଟି କରିବା ସହିତ ଓଡିଶାର ହସ୍ତଶିଳ୍ପ ଉତ୍ପାଦଗୁଡିକର ପ୍ରାମାଣିକତା ଓ ଐତିହ୍ୟକୁ ସଂରକ୍ଷିତ ରଖୁଛୁ। ଆମାଜନ ଇଣ୍ଡିଆର ସେଲ୍ସ ଓ ମାର୍କେଟିଂ ବିଭାଗର ନିର୍ଦ୍ଦେଶକ ଅରୁଣା ଦରୟାନାନି କହିଛନ୍ତି ଯେ ଓଡିଶା ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟ ସହ ଆମର ସହଭାଗିତା ସେହି ପ୍ରତିବଦ୍ଧତା ଉପରେ ନିର୍ମିତ ଏବଂ ଏହା ଆମାଜନ ଡଟ୍ ଇନ ମାଧ୍ୟମରେ ଭାରତର ଗ୍ରାହକଙ୍କ ପାଇଁ ପ୍ରାମାଣିକ ଓଡିଶା ହସ୍ତଶିଳ୍ପ ଉତ୍ପାଦ ଆଣିବାରେ ସାହାଯ୍ୟ କରିବ।

### ପଢ଼ାବହିରେ ସମ୍ବିଧାନ ବିରୋଧୀ ଓ ଅବୈଜ୍ଞାନିକ ପାଠ୍ୟକ୍ରମ

# ରାଜଧାନୀରେ ଗର୍ଜିଲେ ଶିକ୍ଷକ-ଅଭିଭାବକ

**ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ**

ଭୁବନେଶ୍ୱର, ୭।୮ (ସମିସ): ପିଲାଙ୍କ ପଢ଼ା ବହିରେ ସମ୍ବିଧାନ ବିରୋଧୀ, ଅବୈଜ୍ଞାନିକ ଓ ସାମ୍ପ୍ରଦାୟିକ ବିଚାର ଧାରାକୁ ଯୋଡ଼ା ଯାଇଛି। ମାଳମାଳ ତ୍ରୁଟି ରହିଥିବାବେଳେ ଏଯାଏଁ ସଂଶୋଧିତ ପୁସ୍ତକ ପିଲାଙ୍କୁ ଦିଆଯାଇନାହିଁ। ଏପରି ଅପରାଧିକ କାର୍ଯ୍ୟ ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଆଜି ଶିକ୍ଷକ ଓ ଅଭିଭାବକମାନେ ରାଜଧାନୀରେ ଗର୍ଜିଛନ୍ତି। ବିଭିନ୍ନ ଶିକ୍ଷକ ସଂଘ, ଅଭିଭାବକ ମହାସଂଘ ଓ ଛାତ୍ର ସଂଘ ମିଳିତ ଭାବେ 'ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ' ବ୍ୟାନରରେ ଏକାଠି ହୋଇ ସରକାରଙ୍କ ଶିକ୍ଷା ବିରୋଧୀ ନୀତିକୁ ତୀବ୍ର ଭର୍ତ୍ସନା କରିଛନ୍ତି।

ମଞ୍ଚ ପକ୍ଷରୁ କୁହାଯାଇଛି ଯେ ଜାତୀୟ ଶିକ୍ଷାନୀତିରେ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଏବଂ ସାମ୍ପ୍ରଦାୟିକରଣ କରିବାକୁ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶା ସରକାର ମଧ୍ୟ ଏସବୁକୁ ନିଷ୍ଠାର ସହ କାର୍ଯ୍ୟକାରୀ କରି ପାଠ୍ୟ ପୁସ୍ତକରେ ସାମିଲ କରିଛନ୍ତି। ମାଳମାଳ ବନାନଗତ ତ୍ରୁଟି କରିବା ସହ ଅବୈଜ୍ଞାନିକ ବିଷୟକୁ ବହିରେ ଯୋଡ଼ିଛନ୍ତି। କୋମଳମତି ଶିଶୁଙ୍କ ମନରେ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଘୃଣା ଭରିବା ପାଇଁ ଯୋଜନାବଦ୍ଧ ଭାବେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି। ଏଣୁ ତ୍ରୁଟିଶୂନ୍ୟ ପୁସ୍ତକ ପ୍ରତ୍ୟାହାର କରିବା ସହ ପୁରୁଣା ବହିରେ ପାଠପଢ଼ାଇବା ପାଇଁ ମଞ୍ଚ ଦାବି କରିଛି। ସେହିପରି ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ ନ କରି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ଶିକ୍ଷାର ବିକାଶ ପାଇଁ ସରକାରଙ୍କ ଆନ୍ତରିକତା ନଥିବା ପ୍ରକାଶ କରିଛନ୍ତି। ଧାରଣା ସ୍ଥଳରେ ବକ୍ତବ୍ୟ ରଖି ଶିକ୍ଷକ ନେତା ଡ. ଅମୀୟ ମହାନ୍ତି, ସୁରେନ୍ଦ୍ର ଜେନା, ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ ଦାସ, ଶିକ୍ଷକ ମହାସଂଘ ସାଧାରଣ ସମ୍ପାଦକ ଦୁଷ୍ମନ୍ତ ନାୟକ, ବିରଞ୍ଚି ନାରାୟଣ ରାୟ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ବିବେକାନନ୍ଦ ଦାସ, ଅଶୋକ ମହାପାତ୍ର, ନିର୍ମଳ ମହାପାତ୍ର, ଭାଷାବିତ ପ୍ରଫୁଲ୍ଲ ସାମନ୍ତରାୟ, ପରିବେଷବିତ ଗୌରାଙ୍ଗ ମହାପାତ୍ର, ରାଜ୍ୟ ଅଭିଭାବକ ସଙ୍ଘ ସଭାପତି ଡ. ଗଗନ ରାଉତ, ବାସୁଦେବ ଭଟ୍ଟ, ରାଧାକାନ୍ତ ସେଠି, ସର୍ବଭାରତୀୟ ଅଭିଭାବକ ସଙ୍ଘ ରାଜ୍ୟ ସଭାପତି ପ୍ରଦୀପ୍ତ ନାୟକ, ଶିକ୍ଷା ବଞ୍ଚାଓ ଆନ୍ଦୋଳନର ରାଜେନ୍ଦ୍ର ବର୍ମା, ସୁବାସ ନାୟକ, ଛାତ୍ର ନେତା ଚନ୍ଦନ ସାହୁ, କାହ୍ନୁ ଚାରଣ ପଣ୍ଡା, ନସୀମ ସରକାର ପ୍ରମୁଖ ସରକାରଙ୍କ ଶିକ୍ଷା ମାରଣ ନୀତିକୁ ତୀବ୍ର ଭର୍ତ୍ସନା କରିଛନ୍ତି। ବିଭାଗର ଅପାରଗତା ଓ ପିଲାଙ୍କୁ ମୂର୍ଖ କରିବାକୁ ଷଡ଼ଯନ୍ତ୍ର କରୁଥିବା ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ନିଅନ୍ତୁ, ଅନ୍ୟଥା ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

### ତେଜିଲା ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

# ଦୁଇ ଦିନିଆ ଅହୋରାତ୍ର ଧାରଣା ଦେବ ଛାତ୍ର କଂଗ୍ରେସ

**ଛାତ୍ର ସଂସଦ ନିର୍ବାଚନ ନ ହେଲେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ବିରୋଧ**



ଭୁବନେଶ୍ୱର, ୭।୮ (ସମିସ): ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ କରିଛି ଛାତ୍ର କଂଗ୍ରେସ। ଶିକ୍ଷା ବିଭାଗର ବିଭିନ୍ନ ସମସ୍ୟା, ପାଠ୍ୟପୁସ୍ତକରେ ତ୍ରୁଟି ଏବଂ ଦୀର୍ଘଦିନ ଧରି ଛାତ୍ର ସଂସଦ ନିର୍ବାଚନ ନ ହେବାକୁ ନେଇ ଛାତ୍ର କଂଗ୍ରେସ ସରକାରଙ୍କୁ କଠୋର ସମାଲୋଚନା କରିଛି। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନବନିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ ରାଜ୍ୟର ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସରକାର ଏଥିପ୍ରତି ଉଦାସୀନ ରହିଛନ୍ତି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରାଯାଉଥିବା ଅଭିଯୋଗ କରି ସେ ଏହା ବିରୋଧରେ ଛାତ୍ର କଂଗ୍ରେସର ଲଢ଼େଇ ଜାରି ରହିବ ବୋଲି କହିଛନ୍ତି। ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିବା ସହ ଏହି ଦାବିରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଦୁଇ ଦିନିଆ ଅହୋରାତ୍ର ଧାରଣା ଦିଆଯିବ ବୋଲି ବିଭୂତି କହିଛନ୍ତି।

ସେ କହିଛନ୍ତି, ମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଛାତ୍ର କଂଗ୍ରେସର ଆନ୍ଦୋଳନ ଜାରି ରହିବ। ସେହିପରି, ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ସରକାରଙ୍କୁ ଘେରିଛି ଛାତ୍ର କଂଗ୍ରେସ। ଦୁଇ ବର୍ଷ ଧରି ବିଶ୍ୱବିଦ୍ୟାଳୟ ଓ କଲେଜରେ ଛାତ୍ର ସଂସଦ ନିର୍ବାଚନ ନ ହେବାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଇସ୍ତଫା ଦେବାକୁ ଛାତ୍ର କଂଗ୍ରେସ ଦାବି କରିଛି। ସରକାର ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରନ୍ତୁ, ନଚେତ ଉଚ୍ଚଶିକ୍ଷା ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ବିଭୂତି କହିଛନ୍ତି। ଛାତ୍ର କଂଗ୍ରେସର ଦୁଇଟି ପ୍ରମୁଖ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବା ସହ ପାଠ୍ୟପୁସ୍ତକର ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜରେ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ, ଛାତ୍ର ସଂସଦ ନିର୍ବାଚନ ବିଫଳତା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଇସ୍ତଫା ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି।

### ରେଭେନ୍ସା ବିବାଦ

# ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବିରେ ଛାତ୍ର ଅଟଳ



କଟକ, ୭।୮ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ହଷ୍ଟେଲ ୱାର୍ଡେନ ସମୂହ, ଅଧ୍ୟାପକ ସଂଘ (ରୁଟା) ଓ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କ ମଧ୍ୟରେ ସୃଷ୍ଟି ବିବାଦରେ ଆଜି ସୁଦ୍ଧା ପୂର୍ଣ୍ଣଚ୍ଛେଦ ପଡିପାରିନାହିଁ। ରେଭେନ୍ସା କୁଳପତିଙ୍କ ପକ୍ଷରୁ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ଉଦ୍ୟମ ହୋଇଥିଲେ ବି ଏହା ସଫଳ ହୋଇପାରିନାହିଁ। ପ୍ରଫେସର ସୁଦର୍ଶନ ମିଶ୍ରଙ୍କୁ ଦୁର୍ବ୍ୟବହାର କରିଥିବା କଟକ ସଦର ବିଧାୟକ ତୁରନ୍ତ ନିଃସର୍ତ୍ତ କ୍ଷମା ମାଗିବା, ରେଭେନ୍ସାରେ ଛାତ୍ର ସଂସଦ ନିର୍ବାଚନ କରିବା ସହ ଗଣତାନ୍ତ୍ରିକ ଏବଂ ଶୈକ୍ଷିକ ପରିବେଶ ରକ୍ଷା କରିବା ଦାବିରେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ରେଭେନ୍ସାର ପୁରାତନ ଛାତ୍ରନେତା ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ରେଭେନ୍ସା ଛାତ୍ରସଂସଦର ପୂର୍ବତନ ସଭାପତି ଗଣେଶ ତ୍ରିପାଠୀ, ଶିବାଶିଷ ପ୍ରହରାଜ ଓ ହରିଶଙ୍କର ରାଉତ, ଛାତ୍ରନେତା ନନ୍ଦଲାଲ ସିଂ, ବବି ବଳବନ୍ତରାୟ, ଛାତ୍ର ସଂସଦର ପୂର୍ବତନ ସହସମ୍ପାଦକ ଭାଗ୍ୟରବି ଦାସ, ପୂର୍ବତନ ଉପସଭାପତି ଶିବାନୀ ସାହୁ ଛାତ୍ରନେତା ବିନୋଦ ସେଠୀ, ଅଶୋକ ତାଣ୍ଡି, ଇଶା ଧର, ତରୁଣସେନ ନାୟକ, ଦୀପକ ଗୁରୁ, ଆଦିଲ ରାଜା, ରତ୍ନିକ ମହାପାତ୍ର, ସୁରେନ୍ଦ୍ର ଜେନା, ହେମନ୍ତ ଦାଶ, ଶୁଭସ୍ମିତା ସାହୁ, ଦିବ୍ୟରଞ୍ଜନ ବେହେରା ଓ ସୌମ୍ୟରଂଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଖୁବ୍‌ଶୀଘ୍ର ବିବାଦର ସମାଧାନ: କୁଳପତି

ଅନ୍ୟପକ୍ଷରେ ସ୍ଥିତି ସମ୍ପର୍କରେ ଶୁକ୍ରବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କକୁମାର ଦାସ ମହାପାତ୍ର ମୁହଁ ଖୋଲିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ ବିବାଦର ଶୀଘ୍ର ସମାଧାନ ପାଇଁ ପ୍ରଚେଷ୍ଟା ଚାଲିଥିବା ବେଳେ କ୍ୟାମ୍ପସରେ ପାଠପଢ଼ା ଏବଂ ହଷ୍ଟେଲ ପରିଚାଳନା ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି। ଉଭୟ ପକ୍ଷ ସମାଧାନ ପାଇଁ ରାଜି ଅଛନ୍ତି ତେବେ ବିଧାୟକଙ୍କ ସହ ଯୋଗାଯୋଗ ହୋଇ ନପାରିବାରୁ ଆଜି ଆଲୋଚନା ଅଗ୍ରଗତି କରିପାରିନି। ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ, ରାଜ୍ୟ ଉଚ୍ଚଶିକ୍ଷା ବିଭାଗ, ରେଭେନ୍ସା ଶିକ୍ଷକ ସଂଘ ଏବଂ ସମ୍ପୃକ୍ତ ବିଧାୟକଙ୍କ ସହ ଆଲୋଚନା ଆରମ୍ଭ ହୋଇଥିବା କୁଳପତି ସୂଚନା ଦେଇଛନ୍ତି।

# ଦାବି ବଡ଼ବଡ଼; ନିବେଶ ଶୂନ: ବିଜେଡି



ଭୁବନେଶ୍ୱର,୭।୮ (ସମିସ): ସରକାର ନିବେଶ ସମ୍ମିଳନୀ କରୁଛନ୍ତି, ନିବେଶ ସଂକ୍ରାନ୍ତ ବଡ଼ବଡ଼ ଦାବି କରୁଛନ୍ତି; ମାତ୍ର ବାସ୍ତବରେ ନିବେଶ ପରିମାଣ ହେଉଛି ଶୂନ ବୋଲି କଟାକ୍ଷ କରିଛି ବିଜେଡି। ଶୁକ୍ରବାର ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାର ଗତ ଦୁଇ ବର୍ଷରେ ଦେଶ ତଥା ବିଦେଶର ବିଭିନ୍ନ ବିଭିନ୍ନ ସହରରେ ନିବେଶକ ସମ୍ମିଳନୀ ସାଙ୍ଗକୁ ଜାନୁଆରୀ ୨୦୨୫ରେ ଭୁବନେଶ୍ୱର ଠାରେ ଉତ୍କର୍ଷ ଓଡିଶା ଆୟୋଜନ କରିଥିଲେ। ସେତେବେଳେ ଓଡ଼ିଶାକୁ ୧୬.୭୩ ଲକ୍ଷ କୋଟି ନିବେଶ ପାଇଁ ପ୍ରସ୍ତାବ ଆସିଥିବା ଓ ୧୨.୮୯ ଲକ୍ଷ କୋଟି ନିବେଶ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା ବୋଲି ସରକାର କହିଥିଲେ। ପୁଣି ହାଇଦ୍ରାବାଦ ନିବେଶକ ସମ୍ମିଳନୀ ପରେ ୬୬, ୦୦୦ କୋଟି ନିବେଶ ପ୍ରସ୍ତାବ ଆସିଥିବା କଥା କୁହାଗଲା। ମାତ୍ର ବାସ୍ତବରେ ଏହା ଯେ କେବଳ ବାହାସ୍ଫୋଟ ତାହା ଜଳଜଳ ଦିଶୁଛି। ସରକାର ଆସିବାର ୨ ବର୍ଷ ପୂରିଥିବାବେଳେ ଏହି ନିବେଶ କେଉଁଠି ହେଲା ତାହା କେହି ଜାଣି ପାରୁନାହାନ୍ତି।

ରାଜ୍ୟ ସରକାରଙ୍କ ଦାବି ତୁଳନାରେ କେତେ ପରିମାଣର ଗ୍ରାଉଣ୍ଡିଂ (ପ୍ରକୃତ ନିବେଶ) ହୋଇଛି, ତାର କୌଣସି ସ୍ପଷ୍ଟ ଚିତ୍ର ନାହିଁ। କେନ୍ଦ୍ର ସରକାରଙ୍କର ତଥ୍ୟ ଅନୁସାରେ, ଫରେନ ଡାଇରେକ୍ଟ ଇନଭେଷ୍ଟମେଣ୍ଟ (ଏଫଡିଆଇ) କ୍ଷେତ୍ରରେ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ ମାତ୍ର ୩୯ କୋଟି ନିବେଶ ହୋଇଛି, ଯାହା ଭାରତରେ ନିବେଶ ହୋଇଥିବାର ମାତ୍ର ୦.୦୦୯ ପ୍ରତିଶତ। ଓଡିଶାରେ କୌଣସି ବଡ଼ ନିବେଶକ କାମ ଆରମ୍ଭ କରିଥିବାର କୌଣସି ସୂଚନା ନାହିଁ। ପୂର୍ବ ସରକାରଙ୍କ ସମୟରେ ଏମଓୟୁ କରିଥିବା ଅନେକ ଶିଳ୍ପ ଅନୁଷ୍ଠାନ ଓଡିଶାରୁ ବିଦାୟ ନେଇଛନ୍ତି।

ଆର୍ସେଲର ମିତ୍ତଲ ଦ୍ୱାରା କେନ୍ଦ୍ରାପଡାରେ ହେବାକୁ ଥିବା ବୃହତ ଇସ୍ପାତ ପ୍ରକଳ୍ପ, ଜେଏସଡବ୍ଲୁ ଦ୍ୱାରା ନରାଜ ଠାରେ ହେବାକୁ ଥିବ ଇଭି ପ୍ରକଳ୍ପ, ଏସ ରାମ ଏନ ରାମ କମ୍ପାନୀ ଦ୍ୱାରା ହେବାକୁ ଥିବା ସେମି କଣ୍ଡକ୍ଟର ପ୍ରକଳ୍ପ, ଚୌଦ୍ୱାର ଠାରେ ହେବାକୁ ଥିବା ଟେକ୍ସଟାଇଲ ପ୍ରକଳ୍ପ ସମେତ ଆହୁରି ଅନେକ ଗତ ଦୁଇ ବର୍ଷରେ ଓଡିଶା ଛାଡି ଅନ୍ୟ ରାଜ୍ୟକୁ ଚାଲି ଯାଇଛନ୍ତି। ସରକାରଙ୍କ ଅପାରଗତା ଯୋଗୁ ଏହି କମ୍ପାନୀ ମାନେ ଓଡିଶା ଛାଡି ଚାଲି ଯାଇଛନ୍ତି ବୋଲି ଡଃ ମହାନ୍ତି କହିଛନ୍ତି। ପରିଣାମ ସ୍ୱରୂପ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାର ଶିଳ୍ପ ପ୍ରଗତି ହାର ୯.୬ ପ୍ରତିଶତ ଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ, ଏହା ୭.୯ ପ୍ରତିଶତକୁ ଖସି ଆସିଥିଲା। ସେହିପରି ଦେଶର ଷ୍ଟାର୍ଟଅପ ରାଙ୍କିଙ୍ଗରେ ଓ ରପ୍ତାନି ରାଙ୍କିଙ୍ଗରେ ଓଡ଼ିଶାର ସ୍ଥାନ ତଳକୁ ଖସିଛି ବୋଲି ସେ କହିଛନ୍ତି।


### ଚିନ୍ତା ବଢ଼ାଉଛନ୍ତି ଲକ୍ଷଣବିହୀନ ଯକ୍ଷ୍ମା ସଂକ୍ରମିତ

# ଓଡ଼ିଶାରେ ୧୩,୨୭୧ଟି 'ହାଇରିସ୍କ' ଗ୍ରାମ ଚିହ୍ନଟ

**ତୃଣମୂଳ ସ୍ତରରୁ ଯକ୍ଷ୍ମା ପ୍ରତିହତ ପାଇଁ ସରକାରଙ୍କ ପଦକ୍ଷେପ**

**ଏଆଇ ମାଧ୍ୟରେ ଚିହ୍ନଟ ହୋଇଛି 'ହାଇ ରିସ୍କ ଭିଲେଜ୍'**

**ଗାଁ ଗାଁରେ କରାଯାଉଛି ଏକ୍ସ-ରେ ଓ ଲକ୍ଷଣର ସ୍କ୍ରିନିଂ**



ଭୁବନେଶ୍ୱର, ୭।୮ (ସୁମିତ୍ରା ସାହୁ):

ଭାରତକୁ ୨୦୨୫ ମସିହା ସୁଦ୍ଧା ସଂପୂର୍ଣ୍ଣ ଯକ୍ଷ୍ମାମୁକ୍ତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିଲେ ହେଁ ଏଥିରେ ପୂର୍ଣ୍ଣ ସଫଳତା ମିଳିପାରି ନାହିଁ। ଏ କ୍ଷେତ୍ରରେ ସରକାରଙ୍କ ପାଇଁ ମୁଖ୍ୟ ସମସ୍ୟା ସାଜିଛନ୍ତି ଗ୍ରାମାଞ୍ଚଳର ଯକ୍ଷ୍ମା ଆକ୍ରାନ୍ତ। କୌଣସି ଲକ୍ଷଣ ନ ଥାଇ ଯକ୍ଷ୍ମା ସଂକ୍ରମିତ ଥିବା ଲୋକମାନେ ହିଁ ଏହି ରୋଗର ପ୍ରସାର କ୍ଷେତ୍ରରେ ପ୍ରମୁଖ ବାହକ ସାଜିଛନ୍ତି। ବର୍ତ୍ତମାନ ମୋଟ୍ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟାରୁ ୪୦ ପ୍ରତିଶତଙ୍କ ମଧ୍ୟରେ କୌଣସି ଲକ୍ଷଣ ପରିଲକ୍ଷିତ ହେଉ ନ ଥିବା ଜଣାପଡ଼ିଛି। ଫଳରେ ସେମାନଙ୍କ ଚତୁଃପାଶ୍ୱର୍ରେ ବସବାସ କରୁଥିବା ପରିବାର ସଦସ୍ୟ, ଟ୍ରେନ୍, ବସ୍ ଭଳି ପବ୍ଲିକ ଟ୍ରାନ୍ସପୋର୍ଟ କିମ୍ବା ଜନଗହଳି ସ୍ଥାନରେ କାଶ କିମ୍ବା ଛିଙ୍କ ମାଧ୍ୟମରେ ଏହା ଜଣଙ୍କଠାରୁ ଅନ୍ୟଜଣଙ୍କୁ ବ୍ୟାପୁଛି। ଏହାଦ୍ୱାରା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଲକ୍ଷଣ ଦେଖାଯାଉ ନ ଥିବାରୁ ସେମାନେ ରୋଗ ସମ୍ପର୍କରେ ଜାଣିପାରୁ ନାହାନ୍ତି। ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରୁ ଯକ୍ଷ୍ମା ରୋଗର ଚିହ୍ନଟ ପ୍ରକ୍ରିୟାକୁ ବ୍ୟାପକ କରିଛନ୍ତି।

ତୃଣମୂଳ ସ୍ତରରୁ ଗାଁ ଗାଁରେ ଲୋକଙ୍କୁ ପରୀକ୍ଷା କରିବା ଆରମ୍ଭ କରିଛନ୍ତି। ବିଶେଷକରି ଭଲ୍‌ନେରେବଲ୍ ଗ୍ରୁପ୍ (ଯାହା ପାଖରେ ଟିବି ହେବାର ସମ୍ଭାବନା ଅଧିକ ଥାଏ) ସେଠାରେ ଏହି ପରୀକ୍ଷାକୁ ଅଗ୍ରାଧିକାର ଦିଆଯାଉଛି। ଯକ୍ଷ୍ମା ଆକ୍ରାନ୍ତ କିମ୍ବା ରୋଗର ସମ୍ଭାବନା ରହିଥିବା ଗ୍ରାମଗୁଡ଼ିକ 'ହାଇ ରିସ୍କ ଗ୍ରାମ' ଭାବେ ଚିହ୍ନଟ କରାଯାଇଛି। ଏଆଇ (କୃତ୍ରିମ ବୁଦ୍ଧିମତା) ଦ୍ୱାରା ରାଜ୍ୟରେ ମୋଟ୍ ୧୩,୨୭୧ଟି ହାଇରିସ୍କ ଗ୍ରାମ ଚିହ୍ନଟ ହୋଇଥିବା ବେଳେ ୫୦ ପ୍ରତିଶତ ଗ୍ରାମରେ ସ୍କ୍ରିନିଂ ଶେଷ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ଗ୍ରାମଗୁଡ଼ିକରେ କ୍ୟାମ୍ପ କରାଯାଉଛି। ପରୀକ୍ଷା ପରେ ଜଣାପଡ଼ିଛି ଯେ ଗ୍ରାମାଞ୍ଚଳରେ ଅଧିକାଂଶ ରୋଗୀଙ୍କଠାରେ ଯକ୍ଷ୍ମାର କୌଣସି ଲକ୍ଷଣ ନାହିଁ। ଏଆଇ ଦ୍ୱାରା ଚିହ୍ନଟ ହେଉଥିବା ଏହି ରୋଗୀମାନଙ୍କ ମଧ୍ୟରେ ବୟସ୍କ, ଡାଇବେଟିକ୍ ରୋଗୀଙ୍କ ସଂଖ୍ୟା ଅଧିକ ରହିଥିବା ଜଣାପଡ଼ିଛି। ତେବେ ଏହି ପରୀକ୍ଷା ଅନୁସାରେ, ଯେଉଁମାନଙ୍କଠାରେ କୌଣସି ଲକ୍ଷଣ ନ ଥାଇ ବି ଏଆଇ ଏକ୍ସରେ ଆବ୍‌ନର୍ମାଲ (ସସ୍‌ପେକଟେଡ୍) ବୋଲି ସୂଚନା ମିଳେ, ସେହିମାନଙ୍କ କଫ ପରୀକ୍ଷା କରାଯାଇଥାଏ। କଫ ପରୀକ୍ଷାରେ ନେଗେଟିଭ୍ ରିପୋର୍ଟ ଆସିଲେ ମଧ୍ୟ ସେମାନଙ୍କୁ ବାଦ୍ ନ ଦେଇ ଉକ୍ତ ଏକ୍ସ-ରେ ରିପୋର୍ଟ ଡାକ୍ତରଙ୍କୁ ଦେଖାଯିବା ପରେ ରୋଗୀଙ୍କୁ ଔଷଧ ପ୍ରଦାନ କରାଯାଉଛି। ଏହାକୁ କ୍ଲିନିକାଲ ଡାଇଗ୍ନୋସିସ୍ କୁହାଯାଏ।

ଏନେଇ ରାଜ୍ୟ ଯକ୍ଷ୍ମା ଅଧିକାରୀ ଡ. ଅର୍ଘ୍ୟ ପ୍ରଧାନ କହିଛନ୍ତି, ଯକ୍ଷ୍ମାର ମୁଖ୍ୟ କାରଣ ହେଉଛି ସଚେତନତା ଅଭାବ, ଆଡିକସନ୍ (ନିଶାଦ୍ରବ୍ୟ-ମଦ୍ୟପାନ), ଶିକ୍ଷାର ଅଭାବ। ସଠିକ୍ ସମୟରେ ଡାଇଗ୍ନୋସିସ୍ ହୋଇ ନ ପାରିବା କାରଣରୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାସହିତ ଅନ୍ୟ ଏକ ମୁଖ୍ୟ କାରଣ ହେଉଛି, ମାଲ୍‌ନ୍ୟୁଟ୍ରିସନ୍ ବା କୁପୋଷଣ। ମୋଟ୍ ଲୋକସଂଖ୍ୟାରୁ ପ୍ରାୟ ୩୫ରୁ ୪୦ ପ୍ରତିଶତଙ୍କଠାରେ ଯକ୍ଷ୍ମା ଇନ୍‌ଫେକସନ୍ ଥାଏ, କିନ୍ତୁ ସେମାନଙ୍କୁ ଯକ୍ଷ୍ମା ରୋଗ ହୋଇ ନ ଥାଏ। ଯେତେବେଳେ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମିଯାଏ, ସେତେବେଳେ କୁପୋଷଣ କାରଣରୁ ଜଣେ ସହଜରେ ଯକ୍ଷ୍ମା ଆକ୍ରାନ୍ତ ହୋଇଥାଏ। ଏହାସହ ଏଚ୍‌ଆଇଭି ପଜିଟିଭ, ଡାଇବେଟିକ୍, ବୟସ୍କମାନଙ୍କର ସାଧାରଣତଃ ରୋଗପ୍ରତିରୋଧକ ଶକ୍ତି କମ୍ ରହିଥିବାରୁ ସେମାନଙ୍କ ଆଖପାଖରେ ଯଦି କୌଣସି ଯକ୍ଷ୍ମା ରୋଗୀ ରହିଥା'ନ୍ତି, ତେବେ ସେମାନେ ସହଜରେ ଆକ୍ରାନ୍ତ ହୋଇଥା'ନ୍ତି। ସୋସିଆଲ ଲିଭିଂ ଷ୍ଟାଟସ୍, ସୁଷମ ଖାଦ୍ୟ ନ ଖାଇବା, ଗହଳିରେ ରହିବା ଦ୍ୱାରା ଏହି ସଂକ୍ରମଣ ବୃଦ୍ଧି ପାଇଥାଏ। ତେଣୁ ଏହି ସମସ୍ତଦିଗରୁ ଦୃଷ୍ଟିରେ ରଖି ଜିଲ୍ଲା, ବ୍ଲକ, କିମ୍ବା ପଞ୍ଚାୟତ ନୁହେଁ; ତୃଣମୂଳ ସ୍ତରରେ ଯକ୍ଷ୍ମା ଚିହ୍ନଟ ପାଇଁ ଗାଁ ଗାଁରେ ଏହି କ୍ୟାମ୍ପେନ୍ ଆରମ୍ଭ ହୋଇଛି। ଗ୍ରାମ ସ୍ତରରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ପ୍ରତ୍ୟେକଙ୍କର ଅତ୍ୟାଧୁନିକ ମେସିନ୍ 'ସିବି-ନାଟ୍' ମାଧ୍ୟମରେ ପରୀକ୍ଷା କରାଯାଉଛି। ଏଆଇ ଦ୍ୱାରା ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍କ୍ରିନିଂ, ଏକ୍ସ-ରେ ପରେ ଯଦି ରୋଗର ଲକ୍ଷଣ ବିଷୟରେ ଜଣାପଡ଼େ, ଆବଶ୍ୟକ ପଡ଼ିଲେ କଫ ପରୀକ୍ଷା କରାଯାଇ ରୋଗ ଚିହ୍ନଟ କରାଯିବାର ସୁବିଧା ରହିଛି। ଏଥିପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ଯଦି ନିଜ ଅଞ୍ଚଳରେ କୌଣସି ବ୍ୟକ୍ତିଙ୍କଠାରେ ଲକ୍ଷଣ ଦେଖାଯାଏ, ଅବା ଯକ୍ଷ୍ମା ହୋଇଥିବା ସନ୍ଦେହ ଉପୁଜେ, ତେବେ ସେମାନଙ୍କ ସମ୍ପର୍କରେ ସରପଞ୍ଚ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରିବେ। ଆକ୍ରାନ୍ତ ଚିହ୍ନଟ ହୋଇପାରିଲେ ଉପଯୁକ୍ତ ସମୟରେ ଔଷଧ ପ୍ରଦାନ କରାଯାଇପାରିବ। ଏହାଦ୍ୱାରା ୨୦୩୦ ସୁଦ୍ଧା ଓଡ଼ିଶା ଟିବି ମୁକ୍ତ ବା ଯକ୍ଷ୍ମା ମୁକ୍ତ ହୋଇପାରିବ ବୋଲି ଡ. ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

୨୦୨୪ ମସିହା ଡିସେମ୍ବର ୭ ତାରିଖରେ ଟିବିମୁକ୍ତ ଭାରତ ୧.୦ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଯକ୍ଷ୍ମା ଦିବସ ଅବସରରେ ୨୦୨୬ ମାର୍ଚ୍ଚ ମାସ ୨୪ ତାରିଖରେ 'ଟିବି ମୁକ୍ତ ଭାରତ ଅଭିଯାନ ୨.୦' ଶହେ ଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

# ତାଳଚେର କେନ୍ଦ୍ରୀୟ ଗଣେଶ ପୂଜା କମିଟିର ବୈଠକ

ତାଳଚେର, ୭।୮ (ସମିସ)

ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା କେନ୍ଦ୍ରୀୟ କମିଟିର ସାଧାରଣ ବୈଠକ ଶୁକ୍ରବାର ସ୍ଥାନୀୟ ଦେଉଳବେଡ଼ାସ୍ଥିତ ମଙ୍ଗଳମ୍ ହଲ୍‌ରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗତବର୍ଷର ପୁରସ୍କାର ବିତରଣ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଛି। କମିଟି ସଭାପତି ତଥା ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନଗରପାଳ ପବିତ୍ର ଭୂତିଆ, ସାଂସଦଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ଦାସ, ଡେପୁଟି କଲେକ୍ଟର ତଥା କେନ୍ଦ୍ରୀୟ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ଦିଲୀପ ପାଣି, ପୂର୍ବତନ ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ଯୋଗଦେଇଥିଲେ। ତାଳଚେର ଓ କୋଲିୟରି ଥାନା ଅଧିକାରୀ ଉପସ୍ଥିତ ଥିଲେ।



ତେବେ ଗତବର୍ଷ ଗଣେଶ ପୂଜା ଲଡ୍ଡୁ ନିଲାମ ବେଳେ ବିଶୃଙ୍ଖଳା ସୃଷ୍ଟି କାରଣରୁ ତତ୍କାଳୀନ ସଭାପତି ପଦରୁ ଇସ୍ତଫା ଦେଇଥିଲେ। ଫଳରେ କେନ୍ଦ୍ରୀୟ କମିଟି ଭାଙ୍ଗି ଯାଇଥିବାରୁ ସେଥିପାଇଁ ନୂତନ ସଭାପତି ଚୟନ କରାଯିବାକୁ ବିଭିନ୍ନ ପୂଜା କମିଟି ସଭାପତି ଓ ସମ୍ପାଦକ ଅଡ଼ିବସିଥିଲେ। ଫଳରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିସହ ରଞ୍ଜିତ ମହାପାତ୍ର ହିସାବ ଦେବା ବେଳେ ମଧ୍ୟ ହିସାବରେ ବିଭିନ୍ନ ପୂଜା କମିଟି ଅସନ୍ତୋଷ ପ୍ରକାଶ କରିଥିଲେ। ଗତବର୍ଷର ପୁରସ୍କାର ବିତରଣରେ ବିଳମ୍ବ ନେଇ ମଧ୍ୟ କର୍ମକର୍ତ୍ତା ହୋହାଲ୍ଲା କରିଥିଲେ। ପୁରସ୍କାରକୁ ନୂତନ କମିଟିଠାରୁ ନେବାପାଇଁ ସମସ୍ତ କମିଟି ପକ୍ଷରୁ ଦାବି କରାଯାଇଥିଲା। ଏଥିରେ ଉପଜିଲ୍ଲାପାଳ ହସ୍ତକ୍ଷେପ କରିବା ପରେ ପରିସ୍ଥିତିରେ ଶାନ୍ତ ପଡ଼ିଥିଲା।

## ପୁରସ୍କାର ବିତରଣ ଉତ୍ସବ

ଉପଜିଲ୍ଲାପାଳ, ନଗରପାଳ ଓ ପୁଲିସ ପ୍ରଶାସନ ପକ୍ଷରୁ ଗତ ଗଣେଶ ପୂଜାର ଫଳାଫଳ ଘୋଷଣା କରାଯାଇ କୃତକାର୍ଯ୍ୟ ହୋଇଥିବା ପୂଜା କମିଟିଗୁଡ଼ିକୁ ପୁରସ୍କୃତ କରାଯାଇଥିଲା।

ତାଳଚେରରେ ପୂଜା ପାଉଥିବା ପ୍ରସିଦ୍ଧ ଗଣେଶ ପୂଜା ଶତାଧିକ କମିଟିର କ ବିଭାଗ ଓ୍ୱଟ ବିଭାଗରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କମିଟି ଓ ସ୍ୱଚ୍ଛତା, ଶାନ୍ତିଶୃଙ୍ଖଳା ପାଇଁ ମଧ୍ୟ କୃତକାର୍ଯ୍ୟ ହୋଇଥିବା କମିଟିକୁ ପୁରସ୍କୃତ କରାଯାଇଥିଲା। ମୂର୍ତ୍ତି କ ବିଭାଗରେ କାରିଗରପଡ଼ା ଓ ଭସାଣିରେ ମଧ୍ୟ କାରିଗରପଡ଼ା ପୂଜା କମିଟି ପୁରସ୍କୃତ ହୋଇଥିଲେ। ସେହିପରି ସ୍ୱଚ୍ଛତାରେ ବାଉଳଛକ ପ୍ରଥମ ହୋଇଥିବା ଜଣାପଡ଼ିଛି।

# ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

ଛେଣ୍ଡିପଦା, ୭।୮ (ସମିସ): ଛେଣ୍ଡିପଦା ବନାଞ୍ଚଳ ଚରାକାନୀ ଗ୍ରାମରେ ୩ଟି ଭାଲୁଙ୍କ ମିଳିତ ଆକ୍ରମଣରେ ଜଣେ ଚାଷୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗ୍ରାମର ନିରଞ୍ଜନ ସାହୁ। ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ନିରଞ୍ଜନ ଜଙ୍ଗଲ ନିକଟ ଧାନ ବିଲରେ ଚାଷକାମ କରୁଥିବା ବେଳେ ହଠାତ୍ ୩ଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ନିରଞ୍ଜନଙ୍କ ଚିତ୍କାର ଶୁଣି ନିକଟରେ କାମ କରୁଥିବା ଲୋକମାନେ ଦୌଡ଼ିଆସି ପାଟି କରିବାରୁ ଭାଲୁଗୁଡ଼ିକ ଜଙ୍ଗଲ ଭିତରକୁ ପଳାଇଥିଲେ। ପରେ ତାଙ୍କୁ ମେଡିକାଲ ନିଆଯାଇଥିଲା। ଡାକ୍ତରଙ୍କ ସୂଚନା ଅନୁସାରେ, ତାଙ୍କ ପାଦ, ଡାହାଣ ହାତ ଆଙ୍ଗୁଠି ଓ ଜଙ୍ଘରେ ଗଭୀର ଆଘାତ ଲାଗିଛି। ବନ ବିଭାଗ ପକ୍ଷରୁ ଭାଲୁଙ୍କ ଗତିବିଧି ଉପରେ ନଜର ରଖାଯିବା ସହ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ବିଭିନ୍ନ ପ୍ରକଳ୍ପର ଭିତ୍ତି ସ୍ଥାପନ ଓ ଉଦଘାଟନ



ଅନୁଗୋଳ/ଆଠମଲ୍ଲିକ, ୭।୮ (ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଗସ୍ତ କରି ଅଞ୍ଚଳର ଆଧ୍ୟାତ୍ମିକ, ଯୋଗାଯୋଗ ଓ ଭିତ୍ତିଭୂମିର ବିକାଶ ପାଇଁ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କରିଛନ୍ତି। ପ୍ରଧାନ ବରଟିକିରାରୁ ଟାଙ୍ଗିଆନିଶା ଏବଂ ଛତିଆ ସାହିରୁ ପଦ୍ମପୋଖରୀ ପର୍ଯ୍ୟନ୍ତ ପକ୍କା ସଡ଼କ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦୁର୍ଗାବଜାରସ୍ଥିତ ମା' ଦୁର୍ଗା ମନ୍ଦିରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହାସହ ପ୍ରାଣୀ ଚିକିତ୍ସାଳୟ ଛକରୁ ମହାନଦୀ ସେତୁ ପର୍ଯ୍ୟନ୍ତ ନୂତନ ଆଲୋକୀକରଣ ପ୍ରକଳ୍ପର ଉଦଘାଟନ କରିଥିଲେ। ଏହିସବୁ ପଦକ୍ଷେପ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ଯାତାୟାତକୁ ସୁଗମ ଓ ସୁରକ୍ଷିତ କରିବା ସହ ସମଗ୍ର ଅଞ୍ଚଳର ଆର୍ଥିକ ଓ ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଥିଲେ।

# ବନ ବିଭାଗ ପକ୍ଷରୁ ମୂଲ୍ୟବାନ କାଠ ଜବତ

ଅନୁଗୋଳ, ୭।୮ (ସମିସ): ଅନୁଗୋଳ ବନଖଣ୍ଡ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇ ମୂଲ୍ୟବାନ କାଠ ଜବତ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅନୁଗୋଳ ବନଖଣ୍ଡ କର୍ମଚାରୀ ପୁରୁଣାଗଡ଼ ସେକ୍ସନ ପୁରୁଣାଗଡ଼ ଉତ୍ତର ବିଟ୍ ଅନ୍ତର୍ଗତ ପୁରୁଣାଗଡ଼ ବଡ଼ଦାଣ୍ଡସାହିରେ ଚଢ଼ଉ କରିଥିଲେ। ସେଠାରେ ବେଆଇନ ଭାବେ କଟା ଯାଇଥିବା ୧୨ଟି ଶାଗୁଆନ ଗଣ୍ଡି ଜବତ କରିଥିଲେ। ଏହାର ପରିମାଣ ୧୭ ଘନ ମିଟର ହେବ। ଜବତ କାଠକୁ ପୁରୁଣାଗଡ଼ ସେକ୍ସନ କାର୍ଯ୍ୟାଳୟକୁ ନିଆଯାଇଛି। ଚଢ଼ଉରେ ଫରେଷ୍ଟର ଅଭିମନ୍ୟୁ ମାଝୀ, ସହଦେବ ସୋରେନ, ଫରେଷ୍ଟ ଗାର୍ଡ ନୀହାରିକା ସାହୁ, ପ୍ରିୟତମା ସାହୁ, ହାତୀ ସ୍କ୍ୱାଡ୍ ସଦସ୍ୟ ସିଦ୍ଧାନ୍ତ ଦାସ, ପ୍ରଦୀପ କୁମାର ବେହେରା ଏବଂ ଗଜମିତ୍ର ପ୍ରମୋଦ ସୁବୁଦ୍ଧି ଓ ବିକାଶ ହଂସା ସାମିଲ ଥିଲେ।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଅନୁଗୋଳ, ୭।୮ (ସମିସ): ଜରପଡ଼ା ଥାନା ମରାତିରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଗଣ୍ଡିବେଢ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଣତି ବେହେରା ଯୋଗଦେଇ ଏହାକୁ ଉଦଘାଟନ କରିବା ସହ ବିଜ୍ଞାନ କ୍ଷେତ୍ରରେ ଶିଶୁମାନଙ୍କ ଅନୁସନ୍ଧିତ୍ସୁ ମନୋଭାବ ବୃଦ୍ଧି ଓ ରାଷ୍ଟ୍ରର ଭବିଷ୍ୟତ ବୈଜ୍ଞାନିକ ହେବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଜୟକୃଷ୍ଣ ବେହେରା, ସଭାପତି ପ୍ରମୋଦ କୁମାର ସାହୁ, ଉପସଭାପତି ସୁନୀଲ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ଯୋଗଜନ୍ମା ପ୍ରଧାନ ଉପସ୍ଥିତ ଥିଲେ।



ପ୍ରଧାନ ଆଚାର୍ଯ୍ୟ କନ୍ଦର୍ପ କୁମାର ସାହୁ ଅତିଥି ପରିଚୟ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଜ୍ଞାନ ପ୍ରମୁଖ ପଦ୍ମିନୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଅନୁଗୋଳ ଗଣ୍ଡିବେଢ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଣତୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଆଚାର୍ଯ୍ୟା ଗୀତାଞ୍ଜଳି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସୁବ୍ରତ ପାତ୍ର, ମନୋଜ ସାହୁ, ପ୍ରଦ୍ୟୁମ୍ନ ସାହୁ, କିଶୋର ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ମହାପାତ୍ର ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ମେଳାରେ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନ ସହ ପତ୍ରବାଚନ, ପ୍ରଶ୍ନମଞ୍ଚ ଓ ପ୍ରୟୋଗ ଏବଂ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ମୂର୍ତ୍ତିକଳା, ନୃତ୍ୟକଳା, କଥାକଥନ, ନିବନ୍ଧ ପ୍ରତିଯୋଗିତା ହୋଇଥିଲା।

# ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ମାଧ୍ୟମରେ ବନ ପରିବେଶ ସୁଦୃଢ଼ କରିବା ଲକ୍ଷ୍ୟ



ଅନୁଗୋଳ, ୭।୮ (ସମିସ): ବର୍ଷା ଋତୁର ସଦୁପଯୋଗ କରି ଅନୁଗୋଳ ବନଖଣ୍ଡ ପକ୍ଷରୁ ବିଭିନ୍ନ ବନାଞ୍ଚଳରେ ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ (ଏସ୍‌ଏମ୍‌ସି) କାର୍ଯ୍ୟ କରାଯାଉଛି। ଏହି ପଦକ୍ଷେପଗୁଡ଼ିକ ବର୍ଷାଜଳ ସଂରକ୍ଷଣ, ମୃତ୍ତିକା କ୍ଷୟ ହ୍ରାସ, ଭୂତଳ ଜଳ ପୁନଃଭରଣ ଏବଂ ମାଟିର ଆର୍ଦ୍ରତା ବଜାୟ ରଖିବାରେ ସହାୟକ ହେଉଛି। ଏହା ସହ ବନସ୍ପତି ବୃଦ୍ଧି ଓ ପ୍ରାକୃତିକ ବନ ପୁନର୍ଜନନକୁ ମଧ୍ୟ ପ୍ରୋତ୍ସାହିତ କରୁଛି। ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟଗୁଡ଼ିକ ଜଳଛାୟା ପରିଚାଳନା, ବନର ସ୍ୱାସ୍ଥ୍ୟ ଓ ପରିବେଶୀୟ ସ୍ଥିରତାକୁ ସୁଦୃଢ଼ କରୁଛି। ମୃତ୍ତିକା ଓ ଜଳ ସମ୍ପଦର ସଂରକ୍ଷଣ ମାଧ୍ୟମରେ ଅନୁଗୋଳ ବନଖଣ୍ଡ ଏକ ସବୁଜ ଓ ସୁସ୍ଥ ଭବିଷ୍ୟତ ଗଢ଼ିବାକୁ ପ୍ରତିବଦ୍ଧ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।



# ବିବାଦୀୟ ଜମି ଉପରେ ବିଚାର ଆଲୋଚନା

ଛେଣ୍ଡିପଦା, ୭।୮ (ସମିସ): ଛେଣ୍ଡିପଦା ତହସିଲ ଜରପଡ଼ା ରାଜସ୍ୱ ସର୍କଲ ତୁକୁଡା ଗ୍ରାମର ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ହାଟପଡ଼ିଆଠାରେ ଥିବା ସରକାରୀ ଜମି ଦଖଲକୁ କେନ୍ଦ୍ରକରି ଉଭୟ ପଞ୍ଚାୟତ ଏବଂ ଡ୍ରାଇଭର ଆସୋସିଏସନ୍ ମଧ୍ୟରେ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଏ ସମ୍ପର୍କରେ ତହସିଲଦାରଙ୍କ ନିକଟରେ ଉଭୟ ପକ୍ଷ ଅଭିଯୋଗ କରିଥିଲେ। ଗୁରୁବାର ଜରପଡ଼ା ରାଜସ୍ୱ ସର୍କଲ କର୍ଯ୍ୟାଳୟରେ ତହସିଲ ପ୍ରଶାସନ ପକ୍ଷରୁ ଏକ ସମାଧାନ ବୈଠକ ଅନୁଷ୍ଠିତ ହୋଇଛି। ତହସିଲଦାର ମାନସ ରାୟଙ୍କ ଉପସ୍ଥିତିରେ ବିବାଦ ସମ୍ପର୍କରେ ବିଚାର ଆଲୋଚନା କରାଯାଇ ଆଶୁ ସମାଧାନ କରାଯାଇଛି। ଏହି ସରକାରୀ ଜମିରେ ଉଭୟ ବ୍ଲକ ପ୍ରଶାସନ ପକ୍ଷରୁ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ ଏବଂ ଏହା ନିକଟରେ ତୁକୁଡ଼ା ପଞ୍ଚାୟତ ଡ୍ରାଇଭର ଆସୋସିଏସନ୍ କାର୍ଯ୍ୟାଳୟ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ଉଭୟ ପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇଛି। ଏଥିସହ ଗ୍ରାମରେ ଶାନ୍ତିପୂର୍ଣ୍ଣ ବାତାବରଣ ବଜାୟ ରଖିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଗାଡ଼ି ପାର୍କିଂ ଜାଗାର ଉନ୍ନତୀକରଣ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ବୈଠକରେ ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ସାହୁ, ଜରପଡ଼ା ଆର୍‌ଆଇ ମିଲୁ ଚରଣ ସେଠୀ, ବ୍ଲକ ସହକାରୀ ଯନ୍ତ୍ରୀ ରାଜେଶ କୁମାର ସାହୁ, ଡ୍ରାଇଭର ଆସୋସିଏସନ୍ ସଭାପତି ନରେଶ ସାହୁ, ସମ୍ପାଦକ ପ୍ରହଲ୍ଲାଦ ସାହୁ, ଯୁବନେତା ପ୍ରତାପ କୁମାର ସାହୁ, ବରିଷ୍ଠ ନେତା ଦୁର୍ଯ୍ୟୋଧନ ସାହୁ, ଜୀବନ ସାହୁ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ଇଗ୍ନୋ ତରଫରୁ ବୃତ୍ତିଗତ ଓ ନିଶା ନିବାରଣ ଆଲୋଚନାଚକ୍ର

କିଶୋରନଗର, ୭।୮ (ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ (ଇଗ୍ନୋ) ଆଞ୍ଚଳିକ କେନ୍ଦ୍ର, ଅନୁଗୋଳ ତରଫରୁ କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ, ବଣିଆଦୌହଳି ରାମକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟରେ ବୃତ୍ତିଗତ ପରାମର୍ଶ ଓ ନିଶା ନିବାରଣ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଇଗ୍ନୋର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଅଭିଲାଷ ନାୟକ ଇଗ୍ନୋ ମାଧ୍ୟମରେ ଚାଲୁଥିବା ଦୂର ଓ ନିରନ୍ତର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଇଗ୍ନୋ ତରଫରୁ ପ୍ରାୟ ୩୩୪ ପାଠ୍ୟକ୍ରମ ୨୪୮୩ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଚାଲୁଛି। ଦେଶରେ ୫୮ଟି ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଭାରତ ସରକାରଙ୍କ ସହାୟତାରେ ଚାଲିଥିବା ଉକ୍ତ ବିଶ୍ୱବିଦ୍ୟାଳୟ ଭାରତ ସମେତ ୧୫ ଦେଶରେ ଏହାର କେନ୍ଦ୍ର ସ୍ଥାପନ କରିଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପଢୁଥିବା ଛାତ୍ରଛାତ୍ରୀ ମଧ୍ୟ ଇଗ୍ନୋର ସାର୍ଟିଫିକେଟ ଓ ଡିପ୍ଲୋମା ପାଠ୍ୟକ୍ରମରେ ନାମ ଲେଖାଇ ଏଥିରୁ ଉପକୃତ ହୋଇପାରିବେ। ଏଥିପାଇଁ କିଶୋରନଗର ଡିଗ୍ରୀ କଲେଜ ଓ ଭୀମ ଭୋଇ କଲେଜରେ ପାଠ୍ୟକେନ୍ଦ୍ର ଖୋଲିବାକୁ ଡ. ନାୟକ ପରାମର୍ଶ ଦେଇଥିଲେ।




ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଇଗ୍ନୋ ଦ୍ୱାରା ଗ୍ରାମାଞ୍ଚଳର ଶହ ଶହ ଯୁବକ ଯୁବତୀ ଉଚ୍ଚଶିକ୍ଷା କରି ଲାଭାନ୍ୱିତ ହୋଇଥିବା ଦର୍ଶାଇଥିଲେ। ନିଶା ସେବନର ଭୟାବହତା ଓ ସାମାଜିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। କିଶୋରନଗର ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ବୀଣାପାଣି ସାକ୍ସ, ତରଣୀସେନ ସାହୁ, ରାମକୃଷ୍ଣ ବିଦ୍ୟାଳୟ ସମ୍ପାଦକ ଶେଷଦେବ ଶାସନି, ଅଧ୍ୟକ୍ଷା ମିନି ଦେଓଗନ, ଅଧ୍ୟାପିକା ପ୍ରିୟା ପ୍ରଧାନ, ଭୀମଭୋଇ କଲେଜର ପ୍ରାଧ୍ୟାପକ ଡ. ଅଞ୍ଜନ ମିଶ୍ର, ଡ. ଜ୍ୟୋତିପ୍ରକାଶ ରାଉତ, ଡ. ଅରୁଣ କୁମାର ଶାସନି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସିନିୟର ରାଜ୍ୟ ର୍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଅନୁଗୋଳ, ୭।୮ (ସମିସ): ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏସନ, ଅନୁଗୋଳ ଜିଲ୍ଲା ୟୁନାଇଟେଡ୍ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଓ ଅନୁଗୋଳ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ରାଜ୍ୟ ସିନିୟର ବ୍ୟାଡ୍‌ମିଣ୍ଟନ ର୍ୟାଙ୍କିଂ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ବିଜୁ ପଟ୍ଟନାୟକ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ହଲରେ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ତିନିଦିନ ଧରି ଚାଲିବ। ପୁରୁଷ ଓ ମହିଳା ଉଭୟ ବର୍ଗରେ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସ ଡବଲ୍ସରେ ପ୍ରତିଯୋଗିତା ହେବ। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏସନର ଅମ୍ପାୟରମାନେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି। ଅନୁଗୋଳ ଜିଲ୍ଲା ୟୁନାଇଟେଡ୍ ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ଶିବପ୍ରସାଦ ଦାସ, ମ୍ୟାଚ ରେଫରୀ ବିଜୟ କୁମାର ବାଗ, ଟିଓ କୋଅର୍ଡିନେଟର ଲକ୍ଷପତି ନନ୍ଦ, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଅଜିତ ମହାନ୍ତି, ଟୁର୍ଣ୍ଣାମେଣ୍ଟ ଅବଜର୍ଭର ପ୍ରୀତପାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂଘ ଉପସଭାପତି ନୀଳାଚଳ ପ୍ରଧାନ ଓ ସରୋଜ ସାହୁ, କୋଷାଧ୍ୟକ୍ଷ ସ୍ୱାଧୀନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ସଂଘ ସମ୍ପାଦକ ସୁଧୀର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ● ତାଳଚେରରେ କୋଇଲା ପରିବହନକୁ ନେଇ ଅଶାନ୍ତି

# ରେଳ ୱାଗନରେ ପାଲ ନ ଭିଡ଼ିଲେ ଆନ୍ଦୋଳନ



ଅନୁଗୋଳ, ୭।୮ (ସମିସ): ତାଳଚେର ଅଞ୍ଚଳରେ କୋଇଲା ଖଣି ଏବଂ ୱାସେରୀରୁ ରେଳ ୱାଗନ୍ ଯୋଗେ ହେଉଥିବା କୋଇଲା ପରିବହନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। କୋଇଲା ପରିବହନ ସମୟରେ ପ୍ରଦୂଷଣ ରୋକିବା ପାଇଁ ରେଳ ୱାଗନଗୁଡ଼ିକୁ ପାଲ ଘୋଡ଼ାଇବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ଏହାକୁ ଠିକ୍ ଭାବେ ପାଳନ କରାଯାଉ ନାହିଁ। ଏନେଇ କେନ୍ଦ୍ର ସରକାରଙ୍କ ନିୟମ ସହ ରାଜ୍ୟ ପ୍ରଦୂଷଣ ବୋର୍ଡ ମଧ୍ୟ କଡ଼ା ନିର୍ଦ୍ଦେଶ ଜାରି କରିଛି। ଇତିମଧ୍ୟରେ ଜାତୀୟ ଗ୍ରୀନ୍ ଟ୍ରିବୁନାଲ ମଧ୍ୟ ଆସନ୍ତା ସେପ୍ଟେମ୍ବର ୩୦ ସୁଦ୍ଧା ପାଲ ଘୋଡ଼ାଇ କୋଇଲା ପରିବହନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପ୍ରଶାସନ ଏବଂ ଏମସିଏଲ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶାବଳୀକୁ ଅଣଦେଖା କରୁଛନ୍ତି। ବାରମ୍ବାର ଅବଗତ କରାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଆସନ୍ତା ଅକ୍ଟୋବର ୧ ସୁଦ୍ଧା ପାଲ ଘୋଡ଼ାଇ କୋଇଲା ପରିବହନ କରା ନ ଗଲେ ଉକ୍ତ ଦିନଠାରୁ ରେଳରୋକ ଆନ୍ଦୋଳନ କରାଯିବ ବୋଲି ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ, ମହାନଦୀ କୋଇଲା ଶ୍ରମିକ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

# ରୋଟାରୀ ରୟାଲ ତରଫରୁ ସ୍ୱାସ୍ଥ୍ୟ ଶିବିର




ଅନୁଗୋଳ, ୭।୮ (ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲ ତରଫରୁ ଜିନ୍ଦଲ ଏୟାରପୋର୍ଟ ନିକଟରେ ଅବସ୍ଥିତ ଏବଲ୍ ପବ୍ଲିକ ସ୍କୁଲ୍ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ସମ୍ପାଦକ ରୋଟରିଆନ ଡା. ବିଶ୍ୱଜିତ୍ ସାମଲଙ୍କ ତତ୍ତ୍ୱାବଧାନରେ ଏଲକେଜି ଓ ୟୁକେଜିର ୧୪୫ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରପାଇଥିଲା। ଶିଶୁମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଏହା ଏକ ମହତ ପଦକ୍ଷେପ ବୋଲି ସ୍କୁଲ ପ୍ରିନ୍ସିପାଲ ହରିଶ ଚନ୍ଦ୍ର ପ୍ରଧାନ କହିଥିଲେ। ସ୍ୱାସ୍ଥ୍ୟ ହି ସମ୍ପଦ। ଛାତ୍ରଛାତ୍ରୀ କିପରି ନିରୋଗ ଜୀବନ ଅତିବାହିତ କରିପାରିବେ ସେ ନେଇ ଶିଶୁରୋଗ ବିଶେଷଜ୍ଞ ଡା. ନନ୍ଦକିଶୋର ସାହୁ ମତ ରଖିଥିଲେ। ଡା. କୁମାର ସୌମ୍ୟକାନ୍ତ ବିଶୋଇ, ଡା. ପୁଷ୍ପାଞ୍ଜଳି ପ୍ରଧାନ, ଡା. ସୋନାଲି ପ୍ରଧାନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କରିଥଲେ। କ୍ଲବ ତରଫରୁ ନୀହାର ରଞ୍ଜନ ପ୍ରସାଦ, ସଞ୍ଜୀବ ଦେହୁରୀ ଏବଂ ସ୍କୁଲ ଚେୟାରମ୍ୟାନ ସତ୍ୟବ୍ରତ ପ୍ରଧାନଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥଲେ।

## ● ଅବସରପ୍ରାପ୍ତ ପୌର କର୍ମଚାରୀଙ୍କ ପାଇଁ ଖୁସି ଖବର

# ରାଜ୍ୟ ସରକାର ଦେଲେ ୪.୫୫ କୋଟି ବକେୟା ଅର୍ଥ

ତାଳଚେର, ୭।୮ (ସମିସ): ତାଳଚେର ପୌର ପରିଷଦର କର୍ମଚାରୀଙ୍କ ଅବସରକାଳୀନ ପାଉଣା ବାବଦ ଦୀର୍ଘ ୨୫ବର୍ଷ ଧରି ଅବସରପ୍ରାପ୍ତ କର୍ମଚାରୀମାନେ ବକେୟା ପାଉଣା ନ ପାଇ ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ। କିଛି ଅବସରପ୍ରାପ୍ତ କର୍ମଚାରୀ ପାଉଣାକୁ ଚାହିଁ ଚାହିଁ ଆରପାରିକୁ ମଧ୍ୟ ଚାଲିଗଲେଣି। ବକେୟା ପାଉଣା ପାଇଁ ଏହି ଅବସରପ୍ରାପ୍ତ କର୍ମଚାରୀମାନେ ପୌର ପରିଷଦ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ। ବହୁବାର ଦାବି ଆପତ୍ତି କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ତେବେ ଏହି ସମସ୍ୟାକୁ ନଗରପାଳ ପବିତ୍ର ଭୂତିଆ ଗୁରୁତ୍ୱର ସହ ନେଇ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାଇଥିଲେ। ପ୍ରଧାନଙ୍କ ହସ୍ତକ୍ଷେପ ଫଳରେ ଶୁକ୍ରବାର ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପାଉଣା ବାବଦ ୪.୫୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିପାଇଁ ଅବସରପ୍ରାପ୍ତ କର୍ମଚାରୀମାନେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ନଗରପାଳ ଭୂତିଆଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପରିବାରରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ସ୍ୱତନ୍ତ୍ର ଡାକରା ପାଇ ଶୁକ୍ରବାର ନଗରପାଳ ପବିତ୍ର ଭୂତିଆ, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ସାଂସଦ ରୁଦ୍ରନାରାୟଣ ପାଣିଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ଦାସ, ବିଜେପି ନେତା ରତ୍ନାକର ସାହୁ, କାଉନସିଲର ଆସିଫ ଖାଁ, ଯଶୋବନ୍ତ ମିଶ୍ର, ଜିତେନ୍ଦ୍ର ଭୂତିଆ, ଅଜୟ କୁମାର ସାହୁ, ସଞ୍ଜୀବ ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଦୀପ ସାହା ପ୍ରମୁଖ ପୂର୍ବତନ ମନ୍ତ୍ରୀ ପ୍ରଧାନଙ୍କୁ ଭେଟି ଆଲୋଚନା କରିଛନ୍ତି।

# ଓପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଅନୁଗୋଳ, ୭।୮ (ସମିସ)

ସ୍ଥାନୀୟ କଦମ ପଡ଼ିଆରେ ଶୁକ୍ରବାର ଅପରାହ୍ନରେ ଓପି ଜିନ୍ଦଲଙ୍କ ୯୬ତମ ଜୟନ୍ତୀ ଅବସରରେ ଓପି ଜିନ୍ଦଲ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଅନୁଗୋଳ ଫରେଷ୍ଟ ରେଞ୍ଜର ଟ୍ରେନିଂ କଲେଜ ନିର୍ଦ୍ଦେଶକ ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିନ୍ଦଲର ମାନବ ସମ୍ବଳ ବିଭାଗ ଭାଇସ୍ ପ୍ରେସିଡେଣ୍ଟ କ୍ଷୀରୋଦ ଚନ୍ଦ୍ର ବାରିକ, ସିଏସଆର ବିଭାଗର ବରିଷ୍ଠ ଅଧିକାରୀ ଜୟନ୍ତ ମହାନ୍ତି, ଜିଲ୍ଲା କ୍ରୀଡ଼ା ସଂସଦର ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ଦେବତା, ରମେଶ ଚନ୍ଦ୍ର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଯୋଗଦେଇଥିଲେ। ଜିନ୍ଦଲ ଷ୍ଟିଲର କ୍ରୀଡ଼ା ଅଧିକାରୀ ତାପସ ମହାନ୍ତି, ଲୋକସମ୍ପର୍କ ଅଧିକାରୀ ପ୍ରତ୍ୟୁଷ କୁମାର ସା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଉଦଘାଟନୀ ମ୍ୟାଚ୍ ପାଲଲହଡ଼ା ଓ ଭଞ୍ଜନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାଲଲହଡ଼ା ୪-୨ ଗୋଲରେ ବିଜୟୀ ହୋଇଛି। ରାଜେଶ ମୁଣ୍ଡା ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ ହୋଇଛନ୍ତି। ଆଲୋକ ଦେହୁରୀ ଖେଳ ପରିଚାଳନା କରିଥିଲେ। ଧନେଶ୍ୱର ସର୍ଦ୍ଦାର ଏବଂ ପାପୁନ ବେହେରା ଲାଇନ୍‌ରେ ସହାୟତା କରିଥିଲେ। ଶନିବାର ପାଲଲହଡ଼ା ଓ ରାଉରକେଲା ମଧ୍ୟରେ ଖେଳ ଅନୁଷ୍ଠିତ ହେବ।



# ଅଳକା ପାଣି ପଞ୍ଚାୟତର କାର୍ଯ୍ୟକର୍ତ୍ତା ନିର୍ବାଚନ



ବାଲିକୁଦା,୭।୮ (ସମିସ): ବାଲିକୁଦା ଜଳସମ୍ପଦ ବିଭାଗ ଅଧୀନ ୧୪ ନଂ. କେନାଲ, କଣିଆ ସବ୍‌ମାଇନର ଓ ଅଳାଭର ସବମାଇନରର ୩୦ଟି ସୋଠର ସଦସ୍ୟ ସଦସ୍ୟାମାନଙ୍କୁ ନେଇ ଗଠିତ ୫୦ନଂ ଅଳକା ପାଣି ପଞ୍ଚାୟତର କାର୍ଯ୍ୟକର୍ତ୍ତା ନିର୍ବାଚନ ଜଳସମ୍ପଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ଅମିତ କୁମାର ମହାନ୍ତି ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଜ୍ଞାନେନ୍ଦ୍ର ଶତପଥୀ ସମ୍ପାଦକ, ସୁରେନ୍ଦ୍ର କୁମାର ପରିଡା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପରେ ଆୟୋଜିତ ସଭାରେ ବାଲିକୁଦା ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରକାଶ କୁମାର ବେହେରା ଓ ଯନ୍ତ୍ରୀ ଶୁଚିସ୍ମିତା ଷଡ଼ଙ୍ଗୀ ନବନିର୍ବାଚିତ ପଦାଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଶରତ ଚନ୍ଦ୍ର ବିଶ୍ୱାଳ, କ୍ଷୀରୋଦ ମଳିକ, ସହଦେବ ସ୍ୱାଇଁ, ପରମାନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


# ଗୃହରକ୍ଷୀ ବାହିନୀର ଦୀକ୍ଷାନ୍ତ ସମାରୋହ



ଜଗତସିଂହପୁର,୭।୮ (ସମିସ): ଜଗତସିଂହପୁର ପୁନଙ୍ଗ ସ୍ଥିତ ପୁଲିସ ପରେଡ୍ ଗ୍ରାଉଣ୍ଡ ଠାରେ ଗୃହରକ୍ଷୀ ବାହିନୀର ଦୀକ୍ଷାନ୍ତ ସମାରୋହ ପାଳିତ ହୋଇଯାଇଛି। ଏହି ସମାରୋହରେ ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ମିଳିତ ପରେଡ୍‌ରେ ଅଭିଭାଷଣ ଗ୍ରହଣ କରିଥିଲେ। ଗୃହରକ୍ଷୀ ବାହିନୀର ନୂତନ ଭାବେ ଯୋଗ ଦେଇଥିବା ହୋମଗାର୍ଡମାନେ ମିଳିତ ପରେଡରେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ଅଭିଭାଷଣ କ୍ରମରେ ଏସ୍‌ପି କହିଲେ ଯେ ସମଗ୍ର ଭାରତ ବର୍ଷରେ ଗୃହରକ୍ଷୀ ବାହିନୀ ପୁଲିସର ଏକ ଅବିଚ୍ଛେଦ ଅଙ୍ଗ ଏବଂ ସେମାନଙ୍କ କର୍ତ୍ତବ୍ୟ ପରାୟଣ, ନିଃସ୍ୱାର୍ଥପର ସେବା ପାଇଁ ସର୍ବଦା ଗର୍ବିତ। ଓଡିଶା ପୁଲିସ ବାହିନୀ ସହିତ କାନ୍ଧକୁ କାନ୍ଧ ମିଳାଇ ଗୃହରକ୍ଷୀମାନେ କାମ କରିବାର ପ୍ରେରଣା ଯୋଗାଇବା ସହିତ ଏସ୍‌ପି ସେମାନଙ୍କର ମଙ୍ଗଳ କାମନା କରିଥିଲେ।

# ବରିଷ୍ଠ ସାମ୍ବାଦିକଙ୍କ ପିତୃ ବିୟୋଗ

ରଘୁନାଥପୁର, ୭।୮ (ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଶତାୟୁ ପୁରୁଷ ଯଦୁମଣି ପଟ୍ଟନାୟକ (୧୦୩)ଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ସେ ଜଣେ ଧର୍ମ ପରାୟଣ, ସ୍ନେହୀ ଓ ଆଦରଣୀୟ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ। ତାଙ୍କର ବିୟୋଗରେ ରଘୁନାଥପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି। ସ୍ୱର୍ଗତ ପଟ୍ଟନାୟକ ତାଙ୍କ ଯୁବାବସ୍ଥାରେ ପାରାଦୀପ ପୋର୍ଟରେ ଜଣେ ଓଲଡିଂ ମେକାନିକ ଭାବେ କାର୍ଯ୍ୟକରୁଥିଲେ। ବୁଡ଼ା ଜାହାଜ ମଧ୍ୟରେ କାର୍ଯ୍ୟକରି ସେ ଇଂଲଣ୍ଡ, କୋଲକାତା ଓ ବିଭିନ୍ନ ଦେଶ ବନ୍ଦର ସବୁ ପରିଭ୍ରମଣ କରିଥିଲେ। ପାରାଦୀପ ପୋର୍ଟରେ କାର୍ଯ୍ୟ କରିଥିଲେ ବି ପାରିବାରିକ ସମସ୍ୟାକୁ ନେଇ ସେ ଚାକିରି ଛାଡି ଗାଁରେ ଆସି ଚାଷବାସ କାର୍ଯ୍ୟ କରୁଥିଲେ। ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ



ଗ୍ରାମ ପରିଭ୍ରମଣ କରି ଗ୍ରାମ ଶ୍ମଶାନରେ ଶେଷକୃତ ସମ୍ପର୍ଣ୍ଣ କରାଯାଇଥିଲା। ତାଙ୍କ ବଡ଼ ପୁଅ ଜୟନ୍ତ କୁମାର ପଟ୍ଟନାୟକ ମୁଖାଗ୍ନି ଦେଇଥିବା ବେଳେ ସାନ ପୁଅ ସାମ୍ବାଦିକ ଜ୍ୟୋତି ରଞ୍ଜନ ପଟ୍ଟନାୟକଙ୍କ ସହିତ ବନ୍ଧୁ ଓ ପରିବାର ଉପସ୍ଥିତ ଥିଲେ।

# ଚୋରା ମଦ କାରବାର ବୃଦ୍ଧି

ମଣିଜଙ୍ଗା,୭।୮ (ସମିସ): ତିର୍ତ୍ତୋଲ ବ୍ଲକର ବିଭିନ୍ନ ପଞ୍ଚାୟତ ହାଟବଜାର ମାନଙ୍କରେ ଖୁଲମ୍ ଖୋଲା ଭାବରେ ଚୋରା ଦେଶୀ ମଦ ଓ ବିଦେଶୀ ମଦ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ହେଲେ ତିର୍ତ୍ତୋଲ ଅବକାରୀ ବିଭାଗ ଓ ତିର୍ତ୍ତୋଲ ପୁଲିସ ନିଷ୍କ୍ରିୟ। ଥାନାଠାରୁ ୫୦୦ ମିଟର ଦୂରତାରେ ତାଳଦଣ୍ଡା କେନାଲ ବନ୍ଧ ଉପରେ ମଦ ବିକ୍ରି ହେଉଥିବା ବେଳେ ଜଡ଼ତିରା ଦାଣ୍ଡରେ ଆସ୍କା ଫଟି ମଦ ବେପାର ଚାଲିଛି। ସେହିପରି ପିପ୍ପଳ ମାଧବ ପଞ୍ଚାୟତର ଅରିଲୋ, ଓତଳ ଓ ଖଦାଳ, ଜଗନ୍ନାଥପୁର କେନାଲ ପୋଲ ତିର୍ତ୍ତୋଲ ବଜାର କୃଷ୍ଣାନନ୍ଦପୁରୁ, ଗୋପାଳପୁର, ଶାରଳା ହାଟ, ଗରାମଠାରେ ବେଧଡ଼କ ଭାବରେ ଖୁଲମଖୋଲା ମଦ ବେପାର ଚାଲିଛି। ଅବକାରୀ ବିଭାଗର କେତେକ ଅସାଧୁ କର୍ମଚାରୀ ଚୋରା ମଦ ବେପାରୀଙ୍କ ଠାରୁ ମୋଟା ଅଙ୍କରେ ଲାଞ୍ଚ ନେଇ ଚୋରା ମଦ ବେପାରୀଙ୍କୁ ଘଣ୍ଟ ଘୋଡ଼େଇ ଚାଲିଛନ୍ତି। ଏଥିପ୍ରତି ଜିଲ୍ଲା ଅବକାରୀ ବିଭାଗ, ତିର୍ତ୍ତୋଲ ପୁଲିସ ଷ୍ଟେସନ ତୁରନ୍ତ ଦୃଷ୍ଟି ଦେଇ ଚୋରା ମଦ ବେପାରକୁ ବନ୍ଦ କରିବା ପାଇଁ ତିର୍ତ୍ତୋଲ ଅଞ୍ଚଳରେ ବୁଦ୍ଧିଜୀବମାନେ ଦାବି କରିଛନ୍ତି।

# ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ପ୍ରତିବାଦ ସଭା

ଜଗତସିଂହପୁର,୭।୮ (ସମିସ)

ଓଡିଶା ସ୍କୁଲ କଲେଜ ଓ ଶିକ୍ଷକ କର୍ମ.ରୀ ସମନ୍ୱୟ ସମିତି ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମିଳିତ ସମନ୍ୱୟ ସମିତିର ଆବାହକ ତଥା ଓଷ୍ଟାର ଜିଲ୍ଲା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମ.ରୀ ମାନେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସଂପାଦକ ସ୍ମୃତି ରଂଜନ ପରିଜା, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁବାସ ଚନ୍ଦ୍ର ଦାସ, ଯୁଗ୍ମ ସଂପାଦକ ଅନିଲ କୁମାର ଜେନା, ପଙ୍କଜୀନୀ ନନ୍ଦ, ବ୍ଲକ ସଂପାଦକ ରଞ୍ଜନ କୁମାର ମିଶ୍ର, ମନ୍ଦରଧର ସ୍ୱାଇଁ, ହିମାଂଶୁ କୁମାର ମହାନ୍ତି, ଅଜିତ କୁମାର ଲେଙ୍କା, ବିଶ୍ୱନାଥ ଷଡ଼ଙ୍ଗୀ, ବିନୋଦ ବିହାରୀ ମୁଦୁଲି, ନିହାରରଞ୍ଜନ ନାୟକ, ଚନ୍ଦ୍ରକାନ୍ତ ସିଂ, କଲେଜ ସଂଘର ସଭାପତି ମନୋରଞ୍ଜନ ମହାରଣା, ସଂସ୍କୃତ ସଂଘର ନବଘନ ମୁଦୁଲି, ସେକ୍ ସୋଫିୟାନ୍ ଶିକ୍ଷକ ମାନଙ୍କର ବିଭିନ୍ନ ଦାବିନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏକ୍ତ କାର୍ଯ୍ୟକ୍ରମକୁ କାମିନୀ କୁମାରୀ ମହାନ୍ତି, ବିଭୂତି କୁମାରୀ ସ୍ୱାଇଁ, ଶରତଚନ୍ଦ୍ର ପଣ୍ଡା, ରଶ୍ମୀକାନ୍ତ ଦାସ, ପ୍ରାଣନାଥ ମିଶ୍ର, ଦୁର୍ଗାଚରଣ ଦାସ, ସଂଯମ କିଶୋର ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ।







କୁଜଙ୍ଗ: କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସ୍କୁଲ, କଲେଜ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ସମନ୍ୱୟ ସମିତି ବିଭିନ୍ନ ଦାବି ନେଇ ପ୍ରତିବାଦ ପ୍ରଦର୍ଶନ କରିଛି। ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କୁଜଙ୍ଗ ବ୍ଲକ ଓଷ୍ଟା ବ୍ଲକ ସମ୍ପାଦକ ବିନୋଦ ବିହାରୀ ମୁଦୁଲି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ଚନ୍ଦ୍ର ଦାସ, ବ୍ଲକ ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦୀପକ କୁମାର ସାମନ୍ତରାୟ, ସଭ୍ୟ ରଶ୍ମୀରଞ୍ଜନ ଦାସ, ରମେଶ ଚନ୍ଦ୍ର ପ୍ରଧାନ, ନିର୍ମଳ କୁମାର ସ୍ୱାଇଁ, ରମେଶ କୁମାର ଦାସ, ଦିଲୀପ କୁମାର ପାତ୍ର, ସ୍ମୃତି ରଞ୍ଜନ ରଣାଙ୍କ ସମେତ ବ୍ଲକର ଅଣଅନୁଦାନ ପ୍ରାପ୍ତ ଓ ଅନୁଦାନ ପ୍ରାପ୍ତ ସ୍କୁଲ, କଲେଜର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଏହି ପ୍ରତିବାଦରେ ସାମିଲ ହୋଇଥିଲେ। ଏହି ଅବସରରେ ରାଜ୍ୟ ସରକାର ଶିକ୍ଷା ଓ ଶିକ୍ଷକଙ୍କ ପ୍ରତି ପାତର ଅନ୍ତର ନୀତି ନ ଆପଣାଇ ଉପଯୁକ୍ତ ନ୍ୟାୟ ଦେବାକୁ ଅନୁରୋଧ କରିଥିଲେ। ଏହା ନହେଲେ ଆଗାମୀ ଅଗଷ୍ଟ ୧୬ ଦାବି ଦିବସ ରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି।

# ଅଗଷ୍ଟ ୧୦ରେ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଯାତ୍ରା

ଜଗତସିଂହପୁର, ୭।୮ (ସମିସ): ଜଗତସିଂହପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଯାତ୍ରା ଓ ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୫୦ତମ ଜୟନ୍ତୀ "ସମରସତା ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ତଥା ତ୍ରିରଙ୍ଗା ଟୋଲିର ସଂଯୋଜକ ଗଣେଶ ପ୍ରସାଦ ମହାନ୍ତି କର୍ମଶାଳା ପରିଚାଳନା କରିବା ସହିତ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଯାତ୍ରା ଆସନ୍ତା ଅଗଷ୍ଟ ୧୦ ତାରିଖରେ ଜଗତସିଂହପୁର ସହରର କଲେଜ ଛକଠାରୁ ଅପରାହ୍ନ ୩ ଘଟିକାରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବ ବୋଲି ସୂଚନା ଦେଇଥିଲେ। ସେହିପରି ଅଗଷ୍ଟ ୧୧ ଓ ୧୨ ତାରିଖରେ ସମସ୍ତ ମଣ୍ଡଳରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ। 'ହର ଘର ତିରଙ୍ଗା' କାର୍ଯ୍ୟକ୍ରମରେ ୧୧ରୁ ୧୫ତାରିଖ ପର୍ଯ୍ୟନ୍ତ ବିଜେପିର କାର୍ଯ୍ୟକର୍ତ୍ତାମାନେ ଘର ଘର ବୁଲି ବଣ୍ଟନ କରିବେ। ଯାହାକି ପରିବାରର ସବୁଠାରୁ କନିଷ୍ଠ ସଦସ୍ୟ ଏହାକୁ ଉତୋଳନ କରିବେ। ସେହିପରି ଜିଲ୍ଲାର ବିଭିନ୍ନ ଧାର୍ମିକ କ୍ଷେତ୍ରରୁ ଟୋଲିର ସଦସ୍ୟ ତପନ ତ୍ରିପାଠୀ, ବାମଦେବ ମଲ୍ଲିକ, ଜଟାଧାରୀ ସ୍ୱାଇଁ, ବବିତା ଘଡ଼ାଇ ପ୍ରଭୃତି ମାଟି ସଂଗ୍ରହ କରି ରାଜ୍ୟକୁ ପଠାଇଛନ୍ତି। ସେ ମାଟି ବାରଣାସୀର ଶ୍ରୀଗୁରୁ ରବି ଦାସଙ୍କ ଜନ୍ମ ସ୍ଥାନ ସର ଗୋବର୍ଦ୍ଧନ ପୁରର ମାଟି ସହିତ ମିଶି ଭୁବନେଶ୍ୱର ରାମ ମନ୍ଦିରରେ ରଖାଯିବ। ସେଠାରୁ ବିଜେପି ଜିଲ୍ଲା କାର୍ଯ୍ୟାଳୟକୁ ଆସିବ। ସେଠାରୁ ସମସ୍ତ ନିର୍ବାଚନ ମଣ୍ଡଳି, ମଣ୍ଡଳ ଓ ଶକ୍ତି କେନ୍ଦ୍ରକୁ ମଣ୍ଡଳର ଟୋଲି ସଦସ୍ୟମାନେ ଗ୍ରହଣ କରି ପରିଭ୍ରମଣ କରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜଗତସିଂହପୁର ପାଇଁ ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ପାରାଦୀପ ପାଇଁ ଅନ୍ୟତମ ସାଧାରଣ ସମ୍ପାଦକ ଯୁଗଳ ପ୍ରଧାନ, ତିର୍ତ୍ତୋଲ ପାଇଁ ସମ୍ପାଦକ ରୂପକ ଖୁଣ୍ଟିଆ, ବାଲିକୁଦା-ଏରସମା ପାଇଁ ଦିଲୀପ ରାଉଳଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି କ୍ରିଷ୍ଣା ମହାନ୍ତି, ଦୀପ୍ତିରେଖା ନାୟକ, ଗୀତାଞ୍ଜଳି ସାହୁ, ସାଧାରଣ ସମ୍ପାଦକ ପ୍ରତାପ ନାୟକ, ତରୁଣ ଦାସ, ଚିତ୍ତରଞ୍ଜନ ପଣ୍ଡା, ପ୍ରଭାତୀ ମଲ୍ଲିକ, ଦିପ୍ତିମୟୀ ବସ୍ତିଆ, ଶିଶିର ପାତ୍ର ପ୍ରଭୃତି ଯୋଗ ଦେଇଥିଲେ। ଅନ୍ୟତମ ସମ୍ପାଦକ ଡ. ପ୍ରକାଶ ଦଳାଇ ଧନ୍ୟବାଦ ଦେଇଥିଲେ।

# ବୁଲା ଗୋରୁଗାଈଙ୍କ ବେକରେ ଲାଗିଲା ରେଡିଅମ୍ ବେଲ୍ଟ



ରଘୁନାଥପୁର, ୭।୮ (ସମିସ): ଜଗତସିଂହପୁର ଜିଲ୍ଲା ପଶୁସମ୍ପଦ କାର୍ଯ୍ୟାଳୟ ପକ୍ଷରୁ ରଘୁନାଥପୁର ବ୍ଲକର ରାଜରାସ୍ତା ତଥା ଅନ୍ୟାନ୍ୟ ସ୍ଥାନରେ ବୁଲୁଥିବା ୧ ଶହ ଗୋରୁଗାଈଙ୍କୁ ରେଡିଅମ ବେଲ୍ଟ ପିନ୍ଧାଯାଇଛି। ଏହି କାର୍ଯ୍ୟକ୍ରମକୁ ସିଡିଭିଓ ଡ.ଜଳଧର ପ୍ରଧାନ ଉଦଘାଟନ କରିଥିଲେ। ରାସ୍ତାଘାଟରେ ଅବାଧରେ ବୁଲୁଥିବା ଗୋରୁଗାଈଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋମାତା ସୁରକ୍ଷା ଯୋଜନାରେ ସେମାନଙ୍କ ବେକରେ ଏହି ବେଲ୍ଟ ପିନ୍ଧା ଯାଉଛି। ଯଦ୍ୱାରା ରାସ୍ତାରେ ଦୁର୍ଘଟଣା ହ୍ରାସ ହେବାସହ ଦୂରରୁ ଲାଇଟରେ ଦେଖି ବାଇକ ତଥା ଚାରିଚକିଆ ଜାନରେ ଯାଉଥିବା ବ୍ୟକ୍ତି ସତର୍କ ହୋଇପାରିବେ ବୋଲି ଡ.ପ୍ରଧାନ ପ୍ରକାଶ କରିଥିଲେ। ବିଭିଓ ଡ.ଚିନ୍ମୟ କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଭିଓ ଡ.ଯଦୁନାଥ ପରିଡା, ଭିଏଏସ୍ ଡ. ପ୍ରତିତି ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ। ଦେଶପ୍ରୀୟ ମହାନ୍ତିଙ୍କ ସହ ସମସ୍ତ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ତୃତୀୟ ପର୍ଯ୍ୟାୟ ଚାରାରୋପଣ



ଜଗତସିଂହପୁର,୭।୮ (ସମିସ): ଓଡିଶା ପରିବେଶ ସମିତି ଭୁବନେଶ୍ୱର ବିଭିନ୍ନ ଅନୁଷ୍ଠାନର ସହଯୋଗରେ ଜିଲ୍ଲାର ୮ଟି ଯାକ ବ୍ଲକ ଅନ୍ତର୍ଗତ ଅନେକ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ଏବଂ ଉପଯୁକ୍ତ ବ୍ୟବସ୍ଥା ଥିବା ସାମାଜିକ ଅନୁଷ୍ଠାନ ପରିସରରେ ୨୦୨୨ ମସିହାରୁ ଅଦ୍ୟାବଧି ଦଶହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ବିଭିନ୍ନ ୨୫ ପ୍ରଜାତିର ଫଳ ଚାରାରୋପଣ କରିଆସୁଛି। ଆଗାମୀ ଦିନରେ ଏହା ମଧ୍ୟ ଅବ୍ୟାହତ ରହିବ ବୋଲି ସମିତିର ସଭାପତି ବିଶିଷ୍ଟ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ସୂଚାନ ପ୍ରଦାନ କରିଛନ୍ତି। ସେହି କ୍ରମରେ ବାଲିକୁଦା ବ୍ଲକ ଅନ୍ତର୍ଗତ ଦୁଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅନ୍ୟତମ ଅନୁଷ୍ଠାନ୍ ହନେଷ୍ଟର ସହଯୋଗରେ ତୃତୀୟ ପର୍ଯ୍ୟାୟରେ ଦୁଇଶହରୁ ଊର୍ଦ୍ଧ୍ୱ ବଉଳ ଓ ଗୁଆ ଚାରା ରୋପଣ କରାଯାଇଛି। ସମିତିର ଆଜୀବନ ସଦସ୍ୟ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ସାଙ୍ଗକୁ ଗଛମଣିଷ କାର୍ତ୍ତିକ ଚନ୍ଦ୍ର ମୁଦୁଲି ଓ ତାଙ୍କର ସହଧର୍ମିଣୀ ପ୍ରକୃତିବନ୍ଧୁ କନକଲତା ପରିଡାଙ୍କ ସହଯୋଗରେ ଏହି ବୃକ୍ଷବିହୀନ ପରିସରରେ ଫଳଚାରା ରୋପଣ ବିଭିନ୍ନ ପର୍ଯ୍ୟାୟରେ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୨୦୨୫ ମସିହା ଅଗଷ୍ଟ ୩୦ ତାରିଖରେ ଏକଶହ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚଳିତ ବର୍ଷ ଜୁଲାଇ ୯ ତାରିଖରେ ଏକଶହ ସଂଖ୍ୟକ ବିଭିନ୍ନ ଫଳଚାରା ରୋପଣ କରାଯାଇଥିଲା। ଏହି ତୃତୀୟ ପର୍ଯ୍ୟାୟ ଚାରାରୋପଣ କାର୍ଯ୍ୟକ୍ରମରେ ଅନ୍ୟତମ ଆଜୀବନ ସଦସ୍ୟ ପ୍ରକାଶ ରଞ୍ଜନ ଦାଶ, ପ୍ରକୃତିବନ୍ଧୁ ରାଜକିଶୋର ବିଶ୍ୱାଳ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ସାହିତ୍ୟିକ ରମେଶ ଚନ୍ଦ୍ର ବହିରା, ଯୁବ ସାମାଜିକ କର୍ମୀ ମନୋଜ କୁମାର ନାୟକ ଓ ଦୀନେଶ ରାଉତ, ସୁବ୍ରତ ମହାନ୍ତି, ବିଦ୍ୟାଳୟର ଅଧକ୍ଷ ଅଜିତ୍ ପ୍ରଧାନ, ଉପାଧକ୍ଷା ସଂଘମିତ୍ରା ସ୍ୱାଇଁ, ଶିକ୍ଷାକର୍ମଚାରୀ ଅକ୍ଷୟକୁମାର ସେଠୀ ଓ ସୁନିଲ କୁମାର ସେଠୀ ଏବଂ ଛାତ୍ରୀନିବାସର ଅନ୍ତେବାସୀମାନେ ମିଳିତଭାବେ ଚାରାରୋପଣ କରିଥିଲେ।

# ସବରେଜିଷ୍ଟ୍ରାର ଅଫିସ ଭିତରେ ଆଣ୍ଠୁଏ ପାଣି

ମଣିଜଙ୍ଗା,୭।୮ (ସମିସ): ତିର୍ତ୍ତୋଲ ସବରେଜିଷ୍ଟ୍ରାର ଅଫିସ ଲଗାଣ ବର୍ଷାରେ ପାଣି ଜମି ରହିବାରୁ ଅଫିସ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ପାଣି ନିଷ୍କାସନ ହୋଇପାରୁନ ଥିବାରୁ ଜମି ଖର୍ଦି ବିକ୍ରି କରିବାକୁ ଆସୁଥିବା ଲୋକମାନେ ପାଣିରେ ପଶି ଅଫିସ କାର୍ଯ୍ୟାଳୟକୁ ଯାତାୟତ କରୁଛନ୍ତି। ମୋହରିଅରମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ବୟସ୍କ ଲୋକମାନେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏଥି ପ୍ରତି ଜଗତସିଂହପୁର ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେଇ ପାଣି ନିଷ୍କାସନ ବନ୍ଦବ୍ୟସ୍ତ କଲେ ଅଫିସକୁ ଆସୁଥିବା ଜନସାଧାରଣ ଉପକୃତ ହୋଇପାରିବେ ବୋଲି ମୋହରିଅର ସଂଘ ସଭାପତି ସୀତାନାଥ ରାଉତ ଦାବି କରିଛନ୍ତି।

# ଜିଲାନାସୀ ଓ ମହ୍ଲାସାହିରେ କଂଗ୍ରେସର ରିଲିଫ୍ ବଣ୍ଟନ

କୁଜଙ୍ଗ,୭।୮ (ସମିସ): ପାରାଦୀପ ନିର୍ବାଚନମଣ୍ଡଳୀର ମହ୍ଲାସାହି ଏବଂ ଜିଲ୍ଲାନାସୀ ପଞ୍ଚାୟତର ବିଭିନ୍ନ ୱାର୍ଡରେ କଂଗ୍ରେସ ଦଳର ଯୁବ ଏବଂ ବରିଷ୍ଠ ନେତା ମାନେ ଘରକୁ ଘର ବୁଲି ଶୁଖିଲା ଖାଦ୍ୟ ବାଣ୍ଟିବା ସହିତ ସେମାନଙ୍କ ସ୍ଥିତି ବିଷୟରେ ପଚାରି ବୁଝିଛନ୍ତି। ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ବିରେନ ଦଳାଇଙ୍କ ନେତୃତ୍ୱରେ ପାରାଦୀପ ଯୁବ କଂଗ୍ରେସ ସଭାପତି ଅବିନାଶ ମଲ୍ଲିକ୍, ବିଶ୍ୱନାଥ ମଲ୍ଲିକ, ଚିତ୍ତରଞ୍ଜନ ସାହୁ, ପୂର୍ବତନ ମାଇନରଟି ଉପସଭାପତି କୁଜଙ୍ଗ ବ୍ଲକ ସେକ ଅମୀର ଅଲି, ପ୍ରଦ୍ୟୁମ୍ନ ପଟନାୟକ, ସେକ ଅମୀର ଅଲି ଜିଲ୍ଲାନାସୀ ପଞ୍ଚାୟତ ସଭାପତି ଧରଣୀ ଧର ପଟ୍ଟନାୟକ, ଶୁଭଦର୍ଶିନୀ ନିଗମାନନ୍ଦ ସ୍ୱାଇଁ, ସୁବାସ ଦାସ ବିଶ୍ୱଜିତ ସ୍ୱାଇଁ, ଅନିଲ ସ୍ୱାଇଁ, ପୂର୍ବତନ ଛାତ୍ର ସମ୍ପାଦକ ମୃତ୍ୟୁଞ୍ଜୟ ଦଳାଇ କଂଗ୍ରେସ କର୍ମୀ ମାନେ ମହ୍ଲାସାହି, ଜିଲ୍ଲାନାସୀ, ପଞ୍ଚାୟତର ବିଭିନ୍ନ ସ୍ଥାନରେ ଘରକୁ ଘର ବୁଲି ଶୁଖିଲା ଖାଦ୍ୟ ବଣ୍ଟନ ସହିତ ବିଭିନ୍ନ ସମସ୍ୟା ବିଷୟରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଅଞ୍ଚଳରେ ଗୋସମ୍ପଦ ପାଇଁ ପଡ଼ିଆ ଓ ଚାଷ ଜମି ଜଳମଗ୍ନ ହୋଇ ଥିବାରୁ ବ୍ୟାପକ ଫସଲ ନଷ୍ଟ ହୋଇଛି। ତୁରନ୍ତ ଗୋ ସମ୍ପଦ ପାଇଁ ଖାଦ୍ୟ ଓ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ସହାୟତା ଓ କୃଷି ଋଣ ଛାଡ଼ କରିବାକୁ ବ୍ଲକ ତଥା ଜିଲ୍ଲା ପ୍ରଶାସନର କଂଗ୍ରେସ ନେତା ବୀରେନ କୁମାର ଦଳାଇ ଦୃଷ୍ଟି ଆକର୍ଷଣ କରୁଛନ୍ତି।



# ବାଲିକୁଦା କଲେଜକୁ ଜିଲ୍ଲାପାଳଙ୍କ ଗସ୍ତ

ବାଲିକୁଦା,୭।୮ (ସମିସ)

ଜଗତସିଂହପୁର ଜିଲ୍ଲାର ସର୍ବପୁରାତନ ଉଚ୍ଚଶିକ୍ଷାନୁଷ୍ଠାନ ବାଲିକୁଦା କଲେଜରେ ଶୁକ୍ରବାର ଜିଲ୍ଲାପାଳ ଜେ. ସୋନାଲଙ୍କ ଅଚାନକ ଗସ୍ତକରି ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ମଧ୍ୟରେ ନୂଆ ଆଶା ସୃଷ୍ଟି କରିଛନ୍ତି। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ସହ ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ କଲେଜରେ ବିତାଇ ଜିଲ୍ଲାପାଳ ଶିକ୍ଷାଦାନ ବ୍ୟବସ୍ଥାର ସମୀକ୍ଷା କରିବା ସହ ସିଧାସଳଖ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଥିଲେ ଏବଂ ବିଭିନ୍ନ ପ୍ରଶ୍ନ ପଚାରି ସେମାନଙ୍କ ଜ୍ଞାନର ପରୀକ୍ଷା କରିଥିଲେ। ବର୍ତ୍ତମାନ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ଅଭାବ ଯୋଗୁଁ ବାଲିକୁଦା କଲେଜର ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେଉଥିବା ବେଳେ, ଜିଲ୍ଲାପାଳ ଅଧ୍ୟାପକମାନଙ୍କ ସହ ବିସ୍ତୃତ ଆଲୋଚନା କରି ପ୍ରକୃତ ସ୍ଥିତି ସମ୍ପର୍କରେ ଅବଗତ



ହୋଇଥିଲେ। କଲେଜ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସେ ଶ୍ରେଣୀଗୃହକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏପରିକି ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ମଧ୍ୟ ବିଭିନ୍ନ ଶିକ୍ଷାଗତ ପ୍ରସଙ୍ଗରେ ପ୍ରଶ୍ନ କରି ସେମାନଙ୍କ ମତାମତ ଜାଣିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ସମ୍ମିଳିତ ଦସ୍ତଖତ ସହ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ସେଥିରେ ଶୂନ୍ୟ ପଦବୀ ପୂରଣ, ଜାତୀୟ ରାଜପଥ-୫୫ରୁ କଲେଜକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତି, ସାଇକେଲ, ବାଇକ ଓ ଚାରିଚକିଆ ଯାନ ପାଇଁ ପାର୍କିଂ ବ୍ୟବସ୍ଥା, ପର୍ଯ୍ୟାପ୍ତ ଶୌଚାଳୟ, ସୁରକ୍ଷିତ ବାଉଣ୍ଡାରୀ ପ୍ରାଚୀର ଏବଂ ଖେଳପଡ଼ିଆ ନିର୍ମାଣ ଭଳି ଦୀର୍ଘଦିନର ସମସ୍ୟା ଉଠାଇଥିଲେ। ଦାବିପତ୍ରକୁ ଗୁରୁତ୍ୱର ସହ ବିଚାର କରି ଯଥାସମ୍ଭବ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। କଲେଜ ଅଧକ୍ଷ କ୍ଷୀରୋଦ ପ୍ରସାଦ ନାୟକ ଓ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ସ୍ୱାଗତ ଜଣାଇଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ତନ୍ୟପାନ ସପ୍ତାହ



ଜଗତସିଂହପୁର,୭।୮ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ' ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ନିଗ୍ଧାମାୟୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ ସମସ୍ତଙ୍କୁ ସ୍ୱାଗତ କରି ନବଜାତ ଶିଶୁକୁ ଛଅ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଦେବାକୁ ସଚେତନ କରିଥିଲେ। ଡାକ୍ତର ସାଏଦ ସରୱାର ଅଲ୍ଲୀ ଓ ଡାକ୍ତର ରାଜେଶ ମହାନ୍ତି ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ସ୍ତନ୍ୟପାନର ବିଭିନ୍ନ ଉପକାରିତା ଉପରେ ଆଲୋଚନା କରିଥିଲେ। ଅନ୍ୟ ଅଧିକାରୀ ମାନେ ସ୍ତନ୍ୟପାନ ଶିଶୁର ଶାରୀରିକ ଓ ମାନସିକ ଅଭିବୃଦ୍ଧି ନିମନ୍ତେ ନିତ୍ୟାନ୍ତ ଜରୁରୀ ଓ ଏହା ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ବୋଲି କହିଥିଲେ। ଗର୍ଭବତୀ ଥିବା ସମୟରେ ହିଁ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ସେମାନଙ୍କୁ ଅବଗତ କରାଇବା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର ଖୁଲଣା ବାରିକ ଓ ଜ୍ୟୋତିର୍ମୟୀ ସାହୁ ମାନେ ମଧ୍ୟ ସ୍ତନ୍ୟପାନର ଉପାଦେୟତା ଓ ଏହା କିପରି ଶିଶୁକୁ ଜନ୍ମ ହେବା କ୍ଷଣି ଯେତେଶୀଘ୍ର ସମ୍ଭବ କରାଇଲେ, ଶିଶୁ ସୁସ୍ଥ ହେବା ସହ ତାର ଶାରୀରିକ ଓ ମାନସିକ ଅଭିବୃଦ୍ଧି ହୋଇଥାଏ ବୋଲି ବାର୍ତ୍ତା ରଖିଥିଲେ। ଏହି ସଭାରେ ଜଗତସିଂହପୁର ଜିଲ୍ଲାର ବେସରକାରୀ ଚିକିତ୍ସାଳୟରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀ, ନର୍ସିଂ ଅଫିସର, ସହରାଞ୍ଚଳ ଆଶାକର୍ମୀ, ଜିଲ୍ଲା ଚିକିତ୍ସାଳୟର ମ୍ୟାନେଜର ଓ ଅନ୍ୟାନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ। ଏଥିରେ ଏକ କୁଇଜ ପ୍ରତିଯୋଗିତା କରାଯାଇ, ସଠିକ ଉତ୍ତର ଦେଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା ସଭା ପରିଚାଳନା କରିଥିବାବେଳେ ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

THE SAKALA

# ସମ୍ପାଦକୀୟ



ଆମେ ସଂଯୋଗର ସେତୁ ତୁଳନାରେ ଅଧିକ ବିଭାଜନର କାନ୍ଥ ନିର୍ମାଣ କରିଚାଲିଛୁ।
-ଆଇଜାକ୍ ନିଉଟନ୍

## ବିବଶ ବାର୍ଦ୍ଧକ୍ୟ

ସବୁବେଳେ ସମସ୍ତଙ୍କ ପାଇଁ ବାର୍ଦ୍ଧକ୍ୟ ଅବାଞ୍ଛିତ। କିନ୍ତୁ ଜୀବନଚକ୍ରର ଏହି ସ୍ୱାଭାବିକ ନିଷ୍ଠୁର ପ୍ରକ୍ରିୟାକୁ ଏଡ଼ାଇ ଯିବା ସାଧାରଣ ମଣିଷ ପକ୍ଷରେ ଅସମ୍ଭବ। ବିଡ଼ମ୍ବନା ହେଉଛି ଏ ସମ୍ପର୍କରେ ଶତସଚେତନ ଥାଇ ମଧ୍ୟ ଯୌବନର ଉଦ୍ଦାମତାରେ ବାର୍ଦ୍ଧକ୍ୟକୁ ଅବହେଳା କରିବାର ମାନସିକତା ଆମ ସମାଜରେ ବଢ଼ିବାରେ ଲାଗିଛି। ଏହି କଳୁଷିତ ଧାରାଟି ବିଦେଶୀ ସଂସ୍କୃତିରୁ ଉତ୍ପନ୍ନ ହୋଇ କ୍ରମଶଃ ଭାରତୀୟ ଜନମାନସକୁ ଆଚ୍ଛନ୍ନ କରିଚାଲିଛି। ତେଣୁ ଏହାର ପରିମାଣ ମଧ୍ୟ ଅତୀବ ଭୟଙ୍କର ହେବାକୁ ଯାଉଛି।

ଆଜିର ଏକକ ପରିବାର ମାନସିକତାରେ ପରିବାରର ବୟୋଜ୍ୟେଷ୍ଠମାନେ କ୍ରମଶଃ ଅଲୋଡ଼ା ଓ ଅବହେଳିତ ହୋଇଯାଉଥିବା ସାଧାରଣ ଘଟଣା ହୋଇସାରିଲାଣି। ଏଥିପାଇଁ ବୃଦ୍ଧାଶ୍ରମ/ଜରାଶ୍ରମମାନଙ୍କର ସଂଖ୍ୟା ବଢ଼ିଚାଲିଲାଣି। ଆଜିକାଲି ଅର୍ଥାଗମ ସୁଗମ ହୋଇଛି। ତେଣୁ ପରିବାରର ବୋଝ ମନେ ହେଉଥିବା ବୁଢ଼ାବୁଢ଼ୀମାନଙ୍କୁ ମୋଟା ଅଙ୍କର ଅର୍ଥଦାନ ବଦଳରେ ଜରାଶ୍ରମମାନଙ୍କରେ ଥଇଥାନ କରିଦିଆଯାଉଛି। ଆଉ କେତେକ କ୍ଷେତ୍ରରେ ପୁଅବୋହୂଙ୍କ ନିର୍ଯାତନା ସହି ନ ପାରି ବୁଢ଼ାବୁଢ଼ୀମାନେ ନିଜେ ନିଜେ ଜରାଶ୍ରମକୁ ବରଣ କରି ନେଉଛନ୍ତି। ପୁଣି ଯେଉଁ ବାପାମାଆମାନେ ଏକଦା ପୁଅଝିଅଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ବିଦେଶରେ ଚାକିରି କରିବାକୁ ପଠାଇଥିଲେ ସେମାନେ ଆଜି ସବୁଥାଇ ମଧ୍ୟ ନିଃସ୍ୱ। ସେମାନଙ୍କର ସ୍ଥାୟୀ ଠିକଣା ଏବେ ଜରାଶ୍ରମ।

ସେଠାରେ ତ ସେମାନେ ଆଉ ପରିବାର ଉପରେ ବୋଝ ନୁହନ୍ତି; କେବଳ ଲୋଡ଼ନ୍ତି ପୁଅଝିଅ ନାତିନାତୁଣୀଙ୍କ ସହିତ ଟିକେ ଭାବ ବିନିମୟ। ଏବେ ଆଉ ଚିଠି ଲେଖାର ପରମ୍ପରା ନାହିଁ। ଚାହିଁବାମାତ୍ରେ ନିମିଷକେ ବାର୍ତ୍ତାଳାପ ଏପରିକି ଭିଡିଓ କଲିଂରେ ଯିଏ ଯେଉଁଠି ଥାଉ ନା କାହିଁକି ପ୍ରତ୍ୟକ୍ଷ ଦେଖାସାକ୍ଷାତ ସମ୍ଭବ ହୋଇପାରୁଛି। ତଥାପି ପୁଅଝିଅଙ୍କ ପାଖରେ ସେତିକି ସମୟ ନାହିଁ। ଆହୁରି ବିଡ଼ମ୍ବନା ହେଲା ଯେଉଁମାନେ ଦିନେ ଅଳି ଅର୍ଦ୍ଦଳି ସହି ପିଲାମାନଙ୍କୁ ମଣିଷ କରିଛନ୍ତି ସେମାନଙ୍କ ଶେଷସମୟ କିମ୍ବା ଅନ୍ତ୍ୟେଷ୍ଟିକ୍ରିୟାରେ ମଧ୍ୟ ଯୋଗ ଦେବାକୁ ପିଲାମାନଙ୍କର ପାଖରେ ସମୟ ନାହିଁ। କେବଳ ଟଙ୍କା ପଠେଇ ଦେଇ ପୁଅଝିଅମାନେ ନିଜ ଦାୟିତ୍ୱ ସରିଗଲା ବୋଲି ଭାବି ନେଉଛନ୍ତି। ଏଭଳି ଏକ ଘଟଣା ଏବେ ଜାତୀୟସ୍ତରର ଗଣମାଧ୍ୟମମାନଙ୍କରେ ଚର୍ଚ୍ଚିତ ହୋଇଛି। ଏଭଳି ସନ୍ତାନମାନେ ଦାୟିତ୍ୱ ସମ୍ପାଦନ କରୁନାହାନ୍ତି, ବରଂ ବୋଝ ହାଲ୍କା ହେଲା, ଅଡୁଆ ତୁଟିଲା ବୋଲି ଆଶ୍ୱସ୍ତ ହେଉଛନ୍ତି। ଦୃଷ୍ଟି ଆଢୁଆଳରେ ଆମ ସମାଜରେ ଏଭଳି ଆହୁରି ଅନେକ ଘଟଣା ଅହରହ ଘଟିଚାଲିଛି।

ଲୋକକଥା ଅନୁଯାୟୀ ଯିଏ ଯେମିତି ମଞ୍ଜି ପୋତିଥିବ ସିଏ ସେମିତି ଫଳ ତୋଳିବ। ଆଜି ଯେଉଁମାନଙ୍କ ପାଖରେ ସେମାନଙ୍କ ବୃଦ୍ଧ ପିତାମାତା ଏପରିକି ଜରାଶ୍ରମରେ କିମ୍ବା ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ୍ ହେବା ପାଇଁ ମଧ୍ୟ ସମୟ ନାହିଁ ସେମାନେ ବାର୍ଦ୍ଧକ୍ୟରେ ସମଦଶା ଭୋଗିବାକୁ ବାଧ୍ୟ। ସମସ୍ତେ ଯେ ବାର୍ଦ୍ଧକ୍ୟର ବିବଶତା ଦେଇ ଗତି କରିବେ ତାହା ବୋଧହୁଏ ଦାମ୍ଭିକମାନେ ପାସୋରି ଯାଉଛନ୍ତି। ଭାଗ୍ୟବଳରେ ଯଦି ବା ସେମାନେ ଜରାଶ୍ରମର ଅନୁଭୂତିକୁ ଏଡ଼ାଇ ଯାଆନ୍ତି ତଥାପି ଜୀବନର ଶେଷ ଠିକଣାରେ ପହଞ୍ଚିବା ଅବଧାର୍ଯ୍ୟ। ସେତେବେଳେ ସେମାନେ ଉତ୍ତରପିଢ଼ିଠାରୁ କୌଣସି ଔପଚାରିକତା ଆଉ ଅନୁଗ୍ରହ ଆଶା କରିବା ଅନୁଚିତ।

## ନକଲି ସୁନା

'ଅଲ୍ ଦାଟ୍ ଗ୍ଲିଟରସ ଇଜ୍ ନଟ୍ ଗୋଲ୍ଡ।' ଇଂରାଜୀ ଭାଷାରେ ବହୁଳ ବ୍ୟବହୃତ ଏହି ପ୍ରବାଦର ଓଡ଼ିଆ ମର୍ମାନ୍ତର ହେଉଛି - 'ଝଟକୁ ଥିବା ସବୁ ଜିନିଷ ସୁନା ନୁହେଁ।' ଅର୍ଥାତ୍ ବାହାରକୁ ଯାହା ଦେଖାଯାଏ ଅସଲରେ ତାହା ସେପରି ହେବ ବୋଲି କୌଣସି ନିଶ୍ଚିତତା ନାହିଁ। ଏ କଥା ଅନ୍ତେବହୁତ ଜାଣି ମଧ୍ୟ ଆମେମାନେ ବିଭିନ୍ନ ଉତ୍ପାଦର ଲୋଭନୀୟ ବିଜ୍ଞାପନରେ ଆକୃଷ୍ଟ ହୋଇ କିଣି ନେଉଛୁ ବା ଜୀବନଚର୍ଯ୍ୟାରେ ସାମିଲ୍ କରି ନେଉଛୁ। ଏପରିକି 'ଅତିବିଶ୍ୱସନୀୟ' ଭାବେ ଧାରଣା ସୃଷ୍ଟି କରିସାରିଥିବା କମ୍ପାନୀମାନେ ମଧ୍ୟ ଉପଭୋକ୍ତାମାନଙ୍କର ଏହି ସରଳତା ଓ ମାନସିକ ଦୁର୍ବଳତାର ସୁଯୋଗ ନେଇ ବିପୁଳ ପରିମାଣର ଲାଭ କରିଚାଲୁଛନ୍ତି। ଏଭଳି ଏକ ଉଦାହରଣ ପୁଣି ଥରେ ଗଣମାଧ୍ୟମରେ ଚର୍ଚ୍ଚା ସୃଷ୍ଟି କରିଛି।

ଆୟୁର୍ବେଦ କମ୍ପାନୀ ଡାବର ଦ୍ୱାରା ବଜାରରେ ବିକ୍ରି ହେଉଥିବା ମହୁ, ନଡ଼ିଆ ଖିର ଓ ଗାଈ ଘିଅରେ ବ୍ୟବହୃତ 'ଶତପ୍ରତିଶତ' ଶବ୍ଦକୁ ହଟାଇ ଦେବା ପାଇଁ ଭାରତର ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ(ଏଫ୍‌ଏସ୍‌ଏସ୍‌ଏଆଇ) ନିର୍ଦ୍ଦେଶ ଦେଇଛି। ୨୦୨୫ ମେ'ମାସରେ ମଧ୍ୟ ଏଫ୍‌ଏସ୍‌ଏସ୍‌ଏଆଇ ଅନୁରୂପ ନିର୍ଦ୍ଦେଶନାମା ଜାରି କରି କହିଥିଲା ଯେ କୌଣସି ଉତ୍ପାଦକୁ ଶତପ୍ରତିଶତ ବିଶୁଦ୍ଧ, ଶତପ୍ରତିଶତ ଜୈବିକ, ଶତପ୍ରତିଶତ ପ୍ରାକୃତିକ ବୋଲି ଲେଖାଯାଇପାରିବ ନାହିଁ। ଏହା ଖାଦ୍ୟ ସୁରକ୍ଷା ମାନଦଣ୍ଡକୁ ସମର୍ଥନ କରୁନାହିଁ, ବରଂ ଗ୍ରାହକଙ୍କୁ ଅନୈତିକ ଭାବରେ ପ୍ରଲୁବ୍ଧ କରୁଛି। କୌଣସି ଉତ୍ପାଦକୁ ବିଶ୍ୱର କୌଣସି ଅନୁଷ୍ଠାନ ଶତପ୍ରତିଶତ ବୋଲି ଦାବି କରିପାରିବେ ନାହିଁ। କାରଣ ଉତ୍ପାଦନରେ ଯେତେ ବିଶୁଦ୍ଧତା ଅବଲମ୍ବନ କରାଯାଇଥିଲେ ମଧ୍ୟ ତାହା ବଜାରକୁ ଆସିବା ପୂର୍ବରୁ ବହୁ ପ୍ରକ୍ରିୟା ଓ ସୋପାନ ଦେଇ ଗତି କରିବାକୁ ହୋଇଥାଏ। ଫଳରେ ଉତ୍ପାଦ ତାହାର ଶତପ୍ରତିଶତ ମୌଳିକତା ହରାଇଥାଏ। ସ୍ୱାସ୍ଥ୍ୟ ଓ ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ବଜାରରେ ବିକ୍ରି ହେଉଥିବା ପ୍ରକ୍ରିୟାକୃତ ଆହାର ଗୁଣାତ୍ମକ ଦୃଷ୍ଟିରୁ ଶତ ପ୍ରତିଶତ ଆଦୌ ହୋଇପାରିବ ନାହିଁ। ସେହିପରି ଯାହା ଶତପ୍ରତିଶତ ପ୍ରାକୃତିକ ତାହା ସ୍ୱାସ୍ଥ୍ୟ ପକ୍ଷେ ଶତପ୍ରତିଶତ ହିତକର ନୁହେଁ। ଏପରିକି ସୁନା ଶତପ୍ରତିଶତ ଖାଣ୍ଟି ହେଲେ ମଧ୍ୟ ସେଥିରେ ଗହଣା ନିର୍ମାଣ ହୋଇପାରୁ ନଥିବାରୁ ଖାଦ ମିଶାଇବାକୁ ପଡ଼େ।

ବସ୍ତୁତଃ ଆଜିକାଲି ଏଭଳି କୌଣସି ସାମଗ୍ରୀ ନାହିଁ, ଯାହା ମଣିଷର ଶରୀରରେ ବିଷକ୍ରିୟା ସୃଷ୍ଟି କରୁନାହିଁ। ଯେଉଁଠି ମାଟି ପାଣି ପବନ ବିଷାକ୍ତ ହୋଇସାରିଲାଣି ଆମେ ଶତପ୍ରତିଶତ ବିଶୁଦ୍ଧତା ପାଇବା କେଉଁଠୁ? ଏପରିକି ପାଣିକୁ ଆମେ ଯେତେ ଛାଣି ପିଇଲେ ମଧ୍ୟ ଯୋଗାଣ ପାଇପ୍‌ରେ ଥିବା ମାଇକ୍ରୋ ପ୍ଲାଷ୍ଟିକ୍ କଣିକା ଆମ ଶରୀର ଭିତରକୁ ପ୍ରବେଶ କରୁଛି। ତେଣୁ କମ୍ପାନୀମାନେ ସେମାନଙ୍କ ଉତ୍ପାଦକୁ ଗୁଣାତ୍ମକ ମାନରେ ଶତପ୍ରତିଶତ ପ୍ରମାଣପତ୍ର ଦେବେ କିଭଳି? ଆଜିର ଦୁନିଆରେ ମାନବିକତା ମରିସାରିଥିବାରୁ ଜୀବନରକ୍ଷାକାରୀ ଔଷଧ ମଧ୍ୟ ଭେଜାଲ୍ ହେଉଛି। କିନ୍ତୁ ଶକ୍ତ ଆଇନ ନଥିବାରୁ ଭେଜାଲ୍‌କାରୀମାନେ ଅପରାଧ ଭିଆଇ ମୁକ୍ତ ଆକାଶ ତଳେ ବିଚରଣ କରୁଛନ୍ତି। ଏଫ୍‌ଏସ୍‌ଏସ୍‌ଏଆଇ କେବଳ ନିର୍ଦ୍ଦେଶନାମା, ମାର୍ଗଦର୍ଶିକା, ପରାମର୍ଶ ଜାରି କରିବା ବଦଳରେ ଏ ଦିଗରେ ଶକ୍ତ ଆଇନ ପ୍ରଣୟନ କରିବା ଦିଗରେ ସରକାରଙ୍କୁ ସୁପାରିସ କଲେ ଚକ୍ ଚକ୍ କରୁଥିବା ସୁନା ନକଲି ନ ହୋଇ ଅସଲି ହୋଇପାରନ୍ତା।

# ନୋବେଲରେ ଭାରତ ପଛୁଆ କାହିଁକି

ଶ୍ରୀବତ୍ସ ନାୟକ

ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ଦିଆଯାଉଥିବା ପୁରସ୍କାର ମଧ୍ୟରୁ 'ନୋବେଲ' ପୁରସ୍କାର ସବୁଠାରୁ ମର୍ଯ୍ୟାଦାଜନକ ତଥା ସର୍ବଶ୍ରେଷ୍ଠ। ସୁଇସ୍ ବୈଜ୍ଞାନିକ ତଥା ଡିନାମାଇଟର ଉଦ୍ଭାବକ ଆଲଫ୍ରେଡ ନୋବେଲଙ୍କ ଦ୍ୱାରା ପ୍ରତିଷ୍ଠିତ 'ନୋବେଲ ଫାଉଣ୍ଡେସନ' ତରଫରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖ, ନୋବେଲଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ୱିଡେନର ରାଜଧାନୀ ଷ୍ଟକହୋମଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଶାନ୍ତି, ଭେଷଜ, ସାହିତ୍ୟ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ନୋବେଲ ପୁରସ୍କାର ମୁଖ୍ୟତଃ ଜିଜ୍ଞାସା, ସୃଜନଶୀଳତା ଓ ମୌଳିକତାରୁ ପ୍ରେରିତ କାର୍ଯ୍ୟ ଏବଂ ଗବେଷଣାକୁ ମାନ୍ୟତା ଦେଇଥାଏ।

୧୯୦୧ ମସିହାରୁ ପ୍ରଚଳିତ ନୋବେଲ ପୁରସ୍କାର ୨୦୨୫ ମସିହା ସୁଦ୍ଧା ଅର୍ଥାତ୍ ୧୨୪ ବର୍ଷ ମଧ୍ୟରେ ୧୦୨୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ପଦାର୍ଥ ବିଜ୍ଞାନରେ ୨୩୦ ଜଣ, ରସାୟନ ବିଜ୍ଞାନରେ ୨୦୦ ଜଣ, ଭେଷଜରେ ୨୩୨ ଜଣ, ସାହିତ୍ୟରେ ୧୨୨ ଜଣ, ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ୧୪୩ ଜଣ ଏବଂ ଅର୍ଥନୀତି କ୍ଷେତ୍ରରେ ୯୯ ଜଣ ବିଦ୍ୱାନ ବ୍ୟକ୍ତି ଏହି ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ୪୨୮ ନୋବେଲ ବିଜେତାଙ୍କ ସହିତ ତାଲିକାର ଶୀର୍ଷରେ ଆମେରିକା ରହିଥିବା ବେଳେ ୧୪୪ ନୋବେଲ ବିଜେତାଙ୍କ ସହ ୟୁକେ ଏବଂ ୧୧୬ ନୋବେଲ ବିଜେତାଙ୍କ ସହିତ ଜର୍ମାନ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି। ସ୍ୱିଡେନ ଭଳି ଏକ କ୍ଷୁଦ୍ର ରାଷ୍ଟ୍ର ୩୫ ଜଣ ନୋବେଲ ବିଜେତା ପ୍ରାପ୍ତ ହୋଇଥିବା ବେଳେ ତାଲିକାରେ ୧୦ ବିଜେତାଙ୍କ ସହ ଭାରତ ୧୯ତମ ସ୍ଥାନରେ ରହିଛି। ବହୁସଂଖ୍ୟକ ବୈଜ୍ଞାନିକ, ସୃଜନ, ଅର୍ଥନୀତିଜ୍ଞ ସହିତ ସର୍ବାଧିକ ଜନବହୁଳ ଦେଶ ହେବା ସତ୍ତ୍ୱେ ନୋବେଲରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ। ବିଶେଷକରି ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ଦେଖୁଥିବା ଏବଂ ୨୦୫୦ ମସିହା ବେଳକୁ ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଥିବା ଭାରତ ବିଗତ ଏକ ଶତାବ୍ଦୀ ଧରି ବିଜ୍ଞାନ କ୍ଷେତ୍ରରେ ନୋବେଲ ନପାଇବା ଦେଶର ବୈଜ୍ଞାନିକ ସୃଜନଶୀଳତା ଓ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାରତୀୟ ଶିକ୍ଷାରୁ ନବସୃଜନ କାହିଁକି ହଜିଯାଉଛି, ନୋବେଲ ପୁରସ୍କାର ଦୌଡ଼ରେ ଭାରତ କାହିଁକି ପଛରେ ଅଛି ତାହା ଏବେ ଆଲୋଚ୍ୟର ପ୍ରସଙ୍ଗ।

ଭାରତୀୟ ବୈଜ୍ଞାନିକମାନେ ନୋବେଲ ଭଳି ସମ୍ମାନଜନକ ପୁରସ୍କାର ନପାଇବାର ଯେଉଁସବୁ କାରଣ ରହିଛି ତନ୍ମଧ୍ୟରୁ ଗବେଷଣା କ୍ଷେତ୍ରରେ ପର୍ଯ୍ୟାପ୍ତ ସମ୍ବଳ ବିନିଯୋଗ ନ ହେବା ପ୍ରମୁଖ କାରଣ। ଏ କ୍ଷେତ୍ରରେ ଇସ୍ରାଏଲ ଘରୋଇ ଉତ୍ପାଦ (ଜିଡିପି)ର ୬.୩ ପ୍ରତିଶତ, ତାଇୱାନ ୪.୯ ପ୍ରତିଶତ, ଦକ୍ଷିଣ କୋରିଆ ୪.୫ ପ୍ରତିଶତ, ଆମେରିକା ୩.୪ ପ୍ରତିଶତ, ଜାପାନ ୩.୪ ପ୍ରତିଶତ, ଅଷ୍ଟ୍ରିଆ ୩.୩ ପ୍ରତିଶତ, ଜର୍ମାନ୍ ୩.୧ ପ୍ରତିଶତ ଓ ଚୀନ ୨.୪ ପ୍ରତିଶତ ଅର୍ଥ ବିନିଯୋଗ କରୁଥିବାବେଳେ ଭାରତର ବିନିଯୋଗ ମାତ୍ର ୦.୭ ପ୍ରତିଶତ। ୨୦୧୦-୧୧ ଆର୍ଥିକ ବର୍ଷରେ ଭାରତରେ ଗବେଷଣା ପାଇଁ ୬୦, ୧୯୬.୭୫ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ୨୦୨୦-୨୧ରେ ୧, ୨୭, ୩୮୦.୯୬ କୋଟି ଟଙ୍କା ବିନିଯୋଗ ହୋଇଥିଲା। ନିବେଶ ପରିମାଣ ଏକ ଦଶନ୍ଧିରେ ଦ୍ୱିଗୁଣିତ ହୋଇଥିଲା ସତ; ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ସଦୃଶ।

ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ଭାରତୀୟ ବୈଜ୍ଞାନିକଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ୨୦୨୪ ମସିହାରେ ପ୍ରାୟ ୫, ୩୦୦ ଭାରତୀୟ ବୈଜ୍ଞାନିକ ଏଥିରେ ସ୍ଥାନ ପାଇଥିଲେ, ଯାହା ପ୍ରକୃତରେ ଗର୍ବର ବିଷୟ। ଏତେସଂଖ୍ୟକ ବୈଜ୍ଞାନିକ ଥିବା ସତ୍ତ୍ୱେ ଭାରତ ବିଜ୍ଞାନ କ୍ଷେତ୍ରରେ ନୋବେଲସ୍ତରୀୟ ସଫଳତା ହାସଲ ନ କରିବା ପ୍ରମାଣ କରୁଛି ଯେ ଗବେଷଣା ଗୁଣାତ୍ମକ ନହୋଇ ପରିମାଣାତ୍ମକ ହୋଇଯାଇଛି। ଗବେଷଣାର ମୌଳିକତା ଯଥେଷ୍ଟ ହ୍ରାସ ପାଇଛି। ଉଚ୍ଚ ଗୁଣବତ୍ତା ଅନୁସନ୍ଧାନ ହେଉନାହିଁ। ଅଧିକ ଉଦ୍ଧୃତ ଓ ପେଟେଣ୍ଟ ଦାଖଲ ଉପରେ ଧ୍ୟାନ ଦିଆଯାଉଛି। ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଅନେକ ଦୁର୍ବଳତା ମଧ୍ୟ ଏଥିନିମନ୍ତେ କେତେକାଂଶରେ ଦାୟୀ। ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ଏମ୍ଆଇଟି ଓ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା ତୁଳନାରେ ଭାରତରେ ବିଶ୍ୱବିଦ୍ୟାଳୟ ଶିକ୍ଷାବ୍ୟବସ୍ଥା ବହୁ ପଛରେ। ଭାରତରେ ଗବେଷଣା ବଦଳରେ ପାରମ୍ପରିକ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଏ। ଭାରତର ଯେଉଁମାନେ ଗବେଷଣା କ୍ଷେତ୍ରରେ ଉଣାଅଧିକେ ଦକ୍ଷ, ସେମାନେ ବିଦେଶରେ ରହି ଅନେକ ଗୁଣାତ୍ମକ ଗବେଷଣା କରୁଛନ୍ତି। ଭାରତ ଜନ୍ମିତ ବିଦେଶରେ ନାଗରିକତ୍ୱ ଗ୍ରହଣ କରି ଅନେକ୍ ବିଦ୍ୱାନ ନୋବେଲପ୍ରାପ୍ତ ହୋଇଛନ୍ତି। ଏ କ୍ଷେତ୍ରରେ ହରଗୋବିନ୍ଦ ଖୁରାନା, ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର, ରାମକୃଷ୍ଣନ ପ୍ରମୁଖ ରହିଛନ୍ତି।

ଏତଦବ୍ୟତୀତ ଭାରତରେ ଦୀର୍ଘକାଳୀନ ଦୂରଦୃଷ୍ଟି ସମ୍ପନ୍ନ ନୀତି ନିର୍ଦ୍ଧାରଣର ଅଭାବ ରହୁଛି। ଚୀନ, ଜାପାନ, ଦକ୍ଷିଣ କୋରିଆ ଭଳି ଦେଶରେ ୨୦-୩୦ ବର୍ଷର ଦୀର୍ଘକାଳୀନ ଯୋଜନା ରହିଥିବା ବେଳେ ଭାରତର ଯୋଜନାର ସର୍ବକାଳୀନ ଅବଧି ହେଉଛି ପାଞ୍ଚ ବର୍ଷ। ବୈଜ୍ଞାନିକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା, ସରକାରୀ ଚାପ, ଅର୍ଥନୈତିକ ପୃଷ୍ଠପୋଷକତା ମାତ୍ରାଧିକ ପ୍ରାଶାସନିକ ହସ୍ତକ୍ଷେପ ମଧ୍ୟ ଏ କ୍ଷେତ୍ରରେ କେତେକାଂଶରେ ଦାୟୀ। ଉପଯୁକ୍ତ ମେଧାବୀ ଚିହ୍ନିବାରେ ଅସମର୍ଥ ଯୋଗୁଁ ଯେଉଁକିଛି ଗବେଷଣା ହେଉଛି ସେଗୁଡ଼ିକ ପାରମ୍ପରିକ ଏବଂ ପୂର୍ବଲିଖିତ ଧାରାର ଏକ ପୁନରାବୃତ୍ତି ମାତ୍ର। ଉପଯୁକ୍ତ ଯୋଗ୍ୟତା, ଗବେଷଣା ଦକ୍ଷତା ଓ ଉଚ୍ଚକୋଟୀର ଅନୁସନ୍ଧାନ ଥାଇ ମଧ୍ୟ ଭାରତର ପ୍ରାଶାସନିକ ନିୟମ ଅନୁସାରେ ପଦୋନ୍ନତି ନିମନ୍ତେ ବିଜ୍ଞ ଅପେକ୍ଷା ଅଭିଜ୍ଞଙ୍କୁ ଗୁରୁତ୍ୱ ଦିଆଯାଉଛି। କୌଣସି ମେଧାବୀ ତଥା ଯୁବ ବୈଜ୍ଞାନିକ କୌଣସି ପ୍ରତିଷ୍ଠିତ ଅନୁଷ୍ଠାନରେ ଗବେଷଣା କରିବାର ସୁଯୋଗ ପାଉଥିଲେ ମଧ୍ୟ ରାଜନୈତିକ ଚାପ ତଥା ଉପଯୁକ୍ତ ସରଞ୍ଜାମ ଅଭାବରୁ ଗବେଷଣା ବାଧାପ୍ରାପ୍ତ ହୋଇଥାଏ। ଏହିଭଳି ଏକ ବ୍ୟବସ୍ଥାରେ ଜଣେ ଯୁବ ବୈଜ୍ଞାନିକର ସ୍ୱପ୍ନ ମରିଯାଏ ଓ ପ୍ରେରଣା ହଜିଯାଏ। ପ୍ରକାଶନ ଓ ପୁରସ୍କାର ପାଇଁ ଦୌଡ଼ ଭିତରେ ଗବେଷଣାର ମୂଳ ଲକ୍ଷ୍ୟ ସୁଦୂରପ୍ରସାରୀ ହୁଏ। ଥରେ ଚିନ୍ତା କରନ୍ତୁ ତ! ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଅବଦୁଲ କଲାମଙ୍କୁ ବିଶ୍ୱବିଦ୍ୟାଳୟରେ ପଢ଼ାଇବାର ସୁଯୋଗ ମିଳି ନଥିଲା କିନ୍ତୁ ପରବର୍ତ୍ତୀ ସମୟରେ ସେ ଭାରତର 'ମିଶାଇଲ ମ୍ୟାନ' ଭାବରେ ପ୍ରତିଷ୍ଠିତ ହୋଇଥିଲେ।

ଭାରତକୁ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବାକୁ ହେଲେ ଜିଜ୍ଞାସାକୁ ଦମନ କରିବା ପରିବର୍ତ୍ତେ ଉତ୍ସାହିତ କରିବା ଉଚିତ। ଏଥିପାଇଁ ଶିକ୍ଷାରେ ସଂସ୍କାର ଆଣିବା ଦରକାର। ଭାରତୀୟ ସମ୍ବିଧାନ ଅନୁଯାୟୀ, ବୈଜ୍ଞାନିକ ମନୋଭାବ ବିକଶିତ କରିବା ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ କର୍ତ୍ତବ୍ୟ, ଯାହା ୧୯୭୬ ମସିହା ୪୨ତମ ସଂଶୋଧନର ଧାରା ୫୧ଇ(ଏଚ୍) ମାଧ୍ୟମରେ ସାମିଲ କରାଯାଇଛି। ଏହି ବ୍ୟବସ୍ଥା ପ୍ରତ୍ୟେକ ନାଗରିକଙ୍କୁ ପ୍ରଶ୍ନ କରିବା ମନୋଭାବ, ମାନବବାଦ ଓ ସଂସ୍କାରର ମନୋଭାବ ବିକଶିତ କରିବାକୁ ଆହ୍ୱାନ କରେ। ଏହା ଆମକୁ ମନେ ପକାଇଦିଏ ଯେ ବୈଜ୍ଞାନିକ ପଦ୍ଧତିର ଲକ୍ଷ୍ୟ ହେଉଛି ମାନବ କଲ୍ୟାଣ। ତେଣୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା ଓ ସୃଜନଶୀଳତାକୁ ପ୍ରଭାବଶାଳୀ ଭାବରେ ବିକଶିତ କରିବା ଉଚିତ୍। ଅନ୍ୟପକ୍ଷରେ ଦେଖିଲେ 'ଧର୍ମ ଓ ଅନେକ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଭାରତ ବିଜ୍ଞାନ କ୍ଷେତ୍ରରେ ବହୁତ ପଛରେ ରହିଯାଇଛି। ସରକାର ଏ ସବୁ ଉପରେ ଯତ୍ନବାନ୍ ହେବା ନିହାତି ଜରୁରୀ।

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ, ମୋ: ୯୪୩୮୦୭୦୮୪୯

# ଜନମଙ୍ଗଳ ଯୋଜନା ଓ ସରକାରଙ୍କ ଉତ୍ତରଦାୟିତ୍ୱ

ଡା. ରାଜାରାମ ଷଡ଼ଙ୍ଗୀ

ଯୋଜନା ଅଛି, ବ୍ୟବସ୍ଥା ଅଛି, ବଜେଟ୍ ଅଛି; କିନ୍ତୁ ଯଦି ଲାଭ ପାଇବାକୁ ଥିବା ହିତାଧିକାରୀଟିଏ ଏ ଦୁଆରରୁ ସେ ଦୁଆର ଧାଇଁ ଧାଇଁ ନିଜ ଅଧିକାର ପାଇପାରୁନାହିଁ, ତେବେ ପ୍ରଶ୍ନ କେବଳ ବ୍ୟବସ୍ଥାର ନୁହେଁ। ପ୍ରଶ୍ନ ହେଉଛି ଶାସନର ସମ୍ବେଦନଶୀଳତା ଓ ଉତ୍ତରଦାୟିତ୍ୱର। ସରକାରୀ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ସମାଜର ସବୁଠାରୁ ଦୁର୍ବଳ, ଅସହାୟ ଓ ବଞ୍ଚିତ ଲୋକଙ୍କ ଜୀବନରେ ସୁରକ୍ଷା ଓ ସ୍ୱାଭିମାନର ଆଶ୍ୱାସନା ଆଣିବା। ଜଣେ ବୃଦ୍ଧଙ୍କ ହାତରେ ଭତ୍ତା, ଜଣେ ଦିବ୍ୟାଙ୍ଗଙ୍କ ହାତରେ ସାମାଜିକ ସୁରକ୍ଷାର ସହାୟତା, ଜଣେ ଗରିବ ପରିବାରର ମୁଣ୍ଡ ଉପରେ ଛାତ - ଏ ସବୁ କେବଳ ସରକାରୀ ଅନୁଦାନ ନୁହେଁ; ଏହା ହେଉଛି ରାଜ୍ୟର ସାମାଜିକ ଦାୟିତ୍ୱର ପ୍ରତିଫଳନ। କିନ୍ତୁ ଯେତେବେଳେ ସେହି ସହାୟତା ପାଇବା ପାଇଁ ଜଣେ ଶତପ୍ରତିଶତ ଦିବ୍ୟାଙ୍ଗ ମହିଳାଙ୍କୁ ବାୟୋମେଟ୍ରିକ, କେୱାଇସି ଓ ଅନ୍ୟାନ୍ୟ ପ୍ରକ୍ରିୟାର ଜଟିଳତାରେ ଅଟକି ରହିବାକୁ ପଡ଼େ, ସେତେବେଳେ ଆମକୁ ଭାବିବାକୁ ହେବ ବ୍ୟବସ୍ଥା ମଣିଷ ପାଇଁ ନା ମଣିଷ ବ୍ୟବସ୍ଥା ପାଇଁ?

ଉଦାହରଣ ସ୍ୱରୂପ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକର କଦଳୀଗଡ଼ ଗ୍ରାମର ଶତପ୍ରତିଶତ ଦିବ୍ୟାଙ୍ଗ ଯଶୋମତି କଅଁର ନିଜେ ଚାଲିପାରୁନାହାନ୍ତି। ବାପା-ମା' ନାହାନ୍ତି। ଅତ୍ୟନ୍ତ ଦୁର୍ବଳ ଆର୍ଥିକ ପରିବେଶରେ ଭାଇଙ୍କ ଆଶ୍ରୟରେ ଜୀବନ କାଟୁଛନ୍ତି। ଯେଉଁ ଘର ତାଙ୍କୁ ଆଶ୍ରୟ ଦେଉଛି, ସେଠାରେ ମଧ୍ୟ ଦାରିଦ୍ର୍ୟର ଚିହ୍ନ ଜଳ ଜଳ ଦେଖାଯାଉଛି। ପୂର୍ବରୁ ହାତକୁ ହାତ ମିଳୁଥିବା ଯଶୋମତିଙ୍କ ଭତ୍ତା ଏବେ ପ୍ରଶାସନ ପାଖରେ ଅଟକି ଯାଇଛି। ବ୍ୟାଙ୍କ ମାଧ୍ୟମରେ ଟଙ୍କା ପାଇବା ବ୍ୟବସ୍ଥା ଆରମ୍ଭ ହେବା ପରେ ଏଭଳି ଅବସ୍ଥା। ନଗଦରୁ ବ୍ୟାଙ୍କ ଭଳି ସେବା ପାଇଁ ଯଦି ସମସ୍ୟା ସୃଷ୍ଟି ହୋଇଛି, ତେବେ ଏହାର ସମାଧାନ କରିବା ମଧ୍ୟ ପ୍ରଶାସନର ଦାୟିତ୍ୱ। ଫିଙ୍ଗର ପ୍ରିଣ୍ଟ ମେଳ ନ ଖାଇବା, ବାୟୋମେଟ୍ରିକ ଚିହ୍ନଟ ନ ହେବା କିମ୍ବା ଆଖି ସ୍କାନ୍ ସମ୍ଭବ ନହେବା ଏସବୁ ଯଶୋମତିଙ୍କ ଦୋଷ ନୁହେଁ। ତେଣୁ ଏଭଳି ସମସ୍ୟାରେ ତାଙ୍କର ଅଧିକାର ଅଟକାଇବାର କୌଣସି କାରଣ ରହିବ ଏହା ଉଚିତ ନୁହେଁ।

ଡିଜିଟାଲ ପ୍ରଶାସନ, ଆଧାର ଆଧାରିତ ପ୍ରମାଣୀକରଣ ଓ ବାୟୋମେଟ୍ରିକ ବ୍ୟବସ୍ଥା ଦୁର୍ନୀତି ହ୍ରାସ, ସ୍ୱଚ୍ଛତା ଓ ଶୀଘ୍ର ସେବା ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପ୍ରଯୁକ୍ତି କେବେ ମଣିଷର ଅଧିକାର ପାଇବାରେ ବାଧା ହେବା ଉଚିତ ନୁହେଁ। ବିଶେଷକରି ଦିବ୍ୟାଙ୍ଗ, ବୃଦ୍ଧ, ଶଯ୍ୟାଶାୟୀ ଓ ଅତ୍ୟନ୍ତ ଅସହାୟ ବ୍ୟକ୍ତିଙ୍କ କ୍ଷେତ୍ରରେ 'ବିକଳ୍ପ ବ୍ୟବସ୍ଥା' ହିଁ ପ୍ରଶାସନର ପ୍ରଥମ ଚିନ୍ତା ହେବା ଦରକାର। ଯଦି ଏକ ମେସିନ୍ ଜଣେ ନାଗରିକଙ୍କୁ ଚିହ୍ନଟ କରିପାରୁନାହିଁ, ତେବେ ନାଗରିକଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିଦିଆଯାଇପାରିବ ନାହିଁ। ଯଦି କେହି ଅସହାୟ ହିତାଧିକାରୀ ବ୍ୟାଙ୍କକୁ ଆସନ୍ତି ଏବଂ ବାୟୋମେଟ୍ରିକ ବିଫଳ ହୁଏ, ତେବେ କେବଳ 'କେୱାଇସି ହେଉନି' କହି ତାଙ୍କୁ ଫେରାଇଦେବା ପ୍ରଶାସନିକ ଦୃଷ୍ଟିରୁ ଗୁରୁତର ଚିନ୍ତାର ବିଷୟ। ଯଦି କେୱାଇସି ନାମରେ କାହାର ଅଧିକାର ଛଡ଼ାଇ ନିଆଯାଏ ତେବେ ବ୍ୟବସ୍ଥା ଉପରେ ଏହା ସରକାରୀ ବିଫଳତା ଭାବେ ପ୍ରତୀୟମାନ ହେବ।

ଜଣେ ସାଧାରଣ ନାଗରିକ ହୁଏତ ଏକାଧିକ ଥର ବ୍ୟାଙ୍କକୁ ଯାଇପାରିବେ। କିନ୍ତୁ ଯେଉଁ ମହିଳା ନିଜେ ଚାଲିପାରୁନାହାନ୍ତି, ତାଙ୍କୁ ପ୍ରତିଥର ଭାଇ କିମ୍ବା ପରିବାରର ସହାୟତାରେ ନେଇଯିବାକୁ ପଡୁଛି, ପ୍ରତ୍ୟେକ ଯାତ୍ରା ତାଙ୍କ ପାଇଁ ଏକ ଯନ୍ତ୍ରଣା। ତେଣୁ ଏଭଳି ମାମଲାରେ ଅଧିକାରୀଙ୍କ ଭୂମିକା କେବଳ ନିୟମ ଦେଖାଇବାରେ ସୀମିତ ନରଖି ସମାଧାନ ଖୋଜିବାର ପନ୍ଥା ଖୋଜିବା ଆବଶ୍ୟକ। ଏଠାରେ ସ୍ପଷ୍ଟ ହେବା ଉଚିତ ଯେ ଯୋଜନାର ସଫଳତା କାଗଜରେ ନୁହେଁ, ହିତାଧିକାରୀଙ୍କ ହାତରେ ରହିଥାଏ। ସରକାର ଯେତେ ଯୋଜନା ଘୋଷଣା କରନ୍ତୁ, ଯେତେ ବଡ଼ ବଜେଟ୍ ବ୍ୟବସ୍ଥା କରନ୍ତୁ, ତାହାର ସଫଳତାର ପ୍ରକୃତ ମାପଦଣ୍ଡ ହେଉଛି ଶେଷଧାଡ଼ିରେ ଥିବା ମଣିଷଟିଏ ତାହାର ଲାଭ ପାଇଲା କି ନାହିଁ।

ଯଶୋମତିଙ୍କ ଭଳି ଲୋକଙ୍କ ପାଖରେ ଯୋଜନା ପହଞ୍ଚି ନ ଥିଲେ ଯୋଜନାର ଉଦ୍ଦେଶ୍ୟ ଅଧାରେ ରହିଯାଏ। କାଗଜରେ ହିତାଧିକାରୀଙ୍କ ନାମ ଥିବା ଏବଂ ବାସ୍ତବରେ ତାଙ୍କ ହାତକୁ ଟଙ୍କା ପହଞ୍ଚିବା ଏହି ଦୁଇଟି ଏକ ନୁହେଁ। ଏହି ଘଟଣା କେବଳ ଜଣେ ଯଶୋମତିଙ୍କ କାହାଣୀ ନୁହେଁ। ରାଜ୍ୟର ଅନେକ ଗାଁରେ ଏଭଳି ଅନେକ ହିତାଧିକାରୀ ଥାଇପାରନ୍ତି, ଯେଉଁମାନେ କାଗଜରେ ଯୋଜନାର ହିତାଧିକାରୀ, କିନ୍ତୁ ବାସ୍ତବରେ ଲାଭ ପାଇବାରୁ ବଞ୍ଚିତ। କାହାର ଆଧାର ସମସ୍ୟା, କାହାର ବ୍ୟାଙ୍କ ସମସ୍ୟା, କାହାର ବାୟୋମେଟ୍ରିକ ସମସ୍ୟା, ଆଉ କାହାର ଦସ୍ତାବିଜ ସମସ୍ୟା। ଏଭଳି କ୍ଷେତ୍ରରେ ପ୍ରଶାସନକୁ ହିଁ ଖୋଜିବାକୁ ପଡ଼ିବ ସମାଧାନର ପନ୍ଥା। 'ହିତାଧିକାରୀ କାହିଁକି ପାଇଲେ ନାହିଁ' ଅପେକ୍ଷା 'କେମିତି ତାଙ୍କୁ ପହଞ୍ଚାଇବା' ତାହା ପ୍ରଶାସନର ଚିନ୍ତା ହେବା ଆବଶ୍ୟକ।

ଯଶୋମତିଙ୍କ ଘଟଣାରେ ମଧ୍ୟ ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରିବା ଆବଶ୍ୟକ। କେଉଁଠି ସମସ୍ୟା ହେଉଛି, କାହିଁକି ହେଉଛି ଏବଂ ଏତେଦିନ ଧରି ଅଭିଯୋଗ ହେବା ସତ୍ତ୍ୱେ ଏହାର ସମାଧାନ କାହିଁକି ହୋଇନାହିଁ? ଏହା ହିଁ ଏକ ସ୍ୱଚ୍ଛ ସରକାରଙ୍କ ପାଇଁ ପ୍ରଶାସନର ମୂଳ ଦାୟିତ୍ୱ। କେବଳ ଯଶୋମତିଙ୍କ ଭତ୍ତା ଚାଲୁ କରିଦେଲେ ଦାୟିତ୍ୱ ଶେଷ ହେବ ନାହିଁ। ତାଙ୍କ ବକେୟା ଭତ୍ତା, ଆବାସ ଯୋଜନାର ଲାଭ ଏବଂ ଭବିଷ୍ୟତରେ ଯେପରି ଏଭଳି ସମସ୍ୟା ପୁଣି ନହୁଏ, ସେଥିପାଇଁ ସ୍ଥାୟୀ ବ୍ୟବସ୍ଥା କରିବା ଆବଶ୍ୟକ। ସରକାର ଲୋକଙ୍କ ପାଇଁ। ପ୍ରଶାସନ ଲୋକଙ୍କ ସେବା ପାଇଁ। ଯୋଜନା ମଧ୍ୟ ଲୋକଙ୍କ କଲ୍ୟାଣ ପାଇଁ। ତେଣୁ ଜଣେ ଅସହାୟ ଦିବ୍ୟାଙ୍ଗ ମହିଳା ନିଜ ପ୍ରାପ୍ୟ ପାଇଁ ବ୍ଲକ, ପଞ୍ଚାୟତ ଓ ବ୍ୟାଙ୍କ ଦୁଆରରେ ଧାଇଁ ଧାଇଁ ନିରାଶ ହେବା ନିଶ୍ଚିତ ଭାବେ ଏକ ବ୍ୟବସ୍ଥାଗତ ପ୍ରଶ୍ନ ଉଠାଏ। ଯୋଜନାର ଲାଭ ପାଇବା ଜଣେ ହିତାଧିକାରୀଙ୍କ ଦୟା ନୁହେଁ, ତାଙ୍କ ଅଧିକାର। ସେହି ଅଧିକାର ପାଇଁ ଯଦି ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ଅସହାୟ ଭାବେ ଦପ୍ତରରୁ ଦପ୍ତର ଧାଇଁବାକୁ ପଡ଼େ, ତେବେ ସେଠାରେ ଆମ ଜନମଙ୍ଗଳ ବ୍ୟବସ୍ଥାର ସମ୍ବେଦନଶୀଳତା ଉପରେ ପ୍ରଶ୍ନ ଉଠେ।


ଏବେ ଆବଶ୍ୟକ ଆଉ ଏକ ପ୍ରତିଶ୍ରୁତି ନୁହେଁ, ତୁରନ୍ତ ହସ୍ତକ୍ଷେପ, ଦାୟିତ୍ୱ ନିର୍ଦ୍ଧାରଣ ଓ ସମାଧାନ। କାରଣ ଜନମଙ୍ଗଳ ଯୋଜନାର ସଫଳତାର ପ୍ରକୃତ ପ୍ରମାଣ ସରକାରୀ ଫାଇଲ୍‌ରେ ନୁହେଁ, ଯଶୋମତିଙ୍କ ଭଳି ଶେଷଧାଡ଼ିର ମଣିଷଙ୍କ ମୁହଁରେ ସ୍ପଷ୍ଟ ବାରିହେଉଥିବା ହସ।

ପଡ଼ିଆବାହାଲ(ସମ୍ବଲପୁର),
ମୋ: ୯୪୩୭୪୦୫୪୫୫

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

ପ୍ରବୀର କୁମାର ପଟ୍ଟନାୟକ

ଓଡ଼ିଶାର ବୌଦ୍ଧ ପରମ୍ପରା



*ପୂର୍ବପ୍ରକାଶିତ ଉତ୍ତାରୁ...*

ନଂ ୧୩- ତ୍ରୟୋଦଶ ଶିଳାଲେଖ ହେଉଛି ଏହି ଶୃଙ୍ଖଳାର ସବୁଠାରୁ ଲମ୍ବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କଳିଙ୍ଗ ସଂସ୍କରଣରେ ଏହା ବାଦ୍ ପଡ଼ିବା ବାରମ୍ବାର ଲକ୍ଷ୍ୟ କରାଯାଉଛି ଏବଂ ଏଥିପାଇଁ ଦିଆଯାଇଥିବା କାରଣଗୁଡ଼ିକ ପ୍ରାୟ ସର୍ବସମ୍ମତ ଜଣାପଡ଼େ।

ଶିଳାଲେଖର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶଟି ହେଉଛି କଳିଙ୍ଗ ଯୁଦ୍ଧ ଏବଂ ଏହାଦ୍ୱାରା ଘଟିଥିବା ମାନବିକ ଦୁଃଖକଷ୍ଟ ପାଇଁ ଅଶୋକଙ୍କ ଅନୁତାପକୁ ବର୍ଣ୍ଣନା କରୁଥିବା ଉକ୍ତି। ଯେଉଁ ଲୋକମାନେ ପରାଜିତ ହୋଇଥିଲେ ସେମାନେ ନିଶ୍ଚିତ ଭାବେ ନିଜର କ୍ଷୟକ୍ଷତିକୁ ମନେ ପକାଇବାକୁ ଚାହିଁବେ ନାହିଁ। ଘଟଣାକ୍ରମେ ଅଶୋକ ଏହି କ୍ଷୟକ୍ଷତିକୁ ବଢ଼ାଇ ଅତ୍ୟୁକ୍ତି କରି କହିଥାଇ ପାରନ୍ତି, ଯେପରିକି ସେ ପ୍ରଥମ ଶିଳାଲେଖରେ ତାଙ୍କ ରାଜପ୍ରସାଦରେ ରୋଷଇ ଘରେ ପ୍ରତିଦିନ ହତ୍ୟା କରାଯାଉଥିବା ପଶୁଙ୍କ ସଂଖ୍ୟାକୁ ନିଶ୍ଚିତ ଭାବେ ଅତ୍ୟୁକ୍ତି କରିଥିଲେ। ଅଶୋକଙ୍କ ଅନୁତାପ ତାଙ୍କ ବିଜୟ ଲାଭ କରିଥିବା ଅଞ୍ଚଳରେ ଅଧିକ ପ୍ରଚାରିତ ହେଲେ ନିଶ୍ଚିତ ଭାବରେ ଏକ ଅଡୁଆ ପ୍ରଶ୍ନ ସୃଷ୍ଟି କରିଥା'ନ୍ତା। ଯଦି ତାଙ୍କର ଅନୁତାପ ପ୍ରକୃତ ଥିଲା ତେବେ ସେ କଳିଙ୍ଗକୁ ସ୍ୱାଧୀନତା କାହିଁକି ଫେରାଇ ଦେଲେ ନାହିଁ? ସେହି ଆଦେଶକୁ ଏହା ସହିତ ଦୁର୍ବଳତାର ଏକ ସଙ୍କେତ ଭାବରେ ମଧ୍ୟ ବିବେଚନା କରାଯାଇପାରିବ ଏବଂ ଏହା ଦର୍ଶାଇବ ଯେ ବିଦ୍ରୋହ ଅଥବା ବିପ୍ଳବ କିମ୍ବା ଅବାଧ୍ୟତାକୁ ଦୃଢ଼ ଭାବରେ ଦମନ କରାଯିବ।

ଉପରେ ଦର୍ଶାଯାଇଥିବା ଉଦ୍ଧୃତିର ପରବର୍ତ୍ତୀ ଅଂଶଟି ସେହି ଧର୍ମ ବିଜୟ ବିଷୟରେ ସୂଚିତ କରିଥାଏ, ଯାହା ଅଶୋକ ନିଜ ସାମ୍ରାଜ୍ୟର ସୀମା ଭିତରେ ଏବଂ ସୀମା ବାହାରେ ଉଭୟ ସ୍ଥାନରେ ହାସଲ କରିଥିଲେ। ଯଦି ଅଶୋକ ତାଙ୍କ ନିଜର ଶିଳାଲେଖ ମାଧ୍ୟମରେ ତାଙ୍କର ଧର୍ମ, ନୀତି, ଅହିଂସା ଓ କଳିଙ୍ଗ ଯୁଦ୍ଧ ପାଇଁ ଅନୁତାପ କରିଥିବା କଥା କଳିଙ୍ଗର ଲୋକମାନଙ୍କୁ ଜଣାଇଥା'ନ୍ତେ ତେବେ ଏହା ତାଙ୍କ ସାମ୍ରାଜ୍ୟ ପାଇଁ ରାଜନୈତିକ ସ୍ତରରେ ଅନୁଚିତ ତଥା ବିପଜ୍ଜନକ ହୋଇଥା'ନ୍ତା। କାରଣ ଏହା ସ୍ଥାନୀୟ ଲୋକଙ୍କ ମନରେ ଏହି ପ୍ରଶ୍ନ ଆସିଥା'ନ୍ତା କି ଯଦି ଅଶୋକ ପ୍ରକୃତରେ ଧର୍ମ ମାଧ୍ୟମରେ ବିଜୟ ଉପରେ ବିଶ୍ୱାସ କରୁଥିଲେ ତେବେ ସେ କାହିଁକି ଏହି ଅଞ୍ଚଳରୁ ନିଜ ସେନାଙ୍କୁ ପ୍ରତ୍ୟାହାର କଲେ ନାହିଁ ଏବଂ ଏହିପରି ଭାବରେ ପୁଣି ଏକ ବିଜୟ ହାସଲ କଲେ?

ତ୍ରୟୋଦଶ ଶିଳାନୁଶାସନରେ ଶେଷ କେତୋଟି ଧାଡ଼ିରେ ଅଶୋକ ତାଙ୍କର ଉତ୍ତରାଧିକାରୀମାନଙ୍କୁ ଆଉ ନୂତନ ଯୁଦ୍ଧ କିମ୍ବା ବିଜୟ ବିଷୟରେ ଚିନ୍ତା ନ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ବଦଳରେ ସେମାନଙ୍କୁ ତାଙ୍କ ନିଜ ଭଳି ଧର୍ମ ଏବଂ ଅହିଂସାର ଶାନ୍ତିପୂର୍ଣ୍ଣ ବିଜୟ ଅଥବା ଧର୍ମବିଜୟ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ଯଦି ଏହି ଲେଖାଟି କଳିଙ୍ଗରେ ପ୍ରକାଶ ପାଇଥା'ନ୍ତା ତେବେ ସ୍ଥାନୀୟ ଦେଶପ୍ରେମୀମାନଙ୍କୁ ନୈତିକ ଶକ୍ତି ତଥା ପ୍ରେରଣା ଦେଇଥା'ନ୍ତା, ଯାହାଦ୍ୱାରା ସେମାନେ ଅଶୋକଙ୍କ ମୃତ୍ୟୁ ପରେ ନିଜ ଅଧିକାର ପାଇଁ ଲଢ଼ି ପାରିଥା'ନ୍ତେ, ଯଦି ମୌର୍ଯ୍ୟ ବଂଶୀୟ ରାଜାମାନେ କଳିଙ୍ଗ ଉପରେ ନିଜ ଶାସନ ବଜାୟ ରଖିଥା'ନ୍ତେ। କିନ୍ତୁ ବାସ୍ତବରେ ସେପରି ଘଟି ନ ଥିଲା। ଅଶୋକଙ୍କ ମୃତ୍ୟୁ ପରେ ମୌର୍ଯ୍ୟ ସାମ୍ରାଜ୍ୟ ଦୁର୍ବଳ ହୋଇଯାଇଥିଲା ଏବଂ କଳିଙ୍ଗ ତାଙ୍କ କବ୍‌ଜାରେ ନଥିଲା।

ତେଣୁ ଆମେ ଏହି ନିଷ୍କର୍ଷରେ ପହଞ୍ଚି ପାରିବା ଯେ କଳିଙ୍ଗ ସଂସ୍କରଣରୁ ଦ୍ୱାଦଶ ଏବଂ ତ୍ରୟୋଦଶ ଶିଳାଲେଖଗୁଡ଼ିକୁ ମୁଖ୍ୟତଃ ସାମ୍ରାଜ୍ୟବାଦୀ ରାଜନୀତିକ କାରଣରୁ ବାଦ ଦିଆଯାଇଥିଲା। କଳିଙ୍ଗରେ ଏଗୁଡ଼ିକୁ ପ୍ରକାଶ କରାଯାଇଥିଲେ ତାହା ନିଶ୍ଚିତ ଭାବେ ରାଜଦ୍ରୋହକୁ ପ୍ରୋତ୍ସାହିତ କରିଥା'ନ୍ତା। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୪୦ ବର୍ଷ ପରେ...

ନଥିଲା। ଲାଞ୍ଚ ଟଙ୍କା କାହା ପାଖକୁ ଯାଇଥିଲା, ତାହାର କୌଣସି ସ୍ପଷ୍ଟ ସୂଚନା ସିବିଆଇ ପାଇନଥିଲା। ତଦନ୍ତରେ ଅତ୍ୟଧିକ ବିଳମ୍ବ ଯୋଗୁଁ ଅନେକ ପ୍ରମୁଖ ସାକ୍ଷୀ ଓ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ତଦନ୍ତ ପାଇଁ ସିବିଆଇ ପ୍ରାୟ ୨୫୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ କୌଣସି ଦୃଢ଼ ପ୍ରମାଣ ପାଇପାରି ନଥିଲା। ୨୦୧୮ ରେ ସୁପ୍ରିମକୋର୍ଟ ମଧ୍ୟ ଆବେଦନ କରିବାରେ ୧୨ ବର୍ଷର ବିଳମ୍ବକୁ ନେଇ ସିବିଆଇକୁ କଡ଼ା ସମାଲୋଚନା କରିଥିଲେ। ୨୦୨୫ରେ ଆମେରିକୀୟ ତଦନ୍ତକାରୀ ମାଇକେଲ ହର୍ସମ୍ୟାନଙ୍କ ଦାବି ଆଧାରରେ ଶେଷ ଉଦ୍ୟମ କରାଯାଇଥିଲେ ବି କୌଣସି ନୂତନ ତଥ୍ୟ ସାମ୍ନାକୁ ଆସିନଥିଲା। ଶେଷରେ ଦୀର୍ଘ ୪୦ ବର୍ଷର ଆଇନଗତ ଲଢେଇ ପରେ, କାହାକୁ ବି ଦୋଷୀ ସାବ୍ୟସ୍ତ ନକରି ଏହି ଚର୍ଚ୍ଚିତ ମାମଲା ସମ୍ପୂର୍ଣ୍ଣ ବନ୍ଦ ହୋଇଛି।

### ଥାଇଲ୍ୟାଣ୍ଡ ବିଦ୍ୟାଳୟରେ...

ହୋଇ ଦୌଡ଼ି ପଳାଉଥିବା ସମୟରେ କିଛି ଛାତ୍ରଛାତ୍ରୀ ଆହାତ ହୋଇଥିବା ଜଣାପଡ଼ିଛି। ପୁଲିସ ଅଫିସର ଦେଚରାପି କୋଙ୍ଗଡିଙ୍କ ଅନୁସାରେ, ଏହି ନୃଶଂସ କାଣ୍ଡ ପଛର ମୂଳ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ତଦନ୍ତ ପରେ ଖୁବ ଶୀଘ୍ର କାରଣ ନେଇ ସ୍ଥିତି ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଥାଇଲ୍ୟାଣ୍ଡରେ ବେଆଇନ ବନ୍ଧୁକ ବ୍ୟବହାର ଓ ହିଂସାତ୍ମକ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଏହା ସ୍ଥାନୀୟ ପ୍ରଶାସନ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି।

### ଏନ୍‌ଟିଏ ବିଶେଷଜ୍ଞ...

ଚେକ୍ ଯାଦବଙ୍କ ସହଯୋଗୀଙ୍କୁ ଦେଇଥିଲେ। ଖୈରନାର ଏହି ପ୍ରଶ୍ନପତ୍ର ପାଇଁ ଧନଞ୍ଜୟ ଲୋଖଣ୍ଡେଙ୍କୁ ୨୫ ଲକ୍ଷ ଟଙ୍କା ଦେଇଥିବା ସ୍ୱୀକାର କରିଛନ୍ତି। ଲୋଖଣ୍ଡେଙ୍କୁ ମନୀଷା ସଞ୍ଜୟ ୱାଘମାରେଙ୍କ ଜରିଆରେ ପ୍ରଶ୍ନପତ୍ର ମିଳିଥିଲା, ଯିଏ ଏନ୍‌ଟିଏ ରସାୟନ ବିଜ୍ଞାନ ବିଶେଷଜ୍ଞ ପ୍ରହ୍ଲାଦ କୁଲକର୍ଣ୍ଣୀଙ୍କ ସହ ସିଧାସଳଖ ଯୋଗାଯୋଗରେ ଥିଲେ। ୱାଘମାରେଙ୍କ ଘରୁ ଜବତ ମୋବାଇଲ୍‌ରୁ 'ନିଟ୍ ୨୦୨୬' ନାମକ ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍ ମଧ୍ୟ ମିଳିଛି। ସିବିଆଇ ଦ୍ୱାରା ରେକର୍ଡ କରାଯାଇଥିବା ଜଣେ ପରୀକ୍ଷାର୍ଥୀଙ୍କ ବୟାନ ଅନୁସାରେ, ୪ ଲକ୍ଷ ଟଙ୍କା ବଦଳରେ ପ୍ରଶ୍ନପତ୍ର ସହ ଏନ୍‌ଟିଏ ବିଶେଷଜ୍ଞଙ୍କ ଦ୍ୱାରା କୋଚିଂ ଓ ଅଫଲାଇନ୍ ସଂଶୋଧନ କ୍ଲାସ୍ ଯୋଗାଇଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ଡିଜିଟାଲ ପ୍ରମାଣ, ବ୍ୟାଙ୍କ କାରବାର ଏବଂ ସାକ୍ଷୀମାନଙ୍କ ବୟାନ ଆଧାରରେ ସିବିଆଇ ଏହି ବଡ଼ ଧରଣର ସରକାରୀ ପଦବୀର ଅପବ୍ୟବହାର ଓ ସଂଘବଦ୍ଧ ଅପରାଧିକ ଷଡ଼ଯନ୍ତ୍ରର ପୂର୍ଣ୍ଣାଙ୍ଗ ତଥ୍ୟ ଅଦାଲତରେ ଉପସ୍ଥାପନ କରିଛି।

### ଆମେରିକା ଚାପରେ...

ପେମେଣ୍ଟ ପାଇଁ ବ୍ୟାଙ୍କ ଏବଂ ସେବା ପ୍ରଦାନକାରୀ (ପେଟିଏମ୍, ଫୋନ୍ ପେ' ଏବଂ ଗୁଗଲ୍ ପେ') ଭଳି ପେମେଣ୍ଟ ପ୍ଲାଟ୍‌ଫର୍ମଙ୍କୁ ଶୁଳ୍କ ଦେବାକୁ ପଡିବ। ଯଦିବା ବର୍ତ୍ତମାନର ନିୟମ ଅନୁଯାୟୀ, ବ୍ୟାଙ୍କ ଏବଂ ପେମେଣ୍ଟ ସିଷ୍ଟମ୍ ପ୍ରଦାନକାରୀମାନେ ୟୁପିଆଇ କିମ୍ବା ରୂପେ ଡେବିଟ୍ କାର୍ଡ ପେମେଣ୍ଟ ପାଇଁ ଉପଭୋକ୍ତା କିମ୍ବା ବ୍ୟବସାୟୀଙ୍କଠାରୁ କୌଣସି ଶୁଳ୍କ (ଏମ୍‌ଡିଆର୍) ଆଦାୟ କରିପାରିବେ ନାହିଁ। ପ୍ରଚଳିତ ନିୟମରେ ଏଭଳି ଶୂନ୍ୟ-ଫି ମଡେଲ୍ ଛୋଟ ଦୋକାନୀ, ରାସ୍ତା ବିକ୍ରେତା ଏବଂ ସାଧାରଣ ଗ୍ରାହକଙ୍କ ମଧ୍ୟରେ ଡିଜିଟାଲ୍ ପେମେଣ୍ଟର ଦ୍ରୁତ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍)ଙ୍କ 'ଜାତୀୟ ବାଣିଜ୍ୟ ଆକଳନ ରିପୋର୍ଟ ୨୦୨୬' ଭାରତର ୟୁପିଆଇ, ରୂପେ ଏବଂ ବ୍ରାଜିଲର ପିକ୍ସ ସିଷ୍ଟମକୁ ସମାଲୋଚନା କରିଛି। ଜିଟିଆର୍‌ଆଇର ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି ଯେ ଭାରତ ଭିସା ଏବଂ ମାଷ୍ଟରକାର୍ଡ ଭଳି ବିଦେଶୀ କମ୍ପାନୀଗୁଡ଼ିକର ବ୍ୟବସାୟିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଏହାର ନିୟମ ପରିବର୍ତ୍ତନ କରିବା ଉଚିତ ନୁହେଁ। ଥିଙ୍କ ଟ୍ୟାଙ୍କ ଦେଶ ମଧ୍ୟରେ ପେମେଣ୍ଟ ତଥ୍ୟ ରଖିବା ପାଇଁ ଭାରତର ନିୟମ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛି। ଦେଶ ମଧ୍ୟରେ ସମ୍ବେଦନଶୀଳ ଆର୍ଥିକ ତଥ୍ୟକୁ ସୁରକ୍ଷିତ ରଖିବା ସର୍ବଦା ଠକେଇ ତଦନ୍ତ, ସାଇବର ସୁରକ୍ଷା ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିଥାଏ ବୋଲି ସଂସ୍ଥା କହିଛି। ବିଚାରାଧୀନ ପ୍ରସ୍ତାବ ଅନୁଯାୟୀ, ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ କାରବାର ଉପରେ ୦.୩%ରୁ ୦.୫% ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରାଯାଇପାରିବ। ଆଶ୍ୱସ୍ତିକର କଥା ହେଉଛି ଯେ ଏହି ନିୟମ କେବଳ ୧.୫ କୋଟି ଟଙ୍କା ଅଧିକ ବାର୍ଷିକ କାରବାର କରୁଥିବା ବଡ଼ ବ୍ୟବସାୟୀ/ଦୋକାନୀଙ୍କ ପାଇଁ ଲାଗୁ କରିବାକୁ ଯୋଜନା କରାଯାଇଛି। ଛୋଟ ବ୍ୟବସାୟୀ ଏବଂ କିରାଣା ବିକ୍ରେତା ଏହାର ପରିସର ବାହାରେ ରହିବେ। ଅପରପକ୍ଷେ ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ପରିସ୍ଥିତି ସ୍ପଷ୍ଟ କରିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ସାଧାରଣ ଗ୍ରାହକଙ୍କୁ ଭୟ କରିବାର ଆବଶ୍ୟକତା ନାହିଁ; ୟୁପିଆଇ ସେମାନଙ୍କ ପାଇଁ ମାଗଣା ରହିବ।

### ଛାଡ଼ିବନି ବର୍ଷା...

ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗିରରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

ସମ୍ଭାବ୍ୟ ଭାରି ବର୍ଷା ଓ କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଶୁକ୍ରବାର ମଧ୍ୟାହ୍ନଭୋଜନ ପରେ ଜିଲ୍ଲାର ସମସ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା ପରେ ସ୍କୁଲ ବନ୍ଦ କରାଯାଇଛି। ଅନ୍ୟପଟେ ଆସନ୍ତା ୧୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୨ ତାରିଖରେ ନୂତନ ଘୂର୍ଣ୍ଣିବଳୟ ସୃଷ୍ଟି ସହ ଏହା ପ୍ରଭାବରେ ୧୪ ବେଳକୁ ପୁଣି ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନରେ ଦର୍ଶାଯାଇଛି। ଏହା ପ୍ରଭାବରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଚଳିତ ବର୍ଷ ସ୍ୱାଧୀନତା ଦିବସରେ ଅନେକ ସ୍ଥାନରେ ବର୍ଷା ଆଶଙ୍କା କରାଯାଇଛି।

### ଅଣନିଃଶ୍ୱାସୀ ହୋଇ...

ଶ୍ରେଣୀରେ ସମୁଦାୟ ୮୮ ପିଲା ନାମ ଲେଖାଇଛନ୍ତି। ଆଜି ୭୨ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କ୍ଷମତାଠାରୁ ଅଧିକ ପିଲା ବସିବା ଓ ଶ୍ରେଣୀଗୃହରେ ଉପଯୁକ୍ତ ବାୟୁ ଚଳାଚଳ ବ୍ୟବସ୍ଥା ନ ଥିବାରୁ ୬ ଜଣ ଛାତ୍ରୀ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଚିକିତ୍ସା ପରେ ଅପରାହ୍ନ ୨ଟାରେ ସମସ୍ତଙ୍କୁ ଘରକୁ ଛାଡ଼ି ଦିଆଯାଇଛି। ଆଜିର ଏହି ଘଟଣା ନୂଆ ନୁହେଁ। ପୂର୍ବରୁ ମଧ୍ୟ ଏହି ବିଦ୍ୟାଳୟରେ ଏପରି ଘଟଣା ଦୁଇଥର ଘଟିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କୁ ପଚାରିବାରୁ କହିଲେ, ଏହା ଏକ ସରକାରୀ ବିଦ୍ୟାଳୟ। ଏଠାରେ ନାମ ଲେଖାଇବା ପାଇଁ କୌଣସି ଅଭିଭାବକଙ୍କୁ ଆମେ ମନା କରିପାରିବୁ ନାହିଁ। କିଛି ଅଭିଭାବକ ରାଜନୈତିକ ଚାପ ପକାଇ ସେମାନଙ୍କ ପିଲାଙ୍କ ନାମ ଲେଖାନ୍ତି। ପିଲା ସଂଖ୍ୟାକୁ ଦୃଷ୍ଟିରେ ରଖି ଶ୍ରେଣୀଗୃହ ବଢ଼ାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦାବି କରାଯାଇଛି। କିନ୍ତୁ ତାହା ଫଳବତୀ ହୋଇନାହିଁ ବୋଲି ପ୍ରଧାନଶିକ୍ଷକ ପ୍ରକାଶ କରିଛନ୍ତି। ଅନ୍ୟପଟେ ଖବର ପାଇ ସ୍ଥାନୀୟ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରକୃତରେ ଉକ୍ତ ବିଦ୍ୟାଳୟରେ ପିଲା ସଂଖ୍ୟା ଦୃଷ୍ଟିରୁ ଶ୍ରେଣୀଗୃହ ଅଭାବ ରହିଛି। ଗୋଟିଏ ଶ୍ରେଣୀଗୃହରେ ଏକକାଳୀନ ଏତେ ସଂଖ୍ୟାରେ ପିଲା ବସିବା ଫଳରେ ଏପରି ପରିସ୍ଥିତି ଘଟିଥିବା ସେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଲୋକଙ୍କ ସରକାରରେ ଶିକ୍ଷା କ୍ଷେତ୍ରରେ ଏତେ ଅବ୍ୟବସ୍ଥା କାହିଁକି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ କାହିଁକି ଏଠାରେ ନୂତନ ଶ୍ରେଣୀଗୃହ ନିର୍ମାଣ ହୋଇପାରୁନାହିଁ ବୋଲି ଅଭିଭାବକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

### ୨୭ ବୁଝାମଣା...

ନିବେଶ ଇଚ୍ଛାପତ୍ର ଗ୍ରହଣ କରିଛନ୍ତି, ଯାହା ଦ୍ୱାରା ୮,୦୬୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସମୁଦାୟ ଆଜି ଗସ୍ତର ପ୍ରଥମ ଦିନରେ ଓଡ଼ିଶା ସରକାର ମୋଟ ୪୩,୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛନ୍ତି, ଯାହା ଦ୍ୱାରା ୪୩,୩୧୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପପତି ମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ପ୍ରକ୍ରିୟାକରଣକୁ କେବଳ ଏକ ଶିଳ୍ପ କ୍ଷେତ୍ର ଭାବରେ ଦେଖୁନାହିଁ, ବରଂ ଏହାକୁ ଏକ ଅର୍ଥନୈତିକ ରୂପାନ୍ତର ଭାବରେ ଦେଖୁଛି। ଓଡ଼ିଶାରେ ଉତ୍ପାଦିତ ପ୍ରତ୍ୟେକ ପ୍ରମୁଖ କୃଷି ଏବଂ ସାମୁଦ୍ରିକ ସାମଗ୍ରୀ ଯେପରି ରାଜ୍ୟ ଭିତରେ ଅଧିକରୁ ଅଧିକ ପ୍ରକ୍ରିୟାକରଣ ହେବା ଆବଶ୍ୟକ। ଏହା ହେଉଛି ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଉତ୍ପାଦକମାନଙ୍କ ପାଇଁ ଅଧିକ ଆୟ ସୃଷ୍ଟି କରିବା ସହିତ ଯୁବବର୍ଗଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ସୁନିଶ୍ଚିତ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପାଞ୍ଚଟି ଷ୍ଟ୍ରାଟେଜିକ୍ ପିଲାର୍ ସମ୍ପର୍କିତ ଏକ ଦୀର୍ଘମିଆଦୀ ରୋଡମ୍ୟାପ ମଧ୍ୟ ଉନ୍ମୋଚନ କରିଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ କ୍ଲଷ୍ଟର ସୃଷ୍ଟି, ସମନ୍ୱିତ କୋଲ୍ଡ-ଚେନ୍ ଏବଂ ୱେରହାଉସିଂ ଭିତ୍ତିଭୂମିର ସମ୍ପ୍ରସାରଣ, ଖାଦ୍ୟର ଗୁଣବତ୍ତା ଏବଂ ପ୍ରମାଣପତ୍ର ପ୍ରଣାଳୀକୁ ସୁଦୃଢ଼ କରିବା, ସଂଗଠିତ ଶିଳ୍ପ ସହିତ କୃଷକ ଉତ୍ପାଦକ ସଂଗଠନ, ଏମ୍‌ଏସ୍‌ଏମ୍‌ଇ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହିତ ଯୋଡ଼ିବା ହେଉଛି, ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହାଦ୍ୱାରା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷ ୱାର୍କଫୋର୍ସର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି।

ସମାରୋହକୁ ସମ୍ବୋଧିତ କରି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଆମର ଦୃଷ୍ଟିଭଙ୍ଗୀ ହେଉଛି ଆମର କୃଷି ଏବଂ ସାମୁଦ୍ରିକ ସମ୍ପଦର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରି ଓଡ଼ିଶାକୁ ମୂଲ୍ୟବର୍ଦ୍ଧିତ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କେନ୍ଦ୍ରରେ ରୂପାନ୍ତରିତ କରିବା। ଏହି ଫୁଡ୍-ପ୍ରୋ ଇଭେଣ୍ଟ ପରେ ମୁଖ୍ୟମନ୍ତ୍ରୀ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଅଗ୍ରଣୀ ଶିଳ୍ପପତିଙ୍କ ସହିତ ଏକାଧିକ ବୈଠକ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀବୃନ୍ଦ, ଏସୋଚାମ୍‌ର ପ୍ରତିନିଧି ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦୦ ରୁ ଅଧିକ ଶିଳ୍ପ ନେତା, ଖାଦ୍ୟ ପ୍ରକ୍ରିୟାକରଣ ସଂଘ, ଉଦ୍ୟୋଗୀ, ନିବେଶକ ଏବଂ ବ୍ୟବସାୟୀ ପ୍ରତିନିଧିମାନେ ଯୋଗଦେଇଥିଲେ।

### 'ଏରୋପ୍ଲେନ୍ ରେସ୍ତୋରାଁ'...

ନଜରକୁ ଆସିଛି। ଏକ ଘରୋଇ ସଂସ୍ଥା ପୁରୀରେ ନିଜର ହୋଟେଲ ଶିଳ୍ପକୁ ଆକର୍ଷଣୀୟ କରିବା ପାଇଁ ଅନ୍ୟ ରାଜ୍ୟରୁ ଏକ ବିରାଟ ସେବାରହିତ ବିମାନ ଆଣିଥିବାବେଳେ ଏହାର ପରିବହନ ସୁବିଧା ପାଇଁ ପରିବେଶ ପ୍ରତି ଧ୍ୟାନ ଦିଆଯାଇ ନାହିଁ ବୋଲି ଅଭିଯୋଗ ହୋଇଛି। ଏହି ବିରାଟକାୟ ବିମାନଟିକୁ ଟ୍ରେଲର୍‌ରେ ବୋହି ଆଣିବା ବେଳେ ରାସ୍ତା କଡ଼ରେ ଥିବା ବହୁବର୍ଷର ପୁରୁଣା ଗଛକୁ କାଟିଦିଆଯାଇଛି। କାହା ଅନୁମତିରେ ଏହି ଗଛ କଟାଯାଇଛି ଏବଂ ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧୀରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମ୍ ଆଦ୍‌ମୀ ପାର୍ଟି ପୁରୀ ଶାଖା ପକ୍ଷରୁ ଡିଏଫ୍‌ଓଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରାଯାଇଛି।

ସୂଚନାରୁ ଜଣାପଡ଼ିଛି ଯେ ପୁରୀ-ସାତପଡ଼ା ରାସ୍ତାର ଗିରଳ ନିକଟରେ ଏକ ଘରୋଇ ସ୍ପୋର୍ଟ୍ସ କ୍ଲବ୍ ଦ୍ୱାରା 'ଆଡଭେଞ୍ଚର୍ ଥ୍ରିଲ୍ ସିଟି' ନିର୍ମାଣ ଚାଲିଛି। ଏହାକୁ ପର୍ଯ୍ୟଟକଙ୍କ ଲାଗି ମନୋରଞ୍ଜନ ଏବଂ ଅବସର ବିନୋଦନର ଏକ ପ୍ରମୁଖ ଆକର୍ଷଣ ଭାବେ ବିକଶିତ କରାଯାଉଛି। ଏଥିରେ ଓଡ଼ିଶାର ପ୍ରଥମ ବିମାନ-ଥିମ୍ ରେସ୍ତୋରାଁ ରହିବ, ଯାହା ଏକ ପ୍ରକୃତ ବିମାନ ଭିତରେ ନିର୍ମିତ ହେବ। ଏରୋପ୍ଲେନ ଭିତରେ ବସି ପର୍ଯ୍ୟଟକମାନେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ନେବା ସହିତ ଏକ ନିଆରା ଅନୁଭୂତି ସାଉଣ୍ଟିବେ। ଏଥିପାଇଁ ଶୁକ୍ରବାର ପୁରୀକୁ ଆସିଛି ଯାତ୍ରୀ ସେବାରୁ ଅବସର ପାଇଥିବା ଏକ ଏରୋପ୍ଲେନର ବଡି। ପଞ୍ଜାବରୁ ଆସିଥିବା ନେଇ କୁହାଯାଉଥିବା ଏହି ଏରୋପ୍ଲେନ ପୁରୀରେ ପହଞ୍ଚିବା ପରେ ଏହାକୁ ଦେଖିବା ପାଇଁ ବେଶ୍ ଭିଡ଼ ହୋଇଥିଲା। ଏକ ବଡ଼ ଟ୍ରେଲରରେ ଆସିଥିବା ଏହି ଉଡାଜାହଜ ବଡ଼ିକୁ ଦେଖିବା ସହିତ ଲୋକେ ମୋବାଇଲରେ ଫଟୋ ଏବଂ ଭିଡିଓ ଉତ୍ତୋଳନ ସହ ସେଲ୍‌ଫି ମଧ୍ୟ ନେଉଥିବା ଦେଖିବାକୁ ମିଳିଥିଲା। ତେବେ ଏହି ଏରୋପ୍ଲେନ ପାଇଁ ପୁରାତନ ବରଗଛ କାଟି ଦିଆଯିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି(ଆପ୍)। ଏହି ବିମାନ ପୁରୀକୁ ଅଣାଯିବା ପାଇଁ ବିନା ଅନୁମତିରେ ୭୦/୮୦ ବର୍ଷର ବରଗଛ କାଟି ଦିଆଯାଇଥିବା ନେଇ ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଡିଏଫଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଏରୋପ୍ଲେନ ଆସିଥିବା ଟ୍ରେଲର ଗିରଳ ନିକଟରେ ବୁଲିପାରିବ ନାହିଁ। ତେଣୁ ବହୁ ପୁରୁଣା ବରଗଛ ୩ଟିକୁ କାଟି ଦିଆଯାଇଛି। ବଡ଼ କଥା ହେଉଛି, ଏହି ଗଛ କାଟିବା ପାଇଁ ନା ଡିଏଫ୍‌ଓ ନା ବ୍ରହ୍ମଗିରି ତହସିଲ କେହି ଅନୁମତି ଦେଇ ନ ଥିବାବେଳେ ରାସ୍ତାକଡ଼ରେ ଥିବା ବଡ଼ ବଡ଼ ଗଛ କିପରି କଟାଗଲା। ବ୍ୟକ୍ତିଗତ ଫାଇଦା ପାଇଁ ଯିଏ ଏହି ଗଛ କାଟିଛି, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଶ୍ରୀ ମହାନ୍ତି ନିବେଦନ କରିଛନ୍ତି।

### ଧାନକିଣାରୁ ବାଦ୍...

ବିରୋଧୀ ଦଳ ଦାବି କରିଛି। ତେବେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ସେ କହିଛନ୍ତି ଯେ ଗତବର୍ଷ ଧାନ ସଂଗ୍ରହ ସମୟରେ ଦେଖାଦେଇଥିବା ବିଭିନ୍ନ ତ୍ରୁଟିକୁ ସୁଧାରିବା ପାଇଁ ପଞ୍ଜୀକରଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ପ୍ରକୃତ ଚାଷୀଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚାଇବା ଏବଂ ସମସ୍ତ ଯୋଗ୍ୟ କୃଷକ ଯେପରି ଇନପୁଟ ସବସିଡି ପାଇପାରିବେ, ସେଥିପାଇଁ ସରକାର ଏହି ପଦକ୍ଷେପ ନେଇଥିବା ସେ କହିଛନ୍ତି।


**OFFICE OF THE EXECUTIVE ENGINEER** 32001/657/2627

GROUND WATER DEVELOPMENT DIVISION-1 HP BUILDING, UNIT-8, DELTA SQUARE, BHUBANESWAR-751012 [Phone No.2561040(O), email:executiveengineerhpbbsr@gmail.com

**"e" Procurement Notice No. 92H1 2026-27 Dt. 06.08.2026**

Bid Identification No. GWD DIV-1BBSR-06/26-27

Executive Engineer, GWD Division-I, Delta square, Unit- 8, Bhubaneswar on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work.

| | | |
|---|---|---|
| 1. | Nature of the Work | Civil Work |
| 2. | Name of the Work : | Construction of 2nos of Rooftop rainwater Harvesting Structures at Old Classroom (+2),Sri Jagannath College, Kaipadar of Khordha district for the FY - 2026-27. |
| 3. | Approximate amount put to tender | Rs.5.18 Lakh |
| 4. | Period of Completion | 1 (One) Calendar Month |
| 5. | Class of Contractor | "C" & "D" Class Contractor |
| 6. | Date & time of Availability of Bid document in the portal | Dt. 13.08.2026 at 11.00 AM to 24.08.2026 up to 11.00 AM |
| 7. | Last date & time of receipt of Bids in the Portal | Dt. 24.08.2026 up to 11.00 AM |
| 8. | Date, time & place of opening of Technical/ Financial Bid/s | Dt. 24.08.2026 at 11.30 AM in O/o the EE GWD Divn-1 |
| 9. | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING, UNIT-8, DELTA SQUARE, BHUBANESWAR-751012 |

Further details can be seen from the Govt. website www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Executive Engineer
GWD Division I

OIPR-32001/32331/1/26-27/0001

**AFFIDAVIT**

I Sk Manwar Hussain S/o Late Sk Arju Hosssin residence of At- Patthan Mohalla Banka Bazar, Po/Ps- Purana Bazar, Dist- Bhadrak, Odisha, Pin-756100, declare by this affidavit No-1180, date- 02/07/2026, that now onwards I shall be known as **SHAIK MANWAR HOSSAIN** for all future purposes.

**AFFIDAVIT**

I, Benugopal Krishna Maddi, aged about 69 years, S/o- Narasimhula, resident of At- Bell Road, Near S.B.I, Bank, Ps- Jeypore Town, Dist- Koraput, Odisha, Pin- 764001, do hereby declare by this affidavit No. 1564, dtd- 07/08/2026, that now onwards I shall be known as **VENUGOPAL KRISHNA MADDI** for all future purposes.

34001/601/2627 E-mail.eekalahandi@gmail.com FAX No.06670-230512

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA**

*E-Procurement Notice*

*Bid Identification No. BC KLD-02/2026-2027*

No. **6432** Dated. **06.08.2026**

| | | | |
|---|---|---|---|
| 1 | No. of the work: | : | 01 (One) Civil works |
| 2 | Estimated cost | : | Rs 5.008 Lakhs |
| 3. | Period of completion: | : | 03 (Three) days |
| 4. | Date and time of availability of bid document in the portal: | : | 11.00 hrs of 07.08.2026 to 11.00 hrs of 12.08.2026 |
| 5 | Last date/Time for receipt of bid in the portal: | : | 11.00hour of 12.08.2026 |
| 6 | Name and address of the Officer Inviting Bid: | : | Superintending Engineer, Kalahandi(R&B)Division, Bhawanipatna |
| 7 | Opening of the Single Cover Bid / Technical Bid of double cover. | : | On 12.08.2026 at 12.00 PM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer
Kalahandi (R&B) Division

OIPR-34001/34017/1/26-27/0002

**OFFICE OF THE PANCHAYAT SAMITI, PAIKMAL**

AT/PO/PS:- Paikmal, Dist:- Bargarh (Odisha), PIN:- 768039

E_Mail ID:- ori-paikmal@od.gov.in 19001/181/2627

No. **1829** Dt. **03.08.2026**

**"e"-procurement Notice**

**Bid Identification No. BDO/Paikmal/04/2026-27**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. **www.tendersodisha.gov.in**

| | | | |
|---|---|---|---|
| 1. | Nature of work | : | Civil works |
| 2. | No. of works | : | 5 |
| 3. | Estimated cost | : | as per NIT |
| 4. | Period of completion | : | As per NIT |
| 5. | Date and time of availability of the Documents in the Portal. | : | From 07.08.2026 11.00 AM to 14.08.2026 5.00 PM |
| 6. | Last date/time for receipt of Bids in the portal. | : | Dt. 14.08.2026 up to 5.00 PM |
| 7. | Bids received online shall be opened on | : | Dt. 17.08.2026 at 11 AM |
| 8. | Name and address of the Officer inviting Bid. | : | Block Development Officer, Paikmal |

Further, the details can be seen from the procurement Portal **www.tendersodisha.gov.in**

Block Development Officer
Paikmal

OIPR-19001/19175/1/26-27/0004

13001/1453/2627 Email Id: sambalpurm.hud@nic.in

**Sambalpur Municipal Corporation**
**Sambalpur**

Notice No. **11230** /SMC/Eng. Dt. **06.08.2026**

**"e" Procurement Notice.**

***Bid Identification No. 24/SMC.SBP/2026-27***

**Tender ID No. 2026_ORULB_138060**

The Municipal Commissioner on behalf of Municipal Corporation, Sambalpur invites tenders in double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen in the Govt. Website i.e. **https://tendersodisha.gov.in**

1. Number of Civil works: **1 (One) number**
2. Estimated Costs: **84.67 Lakhs**
3. Period of completion: As per NIT
4. Date and time of availability of the bid documents in the portal:
   **From 11 A.M. of 07.08.2026 to 05.00 PM of 24.08.2026**
5. Last Date/ Time of receipt of Bids in the portal: **05.00 PM of 24.08.2026**
6. Bids will be opened on: **11.00 AM of Dt. 25.08.2026**
7. Name and address of the officer inviting bid: **Municipal Commissioner, Sambalpur Municipal Corporation, Sambalpur**

Commissioner
Sambalpur Municipal Corporation

OIPR-13001/13122/1/26-27/0019

**AFFIDAVIT**

By virtue of an affidavit no. 1024 before the Executive Magistrate, Rairakhol, dtd.04.08.2026, I, Manju Mirdha, W/o Late Kamal Mirdha, resident of Village Jharamunda, P.O. Badabahal, P.S. Rairakhol, Dist. Sambalpur-768106, hereby declare that my minor daughter's name has been changed from TENKEL MIRDHA to TWINKLE MIRDHA. Both names refer to one and the same person. Henceforth, my daughter shall be known as **TWINKLE MIRDHA** for all purposes.

**Manju Mirdha**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ETELCONBBST-386E

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଏବଂ ସମ୍ବଲପୁର ମଣ୍ଡଳରେ NI ପୂର୍ବରୁ / NI ସମୟରେ ଅସ୍ଥାୟୀ ଆଲୋକୀକରଣ ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 63,25,400.01, EMD (ଟଙ୍କାରେ) : ₹1,26,500/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା.14.08.2026ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2026 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର

PR-164/CJ/26-27

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELS-ANGL-OT-26-27-06

**କାର୍ଯ୍ୟର ନାମ :** ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ ସଫେଇ କାର୍ଯ୍ୟକଳାପ ସମୂହ।

**ବିଜ୍ଞାପିତ ମୂଲ୍ୟ (₹):** 62,31,699.20, EMD (₹): 1,24,600.00, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.08.2026 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2026 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS)/ ଅନୁଗୁଳ

PR-348/R/26-27

**AFFIDAVIT**

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, KUJANGA, I **SLAGNA SWAIN**, D/O DHANESWAR SWAIN, PERMANENT RESIDENT OF VILLAGE-PATANA, P.O.- DHINKIA, P.S.-JAGATSINGHPUR, PIN-754141, ODISHA, DECLARE BY THIS AFFIDAVIT NO - 503, DATED- 28/01/2026, THAT NOW ONWORDS I SHALL BE KNOWN AS **SULAGNA SWAIN** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 838, dated 30-07-2026, I, BHAGAT AMANATYA, S/o - Padlam Amanatya, permanent resident of Village - Disariguda, PO - Aunli, PS - Borigumma, Dist- Koraput, Odisha, Pin - 764063, declare that I have changed the name of my Son from ANANDH AMANATYA to ANANDA AMANATYA. Henceforth, he shall be known as **ANANDA AMANATYA** for all purposes.

**Sd/- Bhagat Amanatya**

**AFFIDAVIT**

By virtue of an affidavit sworn before Executive Magistrate, Nabarangpur dtd. 06th August 2026, I Sri Bhaktacharan Nayak, permanent resident of village/Po. Badaguda, Ps. Kosagumuda, in the district of Nabarangpur, Odisha, Pin No. 764061 declare that I have changed my son's name from AOJET NAYAK (Old Name) to AJAY NAYAK (New Name). Henceforth, He shall be known as **AJAY NAYAK** (New Name) for all purposes.

**Bhaktacharan Nayak**

**AFFIDAVIT**

By virtue of an affidavit no. 20 before the Executive Magistrate, Puri, dtd.05.08.2026, I, Jyotshnarani Sahoo, W/o Umakanta Swain, resident of Vill/PO-Olla, P.S. Chandanpur, Dist.- Puri- 752014, hereby declare that my minor son's name has been changed from SAAYAN SAMBIT SWAIN to RUDRANSH SWAIN. Both names refer to one and the same person. Henceforth, my son shall be known as **RUDRANSH SWAIN** for all purposes.

**Jyotshnarani Sahoo**

**AFFIDAVIT**

Notice By virtue of an affidavit no - 1343 sworn before Executive Magistrate Sundargarh dated- 07/08/2026, I Lalaprasad Sahoo, S/o. Laxmidhar Sahoo, aged about 24 years, residing At- Manjuripada, po- Pingua, Ps- Nihalprasad, Block- Gondia, Dist-Dhenkanal, Pin- 759016 Odisha declare that, I have changed my name from **Lalaprasad Sahoo** to **Prasad Sahoo.** Henceforth I Shall be known as **Prasad Sahoo** for all future purposes.

**(PRASAD SAHOO)**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 893, dated 06.08.2026, I, SOBHASING KALAR, Son of- Narsingh Kalar, permanent resident of Village- Khutuguda, PO - Borigam, PS - Dabugam, Dist- Nabarangpur, Odisha, Pin - 764072, declare that I have changed my name from SOBHA KALAR to SOBHASING KALAR. Henceforth, I shall be known as **SOBHASING KALAR** for all purposes.

**Sd/- Sobhasing Kalar**

**AFFIDAVIT**

By Virtue of an affidavit sworn before Executive Magistrate Bhograi, no- 5015, dated 06.08.2026, I, S/o Parimal Sahoo, At- Upla, Po -Dubsahi, PS- Kamarda, District-Balsore, Odisha, Pin-756035 declare that, I have changed my name from Uttam Parimal Sahoo to Uttam Sahoo. Henceforth, I shall be known as **Uttam Sahoo** for all future purpose.

**AFFIDAVIT**

**By virtue of an affidavit before Executive Magistrate, Bhubaneswar, I, Niroda Kumar Dehury, retired Naib-Subedar in Indian Army, S/o- Sadhu Charan Dehury residing At/Po.- Ranjagol, Ps.- Balimi, Dist.- Dhenkanal, Odisha, Pin- 759020 declare that, my wife's actual and real name is Biswamaitri Pradhan but her name wrongly written as Biswamaitree Pradhan in my service document vide PPO no. 91046039/2010 (now SPARSH PPO NO. 232201102178). Henceforth BISWAMAITRI PRADHAN and Biswamaitree Pradhan is one and same lady who is my legal married wife.**

**For Sale**

1 Number of Tractor – Tafe MF 254 Dyna Track 4WD, Registration No.- OD-01- BB – 5099, Model- 2025, ENGINE NO – SJ327B96360, CHASSIS NO - MEA7D6BFBS2584298, For Details, contact – 94370 55763, 9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE, 756001, PH. NO- 06782-266658

**AFFIDAVIT**

By virtue of an affidavit before the Court of Executive Magistrate, Baripada, Mayurbhanj, I, Amrapalli Rout W/o- Puneet Gaba, D/o- Sushanta Rout, At-Purunahatasahi, Ward No. 6, PO/PS-Baripada, Dist-Mayurbhanj, Odisha–757001, declare that my name has been changed from Amrapalli Patra to Amrapalli Rout. In R.C. Book No. OD11/9683, my name is recorded as Amrapalli Patra, W/o- Guru Prasad Patra. I have applied to RTA, Baripada for correction as Amrapalli Rout, W/o Puneet Gaba. This name shall be used for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 823, dated 28-07-2026, I, ABHIMANYU JANI, S/o - Sagnu Jani, permanent resident of Village - Maniaguda, PO - Chacharaguda, PS - Dabugam, Dist - Nabarangpur, Odisha, Pin - 764072, declare that I have changed the name of my Son from BHAGAT JANI to BHARAT JANI. Henceforth, he shall be known as **BHARAT JANI** for all purposes.

**Sd/- Abhimanyu Jani**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCSBPOT86 ତା.01.08.2026ରିଖ

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ଜରପଡ଼ା-କେରେଜାଙ୍ଗ-ଅନୁଗୁଳ ସେକ୍ସନ ମଧ୍ୟରେ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ ଅନୁଗୁଳ (ANGL), କେରେଜାଙ୍ଗ (KPJG) ଏବଂ ଜରପଡ଼ା (JRPD) ଠାରେ ସଂକେତ ଏବଂ ଦୂରଂସଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ସିଙ୍ଗଲ DP ଯୁକ୍ତ ମଲ୍ଟି ସେକ୍ସନ ଡିଜିଟାଲ୍ ଏକ୍ସଲ କାଉଣ୍ଟର (MSDAC) ସହିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ର ଯୋଗାଣ, ସଂସ୍ଥାପନ ଓ ପ୍ରଚଳନ।"

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 67,42,67,109/-, EMD (ଟଙ୍କାରେ) : 1,34,85,400/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ :** ତା.24.08.2026 ରିଖ 1100 ଘଟିକାରେ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.ireps.gov.in ରେ। ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ/ସମ୍ବଲପୁର

PR-163/CJ/26-27

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 875, dated: 05-08-2026, I, MOUSUMI SETHIA, W/o - Laxman Harijan, permanent resident of - R. K Colony, Nabarangpur, PO/PS/Dist - Nabarangpur, Odisha, Pin - 764059, declare that my son's name has been wrongly recorded as "KUMAR SWASTIK" instead of "SWASTIK BIDWAN KUMAR" in the Birth Registration Certificate Vide Registration No. 1473/2026, dated 09.04.2026. Henceforth, the correct name of my son shall be known as **"SWASTIK BIDWAN KUMAR"** for all purposes.

**Sd/- Mousumi Sethia**

**AFFIDAVIT**

By virtue of an affidavit no. 3086 before Notary Public, Dharamgarh, dtd.07.08.2026, I, SRIDEVI MAHANAND, W/o Hara Mahanand, Vill- Kashibahal, P.O. Dharamgarh, P.S. Dharamgarh, Dist. Kalahandi-766015, hereby declare that I have changed my name from HARIPRIYA MAHANAND to SRIDEVI MAHANAND. Both names refer to one and the same person. Henceforth, I shall be known as **SRIDEVI MAHANAND** for all purposes.

**SRIDEVI MAHANAND**

**AFFIDAVIT**

By virtue of an affidavit sworn before the notary public Cuttack,dated 29.05.26, I Sailendra Kumar Sahu of chhatia PO- chhatia,PS-Badachana ,Dist - Jajpur,pin code - 754023 , declare that I have changed my minor daughter name Soumya Subhalipsa Sahu to Somya Subhalipsa Sahu. Henceforth she will be known as Somya **Subhalipsa Sahu** for all purposes.

**AFFIDAVIT**

I Atya Asfia Khan S/o- Gulam Rasul, resident of Padampur, Vill: Padampur, PO: Rajborasambar, PS: Padampur, Dist: Baragarh, Odisha, PIN-768036 declare by this affidavit No- CF No.04, dated- 03.08.2026 that now onwards I shall be known as **ATAYE ASFIYA KHAN** for all future purposes.

**AFFIDAVIT**

By virtue of an affidavit (CF No. 03, dtd- 10.03.2026) sworn before The Executive Magistrate, Padampur. I, **Nepal Bariha** (new name), S/o Dasharathi Bariha, permanent resident of AT- Majhipali, PO- Bhengarajpur, PS: Paikmal, Dist: Bargarh, State: Odisha, PIN: 768039 declare that I have changed my name from **Gopal Bariha** (old name) to **Nepal Bariha** (new name). Henceforth, I shall be known as **Nepal Bariha** (new name) for all purposes.

**Nepal Bariha**

# ୩ ଚୋରି ମାମଲାରେ ୯ ଗିରଫ, ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ

## ହଷ୍ଟେଲ୍‌ରୁ ଟିଭି, ଗ୍ୟାସ୍ ଚୁଲା, ଘରୁ ପିତ୍ତଳ ବାସନ ଚୋରିର ପର୍ଦ୍ଦାଫାସ୍

କେନ୍ଦ୍ରାପଡ଼ା, ୭।୮ (ସମିସ)



ଚୋରି କରି ଖସିଯାଉଥିଲେ। ଚୋରା ସାମଗ୍ରୀ ବିକ୍ରି ପାଇଁ ଖୋଜୁଥିଲେ ଖରିଦଦାର। ହେଲେ ପୁଲିସର ତଦନ୍ତରେ ଶେଷରେ ଖୋଲିଲା ଚୋରିର ଡୋର। ଗୋଟିଏ କି ଦୁଇଟି ନୁହେଁ, ତିନିଟି ପୃଥକ ଚୋରି ମାମଲାର ତଦନ୍ତ କରି ସଦର ଥାନା ପୁଲିସ ୯ ଜଣଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ଚୋରି ସାମଗ୍ରୀ ଜବତ କରିଛି। ଏହି ଘଟଣା ପରେ ଚୋରି ସାମଗ୍ରୀର କାରବାରକୁ ନେଇ ମଧ୍ୟ ପୁଲିସ ତଦନ୍ତ ଆରମ୍ଭ କରିଛି। ସଦର ଥାନା ଅନ୍ତର୍ଗତ ଗୁଆଳସିଂ ମୌଜାରେ ଥିବା ଓବିସି ହଷ୍ଟେଲରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡେରାବିଶ ଭାତବାଗ ଅଞ୍ଚଳର ଗଜନୀ ଓରଫ ଚିନ୍ମୟ ଦାସ (୨୩), ଠାକୁରହାଟର ଜଟିଆ ଓରଫ ତନ୍ମୟ ଦାସ (୨୨), ହଳଦିଆ ଗ୍ରାମର ଶିବନାରାୟଣ ସାହୁ (୨୦), ପୁରୁଷୋତ୍ତମପୁରର ଚିଣ୍ଟୁ ଓରଫ ଚିନ୍ମୟ ସେଠୀ ଓ ମୀର୍ଜାପାଟଣାର ଦୀପକ ବେହେରା। ପୁଲିସର ସୂଚନା ଅନୁଯାୟୀ, ତିନି ଅଭିଯୁକ୍ତ ହଷ୍ଟେଲର ଗ୍ରିଲ୍ ଭାଙ୍ଗି ଚୋରି କରିଥିବାବେଳେ ଅନ୍ୟ ଦୁଇଜଣ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ୭ଟି ଆଲୁମିନିୟମ୍ ଡିସ୍ ଓ ଡାଙ୍କୁଣି, ୨ଟି ବଡ଼ ଗ୍ୟାସ୍ ଚୁଲା ଓ ୪୫ ଇଞ୍ଚର ଏଲ୍‌ଇଡି ଟିଭି ଜବତ ହୋଇଛି।

**ଘର ଚୋରିରେ ଦୁଇ ଗିରଫ:** ଅନ୍ୟଏକ ମାମଲାରେ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ସତ୍ୟଭାମା ଦାସଙ୍କ ଘରୁ ଗତ ୨୯ ତାରିଖରେ ହୋଇଥିବା ଚୋରି ଘଟଣାରେ ପଟ୍ଟାମୁଣ୍ଡାଇ ମାଟିଆପାଳ ଗ୍ରାମର ପପିନା ଦାସ (୨୬) ଓ ଜଗା ଦାସ (୩୦)ଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ପିତ୍ତଳ କୁଣ୍ଡ, ୨ଟି ପିତଳ ତସଲା, ୨ଟି କଂସା, ୨ଟି ଥାଳିଆ, ଗୋଟିଏ ଢାଳ, ଗୋଟିଏ ଗ୍ଲାସ୍, ୨ଟି ଗିନା ଓ ୨ଟି ଥାଳି ସମେତ ବିଭିନ୍ନ ବାସନକୁସନ ଜବତ ହୋଇଛି।

**ରାଜପଥ ସାମଗ୍ରୀ ଚୋରି, କବାଡ଼ିଆ ଦୋକାନରୁ ମାଲ୍ ଜବତ:** ଅନ୍ୟପକ୍ଷରେ ରାଜପଥରୁ ଆଲୁମିନିୟମ୍ ବାଡ଼ା, ସାଇନ୍‌ବୋର୍ଡ, ପାଇପ୍ ଆଦି ଚୋରି ମାମଲାରେ ଦୁହୁରିଆ ମର୍ଦ୍ଦରେପୁର ଗ୍ରାମର ରବୀନ୍ଦ୍ର ମଲିକ ଓ ବିହାରର ମୋହିତ ସ'ଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତଙ୍କୁ ଧରିବା ପରେ କଷୋଟିରେ ଥିବା ଏକ କବାଡ଼ିଆ ଦୋକାନରେ ପୁଲିସ ଚଢ଼ଉ କରିଥିଲା। ସେଠାରୁ ପାଖାପାଖି ୧୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ଚୋରି ଆଲୁମିନିୟମ୍, ଜିଆଇ ସାମଗ୍ରୀ ଓ ୨ଟି ବାଇକ୍ ଜବତ ହୋଇଥିବା ପୁଲିସ ସୂଚନା ଦେଇଛି। ତିନିଟି ମାମଲାରେ ୯ ଜଣ ଗିରଫ ହେବା ପରେ ଚୋରି ଘଟଣା ସହ ଚୋରା ସାମଗ୍ରୀ କିଣାବିକାରେ ଆଉ କେଉଁମାନେ ସମ୍ପୃକ୍ତ, ସେନେଇ ପୁଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ତୃତୀୟ ଦିନରେ ମାଳିପୁରରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ବନ୍ଦ ଦାବିରେ ଅନଶନ




ପଟ୍ଟାମୁଣ୍ଡାଇ, ୭।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତର ମାଳିପୁର ଗ୍ରାମର ଶନି ମନ୍ଦିର ନିକଟରେ ବ୍ଲକ ପକ୍ଷରୁ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି। ସରକାରୀ ରାସ୍ତାରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଥିବା ଅଭିଯୋଗ କରି ଏହାକୁ ତୁରନ୍ତ ବନ୍ଦ କରିବା ଦାବିରେ ବୁଧବାରଠାରୁ ମାଳିପୁର ଗ୍ରାମର ପ୍ରଶାନ୍ତ ମହାନ୍ତି, ରମାକାନ୍ତ ଦାଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ପଟ୍ଟାମୁଣ୍ଡାଇ ତହସିଲଦାର ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଏହି ନିର୍ମାଣ କାର୍ଯ୍ୟ ବ୍ଲକ ପକ୍ଷରୁ କରାଯାଉଥିବାରୁ କୌଣସି ସୁଫଳ ମିଳି ନ ଥିଲା। ଏହି ଅନଶନ ଆଜି ୩ୟ ଦିନରେ ପହଞ୍ଚିଛି ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆଜି ସନ୍ଧ୍ୟାରେ ପୁଣି ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବିଡିଓ ଶୀତଲ ଅଗ୍ରୱାଲ, ଅତିରିକ୍ତ ତହସିଲଦାର ସାଗରିକା ସେଠୀ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଅନଶନକାରୀ ସହିତ ଆଲୋଚନା କରିଥିଲେ। ତହସିଲଦାର ଓ ବିଡିଓ ସରକାରୀ ଜାଗାରେ ସ୍ୱଚ୍ଛ ଭାରତ ଯୋଜନାରେ ସରକାରୀ ପ୍ରକଳ୍ପ ହେଉଥିବା ନେଇ ଅନଶନକାରୀଙ୍କୁ ବୁଝାଇ ଅନଶନ ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ ମଧ୍ୟ ଅନଶନକାରୀ ସର୍ବସାଧାରଣ ରାସ୍ତାରେ ନିର୍ମାଣାଧୀନ ପ୍ରକଳ୍ପ ବନ୍ଦ କରା ନ ଗଲେ ଅନଶନ ଜାରି ରହିବ ବୋଲି ଅଡ଼ି ବସିବାରୁ କୌଣସି ସମାଧାନର ବାଟ ଫିଟି ନ ଥିଲା। ଫଳରେ ପୂର୍ବପରି ଅନଶନ ଜାରି ରହିଛି।

## କୁମ୍ଭୀର ଆକ୍ରମଣରେ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ମହାକାଳପଡ଼ା, ୭।୮ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତର ବରକନ୍ଧା ଗ୍ରାମରେ କୁମ୍ଭୀର ଆକ୍ରମଣରେ ନିଖୋଜ ଥିବା ବୃଦ୍ଧଙ୍କ ମୃତଦେହ ଶୁକ୍ରବାର ସକାଳେ ନଦୀରୁ ଉଦ୍ଧାର କରାଯାଇଛି। ବରକନ୍ଧା ଗ୍ରାମର ଚକ୍ରଧର ବେହେରା (୭୫) ପୂର୍ବରୁ ଗୋଜାବନ୍ଧ ଗାନ୍ଧିଜୀ ବିଦ୍ୟାପୀଠରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ ଓ ସାତବର୍ଷ ପୂର୍ବରୁ ଅବସର ଗ୍ରହଣ କରିଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୪ଟା ସମୟରେ ସେ ଗୁପ୍ତଗିରି ପୋଲ ତଳେ ଭଉଁରି ଜାଲରେ ମାଛ ଧରୁଥିବାବେଳେ କୁମ୍ଭୀର ତାଙ୍କୁ ଟାଣି ନେଇଥିଲା। ଗ୍ରାମବାସୀ, ପରିବାର ସଦସ୍ୟ, ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ଖୋଜାଖୋଜି କରିଥିଲେ ମଧ୍ୟ ରାତି ପର୍ଯ୍ୟନ୍ତ ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ସକାଳେ ନଦୀରୁ ଚକ୍ରଧର ବେହେରାଙ୍କ ମୃତଦେହ ଉଦ୍ଧାର କରାଯାଇଛି।

## ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ସମୀକ୍ଷା ବୈଠକ



ରାଜନଗର, ୭।୮ (ସମିସ): ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ବନ୍ୟା ପରବର୍ତ୍ତୀ ସମୟରେ ଏ ଅଞ୍ଚଳର କ୍ଷୟକ୍ଷତି ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ବ୍ଲକର ଆବାସ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ ପ୍ରମୁଖ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକରେ ବିଡିଓ ଅଶୋକ କୁମାର ମହାନ୍ତି, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପାଠ୍ୟପୁସ୍ତକରେ ତ୍ରୁଟିର ପ୍ରତିବାଦ

ରାଜକନିକା, ୭।୮ (ସମିସ): ସାରା ଦେଶରେ ନିଟ ପ୍ରଶ୍ନପତ୍ର ଲିକ୍‌ର ବିରୋଧ ସହ ପରୀକ୍ଷା ବ୍ୟବସ୍ଥାର ସୁଧାର ଆଣିବାକୁ ଦିଲ୍ଲୀର ଛାତ୍ର ଆନ୍ଦୋଳନକୁ ଦେଶରେ ଅଭୁତପୂର୍ବ ସମର୍ଥନ ମିଳିଥିଲା। ଜୁଲାଇ ୨୦ ତାରିଖରେ ଦିଲ୍ଲୀର ଜନ୍ତରମନ୍ତରର ଆନ୍ଦୋଳନ ସମୟରେ ପୁଲିସର ଲାଠିଚାର୍ଜକୁ ନେଇ ବିବାଦ ଦେଖାଦେଇଛି। ଏହି ଘଟଣାକୁ ନେଇ ରାଜ୍ୟ ଯୁବ କଂଗ୍ରେସ ପ୍ରତିବାଦକୁ ତୀବ୍ର କରିଛି। ସାରା ରାଜ୍ୟରେ ଯୁବ କଂଗ୍ରେସର କର୍ମକର୍ତ୍ତା ପ୍ରଧାନମନ୍ତ୍ରୀଙ୍କ ବୋର୍ଡରେ ନରେନ୍ଦ୍ର ମୋଦିଙ୍କ ଫଟୋ ଉପରେ ଯୁବ କଂଗ୍ରେସର ଷ୍ଟିକର ଲଗାଇ ପ୍ରତିବାଦ ଜଣାଇଛି। ଯୁବ କଂଗ୍ରେସ ପକ୍ଷରୁ ଏଭଳି ପ୍ରତିବାଦ କରି ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଜଡିତ ପ୍ରଶ୍ନର ଜବାବ ମାଗିଛି। ଏଭଳି କେଳଙ୍କାରୀକୁ ପଦାକୁ ଆଣିବା ପରିବର୍ତ୍ତେ ପ୍ରତିବାଦ କଲେ ଆନ୍ଦୋଳନକୁ ଦମନ କରିବା ବିରୁଦ୍ଧରେ ଛାତ୍ରୋ କା ଖୁନ.. ମୋଦି କା ହାଥ ନାମରେ ପୋଷ୍ଟର କରି କେନ୍ଦ୍ରାପଡ଼ା ଯୁବ କଂଗ୍ରେସ ପ୍ରତିବାଦର ନୂଆ ଏକ ଅଭିଯାନ ଆରମ୍ଭ କରିଛି। ମୋଦିଙ୍କ ପ୍ରଚାର ବୋର୍ଡରେ ଛାତ୍ର କଂଗ୍ରେସ ର ଏଭଳି ଷ୍ଟିକର ଲଗାଇବାକୁ ବିରୋଧ କରି ଯୁବ କଂଗ୍ରେସ ନେତୃତ୍ୱଙ୍କ ବିରୋଧରେ ଥାନାରେ ମାମଲା ମଧ୍ୟ କରାଯାଇଛି।



## ମାର୍ଶାଘାଇ ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଉଦ୍‌ଘାଟିତ




ମାର୍ଶାଘାଇ, ୭।୮ (ସମିସ): ଛାତ୍ରୀ, ଅଧ୍ୟାପିକା ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଉଦଘାଟିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ଡ. ଫକୀର ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମାର୍ଶାଘାଇ ଥାନାଧିକାରୀ ତପନ ନାୟକ ମୁଖ୍ୟଅତିଥି, ପ୍ରାଧ୍ୟାପକ ଡ. ପ୍ରଭାତ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଡ. ଅନୁରାଧା ଦାସ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ସହସଂଯୋଜିକା ଅଧ୍ୟାପିକା ସ୍ୱର୍ଣ୍ଣଲତା ସ୍ୱାଇଁ, ସସ୍ମିତା ସାହୁ, ଅଧ୍ୟାପକ ଦୀପକ ମହାନ୍ତି, କର୍ମଚାରୀ ରଞ୍ଜନ ଭୋଇ, ପ୍ରଭାତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଦୀପକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୪ ଦଫା ଦାବିରେ ଶିକ୍ଷକ କର୍ମଚାରୀଙ୍କ ବିକ୍ଷୋଭ

କେନ୍ଦ୍ରାପଡ଼ା, ୭।୮ (ସମିସ): ୪ ଦଫା ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଜିଲ୍ଲା ଓଷ୍ଟା ସଭାପତି ଅଶୋକ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମନ୍ୱୟ ସମିତି ଆବାହକ ତଥା ଜିଲ୍ଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ ଆନ୍ଦୋଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରତିବାଦ ସଭାରେ ୫ ଶହରୁ ଊର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ-କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ଶିକ୍ଷକ ନିଯୁକ୍ତି ସହ ଶିକ୍ଷାନୁଷ୍ଠାନର ସରକାରୀକରଣ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି ଆଦି ଦାବି କରାଯାଇଛି। ସରକାର ତୁରନ୍ତ ଦାବି ପୂରଣ ନ କଲେ ଆସନ୍ତା ୧୬ ତାରିଖରେ ଗାନ୍ଧୀମାର୍ଗରେ ୫୦ ହଜାର ଶିକ୍ଷକ-କର୍ମଚାରୀଙ୍କ ସମାବେଶ କରାଯିବ ବୋଲି ଚେତାବନୀ ଦେଇଥିଲେ।



## 'ଝିଅକୁ ବଞ୍ଚାଅ, ଝିଅକୁ ପଢ଼ାଅ' ଯୋଜନାର ସମନ୍ୱୟ ବୈଠକ



କେନ୍ଦ୍ରାପଡ଼ା, ୭।୮ (ସମିସ): ଝିଅମାନଙ୍କ ସୁରକ୍ଷା, ଶିକ୍ଷା, କଲ୍ୟାଣ, ମର୍ଯ୍ୟାଦା ଓ ସଶକ୍ତିକରଣ ସହିତ ସମାଜରେ ଲିଙ୍ଗ ସମାନତା ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ 'ଝିଅକୁ ବଞ୍ଚାଅ, ଝିଅକୁ ପଢ଼ାଅ' ଯୋଜନାର ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଟ ଜେନା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଆରକ୍ଷୀ ଉପଅଧୀକ୍ଷକ ବବିତା ଦଳାଇ, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ମହିଳା ସଶକ୍ତୀକରଣ ଜିଲ୍ଲା ସଂଯୋଜକ ଲଲାଟେନ୍ଦୁ ଭୋଇଙ୍କ ସମେତ ସମସ୍ତ ବାଲ୍ୟ ବିକାଶ ପ୍ରକଳ୍ପ ଅଧିକାରୀ, ପରିଦର୍ଶିକା ଓ ସମ୍ପୃକ୍ତ ବିଭାଗର ପ୍ରତିନିଧି ଯୋଗଦେଇଥିଲେ। ବୈଠକରେ ପ୍ରଥମେ ୨୦୨୫-୨୬ ଆର୍ଥିକ ବର୍ଷରେ ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଗତବର୍ଷ ହାସଲ ହୋଇଥିବା ସଫଳତା, ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ଯେଉଁ କ୍ଷେତ୍ରଗୁଡ଼ିକରେ ଆହୁରି ଉନ୍ନତିର ଆବଶ୍ୟକତା ରହିଛି, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଯୋଜନା କାର୍ଯ୍ୟକାରୀ କରିବା ସମୟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଓ ଆହ୍ୱାନର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେଇ ମଧ୍ୟ ମତବିନିମୟ କରାଯାଇଥିଲା।

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ବାର୍ଷିକ କାର୍ଯ୍ୟ ଯୋଜନା ଉପସ୍ଥାପନ କରାଯାଇ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗର ମିଳିତ ପ୍ରୟାସ ମାଧ୍ୟମରେ ଯୋଜନାର ଲକ୍ଷ୍ୟ ହାସଲ କରିବା ସହ ପ୍ରତ୍ୟେକ ବିଭାଗର ଭୂମିକା ଓ ଦାୟିତ୍ୱ ସ୍ପଷ୍ଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ସଠିକ୍, ସ୍ୱଚ୍ଛ ଓ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବାକୁ ସମ୍ପୃକ୍ତ ବିଭାଗକୁ କୁହାଯାଇଥିଲା। ଯୋଜନା ଅଧୀନରେ ହେବାକୁ ଥିବା ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ଚୂଡ଼ାନ୍ତ କରିବା ସହ ବିଭାଗ ମଧ୍ୟରେ ଅଧିକ ସମନ୍ୱୟ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ ବୈଠକରେ ବିଭାଗୀୟ ସମନ୍ୱୟ, ଜନସହଭାଗିତା ଓ ସାମୂହିକ ପ୍ରୟାସ ମାଧ୍ୟମରେ ଯୋଜନାର ଲକ୍ଷ୍ୟ ହାସଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଝିଅମାନଙ୍କ ଶିକ୍ଷା, ସୁରକ୍ଷା, କଲ୍ୟାଣ, ମର୍ଯ୍ୟାଦା ଓ ସଶକ୍ତିକରଣ ସହିତ ଲିଙ୍ଗ ସମାନତା ଏବଂ ଝିଅମାନଙ୍କ ଅଧିକାର ସମ୍ପର୍କରେ ସମାଜରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଥିଲା ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଅନୁମୋଦିତ କାର୍ଯ୍ୟଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତା ସହ ନିୟମିତ ସମୀକ୍ଷା ଓ ନିରୀକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ।

## ପୋଖରୀରେ ବୁଡ଼ି ୪ ବର୍ଷର ଶିଶୁର ମୃତ୍ୟୁ

ମହାକାଳପଡ଼ା, ୭।୮ (ସମିସ): ରାମନଗର ପଞ୍ଚାୟତ ଅନ୍ତର୍ଗତ ବରଜ ଗ୍ରାମରେ ଶୁକ୍ରବାର ଏକ ହୃଦୟବିଦାରକ ଘଟଣା ଘଟିଛି। ବାଡ଼ିରେ ଖେଳୁଥିବାବେଳେ ପୋଖରୀରେ ବୁଡ଼ି ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ବରଜ ଗ୍ରାମର ଶଙ୍କର୍ଷଣ ଦେଙ୍କ ୪ ବର୍ଷର ପୁଅ ସଂକେତ ଦେ ଦିନ ପ୍ରାୟ ଗୋଟାଏ ସମୟରେ ନିଜ ଘର ବାରିପଟେ ଖେଳୁଥିଲା। ଅସାବଧାନତାବଶତଃ ସେ ଘର ନିକଟସ୍ଥ ପୋଖରୀରେ ପଡ଼ିଯାଇଥିଲା। କିଛି ସମୟ ପରେ ପରିବାର ଲୋକେ ସଂକେତକୁ ଘରେ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପୋଖରୀ ପାଣି ଗୋଳିଆ ହୋଇଥିବା ଦେଖି ସନ୍ଦେହ ହେବାରୁ ପରିବାର ଲୋକ ପୋଖରୀରେ ପଶି ଖୋଜିଥିଲେ। ସେଠାରୁ ସଂକେତକୁ ପାଣି ଭିତରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଫଳରେ ପରିବାର ଲୋକଙ୍କ କାନ୍ଦ ବୋବାଳିରେ ସମଗ୍ର ପରିବେଶ ଶୋକାକୁଳ ହୋଇଉଠିଥିଲା। ଖବର ପାଇ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକ ଡାକ୍ତରଖାନାରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ରସାବଳୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୭।୮ (ସମିସ): ଓଡ଼ିଶାର ପ୍ରସିଦ୍ଧ ମିଠା ରସାବଳୀକୁ ନେଇ କେନ୍ଦ୍ରାପଡ଼ାରେ ରସାବଳୀ ଦିବସ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀବଳଦେବଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ତିନିମୁହାଣିସ୍ଥ ଶ୍ରୀରାମ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଛି। ଉମାଶଙ୍କର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରସାବଳୀ ଦିବସକୁ ସଫଳ ଓ ଆକର୍ଷଣୀୟ ଭାବେ ପାଳନ କରିବା ନେଇ ଆଲୋଚନା ହୋଇଥିଲା। ଆସନ୍ତା ୨୬ ତାରିଖ ଶ୍ରୀବଳଦେବଜୀଉଙ୍କ ଜନ୍ମଦିବସ ଅବସରରେ ରସାବଳୀ ଦିବସ ପାଳନ କରିବାକୁ ସ୍ଥିର କରାଯାଇଥିଲା। ୨୨ ତାରିଖରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ୨୨ ତାରିଖରେ ରଥଦାଣ୍ଡସ୍ଥ ଯାତ୍ରୀନିବାସରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ରସାବଳୀ ଦିବସ ଆୟୋଜନକୁ ପରିଚାଳନା ପାଇଁ କମିଟି ଗଠନ କରାଯାଇଛି। ରାଜେଶ ମହାନ୍ତିଙ୍କୁ ସଭାପତି, ପ୍ରମୋଦ ନାୟକଙ୍କୁ କାର୍ଯ୍ୟକାରୀ ସଭାପତି, ଆଶିଷ ମେକାପ ଓ ଜାନକୀବଲ୍ଲଭ ସାମନ୍ତରାୟଙ୍କୁ ଉପସଭାପତି, ଉମାଶଙ୍କର ଜେନାଙ୍କୁ ସମ୍ପାଦକ, ଗୋଲଖ ଚନ୍ଦ୍ର ପଡ଼ିଆରୀଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି ରାଜେନ୍ଦ୍ର ମହାପାତ୍ରଙ୍କୁ ସାଂସ୍କୃତିକ ସମ୍ପାଦକ, ଚିତ୍ତରଞ୍ଜନ ଦାସ ଓ ଦୁର୍ଗାପ୍ରସାଦ ପତିଙ୍କୁ ଗଣମାଧ୍ୟମ ସଂଯୋଜକ, ଭାବଗ୍ରାହୀ ସାହୁ ଓ ଆଦିତ୍ୟ ପତିଙ୍କୁ ସହସମ୍ପାଦକ ଭାବେ ମନୋନୀତ କରାଯାଇଛି। ଉପଦେଷ୍ଟା କମିଟି ଭକ୍ତପ୍ରିୟ ଦାଶ, ମହେନ୍ଦ୍ର ରାଉତ, ରାଜକିଶୋର ସାହୁ, ଗୌତମ ମଲ୍ଲିକ, ଶଶୀକାନ୍ତ ବଳ, ମନୋଜ ସ୍ୱାଇଁ, ପ୍ରଦୀପ୍ତ ଜେନା, ବିବେକାନନ୍ଦ ମହାରଣା ଓ ଫକୀର ସାହୁଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି।



● ଦୁଇ ମହଲା ଘର ଥିବା ସତ୍ତ୍ୱେ ଆବାସ ଯୋଜନାରେ ଘର ମଞ୍ଜୁର

## ସ୍ୱାମୀ ପରିତ୍ୟକ୍ତା ଦର୍ଶାଇ ଆବାସ ମିଳିଥିବା ଅଭିଯୋଗ

ଗରଦପୁର, ୭।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତରେ ଆବାସ ଯୋଜନାରେ ଘର ମଞ୍ଜୁରକୁ ନେଇ ଏକ ଅଭିଯୋଗ ସାମ୍ନାକୁ ଆସିଛି। ଦୁଇ ମହଲା ବିଶିଷ୍ଟ ପକ୍କା ଘର ଥିବା ସତ୍ତ୍ୱେ ଜଣେ ମହିଳାଙ୍କ ନାମରେ ଆବାସ ଯୋଜନାରେ ଘର ମଞ୍ଜୁର ହୋଇଥିବା ଓ ତାଙ୍କୁ 'ସ୍ୱାମୀ ପରିତ୍ୟକ୍ତା' ଭାବେ ଦର୍ଶାଇ ସରକାରୀ ସୁବିଧା ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଗୋତ୍ରବିଲ ଗ୍ରାମର ପ୍ରତାପ ରାଉତ ଗରଦପୁର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରତାପ ରାଉତଙ୍କ ପତ୍ନୀ ପିନୁ ରାଉତଙ୍କ ନାମରେ ଆବାସ ଯୋଜନାରେ ଘର ମଞ୍ଜୁର ହୋଇଛି। ତେବେ ଦମ୍ପତିଙ୍କ ମଧ୍ୟରେ ଆଜି ପର୍ଯ୍ୟନ୍ତ କୌଣସି ଆଇନଗତ ଛାଡ଼ପତ୍ର ହୋଇନଥିବା ସତ୍ତ୍ୱେ ପିନୁ ରାଉତଙ୍କୁ 'ସ୍ୱାମୀ ପରିତ୍ୟକ୍ତା' ଭାବେ କିପରି ଦର୍ଶାଯାଇଥିଲା, ତାହା ନେଇ ପ୍ରତାପ ପ୍ରଶ୍ନ ଉଠାଇଛନ୍ତି। ଆବାସ ନିର୍ମାଣ ହୋଇଥିବା ଜମି ତାଙ୍କ ପତ୍ନୀଙ୍କ ବାପଘର ଜମି ହୋଇଥିବାବେଳେ ସେଠାରେ ପୂର୍ବରୁ ଦୁଇ ମହଲା ବିଶିଷ୍ଟ ପକ୍କା ଘର ରହିଛି। ଏପରି ସ୍ଥିତିରେ ଆବାସ ଯୋଜନାରେ ତାଙ୍କ ଯୋଗ୍ୟତା କିପରି ନିର୍ଦ୍ଧାରଣ ହେଲା ଓ କେଉଁ ଆଧାରରେ ତାଙ୍କ ନାମ ଚୟନ କରାଗଲା, ସେନେଇ ତଦନ୍ତ ଦାବି ହୋଇଛି। ଆବାସ ମଞ୍ଜୁର ପୂର୍ବରୁ ସମ୍ପୃକ୍ତ ପରିବାରର ଘର, ଜମି, ଆର୍ଥିକ ଓ ସାମାଜିକ ସ୍ଥିତି ସମ୍ପର୍କରେ କ୍ଷେତ୍ରସ୍ତରୀୟ ଯାଞ୍ଚ ହୋଇଥିଲା କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଉ। ଏଥିସହ ଆବାସ ଯୋଜନା ସମ୍ପର୍କିତ ଆବେଦନପତ୍ର, ଯୋଗ୍ୟତା ତାଲିକା, ତଦନ୍ତ ରିପୋର୍ଟ, ଅନୁମୋଦନ ଓ ଅନ୍ୟାନ୍ୟ ସରକାରୀ ରେକର୍ଡ ଯାଞ୍ଚ କରିବାକୁ ପ୍ରତାପ ବିଡିଓଙ୍କୁ ଅନୁରୋଧ କରିଛନ୍ତି। ଯଦି ତଦନ୍ତ ସମୟରେ କୌଣସି ଭୁଲ ତଥ୍ୟ, ମିଥ୍ୟା ଘୋଷଣା କିମ୍ବା ନିୟମବିରୋଧୀ ଭାବେ ସରକାରୀ ସୁବିଧା ପ୍ରଦାନ କରାଯାଇଥିବା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବ୍ୟକ୍ତି ଓ ଦାୟୀ କର୍ମଚାରୀଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ ମଧ୍ୟ ଅଭିଯୋଗକାରୀ ଦାବି କରିଛନ୍ତି।

● ଗଣଶିକ୍ଷା ବିଭାଗର ମନମାନୀ ପଦାରେ ପଡ଼ିଲା

## ୧୦ ଦିନ ମଧ୍ୟରେ ଦୁଇଟି ବଦଳି ଆଦେଶ

### କେନ୍ଦ୍ରାପଡ଼ା ଶିକ୍ଷାବିତ୍‌ଙ୍କ ମହଲରେ ଅସନ୍ତୋଷ

ଡେରାବିଶ, ୭।୮ (ସମିସ): ରାଜ୍ୟ ଗଣଶିକ୍ଷା ବିଭାଗ କେନ୍ଦ୍ରାପଡ଼ା ଶିକ୍ଷା ଜିଲ୍ଲାରେ ବିଇଓଙ୍କ ଦୁଇଟି ବଦଳି ଅର୍ଡ଼ର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶିକ୍ଷାବିତ୍‌ଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ ଦୀର୍ଘ ବର୍ଷ ହେବ ବିଇଓ ପଦବୀ ଖାଲିପଡ଼ିବା ପରେ ୨୫।୫।୨୦୨୬ ଚିଠି ନଂ-୧୩୨୩୮ ରେ କେନ୍ଦ୍ରାପଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ମଦନମୋହନ କରଙ୍କୁ ଡେରାବିଶ ବିଇଓ ଭାବେ ବଦଳି କରାଯାଇଥିଲା। ମାତ୍ର ଦୁଇମାସ ପରେ ୨୮।୭।୨୦୨୬ରେ ଚିଠି ନଂ-୧୯୮୧୫ରେ ଅନ୍ୟଏକ ବଦଳି ଅର୍ଡରରେ କେନ୍ଦ୍ରାପଡ଼ା ବ୍ଲକ ଚଉଦକୁଲାଟସ୍ଥ ଜଗନ୍ନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ ରତିକାନ୍ତ ସେନାପତିଙ୍କୁ ଡେରାବିଶ ବିଇଓ ଭାବେ ବଦଳି କରାଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଡେରାବିଶରେ ବିଇଓ ଭାବେ କାର୍ଯ୍ୟରତ ଥିବା କରଙ୍କ ନିକଟକୁ କୌଣସି ବିଭାଗୀୟ ନିର୍ଦ୍ଦେଶ ଆସି ନ ଥିବା ସେ ସୂଚନା ଦେଇଥିଲେ। ତେବେ ୭।୮।୨୦୨୬ ଚିଠି ନଂ ୨୦୭୮୦ରେ ଅର୍ଥାତ୍ ଆଜି ଗଣଶିକ୍ଷା ବିଭାଗ ପକ୍ଷରୁ ଆଉଏକ ବଦଳି ଆଦେଶ ପ୍ରକାଶ ପାଇଛି। ଯାହାକି ସମସ୍ତ ଶିକ୍ଷାବିତ୍‌ଙ୍କୁ ଚକିତ କରିଛି। ଏହି ବଦଳି ଆଦେଶରେ ପୂର୍ବରୁ ଡେରାବିଶ ବିଇଓ ଭାବେ ବଦଳି କରାଯାଇଥିବା ରତିକାନ୍ତ ସେନାପତିଙ୍କ ପୂର୍ବ ଆଦେଶ ବଦଳରେ ତାଙ୍କୁ କେନ୍ଦ୍ରାପଡ଼ା ବିଇଓ ଭାବେ ବଦଳି କରାଯାଇଛି। ଏହା କିପରି ସମ୍ଭବ ବୋଲି ଶିକ୍ଷାବିତ୍ ପ୍ରମୋଦ କୁମାର ବେହେରା କହିଛନ୍ତି। ବେହେରାଙ୍କ ସୂଚନା ଅନୁଯାୟୀ ଆଜି ବାହାରିଥିବା ବଦଳି ଆଦେଶରେ ବର୍ତ୍ତମାନ କେନ୍ଦ୍ରାପଡ଼ାରେ ଅବସ୍ଥାପିତ ଥିବା ବିଇଓ ନାରାୟଣ ମନ୍ତ୍ରୀ ଚଳିତ ଅଗଷ୍ଟ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବେ। ବଦଳି ଆଦେଶ ଦିନଠାରୁ ଅବସର ଦିନ ମଧ୍ୟରେ ୨୨ ଦିନ ସମୟ ରହିଛି। ତାଙ୍କୁ କିପରି ବଦଳି କରାଯାଇଛି? ଯାହାକି ବିଭାଗୀୟ ଅଧିକାରୀଙ୍କ ଅନଭିଜ୍ଞତାକୁ ପଦାରେ ପକାଇଛି। ଯାହାକି ଏହି ବଦଳି ଆଦେଶ ସମଗ୍ର ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ପ୍ରତି ଉପହାସ ସଦୃଶ ହୋଇଛି ବୋଲି ଶ୍ରୀ ବେହେରା କହିଛନ୍ତି। ଏ ବିଷୟରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ବାରମ୍ବାର ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

**ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ ହେଲା କାର୍ଯ୍ୟାନୁଷ୍ଠାନ**

# ୮ ମାସ ପରେ ଖୋଲିଲା ଭିତରବଙ୍ଗୁ ଗ୍ରାମ ରାସ୍ତା

ଡେରାବିଶ, ୭।୮ (ସମିସ)



ଦୀର୍ଘ ୮ ମାସ ପରେ ଓଡ଼ିଶାର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅଧୀନ ଭିତରବଙ୍ଗୁ ଗ୍ରାମର ମୁଖ୍ୟ ରାସ୍ତାରୁ ଆଜି ଅବରୋଧ ହଟିଛି। ଫଳରେ ଏକ ପ୍ରକାର ଗୃହବନ୍ଦୀ ହୋଇପଡ଼ିଥିବା ଭିତରବଙ୍ଗୁ ଗ୍ରାମର ଲୋକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି।

୮ ମାସ ତଳେ ଏହି ଗ୍ରାମର ପରୀକ୍ଷିତ ମଲିକ ନାମକ ଜଣେ ବ୍ୟକ୍ତି ଭିତରବଙ୍ଗୁ ଗ୍ରାମର ଲୋକ ଚଳପ୍ରଚଳ କରୁଥିବା ରାସ୍ତାକୁ ବ୍ୟକ୍ତିଗତ ସମ୍ପତ୍ତି ଦାବି କରି ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ନ୍ୟାୟଳୟ ପକ୍ଷରୁ ରାୟ ପ୍ରକାଶ ପାଇବା ପରେ ସମ୍ପୃକ୍ତ ଜାଗାକୁ ମାପଚୁପ କରାଯିବା ପରେ ନ୍ୟାୟାଳୟ ପକ୍ଷରୁ ଆସିଥିବା ଅମିନ ସମ୍ପୃକ୍ତ ଗ୍ରାମରାସ୍ତା ପରୀକ୍ଷିତଙ୍କ ବ୍ୟକ୍ତିଗତ ଜାଗାରେ ନିର୍ମାଣ ହୋଇଥିବା ଚିହ୍ନଟ କରିଥିଲେ। ପରୀକ୍ଷିତଙ୍କ ପରିବାର ପକ୍ଷରୁ ଗତ ଡିସେମ୍ବର ମାସରେ ନ୍ୟାୟାଳୟ ଅମିନଙ୍କ ଦ୍ୱାରା ଚିହ୍ନିତ ସ୍ଥାନକୁ ଜେସିବି ଲଗାଇ ତାଡ଼ି ଦେଇଥିଲେ ଓ ସେଠାରେ ବାଡ଼ ବସାଇ ଦେଇଥିଲେ। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଭିତରବଙ୍ଗୁ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ପରିବାର ୮ ମାସ ହେବ ଗୃହବନ୍ଦୀ ଅବସ୍ଥାରେ ରହିଥିଲେ। ଗ୍ରାମର ବହୁ ସ୍କୁଲ କଲେଜ ଛାତ୍ରଛାତ୍ରୀ ଅସୁବିଧା ଭୋଗ କରିଥିଲେ। ଗ୍ରାମକୁ ଅଗ୍ନିଶମ କମ୍ବା ଆମ୍ବୁଲାନ୍ସ ଯିବା ଦୂରର କଥା ଚାଲିକରି ଯିବା ସମ୍ଭବ ହେଉ ନ ଥିଲା। ଏ ସମ୍ପର୍କରେ ଗ୍ରାମବାସୀ ତହସିଲ ପ୍ରଶାସନ, ଜିଲ୍ଲା ପ୍ରଶାସନ, ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ। ଗତ ମାର୍ଚ୍ଚ ମାସରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ତହସିଲଦାର ସରୋଜକାନ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ଶଙ୍କର୍ଷଣ ପରିଡ଼ା ପ୍ରମୁଖ ଗ୍ରାମବାସୀଙ୍କ ଚଳପ୍ରଚଳ ପାଇଁ ଏହି ରାସ୍ତା ଖୋଲିବା ପାଇଁ ପରୀକ୍ଷିତଙ୍କୁ ଅନୁରୋଧ କରିଥିଲେ ମଧ୍ୟ ପରୀକ୍ଷିତଙ୍କ ପରିବାର ଏଥିରେ ଅମଙ୍ଗ ହୋଇଥିଲେ। ଏହି ମାମଲା ଉଚ୍ଚ ନ୍ୟାୟାଳୟଙ୍କ ଅଦାଲତରେ ବିଚାରଧୀନ ଥିବାରୁ ରାସ୍ତା ଖୋଲିବା ପ୍ରଶାସନ ପକ୍ଷରୁ ସମ୍ଭବ ହୋଇ ନ ଥିଲା। ଗତ ୨୯.୭.୨୦୨୬ରେ ଉଚ୍ଚନ୍ୟାୟାଳୟଙ୍କ ପକ୍ଷରୁ ଏହି ମାମଲାରେ ରାୟ ପ୍ରକାଶ ପାଇବା ପରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ଡେରାବିଶ ତହସିଲଦାର ଶ୍ରୀ ନାୟକ ଭିତରବଙ୍ଗୁ ଗ୍ରାମରେ ପହଞ୍ଚି ଗ୍ରାମ ରାସ୍ତାରେ ରହିଥିବା ଅବରୋଧକୁ ଜେସିବି ଲଗାଇ ହଟାଇଥିଲେ। ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ପୂର୍ବରୁ ଯେଉଁରେ ଗ୍ରାମ ରାସ୍ତା ଥିଲା, ସେହି ସ୍ଥାନକୁ ନ୍ୟାୟଳୟଙ୍କ ଅନ୍ୟ ଆଦେଶ ନ ଆସିବା ପର୍ଯ୍ୟନ୍ତ ଅବରୋଧ ମୁକ୍ତ କରାଯାଇ ଗ୍ରାମର ଲୋକଙ୍କ ଚଳପ୍ରଚଳ ବ୍ୟବସ୍ଥା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ତହସିଲଦାର ଶ୍ରୀ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ଯଅଁରାବାରିମୂଳ ରାଜସ୍ୱ ନିରୀକ୍ଷିକା ଇପ୍‌ସିତା ପରିଜା, ପିଇଓ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପାଳପୁର ଗାଁରେ ନାହିଁ ରାସ୍ତା

# ପାଣି, କାଦୁଅରେ ଯାତାୟାତ କରୁଛନ୍ତି ୩୦ ପରିବାର

ରାଜକନିକା,୭।୮ (ସମିସ)



ରାଜକନିକା ବ୍ଲକ୍ ନହୁଣୀ ପଞ୍ଚାୟତ ଗୋପାଳପୁର ଗ୍ରାମର ଅଣ୍ଟା ଜାଗାରେ ବସବାସ କରୁଥିବା ୩୦ ପରିବାର ପାଇଁ ରାସ୍ତା ନ ଥିବାରୁ ଏମାନେ ଘରୁ ବାହାରିଲେ ଅଣ୍ଟାଏ ପାଣି ଓ କାଦୁଅରେ ଯିବା ଆସିବା କରୁଛନ୍ତି। ସ୍କୁଲ ପିଲା ହୁଅନ୍ତୁ କି ଅଙ୍ଗନବାଡି ଶିଶୁ, ଗର୍ଭବତୀ ମହିଳା କିମ୍ବା ନିତିଦିନିଆ ତେଲଲୁଣର ସଂସାରର ଜରୁରୀ ଆବଶ୍ୟକତା ପାଇଁ ପଦାକୁ ଗୋଡ଼ କାଢ଼ିଲେ ରାସ୍ତା ସମସ୍ୟା ବାଧକ ହେଉଛି। ବଢି ଚାଲିଥିବା ଜନସଂଖ୍ୟା ଆଧାରରେ ଏହି ପରିବାର ସବୁ ମୂଳ ଗୋପାଳପୁର ବାସିନ୍ଦା ଥାଇ ଅଣ୍ଟା ବୋଲି ପରିଚିତ ଏକ ଉଚ୍ଚ ସ୍ଥାନକୁ ଆସି ଘର ତିଆରି କରି ରହିଛନ୍ତି। ତେବେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଠି ଜନଜୀବନ ଗଢି ଉଠିଥିଲେ ବି ପଞ୍ଚାୟତ କିମ୍ବା ବ୍ଲକ୍ ପକ୍ଷରୁ ରାସ୍ତା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଏ ସମ୍ପର୍କରେ ତଥ୍ୟ ନେବା ବେଳେ ପଞ୍ଚାୟତ ପକ୍ଷରୁ ଏଠାକୁ ଏକ ରାସ୍ତା ତିଆରି କରିବାକୁ ମନରେଗା ଯୋଜନାରେ ପ୍ରସ୍ତାବ ଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିଲାନାହିଁ। ଫଳରେ ଆମେ ସ୍ୱାଧୀନ ଦେଶର ନାଗରିକ ହୋଇ ବି ରାସ୍ତା ପାଇବାର ହକରୁ ବଞ୍ଚିତ ଥିବା ନଟବର ନାୟକ, ବାସୁଦେବ ବାରିକ, କାଳନ୍ଦୀ ନାୟକ, ସନାତନ ବାରିକ, ଆନନ୍ଦ ନାୟକ ଓ ଦୁଷ୍ମନ୍ତ ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ସ୍ଥାନକୁ ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ଲୋକେ ବାଧ ହୋଇ ଜରୁରୀ ସ୍ୱାସ୍ଥ୍ୟ ସେବା ପାଇଁ ଶିକା ଭାରର ସହାୟତା ନେଉଛନ୍ତି। ରାଜକନିକା ବ୍ଲକ୍ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ସବୁଦିନିଆ ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି।

■ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଜଣେ କିରାଣିଙ୍କ ନିୟନ୍ତ୍ରଣରେ ତମାମ ବ୍ୟବସ୍ଥା

ରାଜକନିକା,୭।୮ (ସମିସ): ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ କିରାଣି ୧୯ ବର୍ଷ ଧରି ଜୁନିୟର କିରାଣି ପଦରେ ରହି ତମାମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ଆଶ୍ଚର୍ଯ୍ୟ କରିଛି। ରବିନାରାୟଣ ମହାପାତ୍ର ନାମକ ଜୁନିୟର କିରାଣି ୨୦୦୭ ରୁ ଗୋଟିଏ ଷ୍ଟେସନରେ ରହିବାର ଅଭିସନ୍ଧି ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ବାରମ୍ବାର ବିଭିନ୍ନ ସମୟରେ ଏହି କର୍ମଚାରୀଙ୍କ ବଦଳି କ'ଣ ପାଇଁ କରାଯାଉନାହିଁ ବୋଲି ଅଭିଯୋଗ ହେଲେ ମଧ୍ୟ କେଉଁ ଏକ ଅଜଣା କାରଣ ଓ ଆଶୀର୍ବାଦ ତାଙ୍କ ସପକ୍ଷରେ ଅଛି, ତାହା ସନ୍ଦେହ ସୃଷ୍ଟି କରିଛି। ନିଜ ବାପାଙ୍କ ଦେହାନ୍ତ ପରେ ପାରିବାରିକ ଥଇଥାନ ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଥିବା ଏହି କର୍ମଚାରୀ ଜଣକ ବହୁବର୍ଷ ଧରି ରାଜକନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରି କରିବା ଜିଲ୍ଲା ପ୍ରଶାସନର ପ୍ରଶାସନିକ ସ୍ୱଚ୍ଛତା ନେଇ ସନ୍ଦେହ ଆଣିଛି। ସରକାରୀ ନିୟମ ମୁତାବକ ଜଣେ କର୍ମଚାରୀ ସର୍ବାଧିକ ୩ ବର୍ଷ ଗୋଟିଏ ଷ୍ଟେସନରେ ଚାକିରି କରିବାର ନିୟମକୁ କେଉଁ ଆଧାରରେ ଓ କେଉଁ କାରଣ ପାଇଁ ଲାଗୁ କରାଯାଇନାହିଁ, ତାହାର ତଦନ୍ତ ହେବା ସହ ତାଙ୍କୁ ତୁରନ୍ତ ରାଜକନିକାରୁ ଅନ୍ୟତ୍ର ବଦଳି କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବାଦଲ ମହାନ୍ତିଙ୍କୁ ପଚାରିବାରୁ ସେ ଏହା ଜାଣିଥିଲେ ବି ଯେହେତୁ ଏହା ସିଡିଏମଓଙ୍କ ଅଧୀନର କାମ, ତେଣୁ ଆମେ କିଛି କରିପାରିବୁନାହିଁ ବୋଲି କହିଛନ୍ତି। ଦୀର୍ଘ ୧୯ ବର୍ଷ ଧରି ରାଜକନିକାରେ ଡେରା ପକାଇଥିବା କର୍ମଚାରୀଙ୍କ ଅନ୍ୟତ୍ର ବଦଳି କରି ସରକାର ପ୍ରଶାସନିକ ସ୍ୱଚ୍ଛତା ଆଣିବାକୁ ଦାବି ହୋଇଛି।

## ତୃତୀୟ ଥର ବୈଠକ ପରେ ବି ହୋଇପାରିଲାନି ପରିଚାଳନା କମିଟି

ପଞ୍ଚୁପାଣ୍ଡବ,୭।୮ (ସମିସ): ଡେରାବିଶ ଶିକ୍ଷା ବିଭାଗ ଅଧୀନ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟରେ ତୃତୀୟ ଥର ବୈଠକ ପରେ ବି ପରିଚାଳନା କମିଟି ହୋଇପାରିନାହିଁ। ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ପାଇଁ ନିର୍ଦ୍ଦେଶ ଥିବାବେଳେ କେତେକ ବିଦ୍ୟାଳୟରେ ବାରମ୍ବାର ବୈଠକ ବସିଥିଲେ ମଧ୍ୟ ଅଭିଭାବକଙ୍କ ଅସହଯୋଗ ଯୋଗୁଁ ପରିଚାଳନା କମିଟି ଗଠନ ହୋଇପାରି ନ ଥିବା ଅଭିଯୋଗ ହେଉଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪୫୦ ଛାତ୍ରଛାତ୍ରୀ ପଢୁଛନ୍ତି। ନିୟମ ଅନୁଯାୟୀ ବୈଠକରେ ଅଭିଭାବକ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି।

ବୈଠକ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ନୋଟିସ ଜାରି କରିଥିଲେ ମଧ୍ୟ ଶତାଧିକ ଅଭିଭାବକ ଅସହଯୋଗ କରୁଥିବା ଜଣାପଡ଼ିଛି। ୪୫୦ ଜଣ ଅଭିଭାବକ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ଦିନରେ ଶତାଧିକ ଅଭିଭାବକ ଅନୁପସ୍ଥିତ ଥିଲେ। ଶେଷରେ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟରେ ମଙ୍ଗଳବାର ଦିନ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ପରିଚାଳନା କମିଟି ଗଠନ କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ନୋଟିସ କରାଯାଇଥିଲା। ତେବେ ତୃତୀୟ ଥର ବି ଅଭିଭାବକ ସଂଖ୍ୟା କମ୍ ଥିବାରୁ ଆସିଥିବା ଅଧିକାରୀ ଓ ଅଭିଭାବକ ଫେରି ଯାଇଥିଲେ। ବ୍ଲକ ଶିକ୍ଷାଧିକାରୀ ମଦନ ମୋହନ କର, ଏବିଇଓ ଖଗେଶ୍ୱର ନାୟକ ଓ ସିଆରସିସି ହରେକୃଷ୍ଣ କର ବୈଠକକୁ ବାରମ୍ବାର ଆସି ଫେରିଥିବା ଜଣାପଡ଼ିଛି।

● ଜମି ଜବରଦଖଲ ଅଭିଯୋଗ, ୧୫ ଦିନର ମହଲତ!

## ନିର୍ମାଣ ବନ୍ଦ କରିବାକୁ ଆଇନଗତ ନୋଟିସ

ଗରଦପୁର,୭।୮ (ସମିସ)

ଜମି ଜବରଦଖଲକୁ ନେଇ ତେଜିଲା ବିବାଦ। ନିଜ ଜମିରୁ କଥିତ ଜବରଦଖଲ ହଟାଇବା ଓ ଚାଲିଥିବା ନିର୍ମାଣ କାମ ବନ୍ଦ କରିବାକୁ ଦାବି କରି ପ୍ରତିପକ୍ଷଙ୍କୁ ଆଇନଗତ ନୋଟିସ ଜାରି କରିଛନ୍ତି ଅନାମ ଚରଣ ଦାଶ। ନୋଟିସରେ ଅଭିଯୋଗ କରାଯାଇଛି ଯେ, ବ୍ରହ୍ମପୁର ମୌଜାର ଥାନା ନଂ୬୬, ଖାତା ନଂ୭୨୦/୨୮୦ ଅନ୍ତର୍ଗତ ଘରବାରି କିସମ ପ୍ଲଟ ନଂ୧୧୦୯ ର ମୋଟ ୨୭ ଡିସିମିଲ ଜମିରୁ ପ୍ରାୟ ୨୦ କଡି ଜମି କଥିତ ଭାବେ ଜବରଦଖଲ କରାଯାଇଛି। ଏହି ବିବାଦକୁ ନେଇ ୨୦୨୫ ମେ ୫ ତାରିଖରେ ପାଟକୁରା ଥାନାରେ ଅଭିଯୋଗ ହୋଇଥିବା ଓ ପରେ ସ୍ଥାନୀୟ ଭଦ୍ରଲୋକଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିବା ନୋଟିସରେ ଦର୍ଶାଯାଇଛି। ସେହି ଆଲୋଚନାରେ ଜବରଦଖଲ ହଟାଇବାକୁ ପ୍ରତିପକ୍ଷ ସହମତି ଦେଇଥିବା ଦାବି କରାଯାଇଛି। ତେବେ ପରେ ପୁଣି କଥିତ ଜବରଦଖଲ ସ୍ଥାନରେ ଘର ନିର୍ମାଣ

### ଧମକ ଦିଆଯାଉଥିବା ଅଭିଯୋଗ

ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି। ଏହି ବିବାଦର ସମାଧାନ ପାଇଁ ୨୦୨୫ ଜୁଲାଇ ୨ ତାରିଖରେ ଅମିନଙ୍କ ଦ୍ୱାରା ଜମି ମାପଚୁପ କରାଯାଇଥିବା ଓ ସ୍କେଚ୍ ମ୍ୟାପରୁ ଜବରଦଖଲ ସ୍ପଷ୍ଟ ହୋଇଥିବା ନୋଟିସରେ ଦାବି କରାଯାଇଛି।

ଏଥିସହିତ ଜମି ବିବାଦକୁ ନେଇ ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ଜୀବନ ପ୍ରତି ଧମକ ଦିଆଯାଉଥିବା ମଧ୍ୟ ନୋଟିସରେ ଅଭିଯୋଗ କରାଯାଇଛି। ଆଇନଗତ ନୋଟିସରେ ୧୫ ଦିନର ମହଲତ ଦିଆଯାଇଛି। ଏହି ସମୟ ମଧ୍ୟରେ କଥିତ ଜବରଦଖଲ ହଟାଇବା, ନିର୍ମାଣ କାର୍ଯ୍ୟ ବନ୍ଦ କରିବା, ହୋଇଥିବା ନିର୍ମାଣ ହଟାଇ ଜମିକୁ ପୂର୍ବାବସ୍ଥାକୁ ଫେରାଇବା, ଭବିଷ୍ୟତରେ ଏହି ଜମି ଉପରେ କୌଣସି ଅନଧିକୃତ ଦଖଲ କିମ୍ବା ନିର୍ମାଣ ନ କରିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ସିଭିଲ ଓ ଫୌଜଦାରୀ ଆଇନ ଅନୁଯାୟୀ ମାମଲା, ନିଷେଧାଜ୍ଞା, ଜବରଦଖଲ ଉଚ୍ଛେଦ ଓ କ୍ଷତିପୂରଣ ପାଇଁ ଅଦାଲତର ଦ୍ୱାରସ୍ଥ ହେବାକୁ ନୋଟିସରେ ଚେତାବନୀ ଦିଆଯାଇଛି। ତେବେ ନୋଟିସରେ ଥିବା ଅଭିଯୋଗର ଚୂଡ଼ାନ୍ତ ସତ୍ୟତା ସମ୍ପର୍କରେ ସମ୍ପୃକ୍ତ ଅଦାଲତ କିମ୍ବା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହେବ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଜିଲ୍ଲା ଶାଖା ବୈଠକ



ଡେରାବିଶ, ୭।୮ (ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟା ବାହାଲି ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରମିକ ନେତା ଅଶୋକ ତ୍ରିପାଠୀ ଯୋଗଦେଇ ଜିଲ୍ଲା କାର୍ଯ୍ୟାଳୟର ସ୍ଥାଣୁତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଦୀର୍ଘ ୫ ବର୍ଷ ହେଲା ମହିଳା ଶ୍ରମିକ ବିଧିବଦ୍ଧ ଭାବେ ଶ୍ରମକାର୍ଡ଼ ପାଇଁ ଦରଖାସ୍ତ କରିଥିଲେ ବି ସେମାନଙ୍କୁ ଅଦ୍ୟାବଧି ପରିଚୟ ପତ୍ର ମିଳୁନାହିଁ। ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଶ୍ରମିକଙ୍କ ଝିଅ ବିଭାଘର ଅନୁଦାନ, ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ଆବେଦନର ଦୁଇମାସ ମଧ୍ୟରେ ମିଳିବାର ନିୟମ ଥିଲେ ବି ବର୍ଷ ବର୍ଷ ଧରି ସେମାନଙ୍କୁ ସହାୟତା ରାଶି ମିଳିପାରୁ ନ ଥିବାରୁ ଶ୍ରୀ ତ୍ରିପାଠୀ କ୍ଷୋଭ ପ୍ରକାଶ କରିଥିଲେ। ଶ୍ରମିକଙ୍କ ଏହି ଅନୁଦାନ ଓ ସହାୟତା ରାଶି ତୁରନ୍ତ ପ୍ରଦାନ କରା ନ ଗଲେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ଧାରଣା ଦେବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ବୈଠକରେ ନିତ୍ୟାନନ୍ଦ ସାମଲ, ମହେଶ୍ୱର ନାୟକ, ପ୍ରଦୀପ ସାମଲ, ମନୋଜ ପରିଡ଼ା, ନାରାୟଣ ସେଠୀ, ଅକ୍ଷୟ ଲେଙ୍କା, କାର୍ତ୍ତିକ ବେହେରା, ମହେଶ୍ୱର ସାହୁ, ଅନିରୁଦ୍ଧ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଧିରେନ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପତ୍ରପୁର ସେକ୍ସନରେ ବିଜୁଳି ଯୋଗାଣରେ ବିଭ୍ରାଟ

## ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉପଭୋକ୍ତା ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୭।୮ (ସମିସ)

ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ସବଡିଭିଜନ ଅଧୀନ ପତ୍ରପୁର ସେକ୍ସନରେ ବିଜୁଳି ଯୋଗାଣରେ ବ୍ୟାପକ ଅନିୟମିତତା ଓ ଘନ ଘନ ବିଜୁଳି କାଟକୁ ନେଇ ପତ୍ରପୁର ବଜାରସ୍ଥ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ବିଜୁଳି ଉପଭୋକ୍ତାଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡାଙ୍କ ସଂଯୋଜନା ଓ ମଞ୍ଚ ସଭାପତି ପ୍ରାଧାପକ ଦାମୋଦର ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉପଭୋକ୍ତା ସମ୍ମିଳନୀରେ ଅଞ୍ଚଳର ବହୁ ଜନପ୍ରତିନିଧି, ସମାଜସେବୀ, ଯୁବକ, ବୁଦ୍ଧିଜୀବୀଙ୍କ ସମେତ ଶତାଧିକ ଜନସାଧାରଣ ଯୋଗଦେଇ ବିଜୁଳି ଯୋଗାଣରେ ବିଭାଗୀୟ ଚରମ ଅବହେଳା ଓ ବିଜୁଳି କାଟ ବିରୋଧରେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ନକୁଳ ପରିଡା, ସୁଧୀର ମହାନ୍ତି, ଅଭୟ ସାହୁ, ବ୍ରଜସୁନ୍ଦର ଭୂୟାଁ, ଅରୁଣ ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁମନ୍ତ ରାଉତ, ପତ୍ରପୁର ସରପଞ୍ଚ



କାନନ ପରିଡା, ପୂର୍ବତନ ସରପଞ୍ଚ ସୁମନ୍ତ ଦାସ, ନୀଳମଣି ସେଠୀ, ଜଳଧର ତରାଇ, ପ୍ରସନ୍ନ ସାହୁ, ପ୍ରଦୋଷ ରାଉତ, ପ୍ରଫୁଲ୍ଲ ଗେଡି, ବିଶ୍ୱନାଥ ପ୍ରଧାନ, ରଞ୍ଜନ ସାହୁ, ଅଶୋକ ମଲିକ, ଗୋପୀନାଥ ପ୍ରଧାନ, ଭାରତ ସାହୁ, କାର୍ତ୍ତିକ ଦାଶ ପ୍ରମୁଖ ଯୋଗଦେଇ ନିଜର ମତ ରଖିବା ସହିତ ତୁରନ୍ତ ବିଜୁଳି ଯୋଗାଣକୁ ସ୍ୱାଭାବିକ କରିବାକୁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। କେନ୍ଦ୍ରାପଡ଼ା ଡିଭିଜନ ମ୍ୟାନେଜରଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିବା ସହିତ ଏକ ଦାବିପତ୍ର ଦେବାକୁ ଦଶ ପଞ୍ଚାୟତ ବିକାଶ ପରିଷଦ ସଭାପତି ବ୍ରଜସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଗଠନ କରାଯାଇଥିଲା। ତ୍ରୁଟିଶୂନ୍ୟ ବିଜୁଳି ଯୋଗାଣରେ ବିଜୁଳି ବିଭାଗ ଅବହେଳା ପ୍ରଦର୍ଶନ କଲେ, ତେବେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ପରିଷଦର ସଭାପତି ବ୍ରଜସୁନ୍ଦର ଭୂୟାଁ ଚେତାବନୀ ଦେଇଛନ୍ତି।

## ମୁକୁନ୍ଦପୁରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



ଡେରାବିଶ, ୭।୮ (ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମିତାରାଣି ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ନମିତା ବାରିକ ଉପସ୍ଥିତ ରହି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏଥିରେ ଭତ୍ତା, ରାଶନ, ଆବାସ ଗୃହ, ପାନୀୟଜଳ ସମସ୍ୟା ଓ ରାସ୍ତାଘାଟ ସମ୍ପର୍କିତ ଅଭିଯୋଗ ଥିବାବେଳେ ବିଡ଼ିଓ ଶ୍ରୀମତୀ ବାରିକ ସେଥିରୁ କିଛି ଅଭିଯୋଗର ତ୍ୱରିତ ସମାଧାନ କରିଥିବାବେଳେ ଅନ୍ୟକିଛି ଅଭିଯୋଗକୁ ବିଭାଗୀୟ ଅଧିକାରୀଙ୍କ ପଦକ୍ଷେପ ନିମନ୍ତେ ପଠାଇଥିଲେ। ନାଏବ ସରପଞ୍ଚ ବିଚିତ୍ରାନନ୍ଦ ନାୟକ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଯନ୍ତ୍ରୀ ଇଂ ବିଭୁଦତ୍ତ ଦାଶ, ଯନ୍ତ୍ରୀ ଇଂ ହିମାଂଶୁ ପତିଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଡେରାବିଶ, ୭।୮ (ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଯଅଁରାବାରିମୂଳସ୍ଥ ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟ ସଭାକକ୍ଷରେ ପ୍ରଧାନଶିକ୍ଷକ ମଦନମୋହନ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭରତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ମୁଖ୍ୟଅତିଥି, ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ମଦନମୋହନ କର ମୁଖ୍ୟବକ୍ତା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ବିଆରସିସି ଦେବଦତ୍ତ ଶତପଥୀ, ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ବିଦ୍ୟାଳୟର ପୂର୍ବତନ ସଭାପତି ରଜତ ବଳ, ପଞ୍ଚସଖା ଶିକ୍ଷାସେତୁର ସଭାପତି ରଞ୍ଜନ ରାଉତ, ହରିଅଙ୍କ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ମହାନ୍ତି, ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ବଳ, ପୂର୍ବତନ ସଂସ୍କୃତ ଶିକ୍ଷକ ପ୍ରଭାକର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବାନିବୃତ୍ତ ପ୍ରଧାନଶିକ୍ଷକ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷକ ପ୍ରଶାନ୍ତ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଶାନ୍ତ ମଣ୍ଡଳ ଓ ରଘୁନାଥ ଶତପଥୀଙ୍କ ସଂଯୋଜନାରେ ବିଦାୟକାଳୀନ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷୟିତ୍ରୀ ରୁଦ୍ରାଣୀ ମିଶ୍ର, ରଶ୍ମିତା ପାତ୍ର, ପଦ୍ମାଳୟା ତ୍ରିପାଠୀ, ଗତିଗଙ୍ଗୋତ୍ରୀ ମିଶ୍ର, ଝୁନା ବାରିକ, ଶାନ୍ତିଲତା ସାହୁ, ପଙ୍କଜିନୀ ଦାସ, ମନସ୍ୱିନୀ ପଢ଼ିହାରୀ, ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା, ଅମରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ସୋନମ ଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରତାପ ଶତପଥୀ, ମନୋଜ ନାୟକ, ମନୋଜ ଦାସ, ସୁଶାନ୍ତ ବଳ, ମିନୁଲତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ

ଡେରାବିଶ, ୭।୮ (ସମିସ)

ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କସ୍ଥ ହାଇସ୍କୁଲ ପରିସରରେ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଫ୍ରେଣ୍ଡସ୍ ଏନ୍‌ଭାୟାରମେଣ୍ଟ ପକ୍ଷରୁ ଆୟୋଜିତ ପରିବେଶ ସଚେତନତା କର୍ମଶାଳାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଫ୍ରେଣ୍ଡସ୍ ଏନ୍‌ଭାୟାରମେଣ୍ଟର କାର୍ଯ୍ୟକର୍ତ୍ତା ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ପ୍ରଦୀପ ବଳ, ହେମନ୍ତ ଜେନା, ହର୍ଷବର୍ଦ୍ଧନ ଉଦ୍‌ଗାତା, ଦେବାନନ୍ଦ ସାମଲ, ତ୍ରୈଲୋକ୍ୟ ବିଶ୍ୱାଳ, ପ୍ରଭାସର ମଙ୍ଗରାଜ ପ୍ରମୁଖ ପରିବେଶ ସୁରକ୍ଷାର ଆବଶ୍ୟକତା, ସେଥିପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ନିମନ୍ତେ ଶପଥ ପାଠ କରାଯାଇଥିଲା। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ କବି ବିଜନ ରାୟ ପରିଚାଳନା କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଅତିଥି ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟ ଏସ୍‌ଏମ୍‌ସି କମିଟି ସଭାପତି ଦୀପକ ଜେନା, ସଦସ୍ୟ ଓ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଉପାଳି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଗିରିଜା ପଢ଼ିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଜନଗର,୭।୮ (ସମିସ): ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ଯୀଶୁକୃଷ୍ଣ ଦାସ ଯୋଗଦେଇ ଶିକ୍ଷାର ମହତ୍ୱ ସମ୍ପର୍କରେ ପ୍ରତିପାଦନ କରିବା ସହ ଶିକ୍ଷା ବଳରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ ମିଶ୍ର, ଡଃ ବିକ୍ରମାଦିତ ଦାସ, ସାମ୍ବାଦିକ ଭାସ୍କର ରାଉତରାୟ, ସମାଜସେବୀ କୃପାସିନ୍ଧୁ ସାମଲ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଏ ଅବସରରେ ପୁରାତନ ଛାତ୍ର ଅକ୍ଷୟ ମିଶ୍ର, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ଡଃ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରୀତିପ୍ରଭା ରାଉତ ତାଲିମ ଦେଇଥିଲେ। ପରେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ନିହାର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ତନୁଶ୍ରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ମହାବିଦ୍ୟାଳୟର ନୂତନ ଗୃହକୁ ଅତିଥିମାନେ ଉଦଘାଟନ କରିଥିଲେ।

## ଏବେବି ଡାହୁକ ପରମ୍ପରା ବଞ୍ଚାଇ ରଖିଛନ୍ତି ସୁରେନ୍ଦ୍ର

ଗରଦପୁର,୭।୮ (ସମିସ): ରଥଯାତ୍ରାରେ ଆଉ ଡାହୁକ ପରମ୍ପରା ନାହିଁ। ପୂର୍ବରୁ ତିନି ରଥରେ ଡାହୁକମାନେ ରହି ବିଭିନ୍ନ ଅଶ୍ଳୀଳ ଭାଷା କହୁଥିଲେ। ଏହି ଡାହୁକଙ୍କ 'ହୋ ଭକତେ' କହିଲା କ୍ଷଣି ଭକ୍ତମାନେ ରଥ ଟାଣି ନେଉଥିଲେ। କିନ୍ତୁ ସରକାରଙ୍କ ହସ୍ତକ୍ଷେପ ପରେ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲେ ମଧ୍ୟ କେଉଁଠି କେଉଁଠି ଡାହୁକ ପରମ୍ପରା ରହିଛି। ସେହିପରି ଗରଦପୁର ବ୍ଲକ ହରିହର କ୍ଷେତ୍ର ମାହଳଠାରେ ଥିବା ଜଗନ୍ନାଥ ମନ୍ଦିର ରଥଯାତ୍ରାରେ ଉକ୍ତ ପରମ୍ପରା ବନ୍ଦ ହୋଇଥିଲେ ମଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ରଥରେ ଡାହୁକ ଭାବେ ସୁରେନ୍ଦ୍ର ରହି ସେବା ଦିଅନ୍ତି। ଆଉ ସେ ଅଶ୍ଳୀଳ ଡାକ ନାହିଁ। ରଥଯାତ୍ରା ଦିନ ହାତରେ ଲମ୍ବା ବେତ ସାଙ୍ଗକୁ ବେକରେ ଫୁଲମାଳ ଓ ଖଣ୍ଡୁଆ ପାଟ ପିନ୍ଧି ଡାହୁକ ବେଶରେ ଚମତ୍କାର ଦେଖାଯାଆନ୍ତି ବଙ୍ଗାଳପୁର ଗ୍ରାମର ସୁରେନ୍ଦ୍ର ରଣା। ଜାତିରେ ମାଳି ଅଟନ୍ତି। ବିଭିନ୍ନ ପୂଜା ପାର୍ବଣ ହେଉ ଅବା ମଠ କି ମନ୍ଦିର ଅଥବା ବିବାହ, ବ୍ରତଘର ସବୁଠି



ଖୋଜା ପଡନ୍ତି ସୁରେନ୍ଦ୍ର। କାରଣ ସୁରେନ୍ଦ୍ର ଫୁଲ ନଦେଲେ ପୂଜାବିଧି ବନ୍ଦ। ଏହାରି ଭିତରେ ମନ୍ଦିର ନିର୍ମାଣ ହେବା ଓ ରଥଯାତ୍ରା ଆରମ୍ଭ ହେବା ଦିନଠାରୁ ବର୍ଷା ହେଉ ଅବା ଶୀତ ସୁରେନ୍ଦ୍ର ମନ୍ଦିର ଉପରକୁ ସଂକ୍ରାନ୍ତି ଓ ଏକାଦଶୀରେ ଦୀପ ନେଇ ଯାଆନ୍ତି। ଏଥିସହ ପ୍ରତିବର୍ଷ ରଥଯାତ୍ରାରେ କାଳିଆ ଠାକୁରଙ୍କ ରଥରେ ଡାହୁକ ସେବାୟତ ଭାବେ ସେବା କରନ୍ତି। ଚଳିତ ବର୍ଷ ରଥଯାତ୍ରାରେ ତାଙ୍କୁ ବି ରଥ ଉପରେ ଦେଖିବାକୁ ମିଳିଥିଲା। କେହି କେହି ଭକ୍ତ ତାଙ୍କ ବେତ ମାଡ଼ ପାଇଁ ପାଗଳ ହେଉଥିବାବେଳେ କେହି କେହି ଭକ୍ତ କହୁଥିଲେ କ'ଣ ଟିକେ ଡାକ ହେଉ। ସେହି ପାନଖିଆ ହସ ହସ ମୁହଁରେ ହଉ ହେବ କହି ଭକ୍ତଙ୍କୁ ଭୁଲାଇ ଦିଅନ୍ତି। ତାଙ୍କୁ ପଚାରିବାରୁ ମହାପ୍ରଭୁ ମଣିମା ମୋତେ ଦରିଦ୍ର କରି ରଖିଛନ୍ତି। ହେଲେ ଦୁଃଖ ଆସିଲେ ଦରଦୀ ଠାକୁର ଦୁଃଖ ବୁଝନ୍ତି। ଯେତେଦିନ ପର୍ଯ୍ୟନ୍ତ ଈଶ୍ୱର ମୋତେ ସୁସ୍ଥ ଓ ନିରୋଗ ରଖିଥିବେ, ମହାପ୍ରଭୁଙ୍କ ସେବା କରି ଆନନ୍ଦ ପାଉଥିବି ବୋଲି ସୁରେନ୍ଦ୍ର ଖୁସି ମନରେ କହିଛନ୍ତି।

### କଲମୀ ବାଇଗଣ ଚାଷ କରି ରଞ୍ଜନ ସ୍ୱାବଲମ୍ବୀ

## ବାର୍ଷିକ ୧୫ ଲକ୍ଷ ଆୟ, ୪ ପରିବାରକୁ ଦେଇଛନ୍ତି ରୋଜଗାର

ରାଜକନିକା,୭।୮ (ସମିସ)

ରାଜକନିକା ବ୍ଲକ ହାଟସାହି ପଞ୍ଚାୟତର ହାଟସାହି ଗ୍ରାମର ରଞ୍ଜନ ପଢିହାରୀ ଜଣେ ସଫଳ ଯୁବ ଚାଷୀ। ଆଧୁନିକ ପ୍ରଣାଳୀରେ ପନିପରିବା ଚାଷକୁ ନେଇ ସେ ଏବେ ଖୁବ ମନସ୍କ ରହିବା ସହ ରୋଜଗାର ବି ବଢ଼ାଇଛନ୍ତି। ଦିନ ଥିଲା ଚାକିରି ଅନ୍ୱେଷଣରେ ସେ ଦେଶ ଛାଡ଼ି ଦୁବାଇ ଚାଲିଯାଇଥିଲେ। ସେଠାରେ ସେ ନିଜ ମାନସିକତା ସହ ଖାପଖୁଆଇ ନ ପାରିବା ଓ ନିଜ ଭିତରେ ଥିବା ଚାଷ କରି ସମୃଦ୍ଧ ହେବାର ଯୁବ ଉଦ୍ୟୋଗୀ ମାନସିକତା ତାଙ୍କୁ ବିଦେଶରୁ ସ୍ୱଦେଶକୁ ଫେରାଇ ଆଣିଲା। ତାଙ୍କର ଜଣେ ଅନ୍ତରଙ୍ଗ ସାଙ୍ଗ ଯେ କି ଜ୍ୟୋତିଷ ବିଦ୍ୟାରେ ଶ୍ରଦ୍ଧା ରଖନ୍ତି, ତାଙ୍କୁ ସେ କ'ଣ କଲେ ଭଲ ନାମ କମାଇବା ସହ ରୋଜଗାର କରିପାରିବେ ବୋଲି କହିବା ପରେ ସେହି ସାଙ୍ଗ ତାଙ୍କ ଜାତକ ଅନୁସାରେ ଗଛ ଓ ପାଣି ସମ୍ପର୍କୀୟ ବ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ। ଏଭଳି ଗଣନାକୁ ରଞ୍ଜନ ପରୀକ୍ଷାକରିବା ଉଦ୍ଦେଶ୍ୟରେ ପ୍ରଥମେ ସେ ଧାନ ଚାଷ, ବାଡ଼ିରେ କଲମୀ ଭେଣ୍ଡି ଓ ପୋଖରୀରେ ମାଛଚାଷ ଆରମ୍ଭ କରିଥିଲେ। ଏଥିରେ ସେ ସଫଳ ହେବା ପରେ ଚଳିତବର୍ଷ ସେ ନିଜର ଚାଷ ମନସ୍କ ସ୍ୱଭାବକୁ ଆପଣେଇ କଲମୀ ବାଇଗଣ, ପୋଇ, କାକୁଡି, ଜହ୍ନି, କାଙ୍କଡ଼, କଞ୍ଚାଲଙ୍କା, ହଳଦୀ, ମାଟିଆଳୁ, ବର୍ଷାଦିନିଆ ମୂଳା, ଧଣିଆପତ୍ର ଭଳି ପନିପରିବା ଚାଷ ଆରମ୍ଭ କରିଦେଇଛନ୍ତି।

ନିଜ ଗାଁ ହାଟସାହି ମୌଜାର କୁଶ ଅଣ୍ଟାରେ ୨.୫ ଏକର ହଜାରୀଆ ଖାଲର



୧. ୫ ଏକର ଚାଷଜମିକୁ ଲିଜରେ ଆଣି ସେଥିରେ ଆରମ୍ଭ କରିଛନ୍ତି ପନିପରିବା ଚାଷ। ଆନ୍ଧ୍ର ଚାଷୀଙ୍କ ଭଳି କଲମୀକରଣ କରି ବାଇଗଣ ଫଳାଇବାକୁ ବେଶ ପ୍ରାଥମିକତା ଦେଇଥିବା ରଞ୍ଜନଙ୍କ କଲମୀ ବାଇଗଣ ଏବେ ଫଳିବା ଆରମ୍ଭ କରିଛି। ଏମିତି ପ୍ରଣାଳୀରେ ବାଇଗଣ ଚାଷ କରିବା ଲକ୍ଷ୍ୟ ନେଇ ଚାଷ କରିଥିବା କଲମୀ ବାଇଗଣ ପ୍ରଜାତି ଅଙ୍କିତା ଓ ଭିଏନଆର ୨୧୨ କିସମ ଲଗାଇଛନ୍ତି। ବର୍ତ୍ତମାନ ରଞ୍ଜନଙ୍କ ଫାର୍ମରେ ବାଇଗଣ ଗୋଟାକ ସର୍ବାଧିକ ୩୫୦ ଗ୍ରାମ ହୋଇଛି। ୨୫୦ ଗ୍ରାମରୁ ଆରମ୍ଭ କରି ୩୫୦ ଗ୍ରାମ ବାଇଗଣ ହେବା ସହ ଏବେ ତାଙ୍କ ବାଇଗଣର ଦାମ ମଧ୍ୟ ପାଇକାରୀ ଦରରେ କିଲୋ ପ୍ରତି ୬୦ ଟଙ୍କାରେ ବିକ୍ରି ହେଉଛି। ତେବେ ୪ ଏକର ଜମି ଲିଜ ଆଣି ୨ ଲକ୍ଷ ଟଙ୍କା ଯାଏ ପୁଞ୍ଜି ଲଗାଇ ୪ ପରିବାରକୁ ରୋଜଗାର ଦେଉଥିବା ରଞ୍ଜନ ବାର୍ଷିକ ୧୫ ଲକ୍ଷ ଟଙ୍କା ରୋଜଗାର କରିବାର ଭରସା ରଖିଛନ୍ତି। ଗାଁ ମାଟିରେ ରହି ପରିବାର ପ୍ରତିପୋଷଣ କରିବାର ସାମର୍ଥ୍ୟ ରଖିଥିବା ରଞ୍ଜନଙ୍କ ବାପା ଘରେ ତେଜରାତି ଦୋକାନ କରିବା, ସ୍ତ୍ରୀ କଳ୍ପନା ତାଙ୍କୁ ଚାଷରେ ସହାୟତା ଓ ସହଯୋଗ ଦେଇ ଘରେ କୁକୁଡ଼ା, ବତକ, ଜିଆଖତ ପ୍ରକଳ୍ପ ମଧ୍ୟ କରିଛନ୍ତି। ଗୋଟିଏ ବାଇଗଣ ଗଛ ୩ ବର୍ଷ ଯାଏ ଫଳିବାର ଆଶା ରଖିଥିବା ରଞ୍ଜନଙ୍କ ଏଭଳି ନିଆରା ଫାର୍ମ ଅନ୍ୟ ସମସ୍ତ ଯୁବକଙ୍କ ପାଇଁ ପ୍ରେରଣା ପାଲଟିଛି। ରଞ୍ଜନ ପରିବାରରେ ବାପା, ମାଆ, ଭାଇଭଉଣୀ, ସ୍ତ୍ରୀ ଓ ଦୁଇ ଝିଅଙ୍କ ସହ ବେଶ ଆଦର୍ଶଗତ ଜୀବନ ବିତାଇବା ଆମ ସମସ୍ତଙ୍କୁ ଚାଷ ମନସ୍କ କରାଇବ, ଏଥିରେ ସନ୍ଦେହ ନାହିଁ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୨୩ ● ପାଉଣ୍ଡ ୧୨୮.୨୦
- ୟୁରୋ ୧୦୯.୮୩ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୭,୭୪୦ (ଭୁବନେଶ୍ୱର)
- ରୁପା : ୨,୫୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୪୯୯.୦୦
- ନିଫ୍ଟି ୨୪,୫୭୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ଋଣ ଅସୁଲି ନେଇ ଆର୍‌ବିଆଇର ନୂଆ ନିୟମ

# ବ୍ଲକ୍ ହେବନି ଖିଲାପକାରୀଙ୍କ ମୋବାଇଲ୍, ଲାପଟପ୍

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଋଣ ପୁନରୁଦ୍ଧାର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନୂତନ ନିୟମ ଜାରି କରିଛି। ଏହି ନିୟମଗୁଡ଼ିକ ବ୍ୟାଙ୍କଗୁଡ଼ିକର ଋଣ ପୁନରୁଦ୍ଧାର କ୍ଷମତାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହା ବ୍ୟତୀତ, ଆର୍‌ବିଆଇ ସ୍ପଷ୍ଟ କରିଛି ଯେ ଋଣ ରିକଭରି ଏଜେଣ୍ଟମାନେ ଋଣ ପରିଶୋଧରେ ଖିଲାପୀ କ୍ଷେତ୍ରରେ ଗ୍ରାହକଙ୍କ ମୋବାଇଲ୍ ଏବଂ ଲାପଟପ୍ ବ୍ଲକ୍ କରିପାରିବେନାହିଁ। ଯେତେବେଳେ ଗ୍ରାହକ ଋଣ ପରିଶୋଧ କରିବାରେ ବିଫଳ ହୁଅନ୍ତି, ଅର୍ଥାତ୍ ସେମାନେ ସେମାନଙ୍କର ମାସିକ ଇଏମ୍‌ଆଇ ପୈଠ କରନ୍ତି ନାହିଁ, ଅନେକ ଲୋକ ଭୟ କରନ୍ତି ଯେ ବ୍ୟାଙ୍କ ସେମାନଙ୍କ ଜିନିଷପତ୍ର ଜବତ କରିବ। ଗୃହ ଋଣ ପାଇଁ, ବ୍ୟାଙ୍କଗୁଡ଼ିକ ସେମାନଙ୍କ ଘର ଜବତ କରିପାରିବେ, ଯେତେବେଳେ କାର୍ ଋଣ ପାଇଁ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଗାଡ଼ି ଜବତ କରିପାରିବ। ହେଲେ ଲୋକମାନେ ପ୍ରାୟତଃ ଭାବନ୍ତି ଯେ ଋଣ ପରିଶୋଧ ନକରିବା ପାଇଁ ବ୍ୟାଙ୍କଗୁଡ଼ିକ ସେମାନଙ୍କର ମୋବାଇଲ୍ ଫୋନ୍, ଲାପଟପ୍ କିମ୍ବା ଟାବଲେଟ୍ ବ୍ଲକ୍ କରିପାରିବ କି? ଏଥିପାଇଁ ପୃଥକ ନିୟମ ପ୍ରଯୁଜ୍ୟ। ଏବେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ନିୟମଗୁଡ଼ିକୁ ସ୍ପଷ୍ଟ କରିଛି। ଆର୍‌ବିଆଇ ଋଣ ପୁନରୁଦ୍ଧାର ସମ୍ପର୍କରେ




ନୂତନ ନିର୍ଦ୍ଦେଶାବଳୀ ଜାରି କରିଛି, ଯେଉଁଥିରେ କୁହାଯାଇଛି ଯେ ବ୍ୟାଙ୍କଗୁଡ଼ିକ କେବଳ ଋଣ ଅସୁଲି ଉଦ୍ଦେଶ୍ୟରେ ଗ୍ରାହକଙ୍କ ମୋବାଇଲ୍ ଫୋନ୍, ଟାବଲେଟ୍ କିମ୍ବା ଲାପଟପ୍ ବ୍ଲକ୍ କରିପାରିବେନାହିଁ। ଏହି ନିୟମଗୁଡ଼ିକ ୨୦୨୭ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହେବ। ଏହା ଗ୍ରାହକମାନଙ୍କ ବିରୁଦ୍ଧରେ ବେଆଇନ ଋଣ ଅସୁଲି ଆଦାୟ ଅଭ୍ୟାସକୁ ରୋକିବା ପାଇଁ ଉଦ୍ଦିଷ୍ଟ।

ଆର୍‌ବିଆଇ ସ୍ପଷ୍ଟ କରିଛି ଯେ ଯଦି ଜଣେ ବ୍ୟକ୍ତି ସମାନ ଡିଭାଇସ୍ ବ୍ୟବହାର କରି ମୋବାଇଲ୍ ଫୋନ୍, ଲାପଟପ୍ କିମ୍ବା ଟାବଲେଟ୍ କିଣିବା ପାଇଁ ଋଣ ନେଇଛନ୍ତି, ତେବେ ବ୍ୟାଙ୍କ ଏ କ୍ଷେତ୍ରରେ କିଛି ବୈଷୟିକ ପଦକ୍ଷେପ ନେଇପାରିବେ। ତଥାପି, ବ୍ୟାଙ୍କ କିମ୍ବା ଆର୍ଥିକ କମ୍ପାନୀଗୁଡ଼ିକ ଡିଭାଇସ୍ ତୁରନ୍ତ ସମ୍ପୂର୍ଣ୍ଣ ଭାବରେ ଲକ୍ କରିପାରିବେ ନାହିଁ। ଆର୍‌ବିଆଇର ଋଣ ଆଦାୟ ନିୟମ ଅନୁଯାୟୀ, ଯେ କୌଣସି ପଦକ୍ଷେପ ପର୍ଯ୍ୟାୟକ୍ରମେ ନିଆଯିବା ଆବଶ୍ୟକ ଏବଂ ଗ୍ରାହକଙ୍କୁ ପୂର୍ବରୁ ଏ ନେଇ ପର୍ଯ୍ୟାପ୍ତ ସୂଚନା ଏବଂ ସମୟ ଦିଆଯିବା ଦରକାର।

**ଜାନୁଆରୀ ପହିଲାରୁ ନୂଆ ନିୟମ କାର୍ଯ୍ୟକାରୀ**

ଆର୍‌ବିଆଇ ଏହା ମଧ୍ୟ ସୁନିଶ୍ଚିତ କରିଛି ଯେ ଇନକମିଂ କଲ୍, ଏସ୍‌ଏମ୍‌ଏସ୍ ଏବଂ ଜରୁରୀକାଳୀନ ଏସ୍‌ଓଏସ୍ ଭଳି ମୋବାଇଲ୍ ଫୋନ୍ ସେବାଗୁଡ଼ିକୁ କୌଣସି ପରିସ୍ଥିତିରେ ଅକ୍ଷମ କରାଯାଇପାରିବନାହିଁ। କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ଏହି ସେବାଗୁଡ଼ିକ ସାଧାରଣ ସୁରକ୍ଷା ସହିତ ଜଡ଼ିତ ଏବଂ ସର୍ବଦା କାର୍ଯ୍ୟକ୍ଷମ ରହିବା ଉଚିତ।

ସାମ୍ପ୍ରତିକ ସମୟରେ, ଗ୍ରାହକମାନେ ଅଭିଯୋଗ କରିଛନ୍ତି ଯେ ଋଣ ଅସୁଲି ସମୟରେ ରିକଭରୀ ଏଜେଣ୍ଟମାନେ ସୋସିଆଲ ମିଡିଆରେ ଚାପ ପ୍ରୟୋଗ କରନ୍ତି। ଗ୍ରାହକଙ୍କ ଉଦ୍ଦେଶ୍ୟରେ ଅପମାନଜନକ ଭାଷା ବ୍ୟବହାର କରନ୍ତି ଏବଂ ଅତ୍ୟଧିକ ବ୍ୟକ୍ତିଗତ ସୂଚନା ସେୟାର କରନ୍ତି। ଜବାବରେ, ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଋଣ ଆଦାୟ ପାଇଁ ଆବଶ୍ୟକ ବ୍ୟକ୍ତିଗତ ସୂଚନା କେବଳ ରିକଭରୀ ଏଜେଣ୍ଟମାନଙ୍କ ସହିତ ସେୟାର କରିବାକୁ ନିର୍ଦ୍ଦେଶ ଦେଇଛି। ଏଭଳି ଘଟଣାରେ ଗ୍ରାହକଙ୍କ ବ୍ୟକ୍ତିଗତ ସୂଚନାର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ୟାଙ୍କଗୁଡ଼ିକ ମଧ୍ୟ ଦାୟୀ ରହିବେ। ଆରବିଆଇ ଏହା ମଧ୍ୟ କହିଛି ଯେ ଋଣ ଆଦାୟ ପାଇଁ ବ୍ୟାଙ୍କଗୁଡ଼ିକ ଦ୍ୱାରା ବ୍ୟବହୃତ ଯେ କୌଣସି ପ୍ରଯୁକ୍ତି ବ୍ୟବସ୍ଥା ସୁରକ୍ଷିତ, ଅନୁପାଳନକାରୀ ଏବଂ ପ୍ରମାଣିତ ହେବା ଆବଶ୍ୟକ। ଲାଇସେନ୍ସବିହୀନ କିମ୍ବା ଯାଞ୍ଚ ନ ହୋଇଥିବା ସଫ୍ଟୱେରକୁ ଏଥିରେ ଅନୁମତି ଦିଆଯିବନାହିଁ। ଏହାବ୍ୟତୀତ, ଏପରି ପ୍ରଯୁକ୍ତି ବିଦ୍ୟା କାର୍ଯ୍ୟକାରୀ କରିବା ପୂର୍ବରୁ ଡିଭାଇସ୍ ନିର୍ମାତା (ଓଇଏମ୍) କିମ୍ବା ଅପରେଟିଂ ସିଷ୍ଟମ୍ କମ୍ପାନୀଠାରୁ ଆବଶ୍ୟକୀୟ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ ହେବ।

## ପୁଣି ଦେଢ଼ ଲକ୍ଷ ଟପିଲା ସୁନା ଦର

# ରୁପା ଦିନକରେ ୧୦ ହଜାର ମହଙ୍ଗା

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ସୁନା କିଣିବାକୁ ଯୋଜନା କରୁଥିବା ଲୋକଙ୍କ ପାଇଁ ବଡ଼ ଖବର। କାରଣ କିଛି ଦିନର ବ୍ୟବଧାନ ପରେ ପୁଣି ଥରେ ଘରୋଇ ବଜାରରେ ବଢ଼ିଛି ସୁନା ଓ ରୁପା ଦର। ପୁନର୍ବାର ସୁନା ଦର ୧୦ ଗ୍ରାମ ପିଛା ଦେଢ଼ ଲକ୍ଷ ଟପିଲା ସୁନା ଦର ଟିପିଛି। ଅପରପକ୍ଷେ ରୁପା କିଲୋ ପିଛା ପୁଣି ଥରେ ଅଢ଼େଇ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଏମିତିକି ରୁପା କିଲୋ ପିଛା ୨.୫୦ ଲକ୍ଷ ଟଙ୍କା ଟପିଯାଇଛି। ଏଥିରେ ଭୁବନେଶ୍ୱରରେ ଆଜି ସୁନା ଓ ରୂପା ଦରରେ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ୨୪ କ୍ୟାରେଟ ଏବଂ ୨୨ କ୍ୟାରେଟ ସୁନା ସହ ରୂପା ମୂଲ୍ୟ ମଧ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି।




ରାଜଧାନୀ ଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୧୨୭୨ ଟଙ୍କା ବୃଦ୍ଧି ଘଟି ୧.୫୦ ଲକ୍ଷ ଟଙ୍କା ହୋଇଥିବାବେଳେ ରୁପା କିଲୋଗ ପିଛା ୨,୨୫,୮୩୬ ଟଙ୍କାରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରରେ ସୁନା ଓ ରୂପା ଦରରେ ଆଜି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ଦର ୨,୮୯୦ ଟଙ୍କା ବଢ଼ି ୧,୪୯,୮୯୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୨,୬୫୦ ଟଙ୍କା ବୃଦ୍ଧି ପାଇ ୧,୩୭,୭୪୦ ଟଙ୍କା ହୋଇଛି। ଅନ୍ୟପଟେ ରୁପା ମୂଲ୍ୟରେ ମଧ୍ୟ ବଡ଼ ପରିବର୍ତ୍ତନ ଦେଖାଯାଇଛି। କିଲୋଗ୍ରାମ ପିଛା ରୂପା ଦର ଆଜି ଗୋଟିଏ ଦିନରେ ୧୦ ହଜାର ଟଙ୍କା ବଢ଼ି ୨.୫୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ବଜାର ବିଶେଷଜ୍ଞଙ୍କ କହିବା ଅନୁସାରେ, ଆମେରିକୀୟ ଡଲାର ଦୁର୍ବଳ ହେବାରୁ ବିଶ୍ୱ ବଜାରରେ ସୁନା ଓ ରୂପା ପ୍ରତି ଚାହିଦା ବଢ଼ିଛି। ବିଦେଶୀ କ୍ରେତାଙ୍କ ପାଇଁ ସୁନା ଓ ରୂପା ତୁଳନାମୂଳକ ଶସ୍ତା ହେବାରୁ କିଣା ବୃଦ୍ଧି ପାଇଛି। ଏହାର ସିଧାସଳଖ ପ୍ରଭାବ ଭାରତୀୟ ବଜାର ସହ ଭୁବନେଶ୍ୱରରେ ମଧ୍ୟ ପଡ଼ିଛି। ତେବେ ସୁନା କିମ୍ବା ରୂପା କିଣିବାକୁ ଯୋଜନା କରୁଥିଲେ, ବଜାର ଦର ଉପରେ ନଜର ରଖି ଏବଂ ବିଶେଷଜ୍ଞଙ୍କ ପରାମର୍ଶ ନେଇ ନିଷ୍ପତ୍ତି ନେବା ଭଲ।

# ଆସାମ ବନ୍ୟା ପାଇଁ ବେଦାନ୍ତ ଦେଲା ୭ କୋଟି ସହାୟତା

ଭୁବନେଶ୍ୱର, ୭।୮(ସମିସ): ଆସାମରେ ଭୟାବହ ବନ୍ୟାରେ ପ୍ରଭାବିତ ଲୋକଙ୍କ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ପାଇଁ ବେଦାନ୍ତର ଚେୟାରମ୍ୟାନ୍ ଅନିଲ ଅଗ୍ରୱାଲ ଓ ବେଦାନ୍ତ ଗ୍ରୁପ୍ ପକ୍ଷରୁ ପ୍ରଦାନ କରାଯାଇଥିବା ୭ କୋଟି ଟଙ୍କାର ଆର୍ଥିକ ସହାୟତାକୁ ଆସାମର ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱଶର୍ମା ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ କରିଥିବା ଏକ ପୋଷ୍ଟରେ ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଭୟାବହ ବନ୍ୟା ସମୟରେ ବେଦାନ୍ତ ପୁଣି ଥରେ ଆଗକୁ ଆସି ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ପାଇଁ ୭ କୋଟି ଟଙ୍କାର ସହାୟତା ପ୍ରଦାନ କରିଛି। ଆସାମର ଲୋକଙ୍କ ସହ ଏଭଳି ଦୁଃସମୟରେ ଠିଆ ହୋଇଥିବାରୁ ଆମେ ଶ୍ରୀ ଅଗ୍ରୱାଲ ଓ ବେଦାନ୍ତ ଗ୍ରୁପ୍ ପ୍ରତି ଆନ୍ତରିକ କୃତଜ୍ଞ ଏବଂ ସମାଜକୁ ଫେରାଇ



ଦେବାରେ ତାଙ୍କର ଦୃଢ଼ ବିଶ୍ୱାସ ଏହି ଉଦାର ପଦକ୍ଷେପ ଏକ ପ୍ରତିଫଳନ। ଏହି ୭ କୋଟି ଟଙ୍କାର ଆର୍ଥିକ ସହାୟତାକୁ ତୁରନ୍ତ ରିଲିଫ୍ କାର୍ଯ୍ୟ ଯଥା ଖାଦ୍ୟ, ଆଶ୍ରୟ, ବିଶୁଦ୍ଧ ପାନୀୟ ଜଳ ଓ ଚିକିତ୍ସା ସେବା ଯୋଗାଇବା ସହ ଦୀର୍ଘମିଆଦି ପୁନର୍ବାସ କାର୍ଯ୍ୟରେ ବ୍ୟବହାର କରାଯିବ।

# ଏସଏମଇ ଫୋରମ୍‌ର ସର୍ବବୃହତ ସର୍ଭେ ରିପୋର୍ଟ ଉନ୍ମୋଚିତ

ଭୁବନେଶ୍ୱର, ୭।୮ (ସମିସ): ଇଣ୍ଡିଆ ଏସ୍‌ଏମ୍‌ଇ ଫୋରମ୍ (ଆଇଏସ୍‌ଏଫ୍) ପକ୍ଷରୁ ଡିଜିଟାଲ ଭାରତ:ଇଣ୍ଡିଆ ଡିଜିଟାଲ ପ୍ରୋକ୍ୟୋରମେଂଟ ରିପୋର୍ଟ୨୦୨୬ର ଶୁଭାରମ୍ଭ କରାଯାଇଛି,ଯାହା ଏମଏସଏମଇ କ୍ରୟ ଆଚରଣ ଏବଂ ଡିଜିଟାଲ ଗ୍ରହଣୀୟତା ଉପରେ ଭାରତର ସବୁଠାରୁ ବ୍ୟାପକ ଅଧ୍ୟୟନରୁ ମଧ୍ୟରୁ ଅନ୍ୟତମ। ଭାରତର ୫୧୫.୩ ଲକ୍ଷ ଉଦ୍ୟୋଗ-ପଞ୍ଜୀକୃତ ଏମ୍‌ଏସଏମଇକୁ କଭର କରିଥିବା, ଏହି ରିପୋର୍ଟକୁ ଏମ୍‌ଏସଏମଇ ରାଷ୍ଟ୍ରମନ୍ତ୍ରୀ ଏବଂ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କରାଣ୍ଡଲାଜେ ନୂଆଦିଲ୍ଲୀରେ ଆୟୋଜିତ



ଏକ କାର୍ଯ୍ୟକ୍ରମରେ ଏମଏସଏମଇ ଶିଳ୍ପ ନେତୃବୃନ୍ଦ, ଉଦ୍ୟୋଗୀ ଏବଂ ଡିପିଆଇଆଇଟିର ଅତିରିକ୍ତ ସଚିବ ଅତୀଶ କୁମାର ସିଂହ ଏବଂ ଏମଏସଏମଇ ମନ୍ତ୍ରଣାଳୟର ଯୁଗ୍ମ ସଚିବ କେଶଭେନ୍ଦ୍ର କୁମାର (ଆଇଏଏସ୍)ଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉନ୍ମୋଚନ କରିଥିଲେ। ଏହି ରିପୋର୍ଟ ଆକଳନ କରିଛି ଯେ, ୧୨୪.୯ ଟ୍ରିଲିୟନ ଟଙ୍କା ମୂଲ୍ୟର ଭାରତର ଏମଏସଏମଇ କ୍ରୟ ଅର୍ଥନୀତି ଏହାକୁ ଦେଶର ସର୍ବବୃହତ ବ୍ୟବସାୟିକ ବ୍ୟୟ ବର୍ଗ ମଧ୍ୟରୁ ଗୋଟିଏ କରିଥାଏ।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୭।୮ (ସମିସ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର




ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ମଧୁପାଟଣାର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ସ୍ଥିତ ଓଏସ୍‌ଏମ୍‌ଇଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇର ସହାୟକ ନିର୍ଦ୍ଦେଶକ ଜଗଦୀଶ ସାହୁ, ଓସ୍‌ମି ଅଧ୍ୟକ୍ଷ ଗୌର ଶଙ୍କର ଦାସ୍, ଓଏସ୍‌ଏମ୍‌ଇର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସୁକାନ୍ତ କୁମାର ମଲ୍ଲିକ, ସମ୍ପଦ ବିଭାଗର ମହାପ୍ରବନ୍ଧକ ଶଶିଧର କେ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୧୦୨.୨୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା।

**ବ୍ରିକ୍ସ ମୁଦ୍ରା ସପକ୍ଷରେ ଭାରତ ନାହିଁ**

# ନୂଆ ମୁଦ୍ରା ଯୋଜନାକୁ ବିରୋଧ କଲେ ପୀୟୂଷ ଗୋଏଲ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ବ୍ରିକ୍ସ ପାଇଁ ଅଲଗା ମୁଦ୍ରା ପ୍ରଚଳନ କରିବା ସପକ୍ଷରେ ଭାରତ ନାହିଁ। ଏପରି କୌଣସି ନୂଆ ମୁଦ୍ରା ଯୋଜନାକୁ ଭାରତ ସମର୍ଥନ କରୁ ନ ଥିବା କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ଜୟପୁରରେ ଦୁଇ ଦିନିଆ ବ୍ରିକ୍ସ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀସ୍ତରୀୟ ବୈଠକ ଶେଷ ପରେ ସାମ୍ବାଦିକମାନଙ୍କ ସହ କଥା ହୋଇ ଶ୍ରୀ ଗୋଏଲ ଏହା କହିଛନ୍ତି।

ଶ୍ରୀ ଗୋୟଲ କହିଛନ୍ତି ଯେ, ଭାରତ ବ୍ରିକ୍ସ ମୁଦ୍ରାର ସପକ୍ଷରେ ନାହିଁ। ଏପରି କୌଣସି ବ୍ରିକ୍ସ ମୁଦ୍ରା ଯୋଜନା ଆଣିବାକୁ ଆମେ ସମର୍ଥନ କରୁନାହୁଁ। ଏହି ପ୍ରସ୍ତାବକୁ ଭାରତ ବିରୋଧ କରୁଛି। ବର୍ତ୍ତମାନ ବ୍ରିକ୍ସ ଗୋଷ୍ଠୀରେ ବିଶ୍ୱର ୧୧ଟି ପ୍ରମୁଖ ଉଦୀୟମାନ ଅର୍ଥନୀତି ଓ ବିକାଶଶୀଳ ଦେଶ ସାମିଲ ଅଛନ୍ତି। ସେଗୁଡ଼ିକ ହେଲେ- ବ୍ରାଜିଲ, ଚୀନ, ଇଜିପ୍ଟ, ଇଥିଓପିଆ,ଭାରତ, ଇଣ୍ଡୋନେସିଆ, ଇରାନ, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ସଂଯୁକ୍ତ ଆରବ ଏମିରେଟ୍ସ। ଏହି ଗ୍ରୁପ ବିଶ୍ୱ ଓ ଆଞ୍ଚଳିକ ଗୁରୁତ୍ୱର ସମସାମୟିକ ପ୍ରସଙ୍ଗ, ରାଜନୈତିକ ଏବଂ ଆର୍ଥିକ ପ୍ରଶାସନ ସମ୍ବନ୍ଧୀୟ ବିଷୟରେ ଆଲୋଚନା ଓ ସହଯୋଗ ପାଇଁ ଏକ ମଞ୍ଚ ଭାବେ କାର୍ଯ୍ୟ କରେ। ଗତ କିଛି ବର୍ଷ ଧରି ବ୍ରିକ୍ସର କିଛି ସଦସ୍ୟ ଦେଶ, ବିଶେଷ କରି ରୁଷ ଓ ଚୀନ, ଆମେରିକୀୟ ଡଲାରର ବିକଳ୍ପ ଖୋଜିବା କିମ୍ବା ବ୍ରିକ୍ସର ନିଜସ୍ୱ ମୁଦ୍ରା ଆରମ୍ଭ କରିବା ପକ୍ଷରେ ମତ ରଖିଆସୁଛନ୍ତି। ଏଭଳି କ୍ଷେତ୍ରରେ ପୀୟୂଷ ଗୋଏଲଙ୍କ ଏହି ବୟାନ ସେହି ପୃଷ୍ଠଭୂମିରେ ବିଶେଷ ଗୁରୁତ୍ୱ ବହନ କରୁଛି। ୨୦୨୪ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରିକ୍ସ ଦେଶମାନଙ୍କୁ ସତର୍କ କରି କହିଥିଲେ ଯେ, ଯଦି ଆମେରିକୀୟ ଡଲାରକୁ ବଦଳାଇବା ପାଇଁ କୌଣସି ପଦକ୍ଷେପ ନିଆଯାଏ, ତେବେ ତାହାର ପରିଣାମ ଭୋଗିବାକୁ ପଡ଼ିପାରେ। ବାଣିଜ୍ୟ ମନ୍ତ୍ରୀ କହିଛନ୍ତି ଯେ, ଜୟପୁରରେ ଆୟୋଜିତ ବୈଠକରେ ସଦସ୍ୟ ଦେଶମାନଙ୍କ ମଧ୍ୟରେ ସନ୍ତୁଳିତ ବାଣିଜ୍ୟ ଏବଂ ନିବେଶ ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହା ସହିତ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରକୁ ସହଜ ଓ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଉପଲବ୍ଧ କରାଇବା ପ୍ରସଙ୍ଗ ମଧ୍ୟ ବୈଠକରେ ଉଠିଥିଲା।

# ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ ପକ୍ଷରୁ ସ୍ୱର୍ଣ୍ଣିମ ଉଡାନ ୨୦୪୭ର ଶୁଭାରମ୍ଭ

ନୂଆଦିଲ୍ଲୀ,,୭।୮ (ଏଜେନ୍ସି): ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ ପକ୍ଷରୁ ଆଜି ଭାରତୀୟ ସୁନା ଶିଳ୍ପ ପାଇଁ 'ସ୍ୱର୍ଣ୍ଣିମ ଉଡାନ୍ ୨୦୪୭: ଅନ୍‌ଲକିଂ ଦ ଫୁଲ୍ ପୋଟେନ୍ସିଆଲ ଅଫ୍ ଗୋଲ୍ଡ ଟୁୱାର୍ଡସ ବିକଶିତ ଭାରତ ୨୦୪୭' ଶୀର୍ଷକ ଏକ ଉଲ୍ଲେଖନୀୟ ଭିଜନ ଡକ୍ୟୁମେଣ୍ଟ ପ୍ରକାଶ କରାଯାଇଛି। ନଲେଜ ପାର୍ଟନର ଭାବେ ମନିଟର ଡିଲଏଟ ସହ ବିକଶିତ କରାଯାଇଥିବା ଏହି ରିପୋର୍ଟ, ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆନ୍ତର୍ଜାତୀୟ ପ୍ରତିଯୋଗୀପୂର୍ଣ୍ଣତା ପାଇଁ ସୁନାକୁ ଏକ ରଣନୈତିକ ଆର୍ଥିକ ସନ୍ତୁଳନକାରୀ ଭାବେ ପୁନଃସ୍ଥାପିତ କରିବା ପାଇଁ ଏକ ଦୀର୍ଘକାଳିନ ରୋଡମ୍ୟାପ ପ୍ରସ୍ତୁତ କରିଛି । ଭାରତ ୨୦୪୭ ସୁଦ୍ଧା ଏହାର ୩୦ ଟ୍ରିଲିୟନ ଡଲାରର ଅର୍ଥନୀତି ଲକ୍ଷ୍ୟ ଦିଗରେ ଆଗକୁ ବଢୁଥିବାରୁ ଏହି ରିପୋର୍ଟ ସୁନାକୁ ଏକ ରଣନୈତିକ ଜାତୀୟ ସମ୍ପତି ଭାବେ ଅବସ୍ଥାପିତ କରିଛି। ରିପୋର୍ଟ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର ସିଇଓ ଡେଭିଡ ଟେଟ୍ କହିଛନ୍ତି, ସ୍ୱର୍ଣ୍ଣିମ ଉଡାନ୍ ୨୦୪୭ ଦେଶର ସୁନା ବଜାରକୁ ଆଧୁନିକ ଓ ମଜବୁତ କରିବା ପାଇଁ ଭାରତର ପାଇଁ ଏକ ସ୍ପଷ୍ଟ ମାର୍ଗ ପ୍ରସ୍ତୁତ କରିଛି।

# ଉଜ୍ଜୀବନ ସ୍ମଲ ଫାଇନାନ୍ସ-ଟାଟା ଏଆଇଜି ସହଭାଗିତା

ଭୁବନେଶ୍ୱର,୭।୮ (ସମିସ): ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଭାରତବ୍ୟାପୀ ଏହାର ଗ୍ରାହକଙ୍କୁ ଏକ ବିସ୍ତୃତ ଶୃଙ୍ଖଳାର ସାଧାରଣ ବୀମା ସମାଧାନ ପ୍ରଦାନ କରିବା ପାଇଁ ଟାଟା ଏଆଇଜି ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ ସହ ଏକ ସହଭାଗିତା ଘୋଷଣା କରିଛି। ଟାଟା ଏଆଇଜିର ବୀମା ସମାଧାନର ବିସ୍ତୃତ ପୋର୍ଟଫୋଲିଓକୁ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ୭୦୦ରୁ ଅଧିକ ଶାଖା ଏବଂ ବ୍ୟାଙ୍କିଙ୍ଗ ଟଚ୍ ପଏଣ୍ଟ ନେଟ୍‌ୱର୍କ ମାଧ୍ୟମରେ ଉପଲବ୍ଧ କରାଯିବ। ଏହି ସହଭାଗିତା ରିଟେଲ, ଏମଏସଏମଇ,ଯାନବାହନ ଋଣ ଓ ଗୃହ ଋଣ ବର୍ଗରେ ଗ୍ରାହକଙ୍କୁ ସେମାନଙ୍କର ବିକଶିତ ଆର୍ଥିକ ଓ ସୁରକ୍ଷା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ବୀମା ସମାଧାନ ଉପଲବ୍ଧ କରିବ ବୋଲି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ରିଟେଲ ଲାୟବିଲିଟିଜ୍, ଟିଏଏସସି ଓ ଟିପିପି ବିଭାଗର ମୁଖ୍ୟ ହିତେନ୍ଦ୍ର ଝା କହିଛନ୍ତି।

# ଗଣପତି ମହୋତ୍ସବରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବ ପଶ୍ଚିମ ରେଳବାଇ

ମୁମ୍ବଇ,୭।୮: ଯାତ୍ରୀଙ୍କ ସୁବିଧା ପାଇଁ ଏବଂ ଗଣପତି ମହୋତ୍ସବ ସମୟରେ ଅତିରିକ୍ତ ଭିଡ଼କୁ ଦୂର କରିବା ପାଇଁ, ପଶ୍ଚିମ ରେଳବାଇ ବିଭିନ୍ନ ସ୍ଥାନକୁ ସ୍ୱତନ୍ତ୍ର ଭଡ଼ାରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବ। ପଶ୍ଚିମ ରେଳବାଇର ଜନସମ୍ପର୍କ ବିଭାଗ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଟ୍ରେନ୍ ନମ୍ବର ୦୯୦୧୩ ମୁମ୍ବାଇ ସେଣ୍ଟ୍ରାଲ୍ - ଥୋକୁର୍ ସ୍ୱତନ୍ତ୍ର ୧୫ ସେପ୍ଟେମ୍ବର, ୨୦୨୬ ମଙ୍ଗଳବାର ଦିନ ୧୦.୪୫ ଘଣ୍ଟାରେ ମୁମ୍ବାଇ ସେଣ୍ଟ୍ରାଲ୍‌ରୁ ଛାଡ଼ିବ ଏବଂ ପରଦିନ ସକାଳ ୦୮.୫୦ ଘଣ୍ଟାରେ ଥୋକୁର୍‌ରେ ପହଞ୍ଚିବ। ସେହିପରି, ଟ୍ରେନ ନମ୍ବର ୦୯୦୧୪ ଠୋକୁର - ମୁମ୍ବାଇ ସେଣ୍ଟ୍ରାଲ ସ୍ପେଶାଲ ୧୬ ସେପ୍ଟେମ୍ବର, ୨୦୨୬ ବୁଧବାର ଦିନ ୧୧.୦୦ ଘଣ୍ଟାରେ ଠୋକୁରରୁ ଛାଡିବ ଏବଂ ପରଦିନ ସକାଳ ୦୭.୪୦ ଘଣ୍ଟାରେ ମୁମ୍ବାଇ ସେଣ୍ଟ୍ରାଲରେ ପହଞ୍ଚିବ। ଏହି ଟ୍ରେନଟି ରାସ୍ତାରେ ବୋରିଭଲି, ଭାସାଇ ରୋଡ, ଭିୱାଣ୍ଡି ରୋଡ, ପାନଭେଲ, ପେନ, ରୋହା, ମାନଗାଓଁ, ବୀର, ଖେଡ, ଚିପଲୁନ, ସଙ୍ଗମେଶ୍ୱର ରୋଡ, ରତ୍ନଗିରି, କୁମତା, ମୁର୍ଦ୍ଦେଶ୍ୱର, ମୁକାମ୍ବିକା ରୋଡ ବାଇନ୍ଦୁର, କୁଣ୍ଡପୁରା, ଉଡୁପି, ମୁଲକି ଏବଂ ସୁରଥକାଲ ଷ୍ଟେସନରେ ଉଭୟ ଦିଗରେ ଅଟକିବ।

# ସାଇକଲ ପିୟୋର୍ ଅଗରବତୀର ପାର୍ବଣ ନବସୃଜନ ଉନ୍ମୋଚିତ

ଭୁବନେଶ୍ୱର,୭।୮ (ସମିସ): ସୁଗନ୍ଧ ଉତ୍କର୍ଷର ୭୭ ବର୍ଷ ପାଳନ କରି ବିଶ୍ୱର ସର୍ବବୃହତ ଅଗରବତୀ ନିର୍ମାତା ସାଇକଲ ପିୟୋର ଅଗରବତୀ ଏହାର ନୂତନ ପାର୍ବଣ ଉତ୍ପାଦ ବର୍ଗମାଳା ଉନ୍ମୋଚନ କରିଛି। ନୂତନ ବର୍ଗମାଳାକୁ ସାଇକଲ ପିୟୋର ଅଗରବତୀର ଏମ୍‌ଡି ଅର୍ଜୁନ ରାଙ୍ଗା ଉନ୍ମୋଚନ କରି ଓଡ଼ିଶାରେ ଏକ ପ୍ରଶସ୍ତ ଉତ୍ପାଦ ବର୍ଗମାଳା, ଗଭୀର ବଜାର ପ୍ରବେଶ ଏବଂ ସମୁଦାୟ ବାଣିଜ୍ୟ




ବ୍ୟବସ୍ଥା, ଆଧୁନିକ ରିଟେଲ, ଇ-କମର୍ସ ଏବଂ କ୍ୱିକ୍- କମର୍ସ ପ୍ଲାଟଫର୍ମଗୁଡିକ ଜରିଆରେ ସାରା ଓଡ଼ିଶାରେ ଏହାର ଉପସ୍ଥିତି ସୁଦୃଢ଼ କରୁଥିବା କହିଥିଲେ। ବାକୁ ଦୃଷ୍ଟିନିବଦ୍ଧ କରିଆସୁଛି। ଓଡ଼ିଶା ଆମ ପାଇଁ କେବଳ ବ୍ୟବସାୟିକ ଦୃଷ୍ଟିକୋଣରୁ ନୁହେଁ, ତାହାସହିତ ଉତ୍ପାଦନ ଓ ସମ୍ବଳ ସଂଗ୍ରହ ପରିବ୍ୟବସ୍ଥା ନିମନ୍ତେ ଏକ ମୁଖ୍ୟ ଅଂଶ ଭାବରେ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ବାଲେଶ୍ୱର ଓ ସୋରରେ ଉତ୍ପାଦନ ୟୁନିଟ ରହିଛି ଏବଂ ଆମେ ପୂର୍ଣ୍ଣାଙ୍ଗ ହୋଇ ନ ଥିବା ଅଗରବତୀ, ପୂଜା ସମ୍ପର୍କିତ ଉତ୍ପାଦସମୂହ ଏବଂ ନଡିଆ କତା ଆଦି ସଂଗ୍ରହ କରିବାକୁ ସ୍ଥାନୀୟ ଯୋଗାଣକାରୀଙ୍କ ସହିତ କାର୍ଯ୍ୟ କରୁଛୁ।

# ଖାଇବା ଥାଳିରେ ମହଙ୍ଗା ମାଡ଼

## ଆମିଷ ମିଲ୍‌ରେ ୯% ବୃଦ୍ଧି

ମୁମ୍ବଇ,୭।୮ (ଏଜେନ୍ସି): ଇନ୍ଧନ ପରେ ଏବେ ଖାଇବା ଥାଳିରେ ମହଙ୍ଗା ମାଡ଼। ରନ୍ଧା ଖାଦ୍ୟ ବାବଦ ଖର୍ଚ୍ଚ ବଢ଼ିବା ପରେ ଜୁଲାଇ ମାସରେ ଘରେ ଖାଇବା ବାବଦ ବ୍ୟୟ ଢେର ବଢିଯାଇଛି। ବାର୍ଷିକ ଆଧାରରେ ଦେଖିଲେ ଏହି ସମୟରେ ଶାକାହାରୀ ଥାଳି ମୂଲ୍ୟରେ ପାଖାପାଖି ୪% ବୃଦ୍ଧି ଘଟିଛି। ଏହି ସମୟରେ ଆମିଷ ଭୋଜନ ଥାଳି ପାଖାପାଖି ୯% ମହଙ୍ଗା ହୋଇଛି। ମୁଖ୍ୟ ରୂପେ ପିଆଜ, ଖାଇବା ତେଲ, ରୋଷେଇ ଗ୍ୟାସ୍ ଓ ଚିକେନ ମୂଲ୍ୟରେ ବୃଦ୍ଧି ଘରୋଇ ରୋଷେଇ ଖର୍ଚ୍ଚ ବୃଦ୍ଧି କରିଛି। କ୍ରିସିଲ ଇଣ୍ଟେଲିଜେନ୍ସି ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡିଛି।



ଜୁଲାଇ ମାସରେ ଶାକାହାରୀ ବ୍ୟଞ୍ଜନ ରନ୍ଧନ ବାବଦ ମୂଲ୍ୟ ବୃଦ୍ଧି ଯୋଗୁ ଏପରି ପରିସ୍ଥିତି ଉପୁଜିଛି। ବାର୍ଷିକ ଆଧାରରେ ବଜାରରେ ପିଆଜ ମୂଲ୍ୟରେ ୨୦ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ଖାଇବା ତେଲ ଓ ରୋଷେଇ ଗ୍ୟାସ୍ ମୂଲ୍ୟରେ ଯଥାକ୍ରମେ ୧୧ ଓ ୧୦ ପ୍ରତିଶତ ବୃଦ୍ଧି ରେକର୍ଡ ହୋଇଛି। ଆମିଷ ଥାଳି ମାମଲାରେ ରନ୍ଧନ ଗ୍ୟାସ୍ ଓ ଚିକେନ ମୂଲ୍ୟ ବୃଦ୍ଧି ଥାଳିକୁ

**ଖାଇବା ତେଲ ୧୧%, ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୧୦% ବୃଦ୍ଧି**

**ଜୁଲାଇରେ ଥାଳି ଦର ଜୁନ୍ ତୁଳନାରେ ୨ ପ୍ରତିଶତ ବଢିଛି**

ମହଙ୍ଗା କରିଛି। ଚିକେନ୍ ମୂଲ୍ୟରେ ଏହି ସମୟରେ ପାଖାପାଖି ୧୪% ବୃଦ୍ଧି ହୋଇଛି। ରିପୋର୍ଟ ଅନୁସାରେ ପିଆଜ ମୂଲ୍ୟ ଉଚ୍ଚସ୍ତରକୁ ଛୁଇଁଥିଲା। କାରଣ ବଜାରକୁ ପୁରୁଣା ଷ୍ଟକ୍ ମହଙ୍ଗା ପିଆଜ ଆସିଥିଲା। ଏହାଛଡା ମାର୍ଚ୍ଚ ଓ ଏପ୍ରିଲ ମାସରେ ମହାରାଷ୍ଟ୍ରରେ ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଯୋଗୁ ଫସଲ ଓ ଷ୍ଟୋରେଜ ପ୍ରଭାବିତ ହୋଇଥିଲା। ଏଣୁ ଯୋଗାଣ ଉପରେ ପ୍ରଭାବ ପଡିଥିଲା। ତେବେ ଆଳୁ ଓ ଟମାଟୋ ମୂଲ୍ୟରେ ହ୍ରାସ ପରିସ୍ଥିତିକୁ ଅନେକାଂଶରେ ନିୟନ୍ତ୍ରିତ କରିଛି। ଆଳୁ ଦର ବାର୍ଷିକ ଆଧାରରେ ୧୨% ଓ ଟମାଟୋ ଦାମ ୨ ପ୍ରତିଶତ ହ୍ରାସ ହୋଇଛି। ଅଧିକ ଜମିରେ ଆଳୁ ଚାଷ ଓ ଉତ୍ପାଦନ ବୃଦ୍ଧି ଯୋଗୁ ଦର ନିୟନ୍ତ୍ରିତ ରହିଛି। ସେହିପରି ଟମାଟୋ ଚାଷ ବିଳମ୍ବିତ ହେବା ଜୁଲାଇରେ ଅଧିକ ଅମଳ ମୂଲ୍ୟକୁ ସ୍ଥିର ରଖିଛି। ମାସିକ ଆଧାରରେ ଜୁଲାଇରେ ଖାଦ୍ୟ ଥାଳି ଦର ଜୁନ ତୁଳନାରେ ୨ ପ୍ରତିଶତ ବଢିଛି। ଏହାର ମୁଖ୍ୟ କାରଣ ହେଉଛି ପିଆଜର ଦର ୨୩ ପ୍ରତିଶତ ପର୍ଯ୍ୟନ୍ତ ବଢିଯିବା ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଏହି ସମୟରେ ଆମିଷ ଥାଳି ଦର ଜୁନ ମାସ ଅନୁସାରେ ପାଖାପାଖି ସ୍ଥିର ରହିଛି। କାରଣ ବ୍ରାୟଲର ଚିକେନ ଦରରେ ଆନୁମାନିକ ୨ ପ୍ରତିଶତ ହ୍ରାସ ଅନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିକୁ ସନ୍ତୁଳିତ କରିଛି।



## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧାର କରଜରୁ ଦୂରେଇ ରହିବେ। ଯୋଜନା ମୁତାବକ କାମ କରିବେ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ବିବାଦ ସୃଷ୍ଟି ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଅଚାନକ ଖୁସି ଖବର ମିଳିପାରେ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ଯୋଜନା ମୁତାବକ କାମ କରିବେ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧନ ମିଳିପାରେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେଇପାରେ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ବିବାହକୁ ନେଇ ଚିନ୍ତାରେ ରହିପାରନ୍ତି। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

## ଆଜିର ଐତିହ୍ୟ

- ୧୫୪୯ - ଫ୍ରାନ୍ସ, ଇଂଲଣ୍ଡ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୮୬୪- ଜେନେଭାରେ ରେଡକ୍ରସ୍‌ର ସ୍ଥାପନା ହେଲା।
- ୧୮୯୯- ଏ.ଟି ମାର୍ଶଲ ରେଫ୍ରିଜେଟରକୁ ପେଟେଣ୍ଟ କରାଇଲେ।
- ୧୯୪୨- ମହାତ୍ମାଗାନ୍ଧୀ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କଲେ।
- ୧୯୯୦- ଇରାକ୍ ଓ କୁଏତ୍ ଔପଚାରିକ ଭାବେ ଏକୀକରଣ କଥା ଘୋଷଣା କଲେ।

# ଇମ୍ରାନ୍‌ଙ୍କୁ ଟକ୍କର ଦେବେ ସନ୍ନି



ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍‌ମୀ ଏବେ ତାଙ୍କ ଫିଲ୍ମ 'ଆୱାରପନ୍ ୨'କୁ ନେଇ ଚର୍ଚ୍ଚାରେ। ଏହା ଆସନ୍ତା ୧୪ ଅଗଷ୍ଟରେ ସିନେମାହଲ୍‌ରେ ରିଲିଜ୍ ହେବ। ଇତିମଧ୍ୟରେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି। ଟ୍ରେଲର୍‌ରେ ପ୍ରତିଶୋଧ, ଗଭୀର ଯନ୍ତ୍ରଣା ଏବଂ ଭାବପ୍ରବଣତାର ଏକ ରୋମାଞ୍ଚକର କାହାଣୀ ଦେଖିବାକୁ ମିଳିଛି। ଏହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ବକ୍ସ ଅଫିସ୍‌ରେ ଏହି ଚଳଚ୍ଚିତ୍ରର ମୁକାବିଲା ସନ୍ନି ଦେଓଲ, ପ୍ରୀତି ଜିଣ୍ଟା ଏବଂ ଶବାନା ଆଜ୍‌ମୀଙ୍କ ଚଳଚ୍ଚିତ୍ର 'ବଟୱାରା ୧୯୪୭' ସହିତ ହେବ। ଅପରପକ୍ଷରେ ୨୦୦୭ ମସିହାରେ ମୁକ୍ତିଲାଭ କରିଥିବା 'ଆୱାରାପନ୍'ରେ 'ଶିବମ୍ ପଣ୍ଡିତ' ଭୂମିକା ଇମ୍ରାନ୍‌ଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ବକ୍ସ ଅଫିସ୍‌ରେ ଖରାପ ପ୍ରଦର୍ଶନ କରିବା ସତ୍ତ୍ୱେ, ଏହି ଫିଲ୍ମଟି ଅନେକ ବର୍ଷ ଯାଏ ଦର୍ଶକଙ୍କ ହୃଦୟରେ ରାଜ୍ କରିଥିଲା। ଏବେ ୧୯ ବର୍ଷ ପରେ ଏହାର ସିକ୍ୱେଲ୍ ଆସୁଛି। ଏହି ଚଳଚ୍ଚିତ୍ରରେ ଇମ୍ରାନ୍‌ଙ୍କ ସହ ଦିଶା ପଟାନୀ ଏବଂ ଶବାନା ଆଜ୍‌ମୀ ଲିଡ୍ ରୋଲରେ ଦେଖାଯିବେ। 'ଆୱାରାପନ୍ ୨' କୁ ଏକ ଆକ୍ସନ୍-ଡ୍ରାମା ଫିଲ୍ମ ବୋଲି କୁହାଯାଉଛି, ଏହା ଶିବମ୍ ପଣ୍ଡିତଙ୍କ କାହାଣୀକୁ ଆଗକୁ ବଢ଼ାଇବ। ଜୁନ୍ ଶେଷରେ ଟିଜର୍ ଆସିବା ପରେ ଫିଲ୍ମକୁ ଭଲ ହାଇପ୍ ମିଳିଥିଲା, କିନ୍ତୁ ଟ୍ରେଲର୍ ଆସିବାରେ ବିଳମ୍ବ ଯୋଗୁଁ ନିର୍ମାତାମାନେ ପ୍ରାରମ୍ଭିକ ଫାଇଦା ହରାଇଛନ୍ତି। ଅପରପକ୍ଷରେ 'ଗଦର ୨'ର ବଡ଼ ସଫଳତା ପରେ ସନ୍ନିଙ୍କ ଦେଶଭକ୍ତିଭିତ୍ତିକ ଫିଲ୍ମ 'ବଟୱାରା ୧୯୪୭'କୁ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ଅଧିକ ଉତ୍ସାହ ରହିଛି, ଯାହା 'ଆୱାରାପନ୍ ୨' ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ।


# ଗନ୍ଧରୁ ଜାଣିପାରନ୍ତି ଭୂତର ଉପସ୍ଥିତି!



ସାମାଜିକ ଗଣମାଧ୍ୟମରେ ଅନେକ ରୋଚକୀୟ କାହାଣୀମାନ ଶୁଣିବାକୁ ମିଳିଥାଏ। ଯାହା ଶୁଣିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ। ଏହି କ୍ରମରେ ଏବେ ଜଣେ ୨୩ ବର୍ଷିୟ ଯୁବକଙ୍କ ଅସମାନ୍ୟ ଦାବି ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଯୁବକଙ୍କ କହିବାନୁଯାୟୀ, ସେ ପିଲାବେଳୁ ହିଁ ଭୂତ ପ୍ରେତ ଭଳି ଅଦୃଶ୍ୟ ଆତ୍ମାଙ୍କୁ ଅନୁଭବ କରିପାରନ୍ତି। ସେମାନଙ୍କ ଗନ୍ଧ ଶୁଙ୍ଘି ତାଙ୍କ ସହ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତି। ହାର୍ଭେ ମୋରେ ନାମକ ଏହି ଯୁବକ ଜଣେ ପାରାନର୍ମାଲ କଣ୍ଟେଣ୍ଟ କ୍ରିଏଟର। ତାଙ୍କର ଏହି ଅଜବ ଦାବି ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ହାର୍ଭେଙ୍କ କହିବାନୁଯାୟୀ, ସେ ପିଲାଦିନେ ଘରେ ଏକ କଳା ପୋଷାକ ପିନ୍ଧିଥିବା ଏକ ରହସ୍ୟମୟ ଛାଇକୁ ଦେଖିଥିଲେ। ସେହି ଛାଇଟି ଘରର ଗୋଟିଏ ରୁମ୍‌ରୁ ଆଉ ଏକ ରୁମ୍‌କୁ ଯାଉଥିବା ସେ ଲକ୍ଷ୍ୟ କରିଥିଲେ। ଅନେକ ଥର ସେ କାହାରି ପାଦର ଶବ୍ଦ ମଧ୍ୟ ଶୁଣିଥିବା କୁହନ୍ତି। ସେ ଏ ବାବଦରେ ତାଙ୍କ ମାଙ୍କୁ ପଚାରିବାରୁ ସେମାନେ ଯେଉଁଘରେ ରହୁଛନ୍ତି ସେଠାରେ ପୂର୍ବରୁ ପାଦ୍ରୀ ରହୁଥିବା ହାର୍ଭେ ଜାଣିବାକୁ ପାଇଥିଲେ। ହାର୍ଭେ ସେବେଠୁ ଆତ୍ମାର ଅସ୍ତିତ୍ୱ ଥିବା ବିଶ୍ୱାସ କଲେ। କୋଭିଡ୍ ୧୯ ଲକଡାଉନ୍ ସମୟରେ ସେ ସାମାଜିକ ଗଣମାଧ୍ୟମରେ ପାରାନର୍ମାଲ ବିଷୟ ସହ ଜଡ଼ିତ ଲାଇଭ୍ ଭିଡିଓ ଏବଂ କଣ୍ଟେଣ୍ଟ ଦେଖିବା ଆରମ୍ଭ କଲେ। ଧୀରେ ଧୀରେ ତାଙ୍କର ଏଥିପ୍ରତି ରୁଚି ବଢ଼ିଲା। ସେ ଭୂତପ୍ରେତ ବିଷୟରେ ଅଧିକ ପଢ଼ିବାକୁ ଲାଗିଲେ। ଏହାପରେ ଭୂତପ୍ରେତ ଥିବା ସ୍ଥାନକୁ ଯାଇ ସେଠାରେ ଭିଡିଓ କଲେ। ତେବେ ଗନ୍ଧ ଦ୍ୱାରା ସେ ଆତ୍ମାଙ୍କ ଉପସ୍ଥିତି ଜାଣିପାରନ୍ତି ବୋଲି ହାର୍ଭେ କୁହନ୍ତି। ତାଙ୍କ କହିବାନୁଯାୟୀ, ଭୂତପ୍ରେତ ରହୁଥିବା ସ୍ଥାନରେ ପହଞ୍ଚିବା ପରେ ତାଙ୍କୁ ଏକ ଗନ୍ଧ ଅନୁଭୂତ ହୋଇଥାଏ। ସେଥିରୁ ସେ ଆତ୍ମାର ଉପସ୍ଥିତି ଅନୁଭବ କରନ୍ତି। ଏହାପରେ ସେ ସେମାନଙ୍କ ସହ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତି। ହାର୍ଭେ ଜଣେ ପଡକାଷ୍ଟର୍, କଣ୍ଟେଣ୍ଟ କ୍ରିଏଟର୍, ଭିଡିଓଗ୍ରାଫର୍ ଭାବେ କାର୍ଯ୍ୟ କରନ୍ତି। ଭୂତପ୍ରେତ ସହ ଜଡ଼ିତ ରହସ୍ୟମୟ ସ୍ଥାନଗୁଡ଼ିକୁ ଯାଇ ଭିଡିଓ କରି ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଭୂତ କିମ୍ବା ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରାଯାଏ ନାହିଁ, କାରଣ ଏହା ବିଜ୍ଞାନର ମୂଳ ନିୟମ ଓ ପ୍ରମାଣ ଭିତ୍ତିକ ପଦ୍ଧତି ସହ ମେଳ ଖାଏ ନାହିଁ।

# ଓଜନ ହ୍ରାସ ପାଇଁ ବିପଜ୍ଜନକ ଟ୍ରେଣ୍ଡ

ରାତାରାତି ପତଳା ଦେଖାଯିବାର ପାଗଳାମି ଲୋକଙ୍କୁ କେଉଁ ସୀମା ପର୍ଯ୍ୟନ୍ତ ନେଇଯାଇପାରେ, ଏହାର ଏକ ସଦ୍ୟତମ ଉଦାହରଣ ଚୀନ୍‌ରେ ଦେଖିବାକୁ ମିଳୁଛି। ଚାଇନିଜ୍ ସୋସିଆଲ ମିଡିଆରେ ଏକ ବିଚିତ୍ର ଟ୍ରେଣ୍ଡ ଦ୍ରୁତ ଗତିରେ ଭାଇରାଲ୍ ହେବାରେ ଲାଗିଛି। ଏହାର ଶିକାର ମଧ୍ୟ ଅନେକ ଯୁବକ ଯୁବତୀ ହୋଇ ସାରିଲେଣି। ପ୍ରକୃତରେ, କିଛି ଇନଫ୍ଲୁଏନ୍ସର୍ସ ଚା' ବୋତଲରେ ଗ୍ଲିସେରିନ୍ ଏନିମା ଅର୍ଥାତ୍ କୋଷ୍ଠକାଠିନ୍ୟ ଦୂର କରୁଥିବା ତରଳ ଔଷଧ ମିଶାଇ ପିଉଛନ୍ତି। ଏହାକୁ ପିଇବା ଦ୍ୱାରା ମାତ୍ର ଦୁଇ ଦିନ ଭିତରେ ୪ କିଲୋ ପର୍ଯ୍ୟନ୍ତ ଓଜନ ହ୍ରାସ ପାଏ ବୋଲି ସେମାନେ ଦାବି କରୁଛନ୍ତି। ଏହି ଚକ୍କରରେ ଅନେକ ଲୋକ ବାରମ୍ବାର ଶୌଚାଳୟ ଯାଇ ସେମାନେ ପତଳା ହୋଇ ଯାଉଥିବା ଭାବି ଭୁଲ୍ କରୁଛନ୍ତି। ଚା'ରେ ପେଟ ସଫା କରିବା ଔଷଧ (ଏନିମା ଲିକ୍ୱିଡ୍) ମିଶାଇ ପିଇବାର ଏହି ବିଚିତ୍ର ଟ୍ରେଣ୍ଡ ଚୀନ୍‌ର ଯୁବପିଢ଼ିଙ୍କ ଉପରେ ବହୁତ ଭାରି ପଡ଼ୁଛି। ୨ ଦିନରେ ୪ କିଲୋ ଓଜନ କମାଇବା ଚକ୍କରରେ ଅନେକ ଯୁବକଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଉଛି। ଏନେଇ ମା' ନାମକ ଜଣେ ମହିଳା ଜଣାଇଛନ୍ତି ଯେ, "ସେ ଏହି ଡ୍ରିଙ୍କ୍ ପିଇବାର ମାତ୍ର ଅଧା ଘଣ୍ଟା ଭିତରେ ତାଙ୍କ



ପେଟରେ ଯନ୍ତ୍ରଣା ଆରମ୍ଭ ହୋଇ ଯାଇଥିଲା। ତାଙ୍କୁ ରାତିସାରା ବାରମ୍ବାର ବାନ୍ତି ଏବଂ ଝାଡ଼ା ହୋଇଥିଲା, ଯେଉଁଥିପାଇଁ ସେ ସାରା ରାତି ଶୋଇ ପାରି ନଥିଲେ।" ସେହିପରି ଏହି ଟ୍ରେଣ୍ଡ ଉପରେ ହେନାନ୍ ପ୍ରଦେଶର ଏକ ବଡ଼ ଡାକ୍ତରଖାନା ପକ୍ଷରୁ କୁହାଯାଇଛି ଯେ, 'ଏଭଳି ବିପଜ୍ଜନକ ଟ୍ରେଣ୍ଡ ଯୋଗୁଁ ଅନେକ ରୋଗୀଙ୍କୁ ଗୁରୁତର ଅବସ୍ଥାରେ ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରିବାକୁ ପଡ଼ିଛି।' ଅନ୍ୟପଟେ ଏହି ମାମଲାରେ ନ୍ୟୁଟ୍ରିସନିଷ୍ଟମାନଙ୍କର କହିବା କଥା ଯେ, 'ଏଭଳି ଟ୍ରେଣ୍ଡ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଏବଂ ବିପଜ୍ଜନକ। ଏନିମା କେବଳ ବାହ୍ୟ ବ୍ୟବହାର ପାଇଁ ଉଦ୍ଦିଷ୍ଟ, ଏହାକୁ ପିଇବା ଦ୍ୱାରା ଅନ୍ତନାଳୀ ସିଧାସଳଖ ନଷ୍ଟ ହୋଇଯାଇପାରେ।' ଡାକ୍ତରମାନଙ୍କ କହିବା ଅନୁଯାୟୀ, 'ଏହାଦ୍ୱାରା ଶରୀରର ଚର୍ବି କମେ ନାହିଁ, ବରଂ ଡିହାଇଡ୍ରେସନ୍ ଯୋଗୁଁ ଓଜନ କମିବା ଭଳି ମନେହୁଏ। ମଣିଷ ପାଣି ପିଇବା ମାତ୍ରେ ହିଁ ଓଜନ ପୁଣିଥରେ ଦ୍ରୁତ ଗତିରେ ବଢ଼ିବାକୁ ଲାଗେ ଏବଂ ଏହା ପାଚକ ଗ୍ରନ୍ଥିକୁ ଗୁରୁତର ଭାବେ ପ୍ରଭାବିତ କରିପାରେ।'

## ବୋଲବମ୍ ଯିବା ନ କର ଡେରି



ନିରଞ୍ଜନ ସାହୁ

ଶିରାବଣ ମାସ ଆସିଛି ଫେରି
ବୋଲବମ୍ ଯିବା ନ କରି ଡେରି
କାଉଡ଼ି କାନ୍ଧରେ ଧର
ଜପୁଥିବା ହରହର
ମହାଦେବଙ୍କର କୃପା ବରଷିବ
ନ ଥିବ କାହାକୁ ଡର ।
ଶନିବାର ନଦୀ ଘାଟକୁ ଯିବା
ଭକତି ଭାବରେ ସେଦିନ ଥିବା
କାଉଡ଼ିଆ ବେଶ ଧରି
କଳସୀରେ ଜଳ ଭରି
ବ୍ରାହ୍ମଣ ଗୋସାଇଁ ପୂଜା କରିଦେବେ
ମନ୍ତ୍ର ପାଠ କରିକରି ।
କାଉଡ଼ିକୁ ଆମେ କାନ୍ଧରେ ବହି
"ହରହର ଶମ୍ଭୁ" ଉଚ୍ଚରେ କହି
ଛାଡ଼ି ନଦୀକୂଳ ଘାଟ
ଚାଲିବା ଏଣିକି ବାଟ
ଶିବ ନାମେ ଜୟଧ୍ୱନି ଦେଉଥିବା
ଡାକିବା, " ସଙ୍କଟ କାଟ"
ସ୍ଥାନେ ସ୍ଥାନେ ଟିକେ ବିଶ୍ରାମ ନେବା
ତା ସାଥେ ଚାଲିବ ପ୍ରସାଦ ସେବା
ଶିବ ପଦେ ରଖି ଲୟ
ମନରେ ନ ରଖି ଭୟ
ରାତି ଅନ୍ଧାରରେ ବାଟ ବି ଚାଲିବା
ଏହିକଥା ପରା ଥୟ ।
ସୋମବାରେ ଜଳ କରିବା ଲାଗି
ଶିବଙ୍କ ଆଶିଷ ଆଣିବା ମାଗି
ଆମେ ଛୋଟ ଭକ୍ତଗଣ
ପ୍ରଣମିବା ଜଣ ଜଣ
କହିବା, " ଠାକୁରେ ଫି' ସନ ଆସିବୁ
ଆସିଗଲେ ଶିରାବଣ ।■

ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ

## ପ୍ରହେଳିକା



- ଦୁଦୁରା ଫୁଲ ଲୋ ଦୁଦୁରା ଫୁଲ
  ପାଣିଭାର ଧରି ଭଦ୍ରକ ଚାଲ
  ପବିତ୍ର ପ୍ରସିଦ୍ଧ ଧାମ ଆରଡ଼ି
  କାମ ଦିଏନାହିଁ ଗୁଣି ଗାରେଡ଼ି
  ନିତି ଜପୁଥିଲେ ବାବାଙ୍କ ନାମ
  ଅକାଳରେ ଛୁଇଁ ପାରେନି ଯମ
  ନାଆଁଟି ତାଙ୍କର ଛଅ ଅକ୍ଷର
  ଦୁଦୁରା ଫୁଲ ଲୋ କହ ଉତ୍ତର ।
  ଉତ୍ତର :-ଆଖଣ୍ଡଳମଣି
- ଚମ୍ପାକଢ଼ି ଆଲୋ ଚମ୍ପାକଢ଼ି
  ପାହାଚ ପାହାଚ ଯିବୁ ଚଢ଼ି
  ମନ୍ଦିରରେ ପ୍ରଭୁ ଶ୍ରୀଚନ୍ଦ୍ରଶେଖର
  ଶରଣ ଯିବୁ ଲୋ ପାଦେ ପଡ଼ି
  ପୂରଣ ହୋଇବ ସକଳ କାମ
  କହ ଚମ୍ପାକଢ଼ି ଧାମର ନାମ ।
  ଉତ୍ତର :- କପିଳାସ
- ବେଲପତର ଲୋ ବେଲପତର
  ମହାନଦୀ ଜଳ ଚଉପାଶର
  ମଝିରେ ବାବାଙ୍କ ଘର
  କଳା ବଳଦକୁ ଧଳା କରିଦେଲେ
  ଯଶ ଉଡ଼େ ଫରଫର
  ପାଞ୍ଚଅକ୍ଷର
  ନାଆଁ ତାଙ୍କର
  ଉତ୍ତର କହଲୋ ବେଲପତର ।
  ଉତ୍ତର :- ଧବଳେଶ୍ୱର

ଜଗଦୀଶ ସାହୁ
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ

## ଛତା



ଗୋପୀନାଥ ଦାଶ

ଘରେ ଘରେ ପରା ପରିଚିତ ଅଟେ
ନାମଟି ତାହାର ଛତା
ବଙ୍କୁଲି ବେଣ୍ଟରେ ଝୁଲୁ ଥାଏ କୋଣେ
ସାଥି ଆବାଳ ବୃଦ୍ଧ ବନିତା।
ପ୍ଲାଷ୍ଟିକ୍ କାଠ ବା ଧାତୁ ବେଣ୍ଟରେ
ରହିଥାଏ ମୁଠାଟିଏ
କଳା କପଡ଼ାଟି ଘୋଡ଼ଣି ତାହାର
ବର୍ଷାରେ ତାହାର ସରି କିଏ।
ଲୁହା କାଠିରେ ତିଆରି ପଞ୍ଜରା
କନା ତିନି କଣିଆଁ ଆଠଟି
ଯୋଡ଼ିକି ସିଲାଇ ବିଛାଇ ଦେଲେ
ଆକାର ହୁଏ ଛତାଟି।
ମୁଦି ଦେଲେ ବାଡ଼ି ଆକାର ହୁଅଇ
ସହଜ ହୁଏ ରଖିବାକୁ
ଖୋଲି ଦେଲେ ହୁଏ ଗୁମ୍ବଦ ଆକାର
କି ସୁନ୍ଦର ଦେଖିବାକୁ।
ନିଜେ ଭିଜେ ସିନା ଶୁଖିଲା ରଖଇ
ମାଲିକକୁ ଯେ ତାହାର
ଭାରି ଉପକାରୀ ଦରବ ଏଇ ତ
ଖରା ବରଷାରେ ଦରକାର।
ନାନା ଆକାରର ବିଭିନ୍ନ ରଙ୍ଗର
କେତେ ଛତା ଆସିଲାଣି
ବରଷା ଦିନରେ ହାତେ ଛତା ଥିଲେ
ଦେହେ ନ ପଡ଼ଇ ପାଣି।■

ବରପାଲିପଡ଼ା, ବଲାଙ୍ଗିର

## ସୁମନ



### ସୁନା ଆମ୍ବ ଓ ଶିଆଳ



ପର୍ଶୁରାମ ବେହେରା


ଗୋଟିଏ ଜଙ୍ଗଲର ରାଜା ଥିଲେ ମହାବଳୀ ସିଂହ। ସେ ଥିଲେ ଖୁବ୍ ବିଚାରବନ୍ତ ଓ ସୁଶାସକ । ତାଙ୍କ ରାଜବାଟୀ ଉଦ୍ୟାନରେ ଥିଲା ଗୋଟିଏ ବିଚିତ୍ର ଆମ୍ବଗଛ । ସେଥିରେ ସୁନେଲି ରଙ୍ଗର ସୁସ୍ୱାଦୁ ଆମ୍ବ ଫଳୁଥିଲା । ଏହି ଆମ୍ବ ଖାଇଲେ ପ୍ରଚୁର ବୁଦ୍ଧି ଓ ବଳ ଉତ୍ପନ୍ନ ହେବ ବୋଲି ବିଶ୍ୱାସ କରାଯାଏ । ସେହି ଗଛରେ ଫଳିଥାଏ ଅନେକ ଆମ୍ବ । ମାତ୍ର ଗୋଟିଏ ବଡ଼ ଧରଣର ଆମ୍ବ ସେ ଗଛରେ ଥାଏ । ସେଇଟିକୁ ନିଜେ ସିଂହ ରାଜା ଖାଇବାକୁ ଇଚ୍ଛା ପ୍ରକାଶ କରିଥାନ୍ତି। ଏଣୁ ଗଛଟିକୁ ପ୍ରହରା ଦେବାକୁ ସେ ଗୋଟିଏ ହରିଣକୁ ନିଯୁକ୍ତ କଲେ । ମାତ୍ର କେତୋଟି ଦିନପରେ ଆମ୍ବସବୁ ପାଚିବାକୁ ଆରମ୍ଭ କଲା। ଆମ୍ବଗୁଡ଼ିକୁ ଖାଇବାକୁ ଲୋଭକରି ସିଂହ ରାଜାଙ୍କ ପାଖରେ ଗୋଟିଏ ଧୂର୍ତ୍ତ ଶିଆଳଟିଏ ପହଞ୍ଚିଲା। । ସେ କହିଲା- ମହାରାଜ, ହରିଣମାନେ ଖୁବ୍ ନିଦ୍ରାଳୁ। ସେ ଦିନସାରା ପ୍ରହରା ଦେଇସାରି ରାତିରେ ଶୋଇଯାଉଥିବ । ଏଣୁ ମୋତେ ରାତି ଜଗୁଆଳ ରୂପେ ନିଯୁକ୍ତି ଦିଆଯାଉ । ସିଂହ ରାଜା ଶିଆଳ କଥାରେ ଭଳିଗଲେ । ସେଇ ଦିନଠାରୁ ଶିଆଳ ରାତିରେ ଉଦ୍ୟାନ ପ୍ରହରା ଦେଲା । ପାଚିଲା ଆମ୍ବସବୁ ଝଡ଼ିଲେ ସେ ନିଜେ ଖାଇଲା ଓ ଅବଶିଷ୍ଟ ନେଇ ଦରବାରରେ ଜମାଦେଲା । ଶିଆଳର ଏ କାରସାଦି କେହି ଜାଣି ପାରୁ ନ ଥାନ୍ତି । ଦିନେ ରାତିରେ ଗଛର ଥିବା ସେଇ ଆକର୍ଷଣୀୟ ବଡ଼ ଆମ୍ବଟି ଝଡ଼ିପଡ଼ିଲା । ଶିଆଳ ଲୋଭ ସମ୍ଭାଳି ନ ପାରି ସେଇଟିକୁ ଖାଇଦେଲା। ପରଦିନ ସିଂହ ରାଜା ଦେଖିଲେ ସେଇ ଆମ୍ବଟି ନାହିଁ । ସେ ରାଗିଯାଇ ହରିଣକୁ ପଚାରିବାରୁ ସେ ଜାଣିନି ବୋଲି କହିଲା । ଶିଆଳ ମଧ୍ୟ ସେମିତି କହିଲା- ମଣିମା, ମୁଁ ସନ୍ଧ୍ୟାରେ ପ୍ରହରା ଦେବାକୁ ଆସିଲାବେଳେ ବି ଆମ୍ବଟି ନ ଥିଲା । ସିଂହରାଜା ବୁଝିଲେ ଦିନ ଜଗୁଆଳି ହରିଣ ହିଁ ଆମ୍ବଟି ଖାଇଛି । ଏଣୁ ତାକୁ ଏକମାସ କାରାଦଣ୍ଡ ଦିଆଗଲା । ନିରୀହ ହରିଣଟି କାରାଗାରରେ ରହି କେମିତି ପ୍ରକୃତ ଚୋର ଧରାପଡ଼ିବ, ଉପାୟ ଚିନ୍ତା କରିବାକୁ ଲାଗିଲା । ଏକମାସ ପରେ ଯେତେବେଳେ ସେ ଜେଲ୍‌ରୁ ବାହାରିଲା, ସିଂହରାଜାଙ୍କ ନିକଟରେ ଯାଇ ପହଞ୍ଚିଲା। ସେ ରାଜାଙ୍କୁ ପ୍ରକୃତ ଚୋର ଧରାଯିବାର ଯୋଜନା ବିଷୟରେ କହିଲା। ରାଜା ଖୁସିହେଲେ । ପରଦିନ ସିଂହ ରାଜା ସେହି ଆମ୍ବ ଗଛରୁ କେତେଗୁଡ଼ିଏ ଆମ୍ବ ତୋଳାଇ ହରିଣ, ଶିଆଳ ଓ ଦରବାରର ସମସ୍ତ କର୍ମଚାରୀଙ୍କୁ ଗୋଟିଏ ଗୋଟିଏ ଦେଲେ । କହିଲେ- ଶୁଣ ସମସ୍ତେ, ତୁମେମାନେ ଏ ଆମ୍ବ ଖାଇ ତାହାର ଟାକୁଆକୁ ମାଟିରେ ପୋତିଦେବ । ଆଜିଠାରୁ ପନ୍ଦର ଦିନ ପରେ ଏହି ଟାକୁଆର ଚାରାଗଛକୁ ଆଣି ମୋତେ ଦେଖାଇବ । ଯାହାର ଗଛଟି ସବୁଠାରୁ ଉଚ୍ଚ ହୃଷ୍ଟପୁଷ୍ଟ ହୋଇଥିବ, ତାକୁ ପାଞ୍ଚ ହଜାର ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦିଆଯିବ । ଏହାପରେ ସମସ୍ତେ ଆମ୍ବ ନେଇ ଘରକୁ ଗଲେ । ପନ୍ଦରଦିନ ପରେ ସମସ୍ତେ ଚାରାଗଛମାନ ନେଇ ଦରବାରରେ ପହଞ୍ଚିଲେ । ସମସ୍ତଙ୍କ ମନରେ ପାଞ୍ଚହଜାର ସ୍ୱର୍ଣ୍ଣମୁଦ୍ରାର ମିଳିବାର ଲାଳସା ଥାଏ । ରାଜା ଦେଖିଲେ, ସମସ୍ତଙ୍କ ଗଛଠାରୁ ଶିଆଳର ଗଛଟି ଥିଲା ସବୁଠୁ ବଡ଼ ଓ ହୃଷ୍ଟପୁଷ୍ଟ ଥିଲା । ସେ ତୁରନ୍ତ ତାକୁ ବିଜେତା ଘୋଷଣା କରି ପୁରସ୍କାର ସ୍ୱରୂପ ପଚାଶ ଚାବୁକ୍ ପ୍ରହାର ଦେଇ କାରାଗାରକୁ ପଠାଇ ଦେଲେ। ସିଂହରାଜା କହିଲେ- ଏ ବଦମାସ୍ ସେଇ ବଡ଼ ଆମ୍ବଟି ଖାଇ ନିଜ ବାଡ଼ିରେ ତା'ର ଟାକୁଆ ପୋତିଥିଲା । ସ୍ୱର୍ଣ୍ଣମୁଦ୍ରା ଲୋଭରେ ସେଇ ଗଛଟିକୁ ଆଣି ଆଜି ମୋତେ ଦେଖାଉଛି। ଏଣୁ ଏ ମିଥ୍ୟାବାଦୀ ଚୋରକୁ ତୁରନ୍ତ ରାଜ୍ୟରୁ ବିତାଡ଼ିତ କର । ଏହାପରେ ସିଂହରାଜା ହରିଣର ଚତୁରତା ପାଇଁ ପାଞ୍ଚହଜାର ସ୍ୱର୍ଣ୍ଣମୁଦ୍ରା ପୁରସ୍କାରସ୍ୱରୂପ ଦେଲେ ।■

ଲୋକାପଡ଼ା, କେନ୍ଦ୍ରାପଡ଼ା

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## ତୁମ୍ଭ ହାତର ତୁଳି





ଇଭାଂଶୀ ମିଶ୍ର
ତୃତୀୟ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ବେଦବ୍ରହ୍ମ ପାତ୍ର
ୟୁକେଜି
ଡିପି ମଡେଲ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଆୟୁଷ୍ମାନ ସାହୁ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା





ଦେବାଂଶୀ ଜେନା
ଷଷ୍ଠ ଶ୍ରେଣୀ
ବି.ଜେ.ଇ.ଏମ୍ ସ୍କୁଲ
ଭୁବନେଶ୍ୱର





ସାଇଶ୍ରୀ ବେହେରା
ଚତୁର୍ଥ ଶ୍ରେଣୀ
ଭାରତୀୟ ବିଦ୍ୟା ନିକେତନ
ପୁରୀ

### ଶ୍ରୀଲଙ୍କା ମିଳିତ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ୍

# ପ୍ରଥମ ଦିନରେ ଭାରତୀୟ ବୋଲର୍‌ଙ୍କ ସଂଘର୍ଷ

କଲମ୍ବୋ,୭।୮ (ଏଜେନ୍ସି)



ଭ୍ରମଣକାରୀ ଭାରତ ଓ ଶ୍ରୀଲଙ୍କା ମିଳିତ ଏକାଦଶ ମଧ୍ୟରେ ସ୍ଥାନୀୟ ନନ୍‌ଡେସ୍କ୍ରିପ୍ଟସ କ୍ଲବ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୩ ଦିନିଆ ଅଭ୍ୟାସ ମ୍ୟାଚ୍। ଏହି ମ୍ୟାଚରେ ଶ୍ରୀଲଙ୍କା ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଘରୋଇ ଦଳ ପ୍ରଥମ ଇନିଂସରେ ୮ ୱିକେଟରେ ୩୬୩ ରନ୍‌ର ବିଶାଳ ସ୍କୋର କରିଛି। ଦଳ ପକ୍ଷରୁ ଓପନର ରବିନ୍ଦୁ ରଶାନ୍ଥା ସର୍ବାଧିକ ୭୧, ନିଶାନ ମଦୁସ୍କା ୬୬, ଅଧିନାୟକ ସୋନାଲ ଦିନୁଶା ୫୨ ରନ୍ କରି ଅର୍ଦ୍ଧଶତକ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବନ ରତନାୟକେ ୩୯, ପାସିନ୍ଦୁ ସୂର୍ଯ୍ୟବାନ୍ଦର ୩୫ ଓ ରମେଶ ମେଣ୍ଡିସ୍ ୩୨ ରନ୍‌ର ଉପଯୋଗୀ ସହାୟତା ପ୍ରଦାନ କରିଥିଲେ। ଭାରତ ପକ୍ଷରୁ ଆକ୍ୱିବ୍ ନବିଙ୍କୁ ବାଦ୍ ଦେଲେ ଏହି ମ୍ୟାଚ୍‌ରେ ଅନ୍ୟ ସମସ୍ତ ବୋଲର ବୋଲିଂ କରିଥିଲେ ମଧ୍ୟ ସଂଘର୍ଷ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ୩ଜଣଯାକ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ମାନବ ସୂତାର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଡେବ୍ୟୁ କରିବା ଅପେକ୍ଷାରେ ଥିବା ଅଫ୍ ସ୍ପିନର ସାରାଂଶ ଜୈନଙ୍କୁ ଏବଂ ଦଳର ଦୁଇ ଅଭିଜ୍ଞ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ କୌଣସି ସଫଳତା ମିଳି ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବ ଫାଷ୍ଟ ବୋଲର ଗୁରନୁର ବ୍ରାର୍ ଜଣେ ଖେଳାଳିଙ୍କୁ ଆଉଟ କରିଥିଲାବେଳେ ଓପନର ମଦୁସ୍କା ଦୁର୍ଭାଗ୍ୟଜନକ ସ୍ଥିତିରେ ରନ୍‌ଆଉଟ ହୋଇଥିଲେ। ଦୁଇ ଦେଶ ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଅଗଷ୍ଟ ୧୫ରୁ ଗଲ୍‌ରେ ଆରମ୍ଭ ହେବ। ଏହା ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ମ୍ୟାଚ୍ ପ୍ରାକ୍ଟିସ୍ ଲାଗି ଏହା ଏକମାତ୍ର ଅଭ୍ୟାସ ମ୍ୟାଚ୍। ଭ୍ରମଣକାରୀ ଭାରତ ଏହି ମ୍ୟାଚର ପ୍ରଥମ ଦିନରେ ଫାଇଦା ଉଠାଇବାରେ ବିଫଳ ହୋଇଛି। ସବୁଠାରୁ ବଡ଼ କଥା ହେଉଛି, ଶ୍ରୀଲଙ୍କା ମିଳିତ ଏକାଦଶରେ ଜଣେ ହେଲେ ବରିଷ୍ଠ ଖେଳାଳି ନ ଥିଲେ ମଧ୍ୟ ଭାରତୀୟ ବୋଲରମାନେ ସଂଘର୍ଷ କରିବା ଦଳର ଦୁର୍ବଳତାକୁ ପଦାରେ ପକାଇଛି।

ଏହି ମ୍ୟାଚ୍‌ରେ ଭାରତୀୟ ବୋଲର ପ୍ରଥମେ ପିଚ୍‌ର ବ୍ୟବହାର କରିବାକୁ ସୁଯୋଗ ପାଇଥିଲେ। ଦଳର ଦୁଇ ଅଭିଜ୍ଞ ଫାଷ୍ଟ ବୋଲର ସିରାଜ ଓ କ୍ରିଷ୍ଣା ବୋଲିଂ ଆରମ୍ଭ କରିଥିଲେ। ସିରାଜ କଞ୍ଜୁସ ବୋଲିଂ କରିଥିଲାବେଳେ କ୍ରିଷ୍ଣା ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଆହତ ଅଧିନାୟକ ଶୁବମନ ଗିଲ୍‌ଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ଲୋକେଶ ରାହୁଲ ଶୀଘ୍ର ଜାଡେଜାଙ୍କୁ ବୋଲିଂ କରାଇଥିଲେ। ଭାରତର ଏହି ପ୍ରଥମ ୩ଜଣ ବୋଲର ଆକ୍ରମଣାତ୍ମକ ବୋଲିଂ କରିଥିଲେ। କିନ୍ତୁ ସେମାନଙ୍କୁ ସୁରକ୍ଷା ଦେବାକୁ କ୍ଷେତ୍ରରକ୍ଷଣ ସେଭଳି ସଜାଯାଇ ନ ଥିଲା। ଫିଲ୍ଡିଂରେ ମଧ୍ୟ ଭାରତର ଦୁର୍ବଳତା ଦେଖିବାକୁ ମିଳିଥିଲା। ସ୍ଲିପ୍‌ରେ ରାହୁଲ ପ୍ରଥମ କ୍ୟାଚ୍ ଡ୍ରପ୍ କରିଥିଲେ। ନିଶାନ ମଦୁସ୍କା ଏଥିରୁ ପୂରା ଫାଇଦା ଉଠାଇଥିଲେ ଓ ଅର୍ଦ୍ଧଶତକ ହାସଲ କରିଥିଲେ। ଓପନିଂ ଯୋଡିରେ ଉଭୟ ଖେଳାଳି ହାତଖୋଲା ସଟ୍ ମାରିଥିଲେ। ବିଶେଷ କରି ମଦୁସ୍କାର ପଡ଼ିଆର ଚାରିଆଡକୁ ସଟ୍‌ମାରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଦଳର ସମସ୍ତ ଟପ୍ ଅର୍ଡର ବ୍ୟାଟିଂ କ୍ଲିକ୍ କରିଥିଲାବେଳେ ୩ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିଲେ। ମଦୁସ୍କାର ୬୫ବଲ୍‌ରୁ ୧୧ ଚୌକା ଓ ୧ ଛକା ସଂ ୬୬, ରବିନ୍ଦୁ ରାଶନ୍ଥା ୧୪୩ବଲ୍ ଖେଳି ୬ଚୌକା ଓ ୧ଛକା ସହ ୭୧, ସୋନାଲ ଦିନୁଶା ୭୧ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୫୨ ରନ୍ କରିଥିଲେ। ମଦୁସ୍କା ଓ ରାଶନ୍ଥା ପ୍ରଥମ ୱିକେଟରେ ୧୧୦ ରନ୍ କରିଥିଲେ। ଭୁଲ ବୁଝାମଣାରୁ ଉଭୟ ଖେଳାଳି ଗୋଟିଏ ପଟେ ରହିଯିବାରୁ ଏହି ଯୋଡି ଭାଙ୍ଗିଥିଲା। ନଚେତ ଏମାନେ ଭାରତୀୟ ବୋଲରଙ୍କୁ ଭ୍ରୂକ୍ଷେପ କରି ନ ଥିଲେ। ଏଭଳି ପ୍ରଦର୍ଶନ ପରେ ଭାରତୀୟ ଶିବିରରେ ଛନକା ପସିଛି।

## ଆହତ ଗିଲ୍‌ଙ୍କ ସ୍ଥାନରେ ରାହୁଲଙ୍କୁ ନେତୃତ୍ୱ



କଲମ୍ବୋ,୭।୮ (ଏଜେନ୍ସି): ଭାରତର ଟେଷ୍ଟ ଅଧିନାୟକ ଶୁବମନ ଗିଲ ଆହତ ହୋଇଛନ୍ତି। ଶ୍ରୀଲଙ୍କା ମିଳିତ ଏକାଦଶ ସହ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଅଭ୍ୟାସ ମ୍ୟାଚ୍ ପୂର୍ବଦିନ ନେଟ ପ୍ରାକ୍ଟିସ କରୁଥିଲାବେଳେ ତାଙ୍କ ଡାହାଣ ହାତ ଆଙ୍ଗୁଳିରେ ଆଘାତ ଲାଗିଥିଲା। ଫଳରେ ତାଙ୍କୁ ଏହି ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ଦିଆଯାଇନାହିଁ। ବିସିସିଆଇ ସୂତ୍ରରୁ ଜଣାଯାଇଛି, ମେଡିକାଲ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି। ଆଘାତ ସମସ୍ୟା ଗୁରୁତର ହୋଇ ନ ଥିଲେ ମଧ୍ୟ ଅଧିକ କିଛି କ୍ଷତି ନ ହେବା ଲାଗି ତାଙ୍କୁ ଏହି ମ୍ୟାଚ୍‌ରେ ଖେଳିବାକୁ ଦିଆଯାଇନାହିଁ। ତାଙ୍କ ସ୍ଥାନରେ ଉପଅଧିନାୟକ ଲୋକେଶ ରାହୁଲଙ୍କୁ ଅଭ୍ୟାସ୍ ମ୍ୟାଚ୍ ଲାଗି ଅଧିନାୟକ ଦାୟିତ୍ୱ ଦିଆଯାଇଛି।

## ବିନା ଟିକଟରେ ମ୍ୟାଚ୍ ଦେଖିବେ ଦର୍ଶକ

କଲମ୍ବୋ, ୭।୮ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍‌ରେ ଆରମ୍ଭ ହେବାକୁ ଯାଉଛି। ତେବେ ଏଥିପୂର୍ବରୁ ଶ୍ରୀଲଙ୍କା କ୍ରିକେଟ (ଏସଏଲସି) ଦର୍ଶକଙ୍କ ଲାଗି ଏକ ଖୁସି ଖବର ଆଣିଛି। ଏସଏଲସି ଶୁକ୍ରବାର ଏକ ବିବୃତ୍ତିରେ ନିଶ୍ଚିତ କରିଛି ଯେ ଦୁଇ ମ୍ୟାଚବିଶିଷ୍ଟ ଏହି ଟେଷ୍ଟ ସିରିଜ ସର୍ବସାଧାରଣଙ୍କ ପାଇଁ ମାଗଣା ହେବ। ଗଲ୍‌ରେ ପ୍ରଶଂସକମାନେ ଗେଟ୍ ନମ୍ବର ୪ ଦେଇ ପ୍ରବେଶ କରିପାରିବେ। ସେହିଭଳି ଅଗଷ୍ଟ ୨୩ରୁ କଲମ୍ବୋରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ଦର୍ଶକ ଗେଟ୍ ନମ୍ବର ୩, ୪, ୫ ଏବଂ ୭ରେ ପ୍ରବେଶ କରି ବିନା ଟିକେଟରେ ମ୍ୟାଚ ଦେଖିପାରିବେ।

### ଏସିଆ କପ୍ କନିଷ୍ଠ ପୁରୁଷ ହକି

## ଭାରତୀୟ ଦଳରେ ୬ ଓଡ଼ିଆ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଚୀନ୍‌ର ମୋକିଠାରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୩ ତାରିଖଯାଏ ଏସିଆ କପ୍ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଆ ଖେଳାଳି ତଥା ଟାଟା ନାଭାଲ ଏକାଡେମୀର ଅନମୋଲ ଏକ୍କାଙ୍କ ନେତୃତ୍ୱରେ ଏକ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ତାଙ୍କ ସହ ଏହି ଦଳରେ ୬ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଗୋଲରକ୍ଷକ ବିବେକ ଲାକ୍ରା, ଡିଫେଣ୍ଡର ରୋହିତ କୁଲୁ ଓ ସଞ୍ଜିତ ଲାକ୍ରା, ମିଡ୍‌ଫିଲ୍ଡରେ ଆଡ୍ରୋହିତ ଏକ୍କା ଓ ଫରୱାର୍ଡରେ ଆର୍ଯ୍ୟନ ଖେସ୍। ଏମାନଙ୍କ ବ୍ୟତୀତ ରିତିକ ଏକ୍କା ବଦଳ ଖେଳାଳିଭାବେ ମଧ୍ୟ ଦଳସହ ଯିବେ। ବେଙ୍ଗାଲୁରୁରେ ଫ୍ରେଡେରିକ୍ ସୋୟେଜଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ପ୍ରଶିକ୍ଷଣ ନେଇଛି। ଏବେ ଏହି ଟିମ୍ ମାଲେସିଆରେ ୨୧ ବର୍ଷରୁ କମ୍ ଟିମ୍ ସହ ଏକ ସିରିଜ୍ ଖେଳୁଛି। ଦଳରେ ପ୍ରତିଭାବାନ ଓ ଅଭିଜ୍ଞ ଖେଳାଳି ରହିଥିବାରୁ ଏସିଆ କପ୍‌ରେ ଭାରତର ପ୍ରଦର୍ଶନ ଭଲ ରହିବ ବୋଲି ମୁଖ୍ୟ କୋଚ୍ ସୋୟେଜ କହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଗତକାଲି ଘୋଷିତ ଭାରତୀୟ କନିଷ୍ଠ ମହିଳା ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ସ୍ଥାନ ପାଇଥିଲେ।




### ହକି ବିଶ୍ୱକପ୍ ୨୦୨୬

## ଅମ୍ପାୟାରିଂରେ ଭାରତର ପ୍ରତିନିଧି ଶୂନ

ନୂଆଦିଲ୍ଲୀ,୭।୮ (ଏଜେନ୍ସି)

ବେଲଜିୟମ ଓ ନେଦରଲାଣ୍ଡସରେ ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ରେ ଭାରତରୁ କେହି ଅମ୍ପାୟାର ନାହାନ୍ତି କିମ୍ବା କେହି ଟେକ୍ନିକାଲ ଅଫିସିଆଲ ସ୍ଥାନ ପାଇନାହାନ୍ତି। ଯାହା ଭାରତୀୟ ହକିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଅନ୍ତର୍ଜାତୀୟସ୍ତରରେ ଭାରତର ମାତ୍ର ୪ଜଣ ଅମ୍ପାୟାର ବିଶ୍ୱକପ୍ ପରିଚାଳନା କରିଛନ୍ତି। ସେମାନେ ହେଲେ ୧୯୯୦ରେ ଅମରଜିତ ବାୱା, ୧୯୯୪ରେ ତାର୍ଲୋକ ସିଂହ, ୨୦୦୨, ୨୦୦୬ ଓ ୨୦୧୦ରେ ସତିନ୍ଦର ଶର୍ମା ଓ ୨୦୧୦, ୨୦୧୪, ୨୦୧୮ ଓ ୨୦୨୩ରେ ଆର୍‌ଭି ରଘୁପ୍ରସାଦ। ଏହି ୪ଜଣଙ୍କ ବ୍ୟତୀତ ବିଶ୍ୱକପ୍‌ରେ ଆଉ କେହି ଅମ୍ପାୟାର ସ୍ଥାନ ପାଇନାହାନ୍ତି। ରଘୁପ୍ରସାଦଙ୍କ ଅବସର ପରେ ଭାରତର ମାତ୍ର ୫ଜଣ ପୁରୁଷ ଓ ୪ଜଣ ମହିଳା ଅନ୍ତର୍ଜାତୀୟ ହକି ପ୍ୟାନେଲ ଅମ୍ପାୟାର ଭାବେ କାମ କରୁଛନ୍ତି। ଟେକ୍ନିକାଲ ଅଫିସିଆଲ ଭାବେ ୪ଜଣ ପୁରୁଷ ଓ ୨ଜଣ ମହିଳା ଅଛନ୍ତି। ଭାରତରେ ଏବେ ଘରୋଇ ହକିରେ ୧୦୦ ଜଣ ପୁରୁଷ ଓ ୭୦ଜଣ ମହିଳା କାମ କରୁଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ ଜଣେ ହେଲେ ବିଶ୍ୱକପ୍ ଭଳି ଟୁର୍ଣ୍ଣାମେଣ୍ଟ ପରିଚାଳନା ଲାଗି ଯୋଗ୍ୟ ବିବେଚିତ ହୋଇ ନାହାନ୍ତି।


ଶେଷ ଅମ୍ପାୟାର ରଘୁପ୍ରସାଦ

ଏଥିଲାଗି ହକିଇଣ୍ଡିଆର ଯୋଜନାବଦ୍ଧ ଉଦ୍ୟମ ଓ ଆର୍ଥିକ ସ୍ଥିତି ମୁଖ୍ୟତଃ ଦାୟୀ। ବିଶ୍ୱକପ୍ ଓ ଅଲିମ୍ପିକ୍ସ ଭଳି ପ୍ରତିଯୋଗିତାରେ ମ୍ୟାଚ୍ ପରିଚାଳନା କରିବାକୁ ହେଲେ ଏହି ଦୁଇ ପ୍ରତିଯୋଗିତା, ପ୍ରୋ-ଲିଗ୍ ଓ ଅନ୍ୟ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଥିବା ଅମ୍ପାୟାରଙ୍କ ମୂଲ୍ୟାୟନ ହେବା ପରେ ଚୟନ କରାଯାଇଥାଏ। କିନ୍ତୁ ଏହି ସବୁ ଟୁର୍ଣ୍ଣାମେଣ୍ଟରେ ଭାରତରୁ କେହି ନାହାନ୍ତି। ରଘୁପ୍ରସାଦଙ୍କ ଅବସର ପରେ ଆଉ କେହି ଏଭଳି ବଡ଼ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ପରିଚାଳନା କରିନାହାନ୍ତି। ସେହିପରି ଭାରତରେ ଘରୋଇ ହକି ମ୍ୟାଚ୍ ପରିଚାଳନା ଲାଗି ୨୦୦ରୁ ୪୦୦ ଟଙ୍କା ଓ ଅନ୍ତର୍ଜାତୀୟ ମ୍ୟାଚ୍ ଲାଗି ୪,୦୦୦ରୁ ୫,୦୦୦ ଟଙ୍କା ମିଳିଥାଏ। ଆଜିର ଯୁଗରେ ଏହି ଅର୍ଥ କିଛି କାମରେ ଆସେ ନାହିଁ। ଯାହା ଫଳରେ ପ୍ରତିଭାବାନ କର୍ମକର୍ତ୍ତାମାନେ ଅମ୍ପାୟାର କିମ୍ବା ଅଫିସିଆଲ ହେବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି ବୋଲି ରଘୁପ୍ରସାଦ କହନ୍ତି। ଯାହା ଫଳରେ ଭାରତରେ ଗୁଣାତ୍ମକମାନ ଥିବା ଉଚ୍ଚସ୍ତରର କର୍ମକର୍ତ୍ତା ବାହାରିପାରୁ ନାହାନ୍ତି। ତେବେ ସେ ଯାହା ହେଉ ଭାରତରେ ହକି ଖେଳ ଏତେ ପରିମାଣରେ ହେଉଥିଲେ ମଧ୍ୟ ବିଶ୍ୱକପ୍ ଭଳି ଟୁର୍ଣ୍ଣାମେଣ୍ଟରେ ଜଣେ ହେଲେ ଅମ୍ପାୟାର କିମ୍ବା ଅଫିସିଆଲ ନ ରହିବା ହକିପ୍ରେମୀଙ୍କୁ ନିରାଶ କରିଛି।

## ଭାରତର ପ୍ରଜ୍ଞାନନ୍ଦ ଚାମ୍ପିଅନ



ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଭାରତର ଆର୍ ପ୍ରଜ୍ଞାନନ୍ଦ ଗ୍ରାଣ୍ଡ ଚେସ୍ ଟୁରର ସେଣ୍ଟ ଲୁଇସ୍ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିଅନ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ରାଉଣ୍ଡ ଖେଳ ବାକିଥାଇ ପ୍ରଜ୍ଞାନନ୍ଦ ଟାଇଟଲ ଜିତିଥିଲେ। ଆଉ ଗୋଟିଏ ରାଉଣ୍ଡ ଖେଳ ବାକିଥିଲାବେଳେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜାଭୋଖୀର ସିନ୍ଦାରୋଭଙ୍କଠାରୁ ୧.୫ ପଏଣ୍ଟ ଆଗରେ ରହିଥିଲେ। ଏହି ଟାଇଟଲ କବ୍‌ଜା କରିବା ଫଳରେ ତାଙ୍କୁ ୧୩ଟି ଜିସିଟି ପଏଣ୍ଟ ଓ ୫୦,୦୦୦ ଡଲାର ପୁରସ୍କାର ମିଳିବ। ଫଳରେ ଗ୍ରାଣ୍ଡ ଚେସ୍ ଟୁର୍‌ରେ ସେ ଆମେରିକାର ଫାବିଆନୋ କାରୁଆନାଙ୍କ ପରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୫ ଦିନ ଧରି ଚାଲିଥିଲା।

## ସେମିରେ ରକ୍ଷିତା-ଅସ୍ମିତା ମୁକାବିଲା

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ସର୍ବକନିଷ୍ଠ ଖେଳାଳି ଭାବେ ନିକଟରେ ତାଇପେଇ ଓପନ ଟାଇଟଲ ଜିତିଥିବା ୧୭ ବର୍ଷିଆ ତନ୍ୱି ଶର୍ମା କୋରିଆ ଓପନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍‌ରୁ ବିଦାୟ ନେଇଛନ୍ତି। ଆସାନରେ ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ରକ୍ଷିତା ରାମରାଜ ୨-୧ ସେଟ୍‌ରେ ତନ୍ୱିଙ୍କୁ ହରାଇଦେଇଛନ୍ତି। ଫଳରେ ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ ସିରିଜ୍‌ରେ ତନ୍ୱି ଯେପରି ଗୋଟିକ ପରେ ଗୋଟିଏ ମ୍ୟାଚ୍ ଜିତି ଯେଉଁ ଧାରା ଆରମ୍ଭ କରିଥିଲେ ତାହା ଏଠାରେ ଶେଷ ହୋଇଛି। ତାଙ୍କୁ ହରାଇଥିବା ରକ୍ଷିତା ସେମିଫାଇନାଲରେ ଭାରତର ଆଉଜଣେ ଉଦୀୟମାନ ଖେଳାଳି ଅସ୍ମିତା କାଲିହାଙ୍କୁ ଭେଟିବେ। କ୍ୱାର୍ଟର ଫାଇନାଲରେ ଅସ୍ମିତା ଟପ୍ ସିଡ୍ ହିନା ଆକେଚିଙ୍କୁ ୨-୧ ସେଟ୍‌ରେ ହରାଇ ଆଉ ଏକ ବିପର୍ଯ୍ୟୟ ଘଟାଇଥିଲେ। ମହିଳା ଏକକକୁ ବାଦ୍ ଦେଲେ ମହିଳା ଯୁଗଳ ଓ ମିଶ୍ରିତ ଯୁଗଳରେ ଭାରତର ଅଭିଯାନ ଶେଷ ହୋଇଛି।

## ନୀରଜ ୟୁବିଏସ୍ ଆଥ୍‌ଲେଟିକ୍ସ କିଡ୍ସ କପ୍‌ର ସହ-ମାଲିକ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଭାରତର ସବୁଠାରୁ ବଡ଼ ତୃଣମୂଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ୟୁବିଏସ ଆଥଲେଟିକ୍ସ କିଡ୍ସ କପ୍ ସହ-ମାଲିକ ହୋଇଛନ୍ତି। ନୀରଜ ଶୁକ୍ରବାର ନିଜେ ଘୋଷଣା କରି କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଦଶ ଲକ୍ଷ ପିଲାଙ୍କ ନିକଟରେ ପହଞ୍ଚିବା। କ୍ରୀଡ଼ାରେ ନିଜକୁ ସାମିଲ କରିବା ଲାଗି ଯୁବକଙ୍କୁ ପ୍ରେରଣା ଦେବା। ମୁଁ ଛୋଟପିଲା, ଶିକ୍ଷକ ଏବଂ ସ୍କୁଲ ସହିତ ମୋର ନିଜସ୍ୱ ଅଭିଜ୍ଞତା ବାଣ୍ଟିବାକୁ ବେଶ୍ ଆଗ୍ରହୀ ରହିଛି। କାରଣ ପିଲାମାନେ ଯେତେ ଅଧିକ ଖେଳନ୍ତି, ଭବିଷ୍ୟତର ଚାମ୍ପିଅନ ସୃଷ୍ଟି କରିବାର ସମ୍ଭାବନା ସେତେ ଅଧିକ' ବୋଲି ନୀରଜ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନୀରଜ ଗତ ଦୁଇ ସିଜନ୍ ହେବ ୟୁବିଏସ ଆଥଲେଟିକ୍ସ କିଡ୍ସ କପ୍ ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରିଆସୁଥିଲେ। ଏହି ପ୍ରତିଯୋଗିତା ଦେଶର ପାଞ୍ଚଟି ସହରର ୨୫୦୦ରୁ ଊର୍ଦ୍ଧ୍ୱ ସ୍କୁଲରେ ଅଢ଼େଇ ଲକ୍ଷରୁ ଅଧିକ ପିଲାଙ୍କୁ ନିୟୋଜିତ କରିଛି।

## ଟରୋଣ୍ଟୋ ମାଷ୍ଟର୍ସ: ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା

ଟରୋଣ୍ଟୋ, ୭।୮ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ଡବ୍ଲ୍ୟୁଟିଏ ଟୁର୍ଣ୍ଣାମେଣ୍ଟ ଟରୋଣ୍ଟୋ ମାଷ୍ଟର୍ସର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବେଲାରୁଷ ତାରକା ସାବାଲେଙ୍କା ତୃତୀୟ ରାଉଣ୍ଡର ମୁକାବିଲାରେ ୬-୩, ୬-୪ ସିଧାସଳଖ ସେଟରେ ଚୀନର ଝାଙ୍ଗ ସୁଆଇଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ରାଉଣ୍ଡରେ ସାବାଲେଙ୍କାଙ୍କ ମୁକାବିଲା ୧୬ତମ ସିଡ୍ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କ ସହ ହେବ। ଏକତେରିନା ୫-୭, ୬-୧, ୬-୩ ସେଟରେ ଅଷ୍ଟ୍ରେଲିଆର ତାଲିଆ ଗିବସନଙ୍କୁ ହରାଇଥିଲେ ।

## ବିଶ୍ୱ ଆଥଲେଟିକ୍ସର ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କଲେ ସୁମାରିୱାଲା



ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତୀୟ ପ୍ରଶାସକ ଏବଂ ପୂର୍ବତନ ଆଥଲେଟ୍ ଆଦିଲ୍ ସୁମାରିୱାଲା ବିଶ୍ୱ ଆଥଲେଟିକ୍ସ ସଭାପତି ପଦ ପାଇଁ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୬୮ ବର୍ଷୀୟ ଆଦିଲ୍ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। 'ମୁଁ ବିଶ୍ୱ ଆଥଲେଟିକ୍ସ ପରିଷଦ ସଦସ୍ୟ ଭାବରେ ଦୁଇଥର ଏବଂ ଉପସଭାପତି ଭାବରେ ଗୋଟିଏ କାର୍ଯ୍ୟକାଳ ପୂରଣ କରିସାରିଛି। ଶିକ୍ଷାଗତ, ଅଭିଜ୍ଞତା କିମ୍ବା ବ୍ୟବସାୟରେ, ବଡ଼ ଅନ୍ତର୍ଜାତୀୟ କର୍ପୋରେସନର ଅଂଶ ହୋଇଥିବାରୁ ମୋର ସମସ୍ତ ଯୋଗ୍ୟତା ରହିଛି। ଭାବୁଛି ମୁଁ ଏହି ପଦବୀ ପାଇଁ ଉପଯୁକ୍ତ ଏବଂ ମୋର ନାମାଙ୍କନ ଦାଖଲ କରିଛି' ବୋଲି ସୁମାରିୱାଲା କହିଛନ୍ତି। ବିଶ୍ୱ ଆଥଲେଟିକ୍ସର ସଭାପତି ଭାବରେ ଗତ ୧୧ ବର୍ଷ ହେବ ଦାୟିତ୍ୱ ତୁଲାଇ ଆସୁଥିବା ବ୍ରିଟେନର ପୂର୍ବତନ ଧାବକ ସେବାଷ୍ଟିଆନ କୋ'ଙ୍କ କାର୍ଯ୍ୟକାଳ ସମାପ୍ତ ହେବାକୁ ଯାଉଛି। ତେଣୁ ଏହି ହାଇପ୍ରୋଫାଇଲ କ୍ରୀଡ଼ା ପ୍ରଶାସକ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁଯାଉଛି। ସେପ୍ଟେମ୍ବର ୧୧ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିପୂର୍ବରୁ ବେଜିଂରେ ଏହି ହାଇ-ପ୍ରୋଫାଇଲ୍ ନିର୍ବାଚନ ଅନୁଷ୍ଠିତ ହେବ। ସୁମାରିୱାଲା ୨୦୨୩ ରେ ବିଶ୍ୱ ଆଥଲେଟିକ୍ସ କାର୍ଯ୍ୟନିର୍ବାହୀ ବୋର୍ଡର ଚାରି ଜଣ ଉପସଭାପତିଙ୍କ ମଧ୍ୟରୁ ଜଣେ ନିଯୁକ୍ତ ହୋଇଥିଲେ। ସେ ୨୦୧୨ରୁ ୨୦୨୫ ମଧ୍ୟରେ ଭାରତୀୟ ଆଥଲେଟିକ୍ସ ଫେଡେରେସନ (ଏଏଫଆଇ)ର ସଭାପତି ଥିଲେ। ସୁମାରିୱାଲା ୧୯୮୦ ମସ୍କୋ ଅଲିମ୍ପିକ୍ସରେ ୧୦୦ ମିଟର ଦୌଡ଼ରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ସେ ୧୯୮୪ ମସିହାରେ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଏବଂ ଟୋକିଓରେ ଅନୁଷ୍ଠିତ ଏସୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଚାମ୍ପିଅନସିପରେ (୧୯୭୯) କାଂସ୍ୟ ପଦକ ଜିତିଥିଲେ।

## ଫାଓ ଲିଗ୍: ସେମିରେ ସନରାଇଜ୍

ଭୁବନେଶ୍ୱର, ୭।୮ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ରେ ପ୍ରଥମ ଦଳ ଭାବରେ ସନରାଇଜ୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର୍ ଫାଇନାଲରେ ସନରାଇଜର୍ସ ୫-୨ ଗୋଲରେ ଏକପାଖିଆ ଭାବରେ ଇଲେଭେନ ଗନ୍ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅଧିନାୟକ ଅରବିନ୍ ଲାକ୍ରା ଓ ଅମନ ଖାଲକୋ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ପି. ଅର୍ସଦ ଅନ୍ୟତମ ଗୋଲଟି ସ୍କୋର କରିଥିଲେ। ପ୍ରତିଯୋଗିତା ସାରା ପ୍ରଭାବୀ ପ୍ରଦର୍ଶନ କରିଆସିଥିବା ଇଲେଭେନ ଗନ୍ କ୍ଲବ କିନ୍ତୁ ନକଆଉଟରେ ନିରାଶ କରିଥିଲା। ଅପରପକ୍ଷରେ ଶୁକ୍ରବାର ରୋଭର୍ସ କ୍ଲବ ଓ ଓଡ଼ିଶା ପୋଲିସ ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ ବର୍ଷା ଓ ବିଜୁଳି ଲାଗି ବାଧାପ୍ରାପ୍ତ ହୋଇଥିଲା। ମ୍ୟାଚର ମାତ୍ର ୨୦ ମିନିଟ୍ ଖେଳ ହୋଇପାରିଥିଲା। ସେହି ସମୟବେଳକୁ ଓଡ଼ିଶା ପୋଲିସ ୧-୦ରେ ଆଗୁଆ ରହିଥିଲା। ଏହି ମ୍ୟାଚ୍ ଶନିବାର ସକାଳ ୧୦ଟାରେ ପୁଣିଥରେ ଆରମ୍ଭ ହେବ।



# ପୁରୁଷ ଏକଦିବସୀୟ କ୍ରିକେଟ୍‌ରେ ମାଇଲଖୁଣ୍ଟ


### ୫୦୦୦ତମ ମ୍ୟାଚରେ ସାମିଲ ହେଲେ ସ୍କଟଲାଣ୍ଡ-କାନାଡ଼ା

ଏଡିନବର୍ଗ, ୭।୮ (ଏଜେନ୍ସି)

ଅନ୍ତର୍ଜାତୀୟ ଦିନିକିଆ/ଏକଦିବସୀୟ କ୍ରିକେଟ୍ ପାଇଁ ଶୁକ୍ରବାର ଥିଲା ବେଶ୍ ସ୍ମରଣୀୟ ଦିବସ। ପୁରୁଷ ଦିନିକିଆ କ୍ରିକେଟ ଇତିହାସର ୫୦୦୦ତମ ମୁକାବିଲା ଶୁକ୍ରବାର ଖେଳାଯାଇଥିଲା। ଯେଉଁଥିରେ ଘରୋଇ ସ୍କଟଲାଣ୍ଡ ଓ କାନାଡା ସାମ୍ନାସାମ୍ନି ହୋଇଥିଲେ। ଏହି ଐତିହାସିକ ମ୍ୟାଚ୍‌ରେ କାନାଡା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟ୍‌ଲାଣ୍ଡ ଓପନର୍ ଫିନଲେ ମ୍ୟାକକ୍ରେଥ (୧୧୨ ରନ)ଙ୍କ ଶତକ ବଳରେ ୭ ୱିକେଟରେ ୨୮୧ ରନର ସମ୍ମାନଜନକ ସ୍କୋର କରିଥିଲା। ଫଳରେ ଏହି ମ୍ୟାଚରେ ଶତକ ହାସଲ କରି ସ୍କଟଲାଣ୍ଡ ବ୍ୟାଟର ଫିନଲେ ଏହାକୁ ସ୍ମରଣୀୟ କରିଛନ୍ତି।

**୧୯୭୧ରେ ଖେଳାଯାଇଥିଲା ପ୍ରଥମ ଦିନିକିଆ:**

ଇତିହାସ ଉପରେ ନଜର ପକାଇଲେ ଦିନିକିଆ କ୍ରିକେଟ୍‌ର ଇତିହାସ ଅର୍ଦ୍ଧଶତାବ୍ଦୀ ପୁରୁଣା। ୧୯୭୧ ମସିହା ଜାନୁଆରୀ ୫ ତାରିଖରେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଘରୋଇ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ସର୍ବପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା। ପ୍ରାରମ୍ଭିକ ଦିନରେ ଏକଦିବସୀୟ କ୍ରିକେଟ୍ ମୁଖ୍ୟତଃ ୬୦-ଓଭର ଫର୍ମାଟରେ ଏବଂ ନାଲି ବଲ ଓ ଧଳା ଡ୍ରେସରେ ଖେଳାଯାଉଥିଲା। ସେହିଭଳି ସେତେବେଳେ ଛଅଟି ବଦଳରେ ଗୋଟିଏ ଓଭରରେ ଆଠଟି ବଲ୍ ବୋଲିଂ କରାଯାଉଥିଲା। ପ୍ରଥମ ଦୁଇଟି ବିଶ୍ୱକପ୍ (୧୯୭୫ ଓ ୧୯୭୯) ୬୦-ଓଭର ଫର୍ମାଟରେ ଖେଳାଯାଉଥିଲା। ପରେ ଏହି ବିଶ୍ୱକପ୍ ୫୦-ଓଭର ଫର୍ମାଟରେ ଖେଳାଯିବା ଆରମ୍ଭ ହୋଇଥିଲା। ସେହିଭଳି ଏକଦିବସୀୟ କ୍ରିକେଟ୍‌ର ୧୦୦୦ତମ ମ୍ୟାଚ୍ ଖେଳିବାକୁ ୨୪ ବର୍ଷ ଲାଗି ଯାଇଥିଲା। ୧୯୯୫ ମସିହାରେ ନଟିଂହାମରେ ଘରୋଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏହି ସ୍ମରଣୀୟ ମ୍ୟାଚଟି ଖେଳାଯାଇଥିଲା।


ସର୍ବପ୍ରଥମ ଦିନିକିଆ ମ୍ୟାଚ୍

### ୧ ରୁ ୫୦୦୦ତମ ଦିନିକିଆ ମ୍ୟାଚ୍ ଯାତ୍ରା

**ପ୍ରଥମ ଦିନିକିଆ:** ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ (ମେଲବୋର୍ଣ୍ଣ, ୧୯୭୧)
**୧୦୦୦ତମ ଦିନିକିଆ:** ୱେଷ୍ଟଇଣ୍ଡିଜ୍ ବନାମ ଇଂଲଣ୍ଡ (ନଟିଂହାମ୍, ୧୯୯୫)
**୨୦୦୦ତମ ଦିନିକିଆ:** ପାକିସ୍ତାନ ବନାମ ଜିମ୍ବାୱେ (ଶାରଜା, ୨୦୦୩)
**୩୦୦୦ତମ ଦିନିକିଆ:** ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ (ସାଉଥାମ୍ପଟନ୍, ୨୦୧୦)
**୪୦୦୦ତମ ଦିନିକିଆ:** ହଂକଂ ବନାମ ପାପୁଆ ନ୍ୟୁ ଗିନି (ହରାରେ, ୨୦୧୮)
**୫୦୦୦ତମ ଦିନିକିଆ:** କାନାଡା ବନାମ ସ୍କଟଲାଣ୍ଡ (ଡଣ୍ଡି, ୨୦୨୬)

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS